୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, December 6/2024 | Page 18 | ₹ 7.00

୫୧ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 13 | ମୂଲ୍ୟ ₹୭/-




## ଦିଲ୍ଲୀ ଏନ୍‌ସିଆର୍‌ରେ ଜିଆର୍‌ଏପି-୪ କୋହଳ ହେଲା

ନୂଆଦିଲ୍ଲୀ,୫।୧୨

ବାୟୁ ଗୁଣବତ୍ତା ମାନରେ ସାମାନ୍ୟ ଉନ୍ନତି ଆସିବା ପରେ ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଲାଗୁ ହୋଇଥିବା ଜିଆର୍‌ଏପି-୪ (ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍‌ର ଚତୁର୍ଥ ପର୍ଯ୍ୟାୟ)କୁ କୋହଳ କରିଛନ୍ତି। ବାୟୁ ପ୍ରଦୂଷଣ ସ୍ତରକୁ କମାଇବା ନିମେନ୍ତ ଜିଆର୍‌ଏପି-୨ ଲାଗୁ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ବାୟୁ ମାନ ପରିଚାଳନା କମିଶନ (ସିଏକ୍ୟୁଏମ୍)କୁ ଅନୁମତି ଦେଇଛନ୍ତି। ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଟପିଲେ ତୁରନ୍ତ ଜିଆର୍‌ଏପି-୪ ଲାଗୁ କରିବାକୁ କୁହାଯାଇଛି। ନିର୍ମାଣ କାର୍ଯ୍ୟ ବନ୍ଦ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଶ୍ରମିକମାନଙ୍କୁ କ୍ଷତିପୂରଣ ପ୍ରଦାନରେ ବିଳମ୍ବକୁ ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶ୍ରମିକଙ୍କୁ ୮,୦୦୦ ଟଙ୍କା ବଦଳରେ ମାତ୍ର ୨,୦୦୦ ଟଙ୍କା ଦେଇଥିବାରୁ ମୁଖ୍ୟ ସଚିବଙ୍କ ବିରୋଧରେ ଅଦାଲତ ଅବମାନନାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି।

## ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ମନମୋହନ

ନୂଆଦିଲ୍ଲୀ, ୫।୧୨



ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନଙ୍କୁ ଗୁରୁବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ପାଠ କରାଇଛନ୍ତି। ଏହାସହ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବଢ଼ି ୩୩ ହୋଇଛି। ସୁପ୍ରିମକୋର୍ଟରେ ସମୁଦାୟ ୩୪ ଜଣ ବିଚାରପତି ରହିପାରିବେ। ଗତ ମାସ ୨୮ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର କଲେଜିୟମ ଜଷ୍ଟିସ୍ ମନମୋହନଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି କରିବା ପାଇଁ ସୁପାରିଶ କରିଥିଲେ।

# ଫ୍ରାନ୍ସ ସରକାର ଭାଙ୍ଗିଲା

**ଫ୍ରାନ୍ସ ପ୍ରଧାନମନ୍ତ୍ରୀ ମିଶେଲ ବର୍ନିଅର ପାର୍ଲାମେଣ୍ଟରେ ଅନୁଷ୍ଠିତ ଆସ୍ଥାଭୋଟରେ ପରାଜିତ ହେବା ପରେ ତାଙ୍କ ସରକାର ଭାଙ୍ଗିଯାଇଛି। ସରକାର ପତନ ପାଇଁ ୨୮୮ ଭୋଟ ଆବଶ୍ୟକ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ୩୩୧ ଜଣ ଆଇନପ୍ରଣେତା ମତଦାନ କରିଛନ୍ତି। ଫଳରେ ସରକାର ଗଠନର ମାତ୍ର ୩ ମାସ ଭିତରେ ୟୁରୋପର ଦ୍ୱିତୀୟ ବୃହତ୍ ଅର୍ଥନୀତି ରାଜନୈତିକ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି। ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ ଉପରେ ମଧ ଇସ୍ତଫା ଚାପ ବଢ଼ିବାରେ ଲାଗିଥିବାରୁ ଆଗକୁ ସଙ୍କଟ ଆହୁରି ଘନେଇବା ଆଶଙ୍କା କରାଯାଉଛି।**



## ଆସ୍ଥାଭୋଟ ହାରିବା ପରେ ଇସ୍ତଫାଦେଲେ ପ୍ରଧାନମନ୍ତ୍ରୀ



ମିଶେଲ ବର୍ନିଅର

ପ୍ୟାରିସ୍,୫।୧୨

ଫ୍ରାନ୍ସ ପାର୍ଲାମେଣ୍ଟର ନିମ୍ନ ସଦନ ନ୍ୟାଶନାଲ ଆସେମ୍ବ୍ଲିରେ ୫୭୭ ଆସନ ରହିଛି। ଝୁଲା ସରକାର ବିରୋଧରେ ବାମପନ୍ଥୀଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବକୁ ଗୃହୀତ କରାଇବା ପାଇଁ ୨୮୮ ଭୋଟ ଆବଶ୍ୟକ ଥିବାବେଳେ ପ୍ରଧାନମନ୍ତ୍ରୀ ମିଶେଲ ବର୍ନିଅରଙ୍କୁ ହଟାଇବା ଲାଗି ଦକ୍ଷିଣପନ୍ଥୀ ଏମ୍‌ପିମାନେ ମଧ ଏକଜୁଟ୍ ହୋଇଥିଲେ। ବିରୋଧରେ ୩୩୧ ଭୋଟ ପଡ଼ିବାରୁ ଆସ୍ଥା ହରାଇବା ପରେ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ୧୯୫୮ରେ ଫ୍ରାନ୍ସର ପଞ୍ଚମ ସାଧାରଣତନ୍ତ୍ର ଆରମ୍ଭ ହେବା ପରେ କୌଣସି ସରକାର ଏତେ କମ୍ ଅବଧିର ନ ଥିଲା। ୧୯୬୨ରେ ଚାର୍ଲ୍ସ ଡେ ଗଉଲ୍ଲେ ରାଷ୍ଟ୍ରପତି ଥିବାବେଳେ ଜର୍ଜ୍ସ ପୋମ୍ପିଡୋଉଙ୍କ ସରକାର ଆସ୍ଥାଭୋଟରେ ପରାଜିତ ହୋଇଥିଲା। ତେଣୁ ଆଧୁନିକ ଫରାସୀ ଇତିହାସରେ ବର୍ନିଅରଙ୍କ ସରକାର ହେଉଛି ସବୁଠୁ ସ୍ୱଳ୍ପାୟୁ ସଂଖ୍ୟାଲଘୁ ସରକାର। ବର୍ନିଅର ଦେଶବାସୀଙ୍କୁ ସମ୍ବୋଧିତକରି ତାଙ୍କ ୨ ମାସ ୨୯ ଦିନିଆ ସରକାରର କାର୍ଯ୍ୟକାଳକୁ ଫ୍ରାନ୍ସ ଓ ଫରାସୀମାନଙ୍କ 'ସସମ୍ମାନେ ସେବା' ରୂପେ ଅଭିହିତ କରିଛନ୍ତି। ରାଷ୍ଟ୍ରପତି ମାକ୍ରଁ ବିଦାୟୀ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ପରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିବେ ବୋଲି ଏଲିସେ ପ୍ୟାଲେସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଫ୍ରାନ୍ସରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ମନୋନୀତ କରିଥାନ୍ତି। ତେବେ ସେ ଚୟନ କରିଥିବା ନେତାଙ୍କୁ ଆଇନପ୍ରଣେତାମାନେ ଅନାସ୍ଥା ଭୋଟ ଗୃହୀତ କରାଇ ଯେକୌଣସି ସମୟରେ ପ୍ରତ୍ୟାଖ୍ୟାନ କରିପାରନ୍ତି, ଯାହାକି ବର୍ନିଅରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବର୍ନିଅର ଜଣେ ଲୋକପ୍ରିୟ ନେତା ହୋଇ ନ ଥିଲେ ମଧ ଗତ ଗ୍ରୀଷ୍ମରେ ଅନୁଷ୍ଠିତ ନିର୍ବାଚନ ପରେ ରାଷ୍ଟ୍ରପତି ମାକ୍ରଁ ତାଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିବାରୁ ସେ ଦକ୍ଷତା ଦେଖାଇବେ ବୋଲି ଆଶା କରାଯାଉଥିଲା। ତେବେ ସଂଖ୍ୟାଗରିଷ୍ଠତା ନ ଥାଇ ସରକାରର ନେତୃତ୍ୱ ନେବା ବର୍ନିଅରଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଛି। ୨୦୨୫ ଜାତୀୟ ବଜେଟ ପୂର୍ବରୁ ବର୍ନିଅର ନିମ୍ନ ସଦନରେ କାମ ଚଳାଇନେବା ପାଇଁ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଏମ୍‌ପିମାନଙ୍କୁ ବୁଝାଇବାକୁ ସେ ଉଦ୍ୟମ କରିଥିଲେ। ତେବେ ସାମାଜିକ ସୁରକ୍ଷା ସମ୍ପର୍କିତ ଆର୍ଥିକ ବିଲ୍‌କୁ ନେଇ ଦକ୍ଷିଣପନ୍ଥୀ ଦଳ ଓ ବାମପନ୍ଥୀ ମେଣ୍ଟ ଏକାଠି ହୋଇ ଏହାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ସଙ୍କଟ ପରେ ବର୍ତ୍ତମାନ ରାଷ୍ଟ୍ରପତି ମାକ୍ରଁଙ୍କୁ ବର୍ନିଅରଙ୍କ ସ୍ଥାନରେ ନୂଆ ପ୍ରଧାନମନ୍ତ୍ରୀ ବାଛିବାକୁ ପଡ଼ିବ, ଯାହାକି ତାଙ୍କ ପକ୍ଷେ ସେତେଟା ସହଜ ହୋଇ ନ ପାରେ। ଅନ୍ୟପକ୍ଷେ ମାକ୍ରଁ ଆଗୁଆ ନିର୍ବାଚନ ପାଇଁ ଗତ ଜୁନ୍‌ରେ ଘୋଷଣା କରିସାରିଥିବାରୁ ତାଙ୍କ ନିକଟରେ ବିକଳ୍ପ ନାହିଁ। ଫ୍ରାନ୍ସ ସମ୍ବିଧାନ ଅନୁସାରେ ନ୍ୟାଶନାଲ ଆସେମ୍ବ୍ଲି ଅନ୍ୟୂନ ବର୍ଷେ ପର୍ଯ୍ୟନ୍ତ ରହିବ ଏବଂ ଆସନ୍ତା ଜୁଲାଇରେ ନିର୍ବାଚନ ହେବ। ଏବେ ବିନା ସରକାରରେ ରାଷ୍ଟ୍ରପତି କେବଳ କାମଚଳା ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିବେ। କିନ୍ତୁ ଫ୍ରାନ୍ସର ଆର୍ଥିକ ସଙ୍କଟ ଏଡ଼ାଇବାକୁ ହେଲେ ସରକାରଙ୍କ ବଜେଟକୁ ଗୃହୀତ କରାଇବା ପାଇଁ ରାଷ୍ଟ୍ରପତି ୨୪ ଘଣ୍ଟା ଭିତରେ ଜଣକୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିପାରନ୍ତି।

ଆସ୍ଥାଭୋଟ ପରେ ନ୍ୟାଶନାଲ ରାଲି ନେତା ମରିନ ଲି ପେନ୍ ସାମ୍ପ୍ରତିକ ଅଚଳାବସ୍ଥା ପାଇଁ ମାକ୍ରଁଙ୍କୁ ଦାୟୀ କରି କହିଛନ୍ତି, ଏକ ବିଷାକ୍ତ ବଜେଟରୁ ଫ୍ରାନ୍ସକୁ ସୁରକ୍ଷା ଦେବା ଆମର ସର୍ବୋଚ୍ଚ ପ୍ରାଥମିକତା। ରାଷ୍ଟ୍ରପତିଙ୍କ ଉପରେ ଚାପ ଆହୁରି ବଢ଼ିବାକୁ ଯାଉଛି। ସେହିପରି ବାମପନ୍ଥୀ ଏମ୍‌ପି ଏରିକ୍ କୋକ୍ୱେରେଲ ମଧ ମାକ୍ରଁଙ୍କୁ ଛଳନାପୂର୍ଣ୍ଣ ଆଚରଣ ନ କରିବାକୁ କହିଛନ୍ତି।

## ମାକ୍ରଁଙ୍କ ଉପରେ ଇସ୍ତଫା ଚାପ



ଇମାନ୍ୟୁଏଲ ମାକ୍ରଁ

ସଂଖ୍ୟାଗରିଷ୍ଠତା ନ ଥିବା ସରକାରରେ ସଙ୍କଟ ଉପୁଜିବା ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ଗତ ଜୁନ୍‌ରେ ଆଶଙ୍କା ବ୍ୟକ୍ତକରି ଆଗୁଆ ନିର୍ବାଚନର ସଙ୍କେତ ଦେଇଥିଲେ। ୨୦୨୭ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ପୂରିବାକୁ ଥିବାବେଳେ ସେ ଏହାକୁ ପୂରା କରିବେ ବୋଲି କହିଛନ୍ତି। ଇତିମଧ୍ୟରେ ଦେଶରେ ଉପୁଜିଥିବା ଆର୍ଥିକ ଓ ରାଜନୈତିକ ସଙ୍କଟ ପାଇଁ ମାକ୍ରଁଙ୍କୁ ଦାୟୀ କରି ଇସ୍ତଫା ଦେବାକୁ ତାଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ନ୍ୟାଶନାଲ ଆସେମ୍ବ୍ଲି ନେତ୍ରୀ ମରିନ ଲି ପେନ୍ କହିଛନ୍ତି, ମାକ୍ରଁଙ୍କ ନୀତିଗୁଡ଼ିକ ତାଙ୍କୁ ଫ୍ରାନ୍ସବାସୀଙ୍କଠାରୁ ଅଲଗା କରିଦେଇଛି। ରାଷ୍ଟ୍ରପତିଙ୍କୁ ହଟାଇବା ପାଇଁ ଦୁଇ-ତୃତୀୟାଂଶ ଏମ୍‌ପିଙ୍କ ସମର୍ଥନ ଆବଶ୍ୟକ। ସେ ଇସ୍ତଫା ଦେବା ଉଚିତ ବୋଲି ୬୪% ମତଦାତା ଚାହୁଁଥିବାବେଳେ ଦେଶର ଆର୍ଥିକ ଓ ରାଜନୈତିକ ଅନିଶ୍ଚିତତାକୁ ନେଇ ଅଧିକାଂଶ ଚିନ୍ତିତ। ଏହାର ପ୍ରଭାବ ଫ୍ରାନ୍ସ ଶେୟାର ବଜାର ଉପରେ ମଧ ପଡ଼ିଥିବା ଦେଖିବାକୁ ମିଳିଲାଣି। ସରକାର ଭାଙ୍ଗିଯାଇଥିବାରୁ ରେଟିଂ ଏଜେନ୍ସି ମୁଡିଜ୍ ଫ୍ରାନ୍ସ ଅର୍ଥନୀତି ପାଇଁ 'ନେଗେଟିଭ୍' ରେଟିଂ ଦେଇଛି। ଆଗକୁ ଦେଶର ଋଣବୋଝ ବଢ଼ିପାରେ ବୋଲି ସତର୍କ କରାଇଛି।



ମରିନ ଲି ପେନ୍

## ନମାଜ ବେଳେ ହନୁମାନ ଚାଲିଶା: ୭ ଛାତ୍ର ଅଟକ

### ବାରାଣସୀରେ ଉତ୍ତେଜନା

ବାରାଣସୀ, ୫।୧୨

ବାରାଣସୀର ଉଦୟ ପ୍ରତାପ ଡିଗ୍ରୀ କଲେଜ ନିକଟରେ ଧାର୍ମିକ ଉତ୍ତେଜନା ଦେଖାଦେଇଛି। ବୁଧବାର କଲେଜ ପରିସରରେ ଥିବା ଏକ ମସ୍‌ଜିଦରେ ବହୁ ସଂଖ୍ୟାରେ ମୁସଲମାନ ନମାଜ ପଢୁଥିବାବେଳେ କଲେଜର କେତେଜଣ ଛାତ୍ର ଏହାକୁ ବିରୋଧ କରିଥିଲେ। ନମାଜ ପଢ଼ିବା ବାହାନାରେ ବାହାର ଲୋକ କଲେଜ ପରିସରରେ ପ୍ରବେଶ କରି ଅଯଥା ଭିଡ଼ ଜମାଉଥିବା ସେମାନେ କହିଛନ୍ତି। ସେମାନେ ସେହି ସମୟରେ କଲେଜ କ୍ୟାମ୍ପସ୍ ଗେଟ୍ ନିକଟରେ ହନୁମାନ ଚାଲିଶା ପାଠ କରିଥିଲେ। ନମାଜ ସମୟରେ ହନୁମାନ ଚାଲିଶା ପାଠ ଯୋଗୁ ଉଦୟ ପ୍ରତାପ ଡିଗ୍ରୀ କଲେଜ ପରିସର ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗରେ ଘଟଣାସ୍ଥଳରୁ ପୋଲିସ ୭ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ଶାନ୍ତି ଭଙ୍ଗ ଅଭିଯୋଗରେ ସେମାନଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି।

## ବୁଡ଼ିଲା ଭାରତୀୟ ଜାହାଜ, ପାକିସ୍ତାନ ସହଯୋଗରେ ୧୨ କ୍ରିଉ ସଦସ୍ୟ ଉଦ୍ଧାର

ପୋରବନ୍ଦର, ୫।୧୨

ଭାରତୀୟ କାର୍ଗୋ ଜାହାଜ 'ଏମ୍‌ଏସ୍‌ଭି ଏଆଇ ପିରାନପିର' ଗୁଜରାଟର ପୋରବନ୍ଦରରୁ ଇରାନର ବନ୍ଦର ଅବ୍ବାସକୁ ଯାଉଥିବାବେଳେ ଉତ୍ତର ଆରବ ସାଗରସ୍ଥିତ ପାକିସ୍ତାନର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଅଞ୍ଚଳରେ ବୁଡ଼ିଯାଇଛି। ଗତ ୨ରେ ଏହି ଜାହାଜଟି ସାଧାରଣ ମାଲ ପରିବହନ ସହ ପୋରବନ୍ଦର ଛାଡ଼ିଥିଲା। ତେବେ ବୁଧବାର ସକାଳେ ଉତ୍ତର ଆରବ ସାଗର ଅଞ୍ଚଳରେ ଝଡ଼ ସୃଷ୍ଟିହେବା କାରଣରୁ ଏହା ବୁଡ଼ିଯାଇଥିଲା। ଏହି ଜାହାଜରେ ଥିବା ୧୨ କ୍ରିଉ ସଦସ୍ୟଙ୍କୁ ରକ୍ଷା କରିବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ(ଆଇସିଜି) ପାକିସ୍ତାନ ସାମୁଦ୍ରିକ ସୁରକ୍ଷା ଏଜେନ୍ସି(ପିଏମ୍‌ଏସ୍‌ଏ)ର ସହଯୋଗରେ ଅଭିଯାନ ଆରମ୍ଭ କରି ସଫଳ ହୋଇଛି। ଗୁରୁବାର ଆଇସିଜି ଉକ୍ତ ୧୨ କ୍ରିଉ ସଦସ୍ୟଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇଛି।

## କକ୍ଷପଥରେ ପ୍ରୋବା-୩



ଶ୍ରୀହରିକୋଟା,୫।୧୨

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ପିଏସ୍‌ଏଲ୍‌ଭି-ସି୫୯ ରକେଟ ସହାୟତାରେ ଗୁରୁବାର ୟୁରୋପିଆନ୍ ସ୍ପେସ୍ ଏଜେନ୍ସି (ଇଏସ୍‌ଏ)ର ପ୍ରୋବା-୩ ମିଶନକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍‌ପ୍ୟାଡ୍‌ରୁ ଅପରାହ୍ନ ୪ଟା ପରେ ପିଏସ୍‌ଏଲ୍‌ଭିକୁ ଛଡ଼ାଯିବାର ୧୮ ମିନିଟ ପରେ ଏହା ନିର୍ଦ୍ଦିଷ୍ଟ କକ୍ଷପଥରେ ସାଟେଲାଇଟ୍‌କୁ ଅବସ୍ଥାପିତ କରିଥିଲା। ପ୍ରୋବା-୩ (ପ୍ରୋଜେକ୍ଟ ଫର୍ ଅନ୍‌ବୋର୍ଡ ଅଟୋନୋମି) ମିଶନରେ ୨ଟି ସାଟେଲାଇଟ୍ ରହିଛି। ଏହା ଭିତରେ ଥିବା ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ବାହ୍ୟ ପରିସରର ଅଧ୍ୟୟନ କରିବ। ଇସ୍ରୋର ବ୍ୟବସାୟିକ ଶାଖା ନ୍ୟୁସ୍ପେସ୍ ଇଣ୍ଡିଆ ଲିଃ ଏହି ସାଟେଲାଇଟ୍ ଲଞ୍ଚ କରାଇବା ନିମନ୍ତେ ଇଏସ୍‌ଏରୁ ଅର୍ଡର ହାସଲ କରିଥିଲା।

## ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ପାଖରେ ତଥ୍ୟ ନାହିଁ

ନୂଆଦିଲ୍ଲୀ,୫।୧୨



କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ

ଆଜିର ଯୁଗରେ ଆଙ୍ଗୁଠି ଛାପଠାରୁ ଆରମ୍ଭକରି ଇଣ୍ଟରନେଟ୍‌ରେ ଦେଖୁଥିବା ସମସ୍ତ ବିଷୟ, ଏପରିକି ଆପଣ କେଉଁଠି ରହିଛନ୍ତି, ତାହାର ତଥ୍ୟ ସହଜରେ ମିଳିପାରୁଛି। ଅଥଚ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ରୀକୃତ ସରକାରୀ ତଥ୍ୟ ଉପଲବ୍ଧ ହେଉନାହିଁ। ପାର୍ଲାମେଣ୍ଟର ଶୀତ ଅଧିବେଶନ ଚାଲିଥିବାବେଳେ ଏମ୍‌ପିମାନେ ଉଠାଉଥିବା ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ନ ଥିବା କେନ୍ଦ୍ର ସରକାର ଜଣାଉଛନ୍ତି। ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ, ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜାତି/ଜନଜାତି ଛାତ୍ରୀଛାତ୍ରଙ୍କୁ ପକ୍ଷପାତ, ସରକାରୀ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କ ଆତ୍ମହତ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଘଟିଥିବା କ୍ଷୟକ୍ଷତି ଆଦି ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ସରକାରଙ୍କ ପାଖରେ ନାହିଁ।

ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷୟକ୍ଷତିର ତଥ୍ୟ ସରକାର ରଖୁ ନ ଥିବା ବୁଧବାର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ପାର୍ଲାମେଣ୍ଟକୁ ଜଣାଇଥିଲା। ରାଜ୍ୟସଭାରେ କଂଗ୍ରେସ ଏମ୍‌ପି ରଣଦୀପ ସିଂ ସୁର୍ଜେୱାଲା ୱାୟନାଡ୍‌ର ଭୟାବହ ଭୂସ୍ଖଳନରେ କେତେ ଲୋକଙ୍କ ମୃତ୍ୟୁ ହୋଇଥିଲା, କେତେ ଆହତ ଏବଂ ନିଖୋଜ ହୋଇଥିଲେ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ, ତାଙ୍କ ମନ୍ତ୍ରଣାଳୟରେ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିର କେନ୍ଦ୍ରୀକୃତ ତଥ୍ୟ ରଖାଯାଉ ନାହିଁ। କେରଳ ସରକାର ଦେଇଥିବା ସ୍ମାରକପତ୍ର ଅନୁଯାୟୀ, ଗତ ଅଗଷ୍ଟ ୧୭ ୱାୟନାଡ୍ ଭୂସ୍ଖଳନରେ ୩୫୯ ଜଣ ମୃତ/ ନିଖୋଜ ହୋଇଥିଲେ। ୯୫ ଜଣ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବାବେଳେ ୩୭୮ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେହିପରି ମଙ୍ଗଳବାର ସରକାରୀ ହସ୍ପିଟାଲଗୁଡ଼ିକରେ ମେଡିକାଲ ଇଣ୍ଟର୍ନଙ୍କ ଆତ୍ମହତ୍ୟା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ରଖୁ ନ ଥିବା ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ରାଜ୍ୟ ସଭାକୁ କହିଥିଲେ।

ଆଇଆଇଟି, ଏମ୍ସ ଆଦି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନରେ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ର ପାତରଅନ୍ତରର ସମ୍ମୁଖୀନ ହେଉଥିବା ସମ୍ପର୍କିତ ତଥ୍ୟ କେନ୍ଦ୍ର ପାଖରେ ନ ଥିବା ପାର୍ଲାମେଣ୍ଟକୁ ଜଣାଇ ଦିଆଯାଇଥିଲା। ଲୋକ ସଭାରେ ଜେଡିୟୁ ସାଂସଦ ଆଲୋକ କୁମାର ସୁମନଙ୍କ ପ୍ରଶ୍ନର ଉତ୍ତରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର ଏଭଳି ଉତ୍ତର ଦେଇଥିଲେ।

## ଭାରତ ସହ ସମ୍ପର୍କ ବିଗାଡ଼ିଛନ୍ତି ଟ୍ରୁଡୋ: ୩୯% କାନାଡୀୟଙ୍କ ମତ

ଓଟାୱା,୫।୧୨



ଜଷ୍ଟିନ୍ ଟ୍ରୁଡୋ

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାର ଭାରତ ସହ ତାଙ୍କ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିବା ପାଇଁ ଦାୟୀ ବୋଲି ଏକ ସର୍ଭେରେ ୩୯% ମତ ଦେଇଛନ୍ତି। କାନାଡାର ଅଣଲାଭକାରୀ ସଂସ୍ଥା ଅନ୍‌ଗୁସ୍ ରେଇଡ୍ ଇନ୍‌ଷ୍ଟିଚ୍ୟୁଟ୍ (ଏଆର୍‌ଆଇ) ଏବଂ ଏସିଆ ପାସିଫିକ୍ ଫାଉଣ୍ଡେଶନ୍ (ଏପିଏଫ୍) ପକ୍ଷରୁ ମିଳିତ ସହଭାଗିତାରେ ଏହି ସର୍ବେକ୍ଷଣ କରାଯାଇଥିଲା। ତଦନୁସାରେ ଭାରତ ସହ କାନାଡାର ସମ୍ପର୍କ ବିଗିଡ଼ିବା ପଛରେ ଟ୍ରୁଡୋ ସରକାରଙ୍କ ଭୁଲ୍ ପରିଚାଳନା ଦାୟୀ। ଟ୍ରୁଡୋ କ୍ଷମତାରେ ଥିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ସହ ସମ୍ପର୍କରେ ସୁଧାର ଆସି ନ ପାରେ। ଅନ୍ୟପକ୍ଷେ ୩୨% ଲୋକ ଏହାର ବିପରୀତ ମତ ପ୍ରକାଶ କରି ଟ୍ରୁଡୋ ସରକାରଙ୍କୁ ଦାୟୀ କରିନାହାନ୍ତି। ପ୍ରକାଶ ଯେ, ୨୦୨୩ ଜୁନ୍ ୧୮ରେ ସରରେଠାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କୁ ହତ୍ୟା କରାଯିବାରେ ଭାରତ ସରକାରଙ୍କ ହାତ ରହିଥିବା ନେଇ ଟ୍ରୁଡୋ ଗତ ସେପ୍ଟେମ୍ବରରେ ଅଭିଯୋଗ ଆଣିବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି।

ସ୍ମରଣରେ ଆପଣଙ୍କ ସ୍ନେହ ଓ ଭଲପାଇବାର ଅମୃତ ଉଚ୍ଚାରଣ. . .
ପ୍ରୟାଣର ୮ମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ସ୍ମୃତିରେ ଇଚ୍ଛାବତୀ ରଥ

୧୯୨୯ - ୨୦୧୬
ଆପଣଙ୍କ ଶୁଭାଶିଷ ଏବଂ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ :-
SRI DURGA CONDEV PVT. LTD.
DRiEMS UNIVERSITY
PRAMOD HOTELS & RESORTS
PADMINI care
୦୬/୧୨/୨୦୨୪ (ଶୁକ୍ରବାର), ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ - ଜୟଶ୍ରୀ ଅଡ଼ିଟୋରିୟମ୍, ସମୟ - ପୂର୍ବାହ୍ନ ୧୧ଘଟିକା
ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ରଥ ପରିବାର

୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୨୪
Bhubaneswar, Friday, December 6/2024



ମୁମ୍ବାଇର ଆଜାଦ ମଇଦାନରେ ଗୁରୁବାର ସନ୍ଧ୍ୟାରେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ତାଙ୍କୁ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ। (ରିପୋର୍ଟ: ପୃଷ୍ଠା-୬)

# ଆଇନର ହିନ୍ଦୀକରଣକୁ ବିରୋଧ

## ଭାରତୀୟ ବାୟୁଯାନ ବିଧେୟକ ନାମକୁ ନେଇ ରାଜ୍ୟ ସଭାରେ ପ୍ରଶ୍ନ ଉଠାଇଲେ ବିରୋଧୀ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

କେନ୍ଦ୍ର ସରକାର ଆଣୁଥିବା ନୂଆ ବିଲ୍‌ଗୁଡ଼ିକର ନାମକରଣ ହିନ୍ଦୀରେ ହେଉଥିବା ଗୁରୁବାର ବିରୋଧୀ ସଦସ୍ୟମାନେ ରାଜ୍ୟ ସଭାରେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବିରୋଧୀଙ୍କ ଏଭଳି ଅଭିଯୋଗକୁ ସେମାନଙ୍କର ଉପନିବେଶୀୟ ମାନସିକତା ବୋଲି ଶାସକ ଦଳର ସଦସ୍ୟମାନେ କହିଛନ୍ତି।

୯୦ ବର୍ଷର ପୁରୁଣା ବିମାନ ଆଇନ ପରିବର୍ତ୍ତେ ସରକାର ଆଣିଥିବା 'ଦି ଭାରତୀୟ ବାୟୁଯାନ ବିଧେୟକ, ୨୦୨୪' ଆଲୋଚନାରେ ଭାଗନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସାଗରିକା ଘୋଷ ବିଲ୍‌ର ନାମକରଣକୁ ବିରୋଧ କରିଥିଲେ। ଡିଏମ୍‌କେର କାନିମୋଝି ଏନ୍‌ଭିଏନ୍ ସୋମୁ ଉକ୍ତ ନାମ ପରିବର୍ତ୍ତନ କରାଯିବାକୁ ଦାବି କରିଥିଲେ। ଆଇନଗୁଡ଼ିକର ନାମକରଣ ହିନ୍ଦୀରେ କ'ଣ ପାଇଁ କରାଯାଉଛି ବୋଲି ଘୋଷ ପ୍ରଶ୍ନ କରିବା ସହ ଏହା ହିନ୍ଦୀକୁ ଜବରଦସ୍ତ ଲଦିଦିଆଯିବା ଭଳି ବୋଲି ସେ କହିଥିଲେ। ୨୦୨୪ର ଜନାଦେଶ ବିବିଧତା, ରାଜନୈତିକ ଲାଭ ଓ ସଂଘୀୟ ସିଦ୍ଧାନ୍ତ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ସରକାର ଆଇନଗୁଡ଼ିକର ହିନ୍ଦୀକରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ଘୋଷ କହିଥିଲେ। ଇଣ୍ଡିଆନ୍ ପେନାଲ କୋଡ୍ ଏବେ ଭାରତୀୟ ନ୍ୟାୟ ସଂହିତା ହୋଇଥିବାବେଳେ ଇଣ୍ଡିଆନ ଏୟାରକ୍ରାଫ୍ଟ ଆକ୍ଟକୁ ଭାରତୀୟ ବାୟୁଯାନ ବିଧେୟକରେ ବଦଳାଯାଉଛି। ଯେଉଁମାନେ ହିନ୍ଦୀ କୁହନ୍ତି ନାହିଁ, ସେମାନଙ୍କ ଉପରେ ଏହି ଭାଷାକୁ ଲଦି ଦିଆ ନ ଯାଉ। ସରକାର ବିଲ୍‌ର ନାଁ ଏୟାରକ୍ରାଫ୍ଟ ବିଲ୍, ୨୦୨୪ ରଖନ୍ତୁ ବୋଲି କାନିମୋଝି ଏନ୍‌ଭିଏନ୍ ସୋମୁ କହିଥିଲେ। ସରକାରୀ ବିଲ୍‌ଗୁଡ଼ିକୁ ହିନ୍ଦୀ ଓ ସଂସ୍କୃତରେ ନାମିତ କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ବିଲ୍ ନାମକରଣର ପୁନର୍ବିଚାର କରାଯାଉ ବୋଲି ୱାଇଏସ୍‌ଆର୍‌ସିପି ସଦସ୍ୟ ଏସ୍. ନିରଞ୍ଜନ ରେଡ୍ଡୀ କହିଥିଲେ। ଯେହେତୁ ବିଲ୍ ଇଂଲିଶରେ ଅଣାଯାଉଛି, ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଏହାର ନାମକରଣ ହିନ୍ଦୀରେ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଯଦି ହିନ୍ଦୀ କରାଯାଉଛି, ତେବେ ନାମକରଣଠାରୁ ଆରମ୍ଭ କରି ବିଲ୍‌ର ପ୍ରତ୍ୟେକ ☞ପୃଷ୍ଠା-୧୦

# ରାଜ୍ୟରେ ଗୋହତ୍ୟା ବନ୍ଦ ଆଇନ ଆସିବ

**ଆସାମ ସରକାର ରାଜ୍ୟରେ ଗୋ ହତ୍ୟାକୁ ବନ୍ଦ କରିବା ସହ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ଗୋମାଂସ ପରଷିବା ଉପରେ ବୁଧବାର କଟକଣା ଜାରି କରିଛନ୍ତି। ଆସାମ ଭଳି ଓଡ଼ିଶାରେ ମଧ୍ୟ ଗୋ ହତ୍ୟା ବନ୍ଦ ହେବା ଗୋ ମାଂସ ବିକ୍ରି ଏବଂ ଚାଲାଣ ଉପରେ ରୋକ ଲଗାଯିବ। ଏଥିପାଇଁ ଖୁବଶୀଘ୍ର କଡ଼ା ଆଇନ ଆସିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।**



ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର,୫।୧୨(ଅନିଲ ଦାସ)**

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଗୋ ହତ୍ୟା ବନ୍ଦ କରିବାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି। ଖୁବ୍‌ଶୀଘ୍ର ଗୋ ହତ୍ୟା ନିରୋଧ ବିଲ୍ ଅଣାଯିବାକୁ ଯୋଜନା ହୋଇଛି। ଗୋ ଚାଲାଣ ଓ ଗୋ ହତ୍ୟା ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଚଳିତ ବିଧାନସଭା ଅଧିବେଶନରେ କିଛି ବେସରକାରୀ ବିଲ୍ ଆସିବାକୁ ଯାଉଛି। ଏଥିରେ ଗୋ ହତ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିପାରେ ବୋଲି ସେ କହିଛନ୍ତି।

ରାଜ୍ୟ ସରକାର ଗୋବଂଶ ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଗୋବଂଶ ବୃଦ୍ଧି ସହିତ ଗୋପାଳକଙ୍କର ଉନ୍ନତି ପାଇଁ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମଧ୍ୟ ସାମିଲ ରହିଛି। ସରକାର ଏବେ ଗୋବଂଶ ବୃଦ୍ଧି ସହିତ ଏମାନଙ୍କର ସୁରକ୍ଷା ପାଇଁ ପଦକ୍ଷେପ ନେଇଥିବା ଆଇନ୍ ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଗୋପାଳନକୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ୨୦୨୪-୨୪ ଆର୍ଥିକ ବର୍ଷରୁ ୨୦୨୮-୨୯ ଯାଏ ବଜେଟରେ ୧୪୨୩.୪୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ୧୫ ଲକ୍ଷ ୪୭ ହଜାର ୮୩୭ ଚାଷୀ ସାମିଲ ହେବେ। ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଗୋପାଳକଙ୍କ ଆର୍ଥିକ ବିକାଶ ଲକ୍ଷ୍ୟ ରଖାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ଗୋ ହତ୍ୟା ରୋକିବା ପାଇଁ ଆସିବାକୁ ଥିବା ବିଲକୁ ନେଇ ବିରୋଧୀ ଦଳର ନେତାମାନେ କଟାକ୍ଷ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ କହିଛନ୍ତି ରାଜ୍ୟରେ ଗୋ ସମ୍ପଦ ବଢ଼ାଇବାରେ କିଛି ଅସୁବିଧା ନାହିଁ। ବିଦେଶକୁ ଗୋମାଂସ ପଠାଇବାରେ ଉତ୍ତରପ୍ରଦେଶ ପ୍ରଥମ, ଦ୍ୱିତୀୟରେ ମଧ୍ୟପ୍ରଦେଶ ରହିଛି। ସାରା ଭାରତ ବର୍ଷରେ ସ୍ଲଟର ହାଉସ୍ ଚାଲୁଛି। ବିଦେଶକୁ ମାଂସ ରପ୍ତାନୀ ହେଉଛି। ସେସବୁ ଆଗ ବନ୍ଦ ହେଉ। ତାପରେ ଓଡ଼ିଶା କଥା ଚନ୍ତା କରିବେ ବୋଲି ସେ କହିଛନ୍ତି।

ଉଲ୍ଲେଖ ଯୋଗ୍ୟ ଅନେକ ସମୟରେ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବେଆଇନ୍ ଭାବେ ଗୋଚାଲାଣ ହେଉଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଭଳି ଜିଲାରେ ଅଧିକ ଚାଲାଣ ହେଉଛି। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ବେଆଇନ୍ ଭାବେ ଗୋ ଚାଲାଣ ବେଳେ ଅନେକ ସମୟରେ ଗୋରୁଗାଡ଼ି ଧରାପଡ଼ିଛି। ଗୋଚାଲାଣ ବେଳେ ଦଲାଲ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନଙ୍କର ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ସମୟରେ ଗୋରୁ ବୋଝେଇ ଗାଡ଼ି ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନଜରି ରହିଛି।

# ପ୍ରଜାକୋର୍ଟରେ ୨ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

**ମାଲକାନଗିରି,୫।୧୨**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ନାରାୟଣପୁର ଜିଲା ଭୈରମଗଡ଼ ଥାନା ଅଞ୍ଚଳରେ ୨ ଜଣ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ପ୍ରଜାକୋର୍ଟରେ ଗୁରୁବାର ଗଳାକାଟି ହତ୍ୟା କରିଛନ୍ତି। ସେମାନେ ହେଲେ ବୈରମଗଡ଼ ଥାନା ଅଞ୍ଚଳର ପୂର୍ବତନ ସରପଞ୍ଚ ସୁକରାମ ଅବଲମ ଓ ସୁକୁଲୁ ବର୍ସେ। ସେମାନଙ୍କୁ ମାଓବାଦୀମାନେ ଦୁଇଦିନ ପୂର୍ବରୁ ଅପହରଣ କରିନେଇଥିଲେ। ମାଓବାଦୀମାନେ ଉଭୟଙ୍କ ମୃତଦେହକୁ ଆଣି ଗାଁ ଦାଣ୍ଡରେ ପକାଇଦେବା ସହ ଏକ ଚିଠି ଛାଡ଼ିଯାଇଛନ୍ତି। ସୁକରାମ ଏବଂ ସୁକୁଲୁ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରିବା ଏବଂ ଛତିଶଗଡ଼ ଭାଜପା ସରକାରଙ୍କ ସହ ସେମାନଙ୍କ ସମ୍ପର୍କ ରହିଥିବା ଜାଣି ସେମାନଙ୍କୁ ମାଓବାଦୀମାନେ ବହୁବାର ତାଗିଦ କରିଥିଲେ। ଏହାସତ୍ତ୍ୱେ ସେମାନେ କିଛି ନ ଶୁଣି ପୋଲିସକୁ ସୂଚନା ଦେବା କାର୍ଯ୍ୟକରି ଆସୁଥିଲେ। ତେଣୁ ସେମାନଙ୍କୁ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ସୋସିଆଲ ମିଡିଆ ଓ ପିଲାଙ୍କ ସୁରକ୍ଷା**






**ଆଜିର ମନ୍ତବ୍ୟ**

ଭାରତୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଦେଶର ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଚାଇନା ଉପରୁ ନିର୍ଭରଶୀଳତା ହ୍ରାସ କରିବା ଉଚିତ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ମନ୍ଦିର ଏବଂ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ ଶାଖା– ରସୁଲଗଡ଼, ସମୟ: ସକାଳ ୬ଟା।
- ବିଜେଇଏମ୍ ସ୍କୁଲର ୫୦ତମ ବାର୍ଷିକ ଆଥଲେଟିକ୍ ମିଟ୍, ସ୍ଥାନ: ବିଜେଇଏମ୍ ସ୍କୁଲ ପରିସର, ସମୟ: ୭ଟା ୩୦।
- ଓଡ଼ିଶା ରାଇଜିଂ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଇନ୍‌କ୍ଲୁସିଭ୍ ସମିଟ୍, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୭ମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଜିୟୁ ପରିସର, ଗୋଠପାଟଣା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଲୟୋଲା ସ୍କୁଲର 'ପ୍ୟାରେଣ୍ଟସ ନାଇଟ୍' କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ଜାଭିୟର ରୋଡ, ସମୟ: ଅପରାହ୍ନ ୫ଟା।
- ବିଏମ୍‌ପିଏସ୍ ତକ୍ଷିଲା ସ୍କୁଲର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ନୟାପଲ୍ଲୀ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ୩୨ତମ ଡିଷ୍ଟ୍ରିକ୍ଟ କ୍ୟାମ୍ପୋରି, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍–୩, ସମୟ: ଅପରାହ୍ନ ୫ଟା ୩୦।
- ଡ. ବାବାସାହେବ ଆମ୍ବେଡକରଙ୍କ ସ୍ମୃତି ଦିବସ ଅବସରରେ 'ଗାନ୍ଧୀ–ଆମ୍ବେଦକର ଓ ଲୋହିଆ କେତେ ଭିନ୍ନ କେତେ ସମାନ' ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ' ଉଦ୍‌ଘାଟନୀ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ତିନିଦିନିଆ ତୃତୀୟ ଇଣ୍ଡିଆନ୍ ରାଇସ୍ କଂଗ୍ରେସ–୨୦୨୪ର ଦ୍ୱିତୀୟ ଦିବସ, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ସକାଳ ୯ଟା ୩୦।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଓଡ଼ିଶା ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ସମୟ: ସକାଳ ୭ଟା ୩୦।
- ଶହୀଦ ଜୟୀ ରାଜଗୁରୁଙ୍କ ମହାପ୍ରୟାଣ ଦିବସ ସମାରୋହ, ସ୍ଥାନ: ବୀରହରେକୃଷ୍ଣପୁର ଛକ, ସମୟ: ସକାଳ ୮ଟା।
- ୪ର୍ଥ ଗୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- କୁରାଳ ପଞ୍ଚମୀ ଉତ୍ସବ, ସ୍ଥାନ: କୁମ୍ଭାରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜେଡ୍‌ଏସ୍‌ଏସ୍ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶହୀଦ ଜୟୀ ରାଜଗୁରୁଙ୍କ ମହାପ୍ରୟାଣ ଦିବସ ପାଳନ, ସ୍ଥାନ: ଏକାଡେମୀ ଅଫ୍ ଇଣ୍ଟେଗ୍ରାଲ୍ ଏଜୁକେଶନ, ସ୍ଥାନ: ସ୍ୱର୍ଗଦ୍ୱାର ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ସମ୍ପର୍କିତ ବୈଠକ, ସ୍ଥାନ: ବୃନ୍ଦାବତୀ ନିବାସ,
- ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନ୍‌ଶିପ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଝାଡ଼େଶ୍ୱରୀ କ୍ଲବ ପରିସର, ସମୟ: ସନ୍ଧ୍ୟା ୫ଟା।

## ଖୋର୍ଦ୍ଧା

- ୬୨ତମ ହୋମଗାର୍ଡ ଦିବସ, ସ୍ଥାନ: ରିଜର୍ଭ ପଡ଼ିଆ, ତରଡୁଆ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଶହୀଦ ଜୟୀ ରାଜଗୁରୁ ବଳିଦାନ ଦିବସ ସମାରୋହ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।
- ମୂର୍ଚ୍ଛନାର କୁମାରୋତ୍ସବ ଉଦ୍‌ଯାପନୀ, ସ୍ଥାନ: ଗୀତାଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାଲେଶ୍ୱର ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ପୂର୍ବ ଭାରତୀୟ ଆନ୍ତଃ–ବିଶ୍ୱବିଦ୍ୟାଳୟ ପୁରୁଷ ଖୋ–ଖୋ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସମରେନ୍ଦ୍ର କୁଣ୍ଡୁଙ୍କ ୩୧ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶହୀଦ ଜୟୀ ରାଜଗୁରୁଙ୍କ ୨୧୮ତମ ବଳିଦାନ ଦିବସ, ସ୍ଥାନ: ମେଦିନୀପୁର ବଳିଦାନ ପୀଠ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: ମିଶନ ପଡ଼ିଆରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଶାନ୍ତିଆ ଉପ୍ରା ମାଧ୍ୟମିକ ବିଦ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ପଞ୍ଚମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଲୋକ ମହୋତ୍ସବ–୨୦୨୪ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ପ୍ରବଚନ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ରାମଚନ୍ଦ୍ର ରାଉତଙ୍କ ଏକାଦଶାହ ସ୍ମୃତିସଭା, ସ୍ଥାନ: ଚଢ଼େୟା, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଡାହାଣୀଗଡ଼ିଆସ୍ଥିତ ମାୱାର ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ଭଦ୍ରକ ବାଣିଜ୍ୟ ମେଳା ଉଦ୍‌ଘାଟନ, ସ୍ଥାନ: କଲେଜ ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦୁଝର

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କେନ୍ଦୁଝର ରୋଟାରୀ ଭବନ, ସମୟ : ସକାଳ ୯ଟା।
- ହିନ୍ଦୁସୁରକ୍ଷା ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର, ସ୍ଥାନ:କମାରଡ଼ିହା, ଖୁଣ୍ଟା, ସମୟ: ସକାଳ ୯ ଟା।
- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିବେ ରାଷ୍ଟ୍ରପତି, ସ୍ଥାନ: ଉପରବେଡ଼ା ସରକାରୀ ଉପ୍ରା ବିଦ୍ୟାଳୟ, କୁସୁମୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ରାଷ୍ଟ୍ରପତିଙ୍କ ଆଲୋଚନା, ସ୍ଥାନ: କମଳାବିମଳା ଉଚ୍ଚ ବିଦ୍ୟାଳୟ, କୁସୁମୀ, ସମୟ: ମଧ୍ୟାହ୍ନ ୧୦ ଟା।
- ପୈତୃକ ଘରେ ଗ୍ରାମବାସୀଙ୍କ ସହ ଆଲୋଚନା, ସ୍ଥାନ: ଉପରବେଡ଼ା, କୁସୁମୀ, ସମୟ: ମଧ୍ୟାହ୍ନ ୧୨ ଟା ୩୦।
- ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ନୂତନ ଯାନର ଲୋକାର୍ପଣ ଉତ୍ସବ, ସ୍ଥାନ: ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା, ରାଇରଙ୍ଗପୁର, ସମୟ: ଅପରାହ୍ନ ୩ ଟା ୨୦।
- କଲେଜ ଛାତ୍ରୀ ଓ ଅଧ୍ୟାପକଙ୍କ ସହ ଭାବ ବିନିମୟ, ସ୍ଥାନ: ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ରାଇରଙ୍ଗପୁର, ସମୟ: ଅପରାହ୍ନ ୪ ଟା ୧୦।
- ଦେବ ଦର୍ଶନ ଓ ଆରତୀ, ସ୍ଥାନ: ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ରାଇରଙ୍ଗପୁର, ସମୟ: ଅପରାହ୍ନ ୫ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।
- ମୟୂରଭଞ୍ଜ ମହୋତ୍ସବରେ ଆସାମର ବିହୁ ନୃତ୍ୟ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୬ ଟା।
- ପାମେଲା ଜୈନ ଓ ଶଶାଙ୍କ ଶେଖରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ: ରାତି ୭ ଟା।

## ବ୍ରହ୍ମପୁର

- ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ,ସ୍ଥାନ: ଆମ୍ବପୁଆ ରିଜର୍ଭ ପୋଲିସ ପଡିଆ,ସମୟ: ସକାଳ ୮ଟା।

## ଗଞ୍ଜାମ

- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିସି ହାଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ପରିବେଶ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ଦାରିଙ୍ଗବାଡି ବିଶ୍ୱ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଗୃହରକ୍ଷୀ ବାହିନୀର ୬୨ତମ ବାର୍ଷିକ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡିଆ,ସମୟ: ସକାଳ ୮ଟା୩୦।
- ଆଇପିଏଲ୍ ପକ୍ଷରୁ ଆଖୁ ପେଡ଼ା ଶୁଭାରମ୍ଭ, ସ୍ଥାନ: ଇଣ୍ଡିଆନ ପଟାସ୍ ଲିମିଟେଡ୍, ହରିପୁର, ସମୟ: ସକାଳ ୯ଟା୩୦।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସକାଳ ୮ଟା।
- ପାରାଦୀପ ବନ୍ଦର ପାଇକାରୀ ଭଣ୍ଡାର ସମବାୟ ସମିତି ଲିଃର ସାଧାରଣ ଅଧିବେଶନ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ଓ ବରିଷ୍ଠ ବ୍ୟକ୍ତିଙ୍କୁ ସହାୟତା ଉପକରଣ ବଣ୍ଟନ, ସ୍ଥାନ: କେୟାରବାଙ୍କ ହାଇସ୍କୁଲ, ମହାକାଳପଡ଼ା, ସମୟ: ସକାଳ ୮ଟା।

## ଯାଜପୁର

- ଜିଲାସ୍ତରୀୟ ଷ୍ଟଡି କମ୍ ଟ୍ରେନିଂ କ୍ୟାମ୍ପ, ସ୍ଥାନ : କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ଼ ଗୋଶାଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ସବ୍‌ଜଜ କୋର୍ଟର ପ୍ରତିଷ୍ଠା ଦିବସ ଓ ନୂତନ ଗୃହର ଶିଳାନ୍ୟାସ, ସ୍ଥାନ: ଚଣ୍ଡିଖୋଲ କୋର୍ଟ ପରିସର, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ୬୨ତମ ହୋମଗାର୍ଡ ଦିବସ, ସ୍ଥାନ: ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ସକାଳ ୮ଟା।
- ୬୩ ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସ୍ପୋର୍ଟସ ହଷ୍ଟେଲ କଟକ ବନାମ ସାଇ ଏଚଏଲ ସୁନାବେଡ଼ା, ସ୍ଥାନ: ଶରଣକୁଳ ସରକାରୀ ନାରାୟଣ ଉଚ୍ଚବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା୩୦।
- ତ୍ରିନାଥ ଠାକୁରଙ୍କ ୪୩ତମ ଜନ୍ମୋତ୍ସବରେ ମହୀରାବଣ ବଧ ନାଟକ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକ ରାମ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।

## କୋରାପୁଟ

- ପରବ ନେଇ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା, ସ୍ଥାନ:ଜୟପୁରସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ସମୟ: ସକାଳ ୮ ଟା।
- ପରବ ଉପଲକ୍ଷେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସ୍ଥାନ: ମ୍ୟୁନିସିପାଲିଟି ଜିମନାଜିମ୍, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଆର କେ ସ୍କୁଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଅନୁଗୁଲିଆପଡା, ସମୟ : ପୂର୍ବାହ୍ନ ୧୦ଟା।
- ଭୁତାପଡା ମୁଣ୍ଡା ସ୍ପୋଟିଂ କ୍ଲବ ଆୟୋଜନରେ ପ୍ରଥମ ବୀର ବିର୍ସା ମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ବିୟୁଟି ଏକ୍ସପୋ ଆଣ୍ଡ ଫେଶନ ଶୋ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ଶୀତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ୬୨ତମ ବାର୍ଷିକ ହୋମଗାର୍ଡ ଦିବସ ପାଳନ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ମନୋହରପୁର, ବଲାଙ୍ଗୀର, ସମୟ: ୮ଟା ୩୦ ମିନିଟ।
- ପିପି ଏକାଡେମୀ ହୀରକ ଜୟନ୍ତୀ ଉପଲକ୍ଷେ ଭକ୍ତି ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ୬୨ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପରେଡ୍ ପଡିଆ, ସମୟ:ସକାଳ ୮ଟା।
- ଓଡ଼ିଶା ରାଜ୍ୟ ପାଚିକା ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୋଭାଯାତ୍ରା, ସ୍ଥାନ: ରୟାଲ ପଡିଆ, ସମୟ: ପୂବାହ୍ନ ୧୦ଟା ୩୦

## ବରଗଡ଼

- ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ବ୍ରହ୍ମବିହାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ହୋମଗାର୍ଡ ଦିବସ ପାଳନ, ସ୍ଥାନ: ରିଜର୍ଭ ପୋଲିସ ପରେଡ଼ ଗ୍ରାଉଣ୍ଡ, ସମୟ: ସକାଳ ୮ଟା।
- ଆନ୍ତଃଜିଲା କ୍ରିକେଟ ଲିଗ୍, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ମାଳ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ପୋଲିସ ଜିଲା ଗୃହରକ୍ଷୀ ସଙ୍ଗଠନ ପକ୍ଷରୁ ୬୨ତମ ବାର୍ଷିକ ଗୃହରକ୍ଷୀ (ହୋମଗାର୍ଡ) ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ,ଶଙ୍କରା,ସୁନ୍ଦରଗଡ, ସମୟ: ସକାଳ ୮ଟା୩୦।

## ରାଉରକେଲା

- ଗାୟତ୍ରୀ ପରିବାର ପକ୍ଷରୁ ସାମୂହିକ ମନ୍ତ୍ରପାଠ ଉତ୍ସବ, ସ୍ଥାନ: ସେକ୍ଟର–୨, ସମୟ: ସକାଳ ୬ଟା ୩୦।
- ପୋଲିସ ଜିଲା ପକ୍ଷରୁ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପଡ଼ିଆ, ସମୟ: ସକାଳ ୯ଟା।
- ରାଇଜିଂ ଅଫ୍ ଅଲ ଇଣ୍ଡିଆ ଡେ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୯ଟା।
- ଆର୍‌ଏସ୍‌ଏସ୍ ମେଣ୍ଟର ଆନ୍ଦୋଳନ, ସ୍ଥାନ: ତାଲଡିହି ମାଇନ୍ସ, ସମୟ: ପୂର୍ବାହ୍ନ ୧୦ଟା।
- କୁରାଳ ପଞ୍ଚମୀ ଉତ୍ସବ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୟୁଜିଡବ୍ଲ୍ୟୁଟି ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ, ସ୍ଥାନ: ବାଲିଯୋଡି ଛକ, ସମୟ: ଅପରାହ୍ନ ୩ଟା।
- ନାଟ୍ୟ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ରୁ ଆରମ୍ଭ।
- ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ–୨୦୨୪, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ତିଲେଇବଣି ବ୍ଲକ ଟାଇଁସର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆୟୋଜକ ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚର ମହା ପରିନିର୍ମାଣ ଦିବସ–୨୦୨୪, ସ୍ଥାନ: ଆମ୍ବେଡକର ଛକ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁମାନଙ୍କୁ ଆକ୍ରମଣର ପ୍ରତିବାଦରେ ଶୋଭାଯାତ୍ରା ଓ ନଗର ପରିକ୍ରମା, ସ୍ଥାନ: ଗୋପାଳଜିଉ ମନ୍ଦିରରୁ ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ଆଳତି, ସ୍ଥାନ: କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ୬୨ତମ ହୋମଗାର୍ଡ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସିଲଦା ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା ୩୦।
- କୁମ୍ଭାର ସମାଜ ପକ୍ଷରୁ କୁରାଳ ପଞ୍ଚମୀ ପାଳନ, ସ୍ଥାନ: ନୂଆପଡ଼ା ୱାର୍ଡନଂ. ୧୩ ମହୁଆଭଟା, ସମୟ: ସକାଳ ୮ଟା ୩୦।
- ବାଂଲାଦେଶରେ ହିନ୍ଦୁମାନଙ୍କୁ ଅତ୍ୟାଚାର ନେଇ ବିଶାଳ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କୋଶଳି ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ସାଂସ୍କୃତିକ ରଙ୍ଗମଞ୍ଚ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- ବିରାଟ ଧନୁଯାତ୍ରା ମହୋତ୍ସବର ଅଷ୍ଟମ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।

## ବୌଦ୍ଧ

- ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ ପାଳନ,ସ୍ଥାନ: ରିଜର୍ଭ କାର୍ଯ୍ୟାଳୟ ବଲାଶିଙ୍ଗା, ବୌଦ୍ଧ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।
- ବୌଦ୍ଧ ପୁସ୍ତକ ମେଳାର ଚତୁର୍ଥ ଦିବସ, ସ୍ଥାନ: କଚେରୀ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜିର ଗ୍ରହ ପ୍ରଭାବରେ ବିଭିନ୍ନ ଦିଗରୁ ଅର୍ଥ ସମାଗମ ହେବ କିନ୍ତୁ ସମସ୍ୟା ଛାଡିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ସନ୍ତାନଙ୍କ ବୈବାହ ଲାଗି ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ**: ବାଧକସ୍ଥାନରେ ତୃତୀୟାଧିପ ଯୋଗୁ ବନ୍ଧୁଙ୍କ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭ କଷ୍ଟକର ହେବ। ସମ୍ପର୍କୀୟଙ୍କ ଚକ୍ରାନ୍ତରୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟାବହୁଳ ହୋଇପାରେ। ଅନ୍ତର୍ଦ୍ୱନ୍ଦ୍ୱ ପାଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ**: ଧନସ୍ଥାନରେ ମଙ୍ଗଳଙ୍କ ସ୍ଥିତି ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ନିଶ୍ଚିତ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ପ୍ରତିବନ୍ଧକ କାରଣରୁ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ**: ଏକାଦଶସ୍ଥାନରେ ବୃହସ୍ପତି ଥିବାରୁ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଓ ପକ୍ଷପାତିତା ଅଶାନ୍ତିର କାରଣ ହେବ।

**ସିଂହ**: କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଅଭାବରୁ ମନସ୍ତାପ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଦେହ ଭଲ ରହିବା ସାଙ୍ଗକୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା**: ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ନିଜଲୋକମାନଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବାରେ ସମର୍ଥ ହେବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ବୁଝି ପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ମନକୁ ଆସିବ।

**ତୁଳା**: ଧନାଧିପ ଭାଗ୍ୟସ୍ଥ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବନ୍ଧୁଙ୍କ ଜରିଆରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ଠିକ୍ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି।

**ବିଛା**: ଚତୁର୍ଥସ୍ଥ ଶନି ଆପଣଙ୍କ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣାଗୁଡ଼ାକ ଅସାଧାରଣ ମନେହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**: ଆଜି ଖର୍ଚ୍ଚ ବୃଦ୍ଧି କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଆଶାନୁରୂପକ ସଫଳତା ହାସଲରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାତେ ଅନୁତାପ କରିବାକୁ ପଡିପାରେ।

**ମକର**: ଆପଣଙ୍କ ବନ୍ଧୁଙ୍କ ପ୍ରତି ଅନୁରକ୍ତି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଅଫିସ କାମରେ ଫାଇଲ୍ କାମ ଅଟକିବା ସକାଶେ ଅନୁତପ୍ତ ହେବେ । ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତି ରହିପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ**: ପଦାଧିକାରୀଙ୍କ ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ**: ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ଡିସେମ୍ବର ୬ ତାରିଖ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଡ. ରାଧାନାଥ ରଥଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଶୁକ୍ରବାର, ମତାନ୍ତରରେ ସୀତାବିବାହ, ମନସା ପଞ୍ଚମୀ, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀ ପୂଜା, ରାଶି–ନକ୍ଷତ୍ର–ଶ୍ରବଣା/ମକର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୧୨ ମି. ଗତେ ଘ.୦୬।୫୫ମି. ମଧ୍ୟେ, ଘ.୦୭।୩୮ମି. ଗତେ ଘ.୦୮.୫୪ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୦.୧୬ମି. ଗତେ ଘ.୧୧।୩୭ମି. ମଧ୍ୟେ ରାହୁ କାଳ।


ଅଲ୍ଲୁ ଅର୍ଜୁନ

# ପ୍ରଥମ ଦିନରେ 'ପୁଷ୍ପା–୨'ର ରେକର୍ଡ

**ହାଇଦ୍ରାବାଦ:** ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା ଦି ରୁଲ୍' ଚଳଚ୍ଚିତ୍ର ଗୁରୁବାର ରିଲିଜ୍ ହେବା ସହ ନୂତନ ରେକର୍ଡ ସୃଷ୍ଟି କରିଛି। ବିଭିନ୍ନ ଫିଲ୍ମର ବକ୍ସ ଅଫିସ୍ କଲେକ୍ସନକୁ ନେଇ ବିଶ୍ଳେଷଣ କରୁଥିବା ମିଡିଆ କମ୍ପାନୀ 'ସାକ୍‌ନିଲ୍କ'ର ରିପୋର୍ଟ ଅନୁଯାୟୀ ରିଲିଜ୍ ହେବାର ପ୍ରଥମ ଦିନରେ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରର ବ୍ୟବସାୟ ବିଶ୍ୱବ୍ୟାପୀ ୨୫୦ କୋଟି ଟପିଛି। ଗୁରୁବାର ରାତି ୧୨ଟା ସୁଦ୍ଧା କେବଳ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ 'ପୁଷ୍ପା ୨' ୧୭୫ କୋଟି ଟଙ୍କା ସଂଗ୍ରହ କରିଛି। ତେଲୁଗୁ, ତାମିଲ, ମାଲୟାଲମ, କନ୍ନଡ଼ ଏବଂ ହିନ୍ଦୀ ଆଦି ୫ ଭାଷାରେ ଏହି ଫିଲ୍ମ ରିଲିଜ୍ ହୋଇଛି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଲ୍ଲୁଙ୍କ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି।

**ଫୁର୍‌ସତ**

# ୭୪ ବର୍ଷରେ ଅଣ୍ଡାଦେଲା ସବୁଠୁ ବୟସ୍କ ପକ୍ଷୀ

**ୱାଶିଂଟନ:** ସମସ୍ତ ପ୍ରକାରର ଅସୁବିଧାକୁ ସାମ୍ନା କରି ବିଶ୍ୱର ସବୁଠାରୁ ବୟସ୍କ ବଣୁଆ ପକ୍ଷୀ ଏକ ଅଣ୍ଡା ଦେଇଛି। ୱିଜ୍‌ଡମ ନାମକ ଏହି ଲେସନ ଅଲବାଟ୍ରସ୍ ଜାତୀୟ ଏହି ପକ୍ଷୀ ଆମେରିକାର ହାୱାଇ ଦ୍ୱୀପପୁଞ୍ଜର ଉତ୍ତର ଦିଗରେ ଅବସ୍ଥିତ ମିଡ୍‌ୱେ ଏଟୋଲ ନ୍ୟାଶନାଲ ୱାଇଲ୍ଡ ଲାଇଫ୍ ଆଶ୍ରୟସ୍ଥଳରେ ଏକ ଅଣ୍ଡା ଦେଇଥିବା ସହ ଏହାର ଦେଖାଶୁଣା କରୁଥିବାର ରେକର୍ଡ ହୋଇଛି। ଏନେଇ 'ଆମେରିକା ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ସେବା(ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍)–ପ୍ରଶାନ୍ତ ମହାସାଗର ଅଞ୍ଚଳ' ପକ୍ଷରୁ ଗୁରୁବାର ଏକ୍ସ'ରେ ସୂଚନା ଦିଆଯିବା ସହ କିଛି ପୋଷ୍ଟ ମଧ୍ୟ ଶେୟାର କରାଯାଇଛି। ଲେସନ୍ ଅଲବାଟ୍ରସ୍ ଜାତୀୟ ପକ୍ଷୀ ସାଧାରଣତଃ ୧୨ରୁ ୪୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। ତେବେ ୱିଜ୍‌ଡମ ଏତେ ଦିନ ଧରି ବଞ୍ଚିବା ସହ ବୟସ୍କ ଅବସ୍ଥାରେ ଅଣ୍ଡା ଦେବା ଘଟଣାକୁ ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍ ଦୁର୍ଲଭ ବୋଲି କହିଛି। ୱିଜ୍‌ଡମକୁ ପ୍ରଥମଥର ପାଇଁ ୧୯୫୬ରେ ଚିହ୍ନଟ କରାଯାଇଥିଲା। ସେତେବେଳେ ଏହାର ବୟସ ମାତ୍ର ୬ ବର୍ଷ ହୋଇଥିଲା।



୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୨୪ | Bhubaneswar, Friday, December 6/2024 | ପୃଷ୍ଠା-୧


# ଚାଷଜମି ହ୍ରାସ ନୂଆ ଚ୍ୟାଲେଞ୍ଜ: ରାଷ୍ଟ୍ରପତି

**ଭୁବନେଶ୍ୱର,୫।୧୨(ବନ୍ଦନା ସେଠୀ)**

କୃଷି ଓ କୃଷକର ଉନ୍ନତି ବିନା ଦେଶର ଉନ୍ନତି ସମ୍ଭବ ନୁହେଁ। ଭାରତ ନିଜର ବହୁବିଶେଷତ୍ୱ ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭବ ଯଥା ସଂସ୍କୃତି ଓ କୃଷି ପାଇଁ ପ୍ରସିଦ୍ଧ। ଆମ ସଂସ୍କୃତି, ପରମ୍ପରା ଏବଂ ଜୀବନଜୀବିକାର ଆଧାର ହେଉଛି କୃଷି। ହେଲେ ମୁଣ୍ଡପିଛା ଚାଷଜମି ପରିମାଣ ହ୍ରାସ ଏବେକାର ସମୟରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାସହ କୃଷିକ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ମଧ୍ୟ ଚିନ୍ତା ବଢ଼ାଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଗୁରୁବାର ଓୟୁଏଟିରେ ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଲେ, ଉର୍ବର ମାଟି, ବିବିଧ ଜଳବାୟୁ, ପରିପୂର୍ଣ୍ଣ ପ୍ରାକୃତିକ ସମ୍ପଦ, ସକ୍ଷମ ଲୋକବଳ ତଥା ଉନ୍ନତ ଜ୍ଞାନକୌଶଳ ଆମ ଦେଶର କୃଷିକୁ ଆଗେଇନେବାରେ ସମର୍ଥ ରହିଛି। ତେବେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ, ଅଧିକ କୀଟନାଶକ ବ୍ୟବହାର କୃଷିକ୍ଷେତ୍ରରେ କୁପ୍ରଭାବ ପକାଉଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ, ଦେଶୀୟ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଏବଂ ସ୍ଥାନୀୟ ପ୍ରାକୃତିକ ସମ୍ବଳର ସମୁଚୀନ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବୈଜ୍ଞାନିକଙ୍କୁ ସମୟ ଉପଯୋଗୀ ଜ୍ଞାନକୌଶଳର ବିକାଶ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ରଘୁବର ଦାସ କହିଲେ, ଦୀକ୍ଷାନ୍ତ ସମାରୋହ କେବଳ ଛାତ୍ରୀଛାତ୍ରଙ୍କ ସଫଳତା ଓ ଉପଲବ୍ଧତାର ପର୍ବ ନୁହେଁ, ବରଂ ସେମାନଙ୍କ ନୂଆ କ୍ୟାରିୟରର ଶୁଭାରମ୍ଭ କରିବାର ☞ପୃଷ୍ଠା-୧୦

## ମାଣ୍ଡିଆରାଣୀ ରାଇମତି ଘିଉରିଆଙ୍କୁ ଡକ୍ଟରେଟ୍ ଉପାଧି

**କୁନ୍ଦୁରା,୫।୧୨(ସନ୍ତୋଷ ପ୍ରହରାଜ)**

ଜୈବିକ ପଦ୍ଧତିରେ ମାଣ୍ଡିଆ, ଧାନ ଚାଷ କରି ଜିଲା, ରାଜ୍ୟ ଏବଂ ସର୍ବଭାରତୀୟସ୍ତରରେ ଚର୍ଚ୍ଚାରେ ରହିଥିବା କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଲିମା ପଞ୍ଚାୟତ ନୂଆଗୁଡ଼ାର ମାଣ୍ଡିଆରାଣୀ ରାଇମତି ଘିଉରିଆଙ୍କୁ ଗୁରୁବାର ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛନ୍ତି। କୁନ୍ଦୁରା ବ୍ଲକ୍ ଲିମା ପଞ୍ଚାୟତର ନୂଆଗୁଡ଼ାରେ ପ୍ରାୟ ଶହେରୁ ଅଧିକ ଦେଶୀ ଧାନ ସଂଗ୍ରହକରି ରଖିବା ସହ ଜୈବିକ ପଦ୍ଧତିରେ ସେ ଚାଷ କରୁଛନ୍ତି। ଏମ୍ଏସ୍ ସ୍ୱାମୀନାଥନ ସଂସ୍ଥା ଦ୍ୱାରା ନୂଆଗୁଡ଼ାରେ ଏକ ଗ୍ରାମ୍ୟ ସାଧନ କେନ୍ଦ୍ର ଥିବାବେଳେ ସେଠାରେ ସମସ୍ତ ପ୍ରକାର ☞ପୃଷ୍ଠା-୧୦



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇମତିଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରୁଛନ୍ତି।

# ୨୦୨୫ରେ ବଢ଼ିବ ସାଇବର ଆକ୍ରମଣ

## ସ୍ୱାସ୍ଥ୍ୟସେବା, ଆର୍ଥିକ କ୍ଷେତ୍ର ପ୍ରତି ବିପଦ

**ନୂଆଦିଲ୍ଲୀ,୫।୧୨**

ପ୍ରଯୁକ୍ତିର ଅଗ୍ରଗତି ଲୋକଙ୍କୁ ଯେତିକି ସୁବିଧା ଦେଉଛି, ଏହାର ଦୁଷ୍ପରିଣାମ ମାନବ ସମାଜ ପାଇଁ ସେତିକି ବିପଦ ଆଣିଦେଇପାରେ। ଡାଟା ସିକ୍ୟୁରିଟି କାଉନ୍ସିଲ ଅଫ୍ ଇଣ୍ଡିଆ ଏବଂ ସେକ୍ରେଟ୍ ପକ୍ଷରୁ କରାଯାଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁଯାୟୀ, ୨୦୨୫ରେ ସାଇବର ଆକ୍ରମଣ ବଢ଼ିପାରେ। ଏହାର ପ୍ରଭାବରେ ସ୍ୱାସ୍ଥ୍ୟସେବା ଏବଂ ଆର୍ଥିକ କ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡିପ୍‌ଫେକ୍ ଟେକ୍ନୋଲୋଜିଜନିତ ବିପଦ ନୂଆବର୍ଷରେ ଏହି ଦୁଇ ସେକ୍ଟର ପାଇଁ ବିପଦ ସାଜିବ ବୋଲି ଇଣ୍ଡିଆ ସାଇବର ଥ୍ରେଟ୍ ରିପୋର୍ଟ-୨୦୨୫ରେ ଉଲ୍ଲେଖ କରାଯାଇଛି।



ପ୍ରକାଶିତ ରିପୋର୍ଟ ପ୍ରସ୍ତୁତି ବେଳେ ମୋଟ ୧୮ଟି ଶିଳ୍ପକୁ ନେଇ ଅଧ୍ୟୟନ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ, ସାଇବର ଅପରାଧୀମାନେ ରଣନୀତି ବଦଳାଇ ବିଭିନ୍ନ ସେକ୍ଟରକୁ ଟାର୍ଗେଟ କରିବା ପାଇଁ ଏଆଇର ବହୁଳ ବ୍ୟବହାର କରୁଛନ୍ତି। ବିଶେଷକରି ଡିପ୍‌ଫେକ୍ ଟେକ୍ନୋଲୋଜି ଏବଂ ପର୍ସନାଲାଇଜ୍‌ଡ ଆଟାକ୍ ଭେକ୍ଟର୍ସ ଜରିଆରେ ସେମାନେ ଅର୍ଥଲୁଟ୍ ଉଦ୍ୟମ ଚଳାଇଥିବାରୁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପ୍ରତିକାରମୂଳକ ପଦକ୍ଷେପ ମଧ୍ୟ କାମ କରୁନାହିଁ। ପାରମ୍ପରିକ ସୁରକ୍ଷା, ନିରାପତ୍ତା ଏଆଇ ପରିଚାଳିତ ମାଲ୍‌ୱେର ଆଗରେ ହାର ମାନୁଛି। ସେହିପରି ଡେଟାକୁ ଅସ୍ତ୍ର କରି କରାଯାଉଥିବା ଆକ୍ରମଣ ସମ୍ବେଦନଶୀଳ ଏଆଇ ସିଷ୍ଟମ୍‌ର ଦକ୍ଷତାକୁ ଊଣା କରିଦେଉଛି। ଏହାର ପ୍ରଭାବରେ ସ୍ୱାସ୍ଥ୍ୟସେବା ଓ ସ୍ୱୟଂଚାଳିତ ପରିବହନ ବ୍ୟବସ୍ଥା ବିପନ୍ନ ହୋଇପାରେ ବୋଲି ରିପୋର୍ଟରେ ସତର୍କ କରାଯାଇଛି। ଏଥିରେ ଆହୁରି କୁହାଯାଇଛି, ସାଇବର ଅପରାଧୀମାନେ ଡିପ୍‌ଫେକ୍ ଟେକ୍ନୋଲୋଜି ଉପଯୋଗ କରି ଭିଡିଓ, ଅଡ଼ିଓ କଣ୍ଟେଣ୍ଟ ପ୍ରସ୍ତୁତ କରିବେ। ଏହାଦ୍ୱାରା ସେମାନେ ଲୋକଙ୍କଠାରୁ ସମ୍ବେଦନଶୀଳ ତଥ୍ୟ ହାସଲ କରିବାରେ ସକ୍ଷମ ହେବେ। ଏପରିକି ସାଇବର ଅପରାଧୀମାନେ ରାନ୍‌ସମ୍‌ୱେର ସୃଷ୍ଟି କରି ଲୋକଙ୍କଠାରୁ ଅର୍ଥ ଅସୁଲି କରିପାରନ୍ତି ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି।

# ପୁଷ୍ପା-୨ ସ୍କ୍ରିନିଂ ବେଳେ ଦଳାଚକଟା: ମହିଳା ମୃତ

## ଅଲ୍ଲୁ ଅର୍ଜୁନଙ୍କ ନାଁରେ ମାମଲା

**ହାଇଦ୍ରାବାଦ, ୫।୧୨**

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ 'ପୁଷ୍ପା ଦି ରୁଲ୍' ଚଳଚ୍ଚିତ୍ର ଗୁରୁବାର ରିଲିଜ ହୋଇଯାଇଛି। ଏହା ପୂର୍ବରୁ ବୁଧବାର ରାତିରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଫିଲ୍ମର ସ୍କ୍ରିନିଂ କରାଯାଉଥିଲା। ଏହି ଅବସରରେ ଅଭିନେତା ଅଲ୍ଲୁ ଅର୍ଜୁନ ଅଚାନକ ସନ୍ଧ୍ୟା ଥିଏଟରରେ ପହଞ୍ଚି ଉପସ୍ଥିତ ଦର୍ଶକଙ୍କୁ ସରପ୍ରାଇଜ୍ ଦେଇଥିଲେ। ଅଚାନକ ଅଲ୍ଲୁଙ୍କୁ ନିକଟରେ ପାଇ ସେଠାରେ ଥିବା ଲୋକମାନେ ମତୁଆଲା ହୋଇଉଠିଥିଲେ। ଅତ୍ୟଧିକ ଭିଡ଼ ଏବଂ ଅଲ୍ଲୁଙ୍କ ଏକ ଝଲକ ପାଇବାକୁ ଦର୍ଶକଙ୍କ ମଧ୍ୟରେ ଠେଲାପେଲା ଏବଂ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦଳାଚକଟାରେ ଜଣେ ୩୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ତାଙ୍କର ୧୨ ବର୍ଷୀୟ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ଜଣଙ୍କ ସହରର ଦିଲସୁଖନଗର ନିବାସୀ ରେଭତି ହୋଇଥିବାବେଳେ ସେ ସ୍ୱାମୀ ଭାସ୍କର ଓ ୨ ପିଲା ତେଜ୍ (୧୨) ଏବଂ ସାନଭିକା(୭)ଙ୍କୁ ଧରି 'ପୁଷ୍ପା-୨'ର ସ୍କ୍ରିନିଂକୁ ଉପଭୋଗ କରିବା ପାଇଁ ସନ୍ଧ୍ୟା ଥିଏଟର ଯାଇଥିଲେ। ଘଟଣାକୁ ନେଇ ପୋଲିସ କହିଛି, ସିନେମା ହଲ୍‌ରେ ଅଲ୍ଲୁ ଅର୍ଜୁନ ପହଞ୍ଚିବା ପରେ ତାଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଶାନ୍ତ ପଡ଼ିବା ପରେ ଗୁରୁତର ଥିବା ମହିଳା ଓ ତାଙ୍କ ପୁଅଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ହସ୍ପିଟାଲରେ ମହିଳାଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ଦର୍ଶକଙ୍କ ସୁରକ୍ଷାରେ ଅବହେଳା ଏବଂ ଭିଡ଼ ନିୟନ୍ତ୍ରଣରେ ☞ପୃଷ୍ଠା-୧୦




DSPL-237

ଓଡ଼ିଶା ଶାସନ

ଷଷ୍ଠ ଓଡ଼ିଶା ରାଜ୍ୟ
ପୁସ୍ତକ ମହୋତ୍ସବ-୨୦୨୪

ସ୍ଥାନ-ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଭୁବନେଶ୍ୱର
ତା. ୦୬ ଡିସେମ୍ବର ୨୦୨୪ ଠାରୁ ତା. ୧୭ ଡିସେମ୍ବର ୨୦୨୪ ରିଖ ପର୍ଯ୍ୟନ୍ତ

ଉଦ୍‌ଘାଟନୀ ଉତ୍ସବ

ମୁଖ୍ୟ ଅତିଥି
ଶ୍ରୀମତୀ ସୁରମା ପାଢ଼ୀ
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ଗରିମାମୟ ଉପସ୍ଥିତି
ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା
ଶ୍ରୀ ବାବୁ ସିଂ
ମାନ୍ୟବର ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ
ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ବିଜେତା ତଥା ବିଶିଷ୍ଟ ସାହିତ୍ୟିକ

ତା ୦୬.୧୨.୨୦୨୪ ରିଖ, (ଶୁକ୍ରବାର) ସନ୍ଧ୍ୟା ୬.୦୦ ଘଟିକା

ଆୟୋଜକ :
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-03029/13/0026/2425



ଭାରତୀୟ ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କୁ ସୋସିଆଲ ମେଡିଆରେ ପ୍ରସାରିତ ଆର୍ଥିକ ପରାମର୍ଶ ପ୍ରଦାନ କରୁଥିବା ଟପ୍ ମ୍ୟାନେଜ୍‌ମେଣ୍ଟର ନକଲି (ଡିପ୍‌ଫେକ୍) ଭିଡିଓ ପ୍ରତି ସତର୍କ କରୁଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଦୃଷ୍ଟିକୁ ଆସିଛି ଯେ ସୋସିଆଲ ମେଡିଆରେ ଗଭର୍ଣ୍ଣରଙ୍କ ନକଲି ଭିଡିଓ ପ୍ରସାରିତ ହେଉଛି ଯେଉଁଥିରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କେତେକ ନିବେଶ ଯୋଜନାକୁ ଆରମ୍ଭ କରିବା କିମ୍ବା ସମର୍ଥନ ପ୍ରଦାନ କରୁଥିବାର ଦାବି କରାଯାଇଛି । ଏହିସବୁ ଭିଡିଓରେ ଲୋକମାନଙ୍କୁ ଯାନ୍ତ୍ରିକ ଉପକରଣ ବ୍ୟବହାର ମାଧ୍ୟମରେ ଏଭଳି ଯୋଜନାଗୁଡ଼ିକରେ ଟଙ୍କା ବିନିଯୋଗ କରିବା ପାଇଁ ପରାମର୍ଶ ଦେବାର ପ୍ରୟାସ କରାଯାଉଅଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରୁଛି ଯେ ଏହାର ଅଧିକାରୀମାନେ ଏ ପ୍ରକାର କୌଣସି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନୁହନ୍ତି କିମ୍ବା ଏହାର ସମର୍ଥନ କରନ୍ତି ନାହିଁ ତଥା ଏସବୁ ଭିଡିଓ ନକଲି ଅଟେ । ଆରବିଆଇ ଏ ପ୍ରକାର କୌଣସି ଆର୍ଥିକ ବିନିଯୋଗ ପରାମର୍ଶ ଦିଏ ନାହିଁ ।

ତେଣୁ ସୋସିଆଲ ମେଡିଆରେ ପ୍ରସାରିତ ହେଉଥିବା ଏଭଳି ନକଲି (ଡିପ୍‌ଫେକ୍) ଭିଡିଓ ତଥା ତା'ର ଶିକାର ହେବାରୁ ନିଜକୁ ରକ୍ଷା କରିବା ପାଇଁ ସତର୍କ କରାଯାଉଅଛି ।

ଆରବିଆଇ ୱେବସାଇଟ ଭିଜିଟ କରିବା ପାଇଁ ସ୍କାନ୍ କରନ୍ତୁ

Issued in public interest by
भारतीय रिज़र्व बैंक
RESERVE BANK OF INDIA
www.rbi.org.in

ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। -ଶ୍ରୀମା



# ସୋସିଆଲ ମିଡିଆ ଓ ପିଲାଙ୍କ ସୁରକ୍ଷା



ପିଟର ଜି.କିର୍ଶ୍ଚିଲାଗର

ଅଷ୍ଟ୍ରେଲିଆ ବର୍ତ୍ତମାନ ୧୬ ବର୍ଷରୁ କମ୍ ପିଲାଙ୍କୁ ସୋସିଆଲ ମିଡିଆ ବ୍ୟବହାର କରିବାକୁ ବାରଣ କରିଛି। ବିଶେଷକରି ମେଟା (ଯାହା ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍‌ର ମାଲିକ) ଏବଂ ଟିକ୍‌ଟକ୍ ଭଳି କମ୍ପାନୀଗୁଡ଼ିକ ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ଯଦି ସେମାନେ ଯୁବକମାନଙ୍କୁ ନିଜ ପ୍ଲାଟ୍‌ଫର୍ମରୁ ଦୂରେଇରଖିବାରେ ବିଫଳ ହୁଅନ୍ତି ତେବେ ୩୨ ମିଲିୟନ ଡଲାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। କିନ୍ତୁ ଏକବିଂଶ ଶତାବ୍ଦୀରେ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଅଷ୍ଟ୍ରେଲିଆର ନୂତନ ନୀତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହିସବୁ ପ୍ଲାଟ୍‌ଫର୍ମକୁ ଯୋଗାଉଥିବା ସମସ୍ତ ଦେଶ ଏବଂ ରାଜ୍ୟ ସେମାନଙ୍କର ପିଲାମାନଙ୍କୁ କ୍ଷତିକାରକ ଆଡିକ୍ସନ ବା ଆସକ୍ତିରୁ ରକ୍ଷା କରିବାର ଦାୟିତ୍ୱ ରହିଛି। ଏହାସହ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ପିଲାଙ୍କ ଗଭୀର ଆସକ୍ତି ଉପରେ ଅନୁଧ୍ୟାନ କରିବାକୁ ଚେଷ୍ଟା କରୁଛନ୍ତି। ୨୦୧୭ରେ ଫେସ୍‌ବୁକ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସିଆନ୍ ପାର୍କର ପ୍ରକାଶ କରିଥିଲେ, ଆମେ କିପରି ଯଥା ସମ୍ଭବ ବ୍ୟବହାରକାରୀଙ୍କ ସମୟ ଏବଂ ସଚେତନ ଏକାଗ୍ରତା ଉପଯୋଗ କରିବୁ - ଏହି ସରଳ ପ୍ରଶ୍ନକୁ ଭିତ୍ତିକରି ପ୍ଲାଟ୍‌ଫର୍ମ ନିର୍ମାଣ ପ୍ରକ୍ରିୟା ପରିଚାଳିତ ହୋଇଥିଲା। କିନ୍ତୁ ଏହାର ଉତ୍ତର ମିଳିଲା ଯେ, ଏହି ସଂସ୍ଥାଗୁଡ଼ିକ ମଣିଷର ମନୋବୈଜ୍ଞାନିକ ଦୁର୍ବଳତାକୁ ଶୋଷଣ କରିବାକୁ ଉଦ୍ଦିଷ୍ଟ ଥିଲା।

ପାର୍କର ବ୍ୟାଖ୍ୟା କରିଛନ୍ତି, ବିଶେଷକରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଲାଇକ୍, କମେଣ୍ଟ, ଭିଉ ଏବଂ ଶେୟାରଗୁଡ଼ିକ ମଧ୍ୟମରେ ସୁଖଦ ଅନୁଭବ ବିତରଣ କରିବା ପାଇଁ ଡିଜାଇନ କରାଯାଇଛି। ଡୋପାମାଇନ ହେଉଛି ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ଆସକ୍ତି କ୍ଷେତ୍ରରେ ବଡ଼ ଭୂମିକା ନେଇଥାଏ। ପ୍ଲାଟ୍‌ଫର୍ମ ସହ ଯେତେ ଲୋକ ଜଡ଼ିତ ହେବେ ସେତେ ଅଧିକ ଡୋପାମାଇନ ସକ୍ରିୟ ହୋଇ ବ୍ୟବହାରକାରୀଙ୍କୁ ସେଥିରେ ବାନ୍ଧିରଖିଥାଏ। ପାର୍କର ଦୁଃଖ ପ୍ରକାଶକରି କହିଛନ୍ତି, ଏହା କେବଳ ଆମ ପିଲାମାନଙ୍କର ମସ୍ତିଷ୍କ ପାଇଁ କ'ଣ କରୁଛି ତାହା କେବଳ ଭଗବାନ୍ ଜାଣନ୍ତି। ଅନ୍ୟ ଜଣେ ପୂର୍ବତନ ଫେସ୍‌ବୁକ୍ କାର୍ଯ୍ୟନିର୍ବାହୀ ଚାମାଥ ପଲିହାପିଟିଆ କରିଥିବା ଦୋଷ ତାଙ୍କୁ ସାମାଜିକ ଗଣମାଧ୍ୟମ ବିରୋଧରେ କହିବା ପାଇଁ ପ୍ରେରିତ କରିଥିଲା। ବାସ୍ତବରେ ଏ ବାବଦରେ ତାଙ୍କର ଏକ ବିଚାର ଅଛି। ସେ ୨୦୧୭ରେ ଷ୍ଟାନ୍‌ଫୋର୍ଡର ଜଣେ ଦର୍ଶକଙ୍କୁ କହିଥିଲେ, "ତୁମେ ଏହା ଅନୁଭବ କରୁନାହଁ, କିନ୍ତୁ ତୁମର ପ୍ରୋଗ୍ରାମିଂ କରାଯାଉଛି।" ସୋସିଆଲ ମିଡିଆକୁ କିପରି (ଏବଂ କେତେ) ବ୍ୟବହାର କରାଯିବ ତାହା ଜଣଙ୍କ ବୌଦ୍ଧିକ ସ୍ୱାଧୀନତା ଉପରେ ନିର୍ଭରକରେ। କିନ୍ତୁ ଅନେକ ବ୍ୟବହାରକାରୀ ବିଶେଷକରି



ପିଲାମାନଙ୍କ ପାଇଁ ସୋସିଆଲ ମିଡିଆକୁ ତଥ୍ୟଯୁକ୍ତ କିମ୍ବା ସୁସ୍ଥ ପସନ୍ଦ ସକାଶେ ପ୍ରସ୍ତୁତ କରାଯାଇନାହିଁ। ୟୁରୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆଞ୍ଚଳିକ ଦପ୍ତର ଅନୁଯାୟୀ, ସମସ୍ୟାଭିତ୍ତିକ ସୋସିଆଲ ମିଡିଆ ବ୍ୟବହାର ଆସକ୍ତି ଯଥା ବ୍ୟବହାରକୁ ନିୟନ୍ତ୍ରଣ କରିବାରେ ଅକ୍ଷମତା ଏବଂ ବ୍ୟବହାର ନ କରିବା ସମୟରେ ଅନୁଭବରୁ ଓହରି ନ ଆସିପାରିବା ଭଳି ଲକ୍ଷଣ କିଶୋରମାନଙ୍କ ଠାରେ ଅଧିକ ବଢ଼ିଛି। ୨୦୧୮ରେ ବୃଦ୍ଧି ହାର ୭ % ଥିଲାବେଳେ ୨୦୨୨ରେ ଏହା ୧୧%ରେ ପହଞ୍ଚିଛି। ଆମେରିକାରେ ହାରାହାରି ସଂଖ୍ୟକ କିଶୋର ଦିନକୁ ୪.୮ ଘଣ୍ଟା ସୋସିଆଲ ମିଡିଆରେ କଟାଉଛନ୍ତି। ଏହିସବୁ ତଥ୍ୟ ଗମ୍ଭୀର ବିପଦକୁ ସୂଚିତ କରୁଛି। ସୋସିଆଲ ମିଡିଆରେ ପ୍ରତିଦିନ ୩ଘଣ୍ଟାରୁ ଅଧିକ ସମୟ ବିତାଉଥିବା କିଶୋରମାନେ ସେମାନଙ୍କ ସାଥୀଙ୍କ ତୁଳନାରେ ୨ଗୁଣ ଅଧିକ ଚିନ୍ତା ଏବଂ ଉଦାସୀନତାର ଶିକାର ହେଉଛନ୍ତି। ସୋସିଆଲ ମିଡିଆ ବ୍ୟବହାର ମଧ୍ୟ ଆତ୍ମବିଶ୍ୱାସ ହ୍ରାସ , ଦୁର୍ବ୍ୟବହାର ଏବଂ ଦୁର୍ବଳ ଶିକ୍ଷାଗତ ପ୍ରଦର୍ଶନ ସହ ଜଡ଼ିତ । ଏହା ମଧ୍ୟ ପ୍ରମାଣିତ ଯେ, ସୋସିଆଲ ମିଡିଆ ବ୍ୟବହାର ଯୋଗୁ ଗତ ଦଶନ୍ଧିରେ ଆମେରିକାର କିଶୋରମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରତିଶତ ବୃଦ୍ଧି ପାଇଛି। ଡବ୍ଲ୍ୟୁଏଚ୍‌ଓ କିଶୋରମାନଙ୍କୁ ସୋସିଆଲ ମିଡିଆ ବ୍ୟବହାରର ସମ୍ଭାବ୍ୟ କ୍ଷତିରୁ ରକ୍ଷା କରିବା ଲାଗି ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଛି। ଏପରିକି ଯୁବକବର୍ଗ ମଧ୍ୟ ଏହାର ବିପଦ ସମ୍ପର୍କରେ ସ୍ୱର ଉଠାଉଛନ୍ତି। ନଭେମ୍ବର ପ୍ରାରମ୍ଭରେ, ସୁଇଜରଲାଣ୍ଡର ଲୁସେର୍ନର କ୍ୟାଣ୍ଟନରେ ଆୟୋଜିତ ଯୁବ ସଂସଦ ସୋସିଆଲ ମିଡିଆ ଆସକ୍ତି କମାଇବା ପାଇଁ ନୁହେଁ, ବରଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ସୁରକ୍ଷା ଦୃଢ଼ କରିବା ପାଇଁ କ୍ୟାଣ୍ଟୋନାଲ କାଉନସିଲ ଅଫ୍ ଲୁକର୍ନେ ନିକଟରେ ଆବେଦନ କରିଥିଲା। ମାତାପିତା ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରି ଏହା କରିବାକୁ ଦାବି ଜଣାଇଥିଲା।

ଏହା ପୂର୍ବରୁ ପିଲାମାନେ କେବେ ନିଶା ଅଭ୍ୟାସରୁ ସେମାନଙ୍କୁ ରକ୍ଷାକରିବା ପାଇଁ ବୟସ୍କଙ୍କ ନିକଟରେ ଔପଚାରିକ ଭାବେ ଜଣାଇଥିଲେ କି? ତମାଖୁ ରଖିବା ଉପରେ ଥିବା ଆଇନକୁ ନେଇ ବିତର୍କ ଚାଲିଥିଲାବେଳେ ପିଲାଙ୍କୁ ଧୂମପାନ ବିପଦ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯିବା ଦରକାର ବୋଲି ଯୁବକମାନେ ଦାବି କରିଥିଲେ କି? କିନ୍ତୁ ସୋସିଆଲ ମିଡିଆରେ ଏପରି ଅନୁରୋଧ ବା ଦାବି କଥା ଉଠୁଛି ମାନେ ଏହା କେତେ କ୍ଷତିକାରକ ତାହା ଜଣାପଡୁଛି। ସୋସିଆଲ ମିଡିଆର ପରିଣାମ କେବଳ ପିଲାମାନଙ୍କଠାରେ ସୀମିତ ହୋଇ ରହିନାହିଁ। ପଲିହାପିଟିଆଙ୍କ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଭୁଲ୍ ତଥ୍ୟ ଏବଂ ଭୁଲ୍ ପ୍ରଚାରକରି ସମାଜକୁ ନଷ୍ଟ କରୁଛନ୍ତି। ପାର୍କର କହିଛନ୍ତି, ସୋସିଆଲ ମିଡିଆ ବ୍ୟକ୍ତିଗତ ତଥା ସମାଜ ସହ ତୁମର ସମ୍ପର୍କକୁ ବଦଳାଇଦିଏ। ସୋସିଆଲ ମିଡିଆ ମଧ୍ୟ ଏକ ଧ୍ରୁବୀକରରଣ ଯନ୍ତ୍ର ଏବଂ ହିଂସା ସୃଷ୍ଟି କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ବୋଲି ପ୍ରମାଣିତ ହୋଇଛି। ପାର୍କର ଭଲଭାବେ ଜାଣିଥିଲେ ଯେ ସେ ସୋସିଆଲ ମିଡିଆ ନିଶା ବଢ଼ାଇବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଫେସ୍‌ବୁକ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ, ଇନ୍‌ଷ୍ଟାଗ୍ରାମର ସହ-ପ୍ରତିଷ୍ଠାତା କେଭିନ୍ ସିଷ୍ଟ୍ରୋମ ଏବଂ ଅନ୍ୟମାନେ ମଧ୍ୟ ଏହା କରୁଥିଲେ। ପଲିହାପିଟିଆଙ୍କ ଅନୁଯାୟୀ, ଯେତେବେଳେ ସେ ଏବଂ ତାଙ୍କ ସହକର୍ମୀମାନେ ପରସ୍ପର ମଧ୍ୟ ଆଲୋଚନା କରିଥିଲେ ଯେ ଏଥିରେ କୌଣସି ଖରାପ ଘଟିବ ନାହିଁ, ସେତେବେଳେ ସେମାନେ ଅବଗତ ଥିଲେ ଯେ ଏଭଳି ନିଶ୍ଚିତ ଘଟିବ। ସେମାନଙ୍କର ସଂସ୍ଥାଗୁଡ଼ିକ ଅଧିକ ଉପଭୋକ୍ତା ତଥ୍ୟ ସଂଗ୍ରହ କରିପାରିଥାନ୍ତି, ଲକ୍ଷ୍ୟଭିତ୍ତିକ ଏବଂ ବ୍ୟକ୍ତିଗତ ବିଜ୍ଞାପନରୁ ଅଧିକ ଅର୍ଥ ଉପାର୍ଜନ କରପାରୁଥାଆନ୍ତି, କିନ୍ତୁ ପ୍ଲାଟ୍‌ଫର୍ମଗୁଡ଼ିକର ପରିଣାମ ଏତେ ବ୍ୟାପକ ଯେ, ତାହା ଦୂରକରିବା କଷ୍ଟକର।

ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ନିଜେ ସବୁ ସମସ୍ୟାର ସମାଧାନ କରିବେ ବୋଲି ଯେଉଁ ଧାରଣା ରହିଛି ତାହା ସତ ମନେହେଉନାହିଁ। କାରଣ ଏହି ସଂସ୍ଥାଗୁଡ଼ିକର ବ୍ୟବସାୟିକ ମଡେଲଗୁଡ଼ିକ ମୌଳିକ ଅଧିକାରର ଉଲ୍ଲଂଘନ ଉପରେ ପର୍ଯ୍ୟବସିତ। ସେଥିପାଇଁ ଯେଉଁ ସବୁ ଦେଶ କିମ୍ବା ଅନ୍ତର୍ଜାତୀୟ ସମୁଦାୟ ନିଜ ଲୋକଙ୍କ ସୁରକ୍ଷାକୁ ବଡ଼ ଦାୟିତ୍ୱ ବୋଲି ଗମ୍ଭୀରତାର ସହ ଗ୍ରହଣ କରନ୍ତି, ସେମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ଏକ ନୂତନ ନିୟାମକ ଢାଞ୍ଚା ଗଠନ ଏବଂ କାର୍ଯ୍ୟକାରୀ କରିବା ସକାଶେ ମିଳିତ ଭାବରେ କାର୍ଯ୍ୟକରିବା ଆବଶ୍ୟକ । ପ୍ରଥମ ପଦକ୍ଷେପ ହେଉଛି ଅଷ୍ଟ୍ରେଲିଆର ନେତୃତ୍ୱକୁ ଅନୁସରଣ କରିବା ଏବଂ ସୋସିଆଲ ମିଡିଆ ବ୍ୟବହାରରେ ବୟସ ସୀମା ବଢ଼ାଇବା ।

**ପ୍ରଫେସର ଅଫ୍ ଏଥିକ୍ସ, ୟୁନିଭର୍ସିଟି ଅଫ୍ ଲୁସେର୍ନେ**

## ଜୀବନ ଜିଇବାର ସୂତ୍ର



ପ୍ରଦେଶ ପ୍ରତ୍ୟୁଷ

ମଣିଷ ଜୀବନ ସଂଘର୍ଷପୂର୍ଣ୍ଣ। ଅନ୍ତୁଡ଼ିଶାଳରୁ ମଶାଣି ଭୂଇଁ ଯାଏ ସମଗ୍ର ଜୀବନର ଯାତ୍ରା। ଏହାରି ଭିତରେ ଜୀବନ ଯନ୍ତ୍ରଣାର ପରିଚୟ। ଟିକେ ଖୁସି ପାଇଁ ମଣିଷ ଅହରହ ଉଦ୍ୟମ କରେ। ମଣିଷର ପରିବେଶ ତା'ର ବ୍ୟବହାର ଓ ପରିବର୍ତ୍ତିତ ଜୀବନଶୈଳୀରେ ବଦଳୁଥିବା ସ୍ଥିତିର ସମାହାର। ସକାରାତ୍ମକ ବିଚାର ମନକୁ ପରିପୁଷ୍ଟ କରିଥାଏ। ଦୈନିକ ଜୀବନର ବାହାକ ସାଜେ ଉତ୍ତମ ବିଚାର ଓ ଭାବନା। ହେଲେ ଟିକିଏ ନକାରାତ୍ମକ ଭାବନା ସବୁ କିଛି ବିଗାଡ଼ି ଦିଏ। ଜୀବନର ଗତିପଥରେ ପ୍ରତିବନ୍ଧକ ସାଜେ। ମନରେ ମଳିନତା ଭରିଦିଏ। ଏହି ନେଗେଟିଭ ବା ନକାରାତ୍ମକ ଭାବନା ମଣିଷର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଏଥିରେ ଜୀବନର ଲକ୍ଷ୍ୟ ହାସଲ କରିବାରେ ନାନା ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ ଏବଂ ବ୍ୟକ୍ତି ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାଏ।

ନ୍ୟାଶନାଲ ହେଲ୍‌ଥ ସର୍ଭେର ଏକ ରିପୋର୍ଟ ଅନୁସାରେ, ଭାରତରେ ପ୍ରତି ୨୦ଜଣରେ ଜଣେ ବ୍ୟକ୍ତି ମାନସିକ ସମସ୍ୟାର ଶିକାର ହୋଇଥାନ୍ତି। ୧୫ ବର୍ଷ ବୟସରୁ ନେଇ ୪୯ ବୟସ ଯାଏ ଅଧିକାଂଶ ଲୋକ ଏହି ସମସ୍ୟାରେ ପୀଡ଼ିତ। ମନୋବୈଜ୍ଞାନିକଙ୍କ ମୁତାବକ, ଜୀବନରେ ବ୍ୟକ୍ତି ସତକୁ ସ୍ୱୀକାର କରିପାରେ ନାହିଁ। ଫଳରେ ନକାରାତ୍ମକତାକୁ ଆପଣାଇବାକୁ ଲାଗେ। ନେଗେଟିଭ ବିଚାରଧାରାର ବ୍ୟକ୍ତି ଛୋଟ ଛୋଟ କଥାରେ ପ୍ରତିକ୍ରିୟାଶୀଳ ହୋଇଯାଏ। ଏକୁଟିଆ ରହିବା ସହ ଅନ୍ୟସହ ନିଜର ତୁଳନା କରିବା ସହ ନିଜ ଯତ୍ନ ନେବାରେ ଅବହେଳା କରିଥାଏ।

ନେଗେଟିଭ ବିଚାରରୁ ମୁକ୍ତି ପାଇବାର ସରଳ ବାଟ ରହିଛି; ଯାହାକୁ ଆମେ କହିପାରିବା ଜୀବନ ଜିଇବାର ସୂତ୍ର। ୧- ସନ୍ତୁଷ୍ଟ ରହିବା ଶିଖିବା, ୨- ଅନ୍ୟମାନଙ୍କର ଭାବନାକୁ ନିଜ ଭିତରକୁ ଆଣିବା ନାହିଁ, ୩- ଅନ୍ୟ ସହ ନିଜକୁ ତୁଳନା କରିବା ନାହିଁ, ୪- ନିଜକୁ ଭଲ ପାଇବା ଶିଖିବା, ୫- ନେଗେଟିଭ ଲୋକଙ୍କଠାରୁ ଦୂରେଇ ରହିବା, ୬- ନିଜର କ୍ଷମତା ଅନୁସାରେ ଲକ୍ଷ୍ୟ ସ୍ଥିର କରିବା।

ପ୍ରତି ବ୍ୟକ୍ତିର ଜୀବନ ପରସ୍ପରଠାରୁ ଅଲଗା। ତା'ର ସୁଖ ଓ ଶୋକ ମଧ୍ୟ ଅନ୍ୟ ବ୍ୟକ୍ତିଠାରୁ ଅଲଗା ହିଁ ହେବ। ଏଥିରେ ବ୍ୟକ୍ତିର ତୁଳନାତ୍ମକ ବ୍ୟବହାର ଏହାର ଜୀବନରେ ନକାରାତ୍ମକତା କାରଣରୁ ହିଁ ହୋଇଥାଏ। ନିଜକୁ ଖୁସି ରଖିବା ପାଇଁ ଯାହା ବି ଅଛି, ଏଥିରେ ସନ୍ତୁଷ୍ଟ ରହିବାକୁ ପ୍ରୟାସ କରନ୍ତୁ। ଏହା ବ୍ୟତୀତ ନିଜକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଅନେକ ସମୟରେ କୌଣସି କାମକୁ ପରଫେକ୍ଟ କରିବାରେ ବ୍ୟକ୍ତିଙ୍କର ଆବଶ୍ୟକତାଠାରୁ ଅଧିକ ସମୟ ନଷ୍ଟ ହେବାରେ ଲାଗେ। ଏଥିରେ ମନରେ ଗୋଟେପଟେ ଚିଡ଼ିଚିଡ଼ା ତ ଆଉ ଗୋଟେ ପଟେ ନକାରାତ୍ମକ ଭାବନା ବଢ଼ିବାକୁ ଲାଗେ। ଏଥିପାଇଁ ପ୍ରତି ପରିସ୍ଥିତିରେ ନିଜକୁ ଖୁସି ରହିବାର ପ୍ରୟାସ କରିବା ଉଚିତ୍।

ପରିବାର, ସମ୍ପର୍କୀୟ ବା ବନ୍ଧୁଙ୍କ ଅନୁସାରେ ଜୀବନ ଜିଇବା ଛାଡ଼ି ନିଜ ଜୀବନର ଦାୟିତ୍ୱ ନିଜେ ହିଁ ନିଅନ୍ତୁ। ଅନ୍ୟ ଲୋକଙ୍କ ବିଚାରଧାରା ଓ ଦୃଷ୍ଟିକୋଣର ପ୍ରଭାବ ନିଜ ଉପରେ ପକାଇବାକୁ ଦିଅନ୍ତୁ ନାହିଁ। ତାଙ୍କର ପସନ୍ଦ ଓ ନାପସନ୍ଦକୁ ଏଡ଼େଇ ନିଜ ଅନୁସାରେ ଜୀବନ ବିତାନ୍ତୁ ଏବଂ ତାଙ୍କର କହିବାନୁସାରେ ନିଷ୍ପତ୍ତି ନେବାରୁ ନିବୃତ୍ତ ରୁହନ୍ତୁ। ଅନ୍ୟର କଥାକୁ ଅଣଦେଖା କରି ଜୀବନରେ ଆଗେଇ ଚାଲନ୍ତୁ। ଏଥିରେ ନକାରାତ୍ମକତା ଠାରୁ ଦୂରେଇ ପାରିବେ। ଆପଣଙ୍କ ପାଖରେ ଯାହା ବି ଅଛି, ଏଥିପାଇଁ କୃତଜ୍ଞ ରୁହନ୍ତୁ। ନିଜର ତୁଳନା ଅନ୍ୟ ଜଣଙ୍କ ସହ କରିବାରେ ମନ ନେଗେଟିଭ ବିଚାରରେ ଭରିଯାଏ। ଏଥିପାଇଁ ନିଜର ଆବଶ୍ୟକତା ଉପରେ ଦୃଷ୍ଟିଦେଇ ଅନ୍ୟର ନକଲ କରିବା ତ୍ୟାଗ କରନ୍ତୁ। ନିଜର ଧ୍ୟାନ ନିଜେ ରଖନ୍ତୁ। ପ୍ରତିଦିନ ଏକ୍ସରସାଇଜ କରନ୍ତୁ, ସମୟାନୁସାରେ ଶୁଅନ୍ତୁ। ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ। ସମ୍ପର୍କୀୟ ଓ ପରିବାର ସହ ସମୟ ବିତାନ୍ତୁ। ଏସବୁ କରିବା ଦ୍ୱାରା ଆପଣଙ୍କ ଜୀବନରେ ସକାରାତ୍ମକ ଭାବନା ଆସିବ। ଯେବେ ଆମେ ନେଗେଟିଭ ଲୋକଙ୍କ ନିକଟତର ହୋଇଥାଉ ସେତେବେଳେ ନ ଚାହିଁଲେ ମଧ୍ୟ ଆମ ଭିତରେ ନକାରାତ୍ମକ ବିଚାର ପ୍ରବେଶ କରିବାକୁ ଲାଗେ। ଏଥିପାଇଁ ଏମିତି ଲୋକଙ୍କ ସହ ରୁହନ୍ତୁ, ଯିଏ ଆପଣଙ୍କୁ ଜୀବନରେ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି। ଅନେକ ସମୟରେ ଆମ୍ଭେମାନେ ଆମ କ୍ଷମତା ବାହାରେ ଥିବା ଲକ୍ଷ୍ୟ ସ୍ଥିର କରିଥାଉ, ଯାହା କି ପୂରା ହୋଇପାରି ନ ଥାଏ। ଫଳରେ ମନ ଊଣା ହୋଇଯାଏ। ନକାରାତ୍ମକତା ମନରେ ପ୍ରବେଶ କଲେ ମଣିଷ ହତୋତ୍ସାହିତ ହୋଇଯାଏ। ଅନ୍ୟକୁ ଦେଖି ଭବିଷ୍ୟତର ନିଷ୍ପତ୍ତି ନେବାରୁ ନିବୃତ୍ତ ରୁହନ୍ତୁ।

କୁରୁମଟାଙ୍ଗର, ମହୁଲପଡ଼ା, ଢେଙ୍କାନାଳ
ମୋ :୭୦୦୮୪୩୧୨୫୭

## ଏଇ ଭାରତରେ

ଜୈବିକ କୃଷିର ବିସ୍ତାର ପାଇଁ ତାମିଲନାଡୁର ସଲାଇ ଅରୁଣଙ୍କ ପ୍ରୟାସ ପ୍ରଶଂସନୀୟ। ଅରୁଣଙ୍କ ବୟସ ଏବେ ୩୨। ସେ ମଙ୍ଗଳମ୍ ନାମକ ଏକ ଛୋଟ ଗାଁରେ ରହି ଜୈବିକ କୃଷ ସମ୍ପର୍କରେ ସଚେତନତା ସୃଷ୍ଟି କରାଉଛନ୍ତି। ସେ ଜୈବିକ କୃଷି ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ପରେ ତାଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା। ସେ ଜୈବିକ କୃଷି ପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ଦେଶୀ ବିହନ ସଂଗ୍ରହ କରି ଏକ ସିଡ୍ ବ୍ୟାଙ୍କ କରିଛନ୍ତି। ଏହି ସିଡ୍ ବ୍ୟାଙ୍କ୍‌କୁ ୩୦୦ ଟଙ୍କାରେ ସେ ଆରମ୍ଭ କରିଥିଲେ। ପରେ ସେ ଚାଷରୁ ଯାହା ଆୟ କରନ୍ତି ତାହାକୁ ବିହନ ସଂଗ୍ରହ କାର୍ଯ୍ୟରେ ବ୍ୟୟ କରି ଚାଲିଛନ୍ତି। ଏବେସୁଦ୍ଧା ଅରୁଣ ୩୦୦ରୁ ଅଧିକ ପ୍ରକାର ଦେଶୀ ଫଳ ଓ ପରିବା ବିହନ ସଂଗ୍ରହ କରି ଏହି ବ୍ୟାଙ୍କରେ ରଖିଛନ୍ତି। ଏଥି ମଧ୍ୟରେ ରହିଛି ୧୦ପ୍ରକାର ବିନ୍ସ, ୨୦ ପ୍ରକାର ଟମାଟୋ,୧୦ ପ୍ରକାର ଲଙ୍କା ଓ ୧୦ ପ୍ରକାର ଜହ୍ନି ସମେତ ଅନ୍ୟ ସବୁ ଫଳ ଓ ପରିବା ବିହନ। ଏଗୁଡ଼ିକୁ ସଂଗ୍ରହ କରିବା ଲାଗି ଅରୁଣ ଦେଶରେ ୮୦ ହଜାର କିଲୋମିଟର ଭ୍ରମଣ କରିବା ସହ ୫୦୦ରୁ ଅଧିକ କୃଷକଙ୍କୁ ସାକ୍ଷାତ କରିଛନ୍ତି। ବର୍ତ୍ତମାନ ତାଙ୍କ ଗାଁ ଆଖପାଖର ଚାଷୀମାନେ ସିଡ ବ୍ୟାଙ୍କରୁ ବିହନ ଦେଇ ସେ ଜୈବିକ କୃଷିକୁ ଆଗକୁ ନେଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୭୫

- କଳାହାଣ୍ଡି ଜିଲାର ମଦନପୁର ରାମପୁର ନିର୍ବାଚନମଣ୍ଡଳୀର ବିଧାନସଭା ସଦସ୍ୟ ଶରତ ଚନ୍ଦ୍ର ସିଂହଦେଓଙ୍କ ୪୦ ବର୍ଷ ବୟସରେ ପରଲୋକ।
- ଦେଶର ବିଭିନ୍ନ ଅଞ୍ଚଳରେ ପିଆଜ ଦର ଆଶାତୀତ ବୃଦ୍ଧି ପାଇଥିବା ଦୃଷ୍ଟିରୁ ପିଆଜ ରପ୍ତାନି ବନ୍ଦ କରିବା ପାଇଁ କେନ୍ଦ୍ର ଶିଳ୍ପ ଓ ଯୋଗାଣ ବିଭାଗ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି।
- ବ୍ରିଟେନର ବିରୋଧୀ ଦଳ ଜାଠ ଦଳର ମୁଖ୍ୟ ଭାବରେ ମାର୍ଗରେଟ ଥ୍ୟାଚର ଦ୍ୱିତୀୟ ଥର ପାଇଁ ନିର୍ବାଚିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 6 | | | | |
| | 3 | 2 | | | 7 | 6 | | |
| | 8 | | | | | | | |
| | | | 5 | | | | | 9 |
| | | | | | | | 5 | |
| | 4 | 9 | | 3 | 1 | 8 | 6 | |
| | 9 | 8 | 7 | 5 | | | | 1 |
| 7 | | 6 | | | 3 | | | 2 |
| | | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 4 | 8 | 2 | 6 | 1 | 5 | 9 |
| 1 | 2 | 9 | 3 | 5 | 7 | 4 | 8 | 6 |
| 5 | 6 | 8 | 4 | 1 | 9 | 2 | 3 | 7 |
| 3 | 1 | 7 | 9 | 4 | 8 | 5 | 6 | 2 |
| 9 | 4 | 2 | 7 | 6 | 5 | 8 | 1 | 3 |
| 6 | 8 | 5 | 1 | 3 | 2 | 7 | 9 | 4 |
| 8 | 9 | 6 | 5 | 7 | 4 | 3 | 2 | 1 |
| 4 | 5 | 1 | 2 | 9 | 3 | 6 | 7 | 8 |
| 2 | 7 | 3 | 6 | 8 | 1 | 9 | 4 | 5 |

ଗତକାଲିର ଉତ୍ତର

# ଛୁରି, ଛୁଞ୍ଚି, କଇଁଚି ଉପାଖ୍ୟାନ



ଉପେନ୍ଦ୍ର ବିଶ୍ୱାଳ

ନୈତିକତା ଦୃଷ୍ଟିରୁ ଡାକ୍ତରମାନେ ସର୍ବଦା ରୋଗୀଙ୍କ ଯନ୍ତ୍ରଣା ଉପଶମ କରିବାକୁ ପ୍ରାଣପଣେ ପ୍ରୟାସ କରିଥା'ନ୍ତି। କିନ୍ତୁ ରୋଗୀମାନଙ୍କୁ ଯନ୍ତ୍ରଣା ଜର୍ଜରିତ କରିବାକୁ କଦାପି ନୁହେଁ। ସେଇଥିପାଇଁ ତ ସେମାନଙ୍କୁ ଜଣେ ଜଣେ ଦେବଦୂତ ବା ଦ୍ୱିତୀୟ ଈଶ୍ୱର ଭାବେ ବିବେଚନା କରାଯାଏ। ମାତ୍ର ବ୍ୟତିକ୍ରମ ଏବଂ ବିଷୟ ହେଉଛି ଛୁରି, ଛୁଞ୍ଚି, କଇଁଚିଙ୍କ ବଦମାସି ସ୍ୱଭାବ ଯୋଗୁ ତୁଛାଟାରେ ବଦ୍‌ନାମ ହୁଅନ୍ତି ବିଚରା ଡାକ୍ତରମାନେ। ଭଗବାନ ସିନା ଆମକୁ ମନୁପୁତ୍ର ମ୍ୟାନ ବା ମଣିଷ ରୂପେ ଗଢ଼ିଛନ୍ତି। ମାତ୍ର ଆମକୁ ମ୍ୟାନରୁ ଜେଣ୍ଟଲମ୍ୟାନ ଭାବେ ଗଢ଼ିବାରେ ବିଶେଷ ଭୂମିକା ନିର୍ବାହ କରିଥା'ନ୍ତି ଛୁଞ୍ଚି ଏବଂ କଇଁଚି। ଏ ଦୁହେଁ କେବଳ ଦରଜୀ ଭାଇଙ୍କ ଦରଦୀ ବନ୍ଧୁ ନୁହନ୍ତି, ଦ୍ୱିତୀୟ ଭଗବାନଙ୍କ ଅତି ନିକଟତର ମଧ୍ୟ। ସେଥିପାଇଁ ଏ ଦୁହିଁଙ୍କ ବହପ କାହିଁରେ କେତେ। ଚଇନି ଚିକ୍କଣ ହୋଇ ଚିକିତ୍ସକମାନଙ୍କ ପାଖେ ସଦା ଚକ୍କର କାଟୁଥା'ନ୍ତି ଏମାନେ। ଏମାନେ ଯେମିତି ବୋଲକରା, ସେମିତି ଅବୋଲକରା ମଧ୍ୟ। ବୋଲକରା ଛୁଞ୍ଚି ଓ କଇଁଚିମାନେ ଡାକ୍ତରମାନଙ୍କ ଢେର ଡାକହାକ ଶୁଣନ୍ତି, ବୋଲ ମାନନ୍ତି। ରୋଗୀମାନେ ଯଦି ଡାକ୍ତରଙ୍କୁ ଖୁସି କରେଇପାରିଲେ, ତେବେ ଏମାନେ ରୋଗୀଙ୍କ ସେବାରେ ଅତି ନିଷ୍ଠାର ସହିତ ଲାଗିପଡ଼ନ୍ତି। ରୋଗୀଟି ମଧ୍ୟ ଆରୋଗ୍ୟ ଲାଭକରି ଘରକୁ ଫେରେ। ମାତ୍ର ମୁନିବଙ୍କୁ (ଡାକ୍ତରଙ୍କୁ) ଖୁସି କରେଇ ନ ପାରିଲେ ଏମାନେ ଦୟାମାୟା ଭୁଲିଯା'ନ୍ତି। ଚତୁର ଛୁଞ୍ଚିଟି ଯେମିତି ଛଳ, ଛନ୍ଦ ରଚେ ସେମିତି ବି କପଟିଆ କଇଁଚିଟି କଂସେଇ ସମ କ୍ରୁର ପାଲଟିଯାଏ। ତା'ପରେ ରୋଗୀଟି ଅଖା ଧୋଉଥାଏ, ଗୁଣ ଗାଉଥାଏ। ରୋଗୀଟି ବିଚରା କଳବଳ ହୋଇ କଦର୍ଥନ ଭୋଗିବା ସାର ହୁଏ। ଅବଶ୍ୟ ଏହି ତିନି ଯନ୍ତ୍ରର ଟିକିଏ ରସିକିଆ ସ୍ୱଭାବ ରହିଥାଏ। ସୁନ୍ଦରୀମାନଙ୍କୁ ଦେଖିଦେଲେ ଏମାନଙ୍କ ରସିକିଆପଣ ଉଛୁଳି ଉଠେ। କହିବାକୁ ଗଲେ, ଡାକ୍ତରମାନଙ୍କୁ ଏମାନେ ଏକପ୍ରକାର ବାଧ୍ୟ କରିଥା'ନ୍ତି ସିଜରିଆନ ପାଇଁ। ଯେଉଁଥିପାଇଁ କି ଛୁଟିକାମାନଙ୍କ ମଧ୍ୟରୁ ଆଜି ପ୍ରାୟ ୯୫ ଭାଗ ଗର୍ଭମୋଚନ ସିଜରିଆନ ପଦ୍ଧତିରେ ହେଉଛି। କହିଲେଦେଖି, ଏଥିରେ ଡାକ୍ତରଙ୍କ ଭୁଲ୍ ରହିଲା କେଉଁଠି? ଏମାନଙ୍କ ଯୋଗୁ ବିଚରା ନିରୀହ ଡାକ୍ତରମାନେ କେତେ ଯେ ହଟହଟା, ବଦ୍‌ନାମ ହୁଅନ୍ତି ତାହା କହିଲେ ନ ସରେ। ଗଣମାଧ୍ୟମରେ ପ୍ରକାଶ ପାଏ ଡାକ୍ତରଙ୍କ ଚିକିତ୍ସାର ଅବହେଳା/ଭୁଲ୍ ଯୋଗୁ ମହିଳାଙ୍କପେଟରୁ କଇଁଚି/ଛୁଞ୍ଚି ବାହାରିଲା। (ବେଳେବେଳେ ତ କଇଁଚି ଓ ଛୁଞ୍ଚି ସହିତ ଗଜକନା ବାହାରିଥାଏ)। ଗଣମାଧ୍ୟମରେ ଚର୍ଚ୍ଚିତ ଅନେକ ଘଟଣାବଳୀ ମଧ୍ୟରୁ ଦୃଷ୍ଟାନ୍ତସ୍ୱରୂପ ମାତ୍ର ତିନୋଟି ରୋଚକ ଘଟଣା ନିମ୍ନମତେ। ୨୦୧୧ରେ ପୁରୀ ଜିଲାର ଭାରତୀ ବିଶ୍ୱାଳ ନାମ୍ନୀ ଜଣେ ଗର୍ଭବତୀ ଡାକ୍ତରଙ୍କ ନିକଟରେ ଚିକିତ୍ସା ହେଉଥିଲେ। ଜଟିଳ ସମସ୍ୟା ବୋଲି କହି ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ଜରିଆରେ ଗର୍ଭପାତ କରେଇଲେ। ପୁତ୍ର ସନ୍ତାନର ମାଆ ଜଣକ ପରବର୍ତ୍ତୀ ସମୟରେ ତଳିପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କଲେ। ବିଭିନ୍ନ ସମୟରେ ଡାକ୍ତରମାନେ ତାଙ୍କୁ ଯନ୍ତ୍ରଣା ନିବାରକ କିଛି ଔଷଧ (ପେନକିଲର) ସେବନ କରିବାକୁ ପରାମର୍ଶ ଦେଇଥିଲେ। ଦୀର୍ଘଦିନ ଧରି ବିଭିନ୍ନ ପ୍ରକାର ଔଷଧ ସେବନ କଲାପରେ ବି



ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ଶେଷରେ ଅଲ୍ଟ୍ରାସାଉଣ୍ଡ କରିବା ପରେ ଜଣାପଡ଼ିଲା ଯେ ମହିଳାଙ୍କ ତଳିପେଟରେ ଛୁଞ୍ଚି ରହିଯାଇଛି। ଥର ଥର କରି ଦୁଇଥର, ମାନେ ପ୍ରଥମେ ବିଫଳ ହେବାପରେ ଏକ ୧୫ ଜଣିଆ ଡାକ୍ତରୀଦଳ ଦ୍ୱିତୀୟ ଥର ଅସ୍ତ୍ରୋପଚାର କରି ସେହି ଛୁଞ୍ଚିକୁ ବାହାର କରିବାରେ ସକ୍ଷମ ହୋଇଥିଲେ। ଅର୍ଥାତ୍ ଅସ୍ତ୍ରୋପଚାର ମାଧ୍ୟମରେ ପିଲା ଜନ୍ମବେଳେ ଗୋଟିଏ ସାମାନ୍ୟ ଛୁଞ୍ଚିର ଯୋଗୁ ଜଣେ ଯୁବତୀଙ୍କୁ ଆଉ ଦୁଇଥର ପୁଣି ଅସ୍ତ୍ରୋପଚାରଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା। ତା'ସହିତ ଦୀର୍ଘ ୧୨ବର୍ଷ କାଳ ନାନାଦି ଯନ୍ତ୍ରଣାରେ କଳବଳ ହେଲେ ସେ ଗର୍ଭବତୀ ଏବଂ ତାଙ୍କ ପରିବାର।

ଅବଶ୍ୟ ଏଇ ନିକଟରେ (୨୦୨୪ ମସିହାରେ) ଉଚ୍ଚ ନ୍ୟାୟାଳୟ ଏହାର ଗମ୍ଭୀରତାକୁ ଉପଲବ୍ଧି କରି, ତାହାକୁ ଏକ ଗୁରୁତର ଅପରାଧ ବୋଲି ବିବେଚନା କରି ମହିଳାଙ୍କୁ କ୍ଷତିପୂରଣ ବାବଦକୁ ୫୦ହଜାର ଟଙ୍କା ପ୍ରଦାନ କରିବାପାଇଁ ପୁରୀ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ଦୀର୍ଘ ୧୨ ବର୍ଷର ଯମଯନ୍ତ୍ରଣା ଓ ନ୍ୟାୟାଳୟ ଲଢ଼େଇ, ଯାହାର ମୂଲ୍ୟ ୫୦ ହଜାର ଟଙ୍କା।

ଅନ୍ୟ ଏକ କଥନିକା, କନକନିଆ କଇଁଚିର କାରବାର ସମ୍ପର୍କରେ। ସିକ୍କିମନିବାସୀ ଜଣେ ମହିଳାଙ୍କ ତଳିପେଟରୁ ୧୨ ବର୍ଷ ପରେ କଇଁଚି ବାହାରିବା ଘଟଣା। ମହିଳାଙ୍କର ଆପେଣ୍ଡିକ୍ସ ସମସ୍ୟା ଥିବାରୁ ଗ୍ୟାଙ୍ଗଟକର ଜଣେ ଡାକ୍ତରଙ୍କ ନିକଟରେ ଅସ୍ତ୍ରୋପଚାର କରିଥିଲେ ୨୦୧୨ରେ। ମାତ୍ର କଇଁଚିଟା ଡାକ୍ତରଙ୍କ ହାତରୁ ଚମ୍ପଟମାରି ଚୁପଚାପ ଛପିଗଲା ମହିଳାଙ୍କ ତଳିପେଟରେ। ଦୀର୍ଘ ୧୨ ବର୍ଷ କାଳ ଅସୁମାରି ଯନ୍ତ୍ରଣାରେ ଛଟପଟ ହୋଇ ଅନେକ ଡାକ୍ତରଙ୍କ ନିକଟରୁ ଚିକିତ୍ସିତ ହେଉଥିଲେ। ଶେଷରେ ସେପ୍ଟେମ୍ବର ୨୦୨୪ରେ ଅଲ୍ଟ୍ରାସାଉଣ୍ଡ ମାଧ୍ୟମରୁ ଜଣାପଡ଼ିଲା ଯେ ମହିଳାଙ୍କ ପେଟରେ କଇଁଚିଟିଏ ଅଛି। ଅବଶ୍ୟ ସିକ୍କିମ ସରକାର ଏ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଓ ଦେଶର ଗୋଟେ ଗୋଟେ ନମୁନା ପରେ ଏବେ ଆସନ୍ତୁ ଜାଣିବା ବିଦେଶ ଭୂଇଁର ଗୋଟେ ଅତି ବିରଳ ଘଟଣାଟିଏ; ଯାହା କି ଅତ୍ୟନ୍ତ ବେଦନାଦାୟକ। ବୋଷ୍ଟନର ଜଣେ ସୁନ୍ଦରୀ ମହିଳା ତାଙ୍କ ଦକ୍ଷିଣ ପାଦର ସମସ୍ୟା ପାଇଁ ଭର୍ତ୍ତି ହୁଅନ୍ତି ଏକ ହାସ୍‌ପାତାଳରେ। ଅପରେଶନ ପରେ ଯେବେ ତାଙ୍କର ଚେତା ଫେରିଲା, ଡାକ୍ତର କହିଲେ - ମାଡାମ୍, ଆପଣଙ୍କ ଅପରେଶନ ସକ୍ସେସଫୁଲ। ଏବେ ନିଶ୍ଚିନ୍ତରେ ଘରକୁ ଯାଇପାରନ୍ତି। ମହିଳାଜଣକ ଯେବେ ତାଙ୍କ ପାଦକୁ ଅନେଇଲେ, ସେତେବେଳେ ସେ ଚମକି ଉଠିଲେ। ଏ କ'ଣ? ଡାହାଣ ପାଦ ବଦଳରେ ତାଙ୍କ ବାମ ପାଦରେ ଯେ ପଟି ବନ୍ଧାଯାଇଛି! ସେଇଠୁ ଚିକିତ୍ସକ ଜଣକ କହିଲେ - ନିଶ୍ଚେତକ ଇଂଜେକଶନ ପରେ ଆପଣ ସଂଜ୍ଞାହୀନ ଥିଲେ। ଆମର ମନେହେଲା ଆପଣଙ୍କ ବାମପାଦରେ ସମସ୍ୟା ଅଛି ବୋଲି। ସରି ମାଡାମ୍। ଏକଥା ଶୁଣିଲା ପରେ ପୁଣି ଆଉଥରେ ଚେତା ହରେଇ ବସିଲେ ମହିଳା। ଧନ୍ୟ ଧନ୍ୟ ହେ ଦ୍ୱିତୀୟ ଈଶ୍ୱର! ଧନ୍ୟ ତୁମ ବିଦ୍ୟା, ବିବେକ, ବିଚାର। ଯେଉଁ ପୁରୁଷ ନିଜ ପ୍ରତିଭା ଓ ସାଧନା ବଳରେ ସଂସାରରେ ପ୍ରସିଦ୍ଧ ବା ସୁନାମୁଣ୍ଡା ଭାବେ ବିବେଚିତ ହୋଇଥାନ୍ତି, ସମାଜ ସେମାନଙ୍କୁ ଆଦର୍ଶ ଓ ଶ୍ରେଷ୍ଠ ବୋଲି ବିଚାର କରିଥାଏ। ଏଭଳି ଶ୍ରେଷ୍ଠ ପୁରୁଷଙ୍କ ପକ୍ଷରେ ଅପକୀର୍ତ୍ତି ହେଉଛି ମରଣଠାରୁ ବି ଅଧିକ ଦୁଃଖଦାୟକ (ଚାକୀର୍ତ୍ତିମରଣାଦତିରିଚ୍ୟତେ - ଗୀତା, ଦ୍ୱିତୀୟ ଅଧ୍ୟାୟ)। ଶେଷରେ ପ୍ରଖ୍ୟାତ ଆମେରିକୀୟ ଲେଖକ ମାର୍କ ଟେୱନଙ୍କ ଉଦାରଭାବଯୁକ୍ତ ଉଦରପୂର୍ତ୍ତି ଉକ୍ତିଟିଏ- "ଦୟାଭାବ ଏଭଳି ଏକ ଭାଷା ଯାହାକୁ ବଧିର ବି ଶୁଣିପାରେ ଏବଂ ଅନ୍ଧ ବି ଦେଖିପାରେ।"

ମୋ: ୯୪୩୭୪୩୬୦୭୩

## ପାଠକ ଶ୍ରେଷ୍ଠ ବିଚାରକ

### କୃତ୍ରିମ ବର୍ଷାର ଆବଶ୍ୟକତା ଏବଂ ଭୟାବହତା

ମହାଶୟ,

ପ୍ରତ୍ୟେକ କ୍ରିୟାର ସମାନ ଓ ବିପରିତ ପ୍ରତିକ୍ରିୟା ଥାଏ। ସେଥିପାଇଁ ଇଂଲିଶରେ କୁହାଯାଇଛି 'ଏଭ୍ରି ଆକ୍ସନ୍ ହାଜ୍ ଅପୋଜିଟ୍ ରିଆକ୍ସନ' ଅର୍ଥାତ୍ ଖାଣ୍ଟି ଓଡ଼ିଆରେ ଏହାର ଅର୍ଥ ହେଉଛି ଯେମିତି ବୁଣିବ(କାର୍ଯ୍ୟକରିବ) ସେମିତି ଫଳ ପାଇବ ଇତ୍ୟାଦି। କହିବା ବାହୁଲ୍ୟ ଯେ ଜାତୀୟ ରାଜଧାନୀ ଦିଲ୍ଲୀରେ ଯେପରି ପ୍ରଦୂଷଣ ବଢ଼ି ଚାଲିଛି ତାହା ସ୍ଥାନୀୟ ବାସିନ୍ଦା ଓ ନେତାଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏଥିପାଇଁ ଶିକ୍ଷାନୁଷ୍ଠାନ ବନ୍ଦରଖି ପିଲାଙ୍କ ପାଠପଢ଼ାରେ ଡୋର ବାନ୍ଧିବାକୁ ପଡୁଛି ଏବଂ କଠୋର ଆଭିମୁଖ୍ୟ ସହିତ ସୁଦୂର ପ୍ରସାରୀ ଫଳପ୍ରଦ ପଦକ୍ଷେପ ମାନ ଗ୍ରହଣ କରାଯାଉଛି। ଦିନକୁ ଦିନ ସ୍ଥିତି ଅଣାୟତ୍ତ ହେଉଥିବାରୁ ଦିଲ୍ଲୀର କ୍ଷମତାସୀନ ସରକାର କୃତ୍ରିମ ବର୍ଷା କରାଇବାକୁ ଚାହୁଁଛନ୍ତି ଓ ଏଥିଲାଗି ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲାଗି ଅନୁମତି ଲୋଡ଼ିଥିବା ବିଷୟ ଗଣମାଧ୍ୟମ ମୁଖ୍ୟ ଖବର ହୋଇଛି। ତେବେ ଏଭଳି କୃତ୍ରିମ ବର୍ଷା ବହୁ ପ୍ରାକୃତିକ ବିପତ୍ତିର କାରଣ ହେବା ଆଶଙ୍କା ଥିବା ସତ୍ତ୍ୱେ ଏହା କ'ଣ ଏକାମତ୍ର ବିକଳ୍ପ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବଜ୍ରପାତ: ୩ ବର୍ଷରେ ଯାଇଛି ୧୦୫୭ ଜୀବନ

ଭୁବନେଶ୍ୱର, ୫।୧୨ (ସୁନିତ୍ ମିଶ୍ର)

ବଜ୍ରପଘାତରେ ଅନେକ ସମୟରେ ରାଜ୍ୟର ବହୁ ଲୋକଙ୍କ ଜୀବନ ହାନି ହେଉଥିବା ଖବର ନଜରକୁ ଆସୁଛି। ଏହି କ୍ରମରେ ଗତ ୩ ବର୍ଷରେ ବଜ୍ରପାତ କାରଣରୁ ୧୦୫୭ ଜଣଙ୍କ ଜୀବନ ଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାନସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, କେବଳ ଗତ ୭ ମାସରେ ବଜ୍ରପାତରେ ୨୦୧ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୨୩-୨୪ ବର୍ଷରେ ୨୭୨ ଜଣ, ୨୦୨୨-୨୩ ବର୍ଷରେ ୩୦୬ ଜଣଙ୍କ ଜୀବନ ବଜ୍ରପାତ କାରଣରୁ ଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଜିଲାରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ଅନ୍ୟ ଜିଲାଗୁଡ଼ିକ ତୁଳନାରେ ଅଧିକ ରହିଛି। ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ଆଗରୁ ଏତେ ଅଧିକ ନ ଥିଲା। ଗ୍ରାମାଞ୍ଚଳର ପ୍ରତି ବିଲ ହୁଡ଼ାରେ ତାଳଗଛ ଥିଲା। ସେହି ତାଳଗଛଗୁଡ଼ିକ ବଜ୍ରପାତରୁ ଲୋକଙ୍କୁ ରକ୍ଷା କରୁଥିଲା। ବଜ୍ରପାତ ହେଲେ ଅଧିକ ଉଚ୍ଚା କାରଣରୁ ବଜ୍ରପାତ ତାଳଗଛ ଉପରେ ହେଉଥିଲା। ତାହାର ପ୍ରଭାବରେ ତାଳଗଛ ନଷ୍ଟ ହୋଇଯାଉଥିଲା। କିନ୍ତୁ ବିଲ ବାଡ଼ିରେ କାମ କରୁଥିବା ଲୋକମାନେ ବର୍ତ୍ତିଯାଉଥିଲେ।

# ଅନ୍ତର୍ଜାତୀୟ ମାନ୍‌ଗ୍ରୋଭ୍ ସମ୍ମିଳନୀରେ ଯୋଗଦେବେ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ

ଅସ୍ତରଙ୍ଗ/ଭୁବନେଶ୍ୱର, ୫।୧୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ବନ୍ଦନା ସେଠୀ)

ଆସନ୍ତା ୧୦ ତାରିଖରୁ ଆବୁଧାବିରେ ଅନ୍ତର୍ଜାତୀୟ ମାନ୍‌ଗ୍ରୋଭ୍ ସଂରକ୍ଷଣ ଏବଂ ପୁନରୁଦ୍ଧାର ସମ୍ମିଳନୀ (ଆଇଏମ୍‌ସିଆର୍‌ସି) ଆରମ୍ଭ ହେବ। ଏନ୍‌ଭାଇରନ୍‌ମେଣ୍ଟ ଏଜେନ୍ସି ଆବୁଧାବି ପକ୍ଷରୁ ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଓଡ଼ିଶାର ପରିବେଶ କର୍ମୀ ତଥା ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପିଏସ୍‌ଏ)ର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେବେ। ୮୨ଟି ଦେଶରୁ ୪୬୮ଜଣ ବିଶେଷଜ୍ଞ ଏବଂ ୯୬ଜଣ ବକ୍ତା ଯୋଗଦେବେ। ବିଜ୍ଞାନ ଓ ମାନ୍‌ଗ୍ରୋଭ୍‌ର ପୁନରୁଦ୍ଧାର ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା, ଏହି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସଂରକ୍ଷଣ ପ୍ରୟାସରେ ସମ୍ପ୍ରଦାୟକୁ ସାମିଲ କରିବା ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ସୌମ୍ୟରଞ୍ଜନଙ୍କ ଅଂଶଗ୍ରହଣ ଓଡ଼ିଶା ସମେତ ବିଶ୍ୱସ୍ତରରେ ମାନ୍‌ଗ୍ରୋଭ୍ ସଂରକ୍ଷଣ ପ୍ରୟାସରେ ତାଙ୍କର ପ୍ରମୁଖ ଭୂମିକାକୁ ଦର୍ଶାଇବ।

ଗତ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସୌମ୍ୟରଞ୍ଜନ ସାରା ଓଡ଼ିଶାରେ ମାନ୍‌ଗ୍ରୋଭ୍ ସଂରକ୍ଷଣ ଉପରେ କାର୍ଯ୍ୟ କରି ଆସୁଛନ୍ତି।



ଷଷ୍ଠ ସଂଯୁକ୍ତ ରାଷ୍ଟ୍ର ଭାରତର ଯୁବ ଅଧିବକ୍ତା (୨୦୨୨-୨୪)ଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସୌମ୍ୟରଞ୍ଜନ। ସେ ଏସ୍‌ଡିଜି୨୦୩୦ ଲକ୍ଷ୍ୟ ହାସଲ କରିବା ନେଇ ଜୋର୍‌ଦାର ପ୍ରୟାସ କରି ଆସୁଛନ୍ତି। ଦେବୀ ନଦୀ ମୁହାଣ ସମେତ ଓଡ଼ିଶାର ସୁନାମିପ୍ରବଣ ତଟୀୟ ଜିଲା ଯଥା ବାଲେଶ୍ୱର, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ଅଞ୍ଚଳରେ ମାନ୍‌ଗ୍ରୋଭ ସୃଷ୍ଟି ଓ ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି। ଶିକ୍ଷାନୁଷ୍ଠାନ, ପବ୍ଲିକ୍ ଆଉଟ୍‌ରିଚ୍ ଇନିସିଏଟିଭ୍ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀ, ମହିଳା, ଯୁବପିଢ଼ି, ଛାତ୍ରୀଛାତ୍ର, ରାଜନେତା ପ୍ରମୁଖଙ୍କ ସହଯୋଗରେ ସେ ମାନ୍‌ଗ୍ରୋଭ ସଂରକ୍ଷଣ ଆନ୍ଦୋଳନର ନେତୃତ୍ୱ ନେଇ ତୃଣମୂଳସ୍ତରରେ ଏହାକୁ ଆଗେଇ ନେଇଛନ୍ତି।

# କ୍ୟୁଆର୍ କୋଡ୍ ଲଗାଇ ଠକେଇ ଉଦ୍ୟମ

**ଏନ୍‌ଏଚ୍ ୧୬ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ**

**ସିଏଏଲ୍‌ଏରେ ଏନ୍‌ଏଚ୍‌ଏଆଇର ଅଯଥା ହସ୍ତକ୍ଷେପ**

ଯାଜପୁର, ୫।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ୬ ଲେନ୍ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବଡ଼ଧରଣର ଅନିୟମିତତା ହୋଇଛି। ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଅଧିକାରୀମାନେ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କୁ ଅନ୍ଧାରରେ ରଖି ଜିଲାସ୍ତରୀୟ କେତେକ ସରକାରୀ କାର୍ଯ୍ୟାଳୟରେ କେବଳ କ୍ୟୁଆର୍ କୋଡ୍ ଲଗାଇ ଚାଷୀଙ୍କଠାରୁ ଜମି ଅଧିଗ୍ରହଣରେ ଆର୍ଥିକ ଅନିୟମିତତା କରିବାକୁ ଯୋଜନା କରିଛନ୍ତି। ଏହି କ୍ରମରେ ଏନ୍‌ଏଚ୍-୬ ଚଣ୍ଡିଖୋଲ-ଭଦ୍ରକ ସେକ୍ସନର ପ୍ରକଳ୍ପ ନିର୍ଦ୍ଦେଶକ ଜିଲାର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ କ୍ୟୁଆର୍ କୋଡ୍ ଲଗାଇବାକୁ ଯାଜପୁର ଜିଲା ଜମି ଅଧିଗ୍ରହଣ ଅଧିକାରୀ (ସିଭିଲ) ଏବଂ ରାଜ୍ୟ ସରକାରଙ୍କ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୟୁଜିଶନ (ସିଏଏଲ୍‌ଏ)ଙ୍କୁ ପତ୍ର ଲେଖିଛନ୍ତି। ପ୍ରକଳ୍ପ କାର୍ଯ୍ୟର ତଦାରଖ ପାଇଁ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ରହିଥିବାବେଳେ ଏଠାରେ ସିଏଏଲ୍‌ଏର କାର୍ଯ୍ୟକୁ ବାଟବଣା କରୁଥିବା ଅଭିଯୋଗ ହେଉଛି। ଉକ୍ତ ପତ୍ରରେ ସେ ଖୋଲାଖୋଲି ଭାବେ ବିଜ୍ଞାପନ ଏଜେନ୍ସିର ଅନୁରୋଧକୁ ଅଗ୍ରାହ୍ୟ କରିଥିବା ଦର୍ଶାଯାଇଛି।

ସମ୍ପ୍ରସାରଣ କାର୍ଯ୍ୟରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ରାଶି ପ୍ରଦାନରେ ବିଳମ୍ବ ଏବଂ ଜମି ଅଧିଗ୍ରହଣରେ ବ୍ୟାପକ ଅନିୟମିତତା କାରଣରୁ ଏନ୍‌ଏଚ୍ ନିର୍ମାଣରେ ଅଗ୍ରଗତି ଆଶାନୁରୂପ ହୋଇପାରିନାହିଁ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଏବଂ କ୍ଷତିଗ୍ରସ୍ତ ଲୋକେ ସୁବିଧାରେ କିପରି କ୍ଷତିପୂରଣ ପାଇବେ ସେଥିପାଇଁ ସିଏଏଲ୍‌ଏ କାର୍ଯ୍ୟ କରୁଛି। ତେବେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଅଯଥା ହସ୍ତକ୍ଷେପ କରି ଜମି ଅଧିଗ୍ରହଣରେ ଲୋକଙ୍କୁ ଅନ୍ଧାରରେ ରଖିବାକୁ ଉଦ୍ୟମ କରୁଛନ୍ତି। ନିୟମ ଅନୁଯାୟୀ, ଅଧିଗୃହୀତ ହେବାକୁ ଥିବା ଜମିର ପୂର୍ଣ୍ଣାଙ୍ଗ ବିବରଣୀ ସମ୍ପର୍କରେ ବିଭିନ୍ନ ଖବରକାଗଜରେ ସ୍ପଷ୍ଟ ଭାବେ ବିଜ୍ଞାପନ ଦେବାର ବ୍ୟବସ୍ଥା ରହିଛି। ଏହି ନିୟମକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ ପାଳନ କରାଯାଉଛି। ମାତ୍ର ଏନ୍‌ଏଚ୍‌ଏଆଇ ପୂର୍ଣ୍ଣ ବିଜ୍ଞାପନ ବଦଳରେ ଏକ କ୍ୟୁଆର୍ କୋଡ୍ ଦେଇ ଲୋକଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏନ୍‌ଏଚ୍‌ଏଆଇର ଏଭଳି ନିଷ୍ପତ୍ତିରେ ସାଧାରଣ ଲୋକେ ତଥା କ୍ଷତିଗ୍ରସ୍ତ ପ୍ରଜା ଜମି ଅଧିଗ୍ରହଣ ବିଷୟରେ ସମସ୍ତ ବିବରଣୀ ସମ୍ପର୍କରେ ଜାଣି ପାରିବେ ନାହିଁ। କାରଣ କ୍ୟୁଆର୍ କୋଡ୍ ଟେକ୍ନୋଲୋଜି ସମ୍ପର୍କରେ ସମସ୍ତ କ୍ଷତିଗ୍ରସ୍ତ ପ୍ରଜା କିମ୍ବା ଅଞ୍ଚଳବାସୀ ଏଯାଏ ଜାଣି ପାରିନାହାନ୍ତି। ଏପରି କି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଏଯାଏ ଆବଶ୍ୟକ ନେଟୱର୍କ ନ ଥିବାରୁ ମୋବାଇଲ ଠିକ୍ ଭାବେ ସଂଯୋଗ ହୋଇପାରୁନାହିଁ। ଏହାସହ ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ତେଣୁ କ୍ୟୁଆର୍ କୋଡ୍‌ରୁ କ୍ଷତିଗ୍ରସ୍ତ ପ୍ରଜା ଜମି ଅଧିଗ୍ରହଣର ପୂର୍ଣ୍ଣାଙ୍ଗ ବିବରଣୀ ଜାଣି ପାରିବେ ନାହିଁ ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ଅଧିସୂଚନା ପ୍ରକାଶିତ ହେବାର ୨୧ ଦିନ ମଧ୍ୟରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ନିଜେ କିମ୍ବା ତାଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତିଙ୍କ ମାଧ୍ୟମରେ ଭୂଅର୍ଜନ ଅଧିକାରୀଙ୍କ ନିକଟରେ ଉକ୍ତ ଆଇନର ଧାରା ୩(ଗ) ଉପଧାରା(୧) ଅନୁସାରେ ଆପତ୍ତି ଦାଖଲ କରିପାରିବେ। ପରବର୍ତ୍ତୀ ସମୟରେ ତାହା ଆଇନ ଅନୁସାରେ ଭାରତ ରାଜପତ୍ରରେ ପ୍ରକାଶିତ ହୋଇଥାଏ। ରାଜପତ୍ରରେ ପ୍ରକାଶନ ହେବା ପରେ ଭୂଅର୍ଜନ ଅଧିକାରୀ ସେହି ବିଜ୍ଞପ୍ତିକୁ ସାଧାରଣ ନୋଟିସ ଭାବେ ସ୍ଥାନୀୟ ଖବରକାଗଜରେ ସମ୍ପୂର୍ଣ୍ଣ ଭାବେ ପ୍ରକାଶିତ କରିଥାନ୍ତି। ଜାତୀୟ ରାଜପଥ ଆଇନ ଅନୁସାରେ ଏହି ବିଜ୍ଞପ୍ତିକୁ ଓଡ଼ିଆ ଏବଂ ଇଂଲିଶରେ ପ୍ରକାଶ କରାଯିବା ନେଇ ନିୟମ ରହିଛି। ଫଳରେ ଜମିହରା ବ୍ୟକ୍ତିମାନେ ଖବରକାଗଜର ବିଜ୍ଞପ୍ତି ପଢ଼ି ସେମାନଙ୍କ ଦାବି ଉପସ୍ଥାପନ କରିପାରିବେ। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ଚଣ୍ଡିଖୋଲ ସେକ୍ସନର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରେ ସେ କହିଛନ୍ତି, ଆଇନ ଅନୁସାରେ କ୍ୟୁଆର୍ କୋଡ୍ ଲଗାଇବା ବ୍ୟବସ୍ଥା କରାଯାଇଛି। ଏଥିରେ କୌଣସି ବେଆଇନ କାର୍ଯ୍ୟ ହେଉନାହିଁ।

# ୪ ଦିନରେ ୪ ଡିଗ୍ରୀ ଖସିବ ତାପମାତ୍ରା

ଭୁବନେଶ୍ୱର, ୫।୧୨ (ଅନୁରାଧା ମହାରଣା)

ଆସନ୍ତା ଶନିବାର ପରଠାରୁ ୪ଦିନ ମଧ୍ୟରେ ୨ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ଖସିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଗୁରୁବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା କିଛି ଅଂଶରେ ବଢ଼ିଥିବାବେଳେ କେନ୍ଦୁଝର ଓ କନ୍ଧମାଳ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା। ସେହିପରି ମାଲକାନଗିରି, କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଆଦି ଜିଲାରେ ସାମାନ୍ୟ ବର୍ଷା ହୋଇଥିଲା। ଶୁକ୍ରବାର କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ ଏବଂ ମାଲକାନଗିରି ଜିଲାଗୁଡ଼ିକରେ କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ଭାରତ ଏକ ଜୀବନ୍ତ ପ୍ରାଚୀନ ସଭ୍ୟତା: ଧର୍ମେନ୍ଦ୍ର



ଭୁବନେଶ୍ୱର, ୫।୧୨ (ସୁନିତ୍ ମିଶ୍ର)

ସାମାଜିକ ବିଜ୍ଞାନ ଗବେଷଣା ଭାରତୀୟ ସଭ୍ୟତାକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ସାମାଜିକ ଓ ମାନବ ବିଜ୍ଞାନରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍‌ଏସ୍‌ଆର୍) ଗବେଷଣା ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଭାରତ ହେଉଛି ଏକ ଜୀବନ୍ତ ପ୍ରାଚୀନ ସଭ୍ୟତା। ଆମ ରାଷ୍ଟ୍ର ଭାରତ ନିଜର ମୌଳିକ ଚରିତ୍ରକୁ ବଜାୟ ରଖି ଆଧୁନିକତାକୁ ଗ୍ରହଣ କରିଛି। ସଭ୍ୟତା ଓ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାରେ ସାମାଜିକ ବିଜ୍ଞାନ ଗବେଷଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ସାମାଜିକ ବିଜ୍ଞାନର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରିବା ସହ ସାମାଜିକ ପ୍ରଗତି ହାସଲ, ବୈଷୟିକ ବ୍ୟବଧାନକୁ ଦୂରକରିବ। ଏଆଇ ଭଳି ଟେକ୍ନୋଲୋଜି ଯୋଗୁ ଆଜି ଚାକିରି ଶୈଳୀରେ ନିରନ୍ତର ପରିବର୍ତ୍ତନ ହେଉଛି। ଏହି ସମୟରେ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା ନିଶ୍ଚୟ ସାମାଜିକ ବିକାଶରେ ସହାୟକ ହେବ। ଜାତୀୟ ଶିକ୍ଷାନୀତିରେ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁଣାତ୍ମକ ସାମାଜିକ ବିଜ୍ଞାନ ଗବେଷଣାର ଆବଶ୍ୟକତାକୁ ସ୍ୱୀକୃତି ଦିଆଯାଇଛି। ଆଇସିଏସ୍‌ଏସ୍‌ଆର୍ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ବ୍ୟକ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଅନେକ ଦକ୍ଷ ଗବେଷକ ସୃଷ୍ଟି କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




# ହଟିବ କ୍ୟାବିନ, ଆଜି ଉଠିବ ଲଟେରି

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଖୋର୍ଦ୍ଧା ସହରରୁ ହଟିବ କ୍ୟାବିନ। ଖୋର୍ଦ୍ଧା ସହରର ମେନ୍ ରୋଡ, ପୁରୁଣା ଆଲ୍ଲାବାଦ ବ୍ୟାଙ୍କ ଛକଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ଟ୍ରାଫିକ ଛକଠାରୁ ସମବାୟ ବ୍ୟାଙ୍କ ଛକ(ଥାନା ପାର୍ଶ୍ୱ), ସମବାୟ ଛକରେ ଥିବା ପଞ୍ଚସଖା ଓ ଲକ୍ଷ୍ମୀ ପରିବା ମାର୍କେଟ ଏବଂ ମୁଖ୍ୟ ଡାକଘର ସୀମାକୁ ଲାଗିଥିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଟିଏଲ୍ସି ରୋଡରେ ନବନିର୍ମିତ ଭେଣ୍ଡିଂଜୋନ୍‌ଠାରେ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏଥିଲାଗି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟାରେ ଲଟେରି ଉଠାଯିବ। ଏଥିରେ ଉପଜିଲାପାଳ ଅଧ୍ୟକ୍ଷତା କରିବେ। ଲଟେରି ଜରିଆରେ ଥଇଥାନ ଲାଗି ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସହର ଭେଣ୍ଡିଂଜୋନ କମିଟିର ନିଷ୍ପତ୍ତି ଅନୁଯାୟୀ ଏହା ସ୍ଥିର କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ଲଟେରିରେ ଅଂଶଗ୍ରହଣ ପାଇଁ ସମସ୍ତ

**ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି**

■ଉପାଧ୍ୟକ୍ଷ କହିଲେ ଖବର ନାହିଁ

■ଭେଣ୍ଡିଂଜୋନ୍ କମିଟିକୁ ନେଇ ଉଠିଲା ପ୍ରଶ୍ନ

ବ୍ୟବସାୟୀଙ୍କୁ ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ଅନ୍ୟପଟେ ବ୍ୟବସାୟୀଙ୍କୁ ଥଇଥାନ ନେଇ ବଜାରରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସାଧାରଣ ଜନତା ପୌର ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ କେତେଜଣ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଅନ୍ୟପଟେ ଲଟେରି ଉଠାଣ ସମ୍ପର୍କରେ ପୌରାଧ୍ୟକ୍ଷା ଏବଂ ଉପାଧ୍ୟକ୍ଷଙ୍କ ସମେତ ଅନ୍ୟ କେତେଜଣ କାଉନସିଲରଙ୍କ ନିକଟରେ ସୂଚନା ନ ଥିବା ଏବଂ ଥଇଥାନ ସମ୍ପର୍କରେ ପୂର୍ବରୁ କାଉନସିଲ ବୈଠକ ବସି ନ ଥିବା ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି। ଏଭଳି ନିଷ୍ପତ୍ତି ସମ୍ପର୍କରେ



ପୌର ନିର୍ବାହୀ ଅଧିକାରୀ କହିପାରିବେ ବୋଲି କହିଥିଲେ। ଥଇଥାନ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇ ନ ଥିବା ବେଳେ ହଠାତ୍ ପୌର ନିର୍ବାହୀ ଶୁକ୍ରବାର ଲଟେରି ଉଠାଯିବା କାର୍ଯ୍ୟକ୍ରମ ରହିଥିବା ଅବଗତ କରାଇଛନ୍ତି। ସେହି ବୈଠକକୁ ପୌରାଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ, କାଉନସିଲରମାନଙ୍କୁ ଡକାଯାଇନାହିଁ। ପୌରନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି। ନଭେମ୍ବର ୮ ତାରିଖରେ ପୌରାଞ୍ଚଳରେ ଏକ ଭେଣ୍ଡିଂଜୋନ କମିଟି ଗଠନ କରାଯାଇଥିବା ବେଳେ ଏଥିରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟଙ୍କୁ ରଖାଯାଇନାହିଁ। ଜଣେ କାଉନସିଲର ଏହାର ସଦସ୍ୟ ରହିଛନ୍ତି। କାହା ସ୍ୱାର୍ଥରେ ଏହି କମିଟି ଗଠନ କରାଯାଇଛି ବୋଲି କେତେଜଣ କାଉନସିଲର ନିଜ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ବ୍ୟବସାୟୀ ମହାସଂଘ ସମ୍ପାଦକ ଜିତେନ୍ଦ୍ର ଭଞ୍ଜଙ୍କୁ ଯୋଗାଯୋଗ ସତ୍ତ୍ୱେ ପ୍ରତିକ୍ରିୟା ମିଳିପାରିନାହିଁ।

ପ୍ରକାଶ ଯେ, ନିକଟରେ ବ୍ୟବସାୟୀ ମହାସଂଘ ଡାକରାରେ ୫୪୦ କ୍ୟାବିନ ବ୍ୟବସାୟୀ ସହର ଠାରୁ ଅନତି ଦୂର ଶ୍ମଶାନ ନିକଟରେ ନିର୍ମିତ ଭେଣ୍ଡିଂଜୋନରେ ଥଇଥାନକୁ ବିରୋଧ କରି ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ଟିଏଲ୍ସି ପରିବର୍ତ୍ତେ ହାବେଳି ପଡିଆରେ ଥଇଥାନ ପାଇଁ ଦାବି କରିଥିଲେ। ତେବେ ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ପୂର୍ବରୁ ଏହାକୁ ଅଗ୍ରାହ୍ୟ କରାଯାଇଥିବା ବେଳେ ସମସ୍ତ ସୁବିଧା ଉପଲବ୍ଧ ଥାଇ ଅତ୍ୟାଧୁନିକ ଭେଣ୍ଡିଂଜୋନରେ ଥଇଥାନ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଗତ ନଭେମ୍ବର ପହିଲାରେ ପୌର ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି ବ୍ୟବସାୟୀ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମହାସଂଘ ପିଟିସନକୁ ଖାରଜ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀଙ୍କୁ ତିନି ମାସ ମଧ୍ୟରେ ବ୍ୟବସାୟୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଟିଏଲ୍ସି ଭେଣ୍ଡିଂଜୋନରେ ପ୍ରାଥମିକ ପର୍ଯ୍ୟାୟରେ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଯୋଜନା ଚାଲିଥିବା ପୌରାଧ୍ୟକ୍ଷା ଏବଂ ଅନ୍ୟ କାଉନସିଲରଙ୍କ ନିକଟରେ କୌଣସି ଖବର ନ ଥିବା ଏବଂ କାଉନସିଲ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଥିଲେ। ତେବେ କେବେ ବୈଠକ ବସିଲା, ବ୍ୟବସାୟୀଙ୍କୁ ଥଇଥାନ ପ୍ରସଙ୍ଗରେ କ'ଣ ଆଲୋଚନା କରାଗଲା, ସେ ସମ୍ପର୍କରେ ସୂଚନା ମିଳିପାରି ନାହିଁ।

## ଉତ୍ସବ କଳା, ପ୍ରତିଭାକୁ ବିକଶିତ କରେ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ପକ୍ଷରୁ ଦ୍ୱିଦିବସୀୟ କୁମାରୋତ୍ସବ-୨୦୨୪ ସ୍ଥାନୀୟ ଗୀତାଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ନୃତ୍ୟଗୁରୁ ହେମନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ସହକାରୀ ଜିଲାପାଳ ପଙ୍କଜବାସିନୀ ଭଞ୍ଜ, ନାଳିପଡ଼ାଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତ ଜିଲା, ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ, ନୃତ୍ୟାଚାର୍ଯ୍ୟ ଗୁରୁ ନିରଞ୍ଜନ ରାଉତ, ନୃତ୍ୟଗୁରୁ ମନୋଜ ବେହେରା, ସାମାଜିକ କର୍ମୀ ଇତିଶ୍ରୀ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ସନାତନ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖୋର୍ଦ୍ଧାର ଗୌରବମୟ ଐତିହ୍ୟ, କଳା, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଉତ୍କଳୀୟ ସଂସ୍କୃତି, ପରମ୍ପରା ଅନନ୍ୟ। ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଗୋଟିଏ ଜାତି ତା'ର ସଂସ୍କୃତିକୁ ନେଇ ଗର୍ବ କରେ। ମହୋତ୍ସବ ପ୍ରତିଭା ବିକାଶର ଏକ ଉତ୍କୃଷ୍ଟ ମାଧ୍ୟମ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭା, ଲୋକସଂସ୍କୃତି, କଳାର ବିକାଶ ଦିଗରେ ମୂର୍ଚ୍ଛନାର ପ୍ରୟାସ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଚଳିତବର୍ଷ ଓଡ଼ିଶୀ ନୃତ୍ୟ ଗବେଷକ ଗୁରୁ ଡ. ମନୋଜ କୁମାର ବେହେରାଙ୍କୁ ମୂର୍ଚ୍ଛନା



ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଙ୍କିତା ବେହେରା, ମୂର୍ଚ୍ଛନା ଯୁବ ସମ୍ମାନ ଆକାଶ ବେହେରା, ମୂର୍ଚ୍ଛନା ଗୁରୁ ଗୌରବ ବିଷ୍ଣୁ ସାମନ୍ତରାୟ, ମୂର୍ଚ୍ଛନା ଗୌରବ ବି.ସି. ବଳିୟାରସିଂଙ୍କୁ ପ୍ରଦାନ କରାଯାଇଛି। ଉଦ୍‌ଘାଟନର ପ୍ରଥମ ଦିବସରେ ଭୁବନେଶ୍ୱର ନୂପୁର ଅନୁଷ୍ଠାନ କଳାକାରମାନେ ଦଳଗତ ନୃତ୍ୟ, ସୌଦାମିନୀ ବିଳାସ ଓ ସାଥୀ ଦ୍ୱୈତ ନୃତ୍ୟ ଏବଂ ମୂର୍ଚ୍ଛନା ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ପରିବେଷିତ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଦୀପ ବେହେରା ଏବଂ ଅନ୍ୟମାନେ ପରିଚାଳନା କରିଥିବା ବେଳେ ବହୁ କଳାପ୍ରେମୀ ଉପସ୍ଥିତ ଥିଲେ।



କୁମାରୋତ୍ସବ-୨୦୨୪ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ଝରକା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଗଲେ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଗତ କିଛିଦିନ ହେବ ଖୋର୍ଦ୍ଧାରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ଧରି ବନ୍ଦ ରହୁଥିବା ଘର ଉପରେ ଏମାନଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଦିନରେ ବ୍ଲୁ ପ୍ରିଣ୍ଟ କରିବା ସହ ବିଳମ୍ବିତ ରାତିରେ ଚୋରି କରୁଛନ୍ତି। ଖୋର୍ଦ୍ଧା-ନୟାଗଡ଼ ରୋଡ଼ରେ ରହୁଥିବା ପ୍ରଫେସର ଅଜିତ୍ କୁମାର ରଥଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୪୫୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା- ନୟାଗଡ଼ ରୋଡ଼ରେ ପ୍ରଫେସର ରଥ ଏବଂ ତାଙ୍କ ସହଧର୍ମିଣୀ ରୁହନ୍ତି। ଗତ ନଭେମ୍ବର ମାସରେ ବେଙ୍ଗାଲୁରରେ ରହୁଥିବା ତାଙ୍କ ପୁଅ ନିକଟକୁ ଉଭୟ ଯାଇଥିଲେ। ଗତ ୨୯ତାରିଖି ରାତିରେ ସେମାନେ ଘରକୁ ଫେରିଥିଲେ। ଘର ଝରକା ଗ୍ରୀଲ୍ ତଡ଼ା ହୋଇଥିବା ଏବଂ ଗୋଦ୍‌ରେଜ ଲକର ଖୋଲାଥିବା ଦେଖିବାକୁ ପାଇଥିଲେ। ଏନେଇ ରଥ ୧୧୨ ନମ୍ବରକୁ ଫୋନ କରି ଅଭିଯୋଗ କରିଥିଲେ। ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରଖିଛି।

## ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣର ନିନ୍ଦା




ଖୋର୍ଦ୍ଧା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ପଦଯାତ୍ରା।

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର, ଅନ୍ୟାୟ ଏବଂ ମହିଳାଙ୍କୁ ଦୁର୍ବ୍ୟବହାରର ପ୍ରତିବାଦ କରିଛି ଖୋର୍ଦ୍ଧା ହିନ୍ଦୁ ସୁରକ୍ଷା ମଞ୍ଚ। ଗୁରୁବାର ପୂର୍ବାହ୍ନରେ ଗୀତା ଭବନଠାରୁ ଶତାଧିକ ମହିଳା ପୁରୁଷ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ଏବଂ ପ୍ରତିବାଦ ସଭା ହୋଇଥିଲା। ହିନ୍ଦୁଙ୍କ ପ୍ରତି ଅତ୍ୟାଚାରକୁ ନିନ୍ଦା କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ହିନ୍ଦୁ ସୁରକ୍ଷା ମଞ୍ଚ ସଂଯୋଜକ ବରିଷ୍ଠ ଆଇନଜୀବୀ ଅଜିତ୍ ପଟ୍ଟନାୟକ, ସହ ସଂଯୋଜକ ତଥା ହିନ୍ଦୁ ଜାଗରଣ ମଞ୍ଚ ପାନ୍ତ ସହ ସଂଯୋଜକ ଆଶିଷ ବିଦୁରେନ୍ଦ୍ର ଛୋଟରାୟ, ସୁଜନ୍‌ନାରାୟଣ ସାନ୍ତାକାମୀ, ପ୍ରଶାନ୍ତ ବେହେରା, ଆଦିତ୍ୟ ମହାରଣା, ଶୁଭମ୍ ବେହେରା, ବ୍ରଜେନ୍ଦ୍ର ଚୌଧୁରୀ, ବେଲେଶ୍ୱର ସାହୁ, ନିରଞ୍ଜନ ସାହୁ, କିଶୋର ଚନ୍ଦ୍ର ବରାଳ, ଅମ୍ରିତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ସାମାଜିକ ଏବଂ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ଥିଲେ।

## ସାମାଜିକ କର୍ମୀ ପ୍ରଭାକରଙ୍କ ସ୍ମୃତିଚାରଣ

ଜଟଣୀ,୫।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ବଡ଼ତୋଟା ଗ୍ରାମର ସାମାଜିକ କର୍ମୀ ପ୍ରଭାକର ମହାକୁଡ଼ଙ୍କ ଏକାଦଶାହ ଅବସରରେ ଗୁରୁବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପ୍ରମୋଦ ହରିଚନ୍ଦନ, ପ୍ରସନ୍ନ ପାଟଶାଣୀ, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ମନମୋହନ ରାଉତରାୟ, ଜିଲା ବିଜେଡି ସମ୍ପାଦକ ଅନନ୍ତ ବେହେରାଙ୍କ ସହିତ ଜଟଣୀ ପୌର ପରିଷଦ ଏବଂ ବ୍ଲକର ବହୁ ନେତା ଏବଂ କର୍ମୀଙ୍କ ସହିତ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ମହାକୁଡ଼ଙ୍କ ସ୍ମୃତିଚରଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଏବଂ ସ୍ନେହୀ ବ୍ୟକ୍ତି ଭାବେ ସମାଜର ମଙ୍ଗଳ ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି ଅତିଥିଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ଆମନ୍ତ୍ରିତ ଅତିଥିମାନେ ସ୍ୱର୍ଗତ ମହାକୁଡ଼ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବେଗୁନିଆ/ବାଘମାରୀ,୫।୧୨ (ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପରିସରରେ ୫୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବେହେରା, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଶିକ୍ଷକ ମାନସ କୁମାର ସେଠୀ, ନାରାୟଣ ମାନସିଂହ, ଭାରତୀ ଦେବୀ, ଆଖଣ୍ଡଳମଣି ପଟ୍ଟନାୟକ, ସ୍ନେହାଞ୍ଜଳି ଦେବୀ, ଉମା ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ତିନିଟି ବର୍ଗରେ ଉପକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇଥିଲା। ଦୌଡ଼, ସଟ୍‌ପୁଟ, ଡିସ୍କସ ଆଦି ପ୍ରତିଯୋଗିତା ହୋଇଥିଲା।

ସେହିପରି ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା ଉଦ୍‌ଘାଟକ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥି, ଶିଶୁ ମନ୍ଦିର ପ୍ରତିଷ୍ଠାତା ସମ୍ପାଦକ କେଦାରନାଥ ରାଉତରାୟ, ଉପସଭାପତି ଦୀନବନ୍ଧୁ ବିଶ୍ୱାଳ ଏବଂ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଯୋଗେନ୍ଦ୍ର ପାଟ୍ଟଶାଣୀଙ୍କ ତତ୍ତ୍ୱାବଧାନରେ ୧୩୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ମ୍ୟୁଜିକ୍ ଚେୟାର, ବେଙ୍ଗଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ଲମ୍ଫଡିଆଁରେ ବାଳିକା ବର୍ଗରୁ ଶୁଭଶ୍ରୀ ବିଶ୍ୱାଳ, ଉଚ୍ଚଡିଆଁ ଏବଂ ଦୌଡ଼ରେ ବାଳକ ବର୍ଗରୁ ସୌମ୍ୟରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଶିକ୍ଷକ ଆନ୍ଦୋଳନ ପୁଣି ତେଜିଲା

# ୧୦ରେ ଭୁବନେଶ୍ୱରରେ ସମାବେଶ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଅଦ୍ୟ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ଦାବିକୁ ନେଇ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏକ ବିଶାଳ ସମାବେଶରେ ସମବେତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲାର ଆବାହକ ତଥା 'ଓଷ୍ଟା' ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କ ଆବାହକତ୍ୱରେ ଜିଲାସ୍ତରୀୟ କନ୍‌ଭେନ୍‌ସନ 'ଓଷ୍ଟା'ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା 'ଓଷ୍ଟା'ର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୯୪ ବିଦ୍ୟାଳୟ ସହିତ ଯୋଗ୍ୟ




ବୈଠକରେ ଉପସ୍ଥିତ ଓଷ୍ଟାର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ପେନ୍‌ସନ ସହିତ ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି, ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପୋଷାକ ଓ ସାଇକେଲ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଇଲେକ୍‌ଟ୍ରିକ୍ ବିଲ୍ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯାଇଥିଲା। ପେନ୍‌ସନ ନ ପାଇ ଶିକ୍ଷକ, କର୍ମଚାରୀମାନେ ଅବସର ଗ୍ରହଣ କରୁଥିବାରୁ ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା। ଏହି ଅବସରରେ ଆସନ୍ତା ୧୦ ତାରିଖ ସମାବେଶରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ 'ଓଷ୍ଟା'ର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ। କନ୍‌ଭେନ୍‌ସନରେ 'ଓଷ୍ଟା'ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାସ, ୬୬୨ ବର୍ଗ କଲେଜର ଯୁଗ୍ମ ସମ୍ପାଦକ ଗଦାଧର ଶତପଥୀ, ଆଲୋଷ୍ଟାର ଉପସଭାପତି କିଶୋର ଚନ୍ଦ୍ର ମହାରଥା ଓ ଜିଲା ସଭାପତି ନବଘନ ସାହୁ, ସମ୍ପାଦକ ରମାରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ବ୍ଲକ ସମ୍ପାଦକ ଶରତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ସାପ କାମୁଡ଼ାରେ ଚାଷୀ ମୃତ

ବେଗୁନିଆ/ବାଘମାରୀ,୫।୧୨ (ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅଧୀନ କୋଚିଆଖାଲ ଗ୍ରାମର ଦଣ୍ଡପାଣି କହଲସିଂହ (୭୪)। ସୂଚନା ମୁତାବକ, ଦଣ୍ଡପାଣି ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବେଗୁନିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଲୁଧିଆନାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଟାଙ୍ଗୀ,୫।୧୨(ରଘୁନାଥ ସାହୁ)

ପଞ୍ଜାବର ଲୁଧିଆନାର ଏକ କମ୍ପାନୀରେ ଅଣକୁଶଳୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ହରିଚନ୍ଦନପୁର ଗ୍ରାମର ପ୍ରଶାନ୍ତ ଜେନା (୪୬)ଙ୍କ କ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଗତ ୧ ତାରିଖରେ କମ୍ପାନୀର ସାପ୍ତାହିକ ଛୁଟିରେ ଅନ୍ୟ ଜଣେ ସାଙ୍ଗଙ୍କ ସହିତ ପ୍ରଶାନ୍ତ ରାଶନ ସାମଗ୍ରୀ କିଣିବାକୁ ବଜାରକୁ ଯାଉଥିଲେ। ଏହି ସମୟରେ ଏକ କ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୪ତାରିଖରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ଖବର ଜାଣିବା ପରେ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଅନ୍ୟପଟେ ମୃତଦେହ ଓଡ଼ିଶାକୁ ପଠାଇବା ପାଇଁ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବନ୍ଧୁ ଗୁରୁ ଜେନା ଲିଖିତ ନିବେଦନ କରିଛନ୍ତି।

## ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକ

ଜଟଣୀ,୫।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗାଁ (ହାଟବଜାର)ର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ବଳିୟାରସିଂଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ବନ୍ଧୁବତ୍ସଳ ବ୍ୟକ୍ତିଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, କାଉନ୍‌ସିଲର, ଖବରଦାତା, ବ୍ୟବସାୟୀଙ୍କ ସମେତ ଜନପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ପାଗଳା କୁକୁର କାମୁଡ଼ାରେ ଶିଶୁକନ୍ୟାଙ୍କ ସମେତ ୪ ଆହତ

ବାଣପୁର,୫।୧୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଏକ ପାଗଳା କୁକୁର ଆତଙ୍କ ଦେଖିବାକୁ ମିଳିଛି। କୁକୁର କାମୁଡ଼ାରେ ୫ବର୍ଷର ଶିଶୁକନ୍ୟାଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦାସଘର ସାହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ଗୋଟିଏ କୁକୁର କାମୁଡି ଗୋଡ଼ାଇବା ସହ ନଖରେ ଆଞ୍ଚୁଡ଼ି ଖଣ୍ଡିଆଖାବରା କରି ପକାଇଥିଲା। ଭୟରେ ଲୋକମାନେ ଦୌଡି ଘରକୁ ପଳାଇଥିଲେ। ଏହି ସମୟରେ ଦାଣ୍ଡରେ ଖେଳୁଥିବା ମାନସ ସାହୁଙ୍କ ଝିଅ ଖୁସି (୫)ଙ୍କୁ କୁକୁରଟି କାମୁଡି କ୍ଷତାକ୍ତ କରି ପକାଇଥିଲା। ଚିତ୍କାର ଶୁଣି ପରିବାରଲୋକେ ଗ୍ରାମବାସୀଙ୍କ ସହାୟତାରେ କୁକୁରଟିକୁ ଘଉଡାଇବା ସହ ଖୁସିକୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସାହିର ବିଜୟ ଦାସ, କିଶୋର ପ୍ରଧାନ, ଡଲି ଦାସ କୁକୁର କାମୁଡ଼ାରେ ଆହତ ହୋଇଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବନ ବିଭାଗ ସହାୟତାରେ କୁକୁରଟିକୁ ଶୀଘ୍ର ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**କୁମାରବସ୍ତ ଲୋକନାଥ ଦେବ କ୍ରିକେଟ୍ ଟୁର୍ନାମେଣ୍ଟ**

# ବାଙ୍କୁଆଲ, ଢେଙ୍କାନାଳ ବିଜୟୀ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସରେ ବାଙ୍କୁଆଲ ଏବଂ ଢେଙ୍କାନାଳ ଟିମ୍ ବିଜୟୀ ହୋଇଛି। ଗୁରୁବାର ସ୍ଥାନୀୟ ଖେଳପଡ଼ିଆର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ବାଙ୍କୁଆଲ ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଯଦୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୫୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିର୍ ଆସିଫ ୬୪ ଏବଂ ଏମ୍‌ଡି. ତବ୍ରିଜ ୪୧ରନ କରିଥିଲେ। ଜବାବରେ ବାଙ୍କୁଆଲ ଟିମ୍ ୧୧.୪ ଓଭରରେ ୩ ଉଇକେଟ ବିନିମୟରେ ୧୫୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଦିଲୀପ ମହାରଣା ୬୪ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଢେଙ୍କାନାଳ ଏବଂ ପତିତପାବନ ୟୁଥ କ୍ଲବ ଅଟ୍ରି ମଧ୍ୟରେ ହୋଇଥିଲା। ଢେଙ୍କାନାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମାନସିଂହ ୮୪ ରନ କରିଥିଲେ। ଜବାବରେ ଅଟ୍ରି ଟିମ୍ ୧୭.୪ ଓଭରରେ ୧୦ ଉଇକେଟ ବିନିମୟରେ ୧୫୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦୀପକ ବେହେରା ୩୮ଏବଂ କୁଳଦୀପ ପାଇକରାୟ ୩୫ ରନ କରିଥିଲେ। ଅତିଥି ଏସ୍.କେ. ସର୍ଯାନ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଦିଲୀପ ମହାରଣାଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଅତିଥି ସାମାଜିକ କର୍ମୀ ଦିବ୍ୟସିଂହ ପାତ୍ର, ଅବନୀ ସାମନ୍ତରାୟ ଏବଂ ଭ୍ରମରବର ସାମନ୍ତରାୟ ଶ୍ରେଷ୍ଠ ଖେଳାଳିଭାବେ ମୃତ୍ୟୁଞ୍ଜୟ ମାନସିଂହଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଏବଂ ପ୍ରଦୋଷ ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂହ ଏବଂ ସୁଧାକର ପାତ୍ର ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଶୋଭାକର ପାତ୍ର ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ବନବିହାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଘୋଷକ ଭାବେ ପାର୍ଥସାରଥି ରାଉତରାୟ ଏବଂ କମଳ ରାଉତରାୟ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ୍ ବାଙ୍ଗୀ-ଯାଁଳା ଏବଂ ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ଖୋର୍ଦ୍ଧା-ଭାଲିଆବାଡ଼ି କ୍ରିକେଟ କ୍ଲବ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୨।୨୦୨୪

| | |
|---|---|
| ୫,୦୦,୯୭୦ ଟଙ୍କା | |
| ସୁନା | ୨.୫୫୦ ଗ୍ରାମ୍ |
| ରୁପା | ୩୮.୩୦୦ ଗ୍ରାମ୍ |

# 'ଯୁବଶକ୍ତି ଗୋଟିଏ ଜାତିର ମୂଳାଧାର'

### ଜିଲାସ୍ତରୀୟ ଯୁବ ଉତ୍ସବ

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ପୁରୀ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଗୁରୁବାର ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ. ଜିଭିଏସ୍ ଦତ୍ତାତ୍ରେୟ ମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଯୁବଶକ୍ତି ଗୋଟିଏ ଜାତିର ମୂଳାଧାର। ସେମାନଙ୍କୁ ସଶକ୍ତ ଓ ସମର୍ଥ କଲେ ଦେଶ ଆଗକୁ ବଢିବ। ସେହିପରି ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଯୋଗଦେଇ ଯୁବଶକ୍ତି ବଡ଼ ସ୍ୱପ୍ନ ଦେଖି ଲକ୍ଷ୍ୟ ପୂରଣ ପାଇଁ କଠୋର ପରିଶ୍ରମ କଲେ ସଫଳତା ପାଇପାରିବେ ବୋଲି କହିଥିଲେ। ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ କହିଥିଲେ, ପ୍ରତିଯୋଗିତାରେ ପ୍ରତିଭାଗୀଙ୍କ ପ୍ରତିଭାର ବିକାଶ ହେବା ସହିତ ବ୍ୟକ୍ତି ନିର୍ମାଣ ହୋଇଥାଏ। ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ଅଧିକାରୀ ଅନୁରାଗ କୁମାର ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଡ. ଅଶୋକ କୁମାର ବେହେରା ପଞ୍ଚପ୍ରାଣ ଆଧାରିତ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ବିକଶିତ ଭାରତ, ଉପନିବେଶବାଦ ଚିନ୍ତାଧାରାର ବିଲୋପ, ଜାତୀୟ ଏକତା ଓ ଅଖଣ୍ଡତା, ଐତିହ୍ୟ ଓ ପରମ୍ପରା ଉପରେ ଗୁରୁତ୍ୱ, ନାଗରିକ ସମାଜର ଦାୟିତ୍ୱବୋଧ ଆଦି ପଞ୍ଚପ୍ରାଣ ଉପରେ ପର୍ଯ୍ୟବସିତ ବିଭିନ୍ନ ପ୍ରତିଯୋଗିତା ୧୫ରୁ ୨୯ ବର୍ଷ ବୟସର ଯୁବତୀ ଯୁବକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନେ ବକ୍ତୃତା, ଚିତ୍ରକଳା, କବିତା ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଜ୍ଞାନ ପ୍ରଦର୍ଶନ ଆଦି ବିଷୟରେ ଭାଗ ନେଇଥିଲେ। ସନ୍ଧ୍ୟାରେ ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଭଳି ଯୁବ ଉତ୍ସବ ଆୟୋଜନ ଆମ ଯୁବ ସମାଜକୁ ବିକଶିତ ଭାରତ ସହିତ ତାଳ ମିଳାଇ ଚାଲିବାକୁ ମାର୍ଗଦର୍ଶନ କରିବ ବୋଲି କହିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଭାରତ ସରକାରଙ୍କ ପଞ୍ଚପ୍ରାଣ ନୀତି ଆଜିର ଯୁବ ସମାଜକୁ ନୂଆ ଆଶା ଓ ଆଶ୍ୱାସନା ଦେଇଛି ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି, ପୂର୍ବତନ ପିଜି କାଉନସିଲ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଏବଂ ନେହେରୁ ଯୁବ କେନ୍ଦ୍ର ପୁରୀର ଜିଲା ଯୁବ ଅଧିକାରୀ ଅନୁରାଗ କୁମାର ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧିବକ୍ତା ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ଓ ସମାଜସେବୀ ଭାସ୍କର ଚନ୍ଦ୍ର ପୂଜାରୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ମହୋତ୍ସବକୁ ପଞ୍ଚୁ ପଲେଇ, ବାସୁଦେବ ସେନାପତି, ରାକେଶ କୁମାର ସେଠୀ, ଜ୍ୟୋତିପ୍ରକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ଆଡିସିନାଲ ଡିଜିଙ୍କ ବଳଙ୍ଗା ଥାନା ପରିଦର୍ଶନ



ଆଡିସନାଲ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର ବଳଙ୍ଗା ଥାନା ପରିଦର୍ଶନ କରୁଛନ୍ତି ।

ବଳଙ୍ଗା,୫।୧୨(କେଦାରେଶ୍ୱର ନନ୍ଦ)

ଆଡିସିନାଲ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର ବଳଙ୍ଗା ଥାନା ପରିଦର୍ଶନ କରିଛନ୍ତି। ଥାନାରେ ପହଞ୍ଚି ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ସହ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିବା ସହ ଥାନା ପରିସର ବୁଲି ଦେଖିଥିଲେ। ଗୃହ ଅଭାବରୁ ଥାନାର କର୍ମଚାରୀ ଅନେକ ଅସୁବିଧାରେ କାର୍ଯ୍ୟ କରୁଥିବା ନେଇ ଦେଖିବା ସହ ନିର୍ମାଣ ସରିଥିବା ନୂତନ ଗୃହକୁ ବୁଲି ଦେଖିଥିଲେ। ଉକ୍ତ ଗୃହର ଉଦ୍‌ଘାଟନ ହୋଇ ନ ଥିବାରୁ ଏହା ବ୍ୟବହାର କରାଯାଇପାରୁନାହିଁ ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ତେବେ ଖୁବ୍‌ଶୀଘ୍ର ନୂତନ ଥାନା ଗୃହ ଉଦ୍‌ଘାଟନ କରି କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରିୟଦର୍ଶୀ ପ୍ରକାଶ କରିଥିଲେ। ଏହି ପରିଦର୍ଶନରେ ପିପିଲି ଡିଏସ୍‌ପି ବିରଞ୍ଚି ନାରାୟଣ ପତି ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ନଦୀପଠାରେ ଜାଲ ପୋଡ଼ିଦେଲେ ଦୁର୍ବୃତ୍ତ

ବଳଙ୍ଗା,୫।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀ ପଠାରେ ଶୁଖାଯାଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ମାଛଧରା ଜାଲକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବଳଙ୍ଗା ଗ୍ରାମର ପ୍ରସନ୍ନ କୁମାର ଦଳେଇ ଭାର୍ଗବୀ ନଦୀ ଗଣ୍ଡକୁ ନିଲାମ ଆଣିଥିଲେ। ମଙ୍ଗଳବାର ମାଛ ଧରିବାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ମାଛଧରା ଜାଲକୁ ଭଡ଼ା ସୂତ୍ରରେ ଆଣି ସେ ମାଛ ଧରିବା ପରେ ବୁଧବାର ସକାଳେ ଜାଲକୁ ନଦୀ ପଠାରେ ଶୁଖାଇଥିଲେ। ପ୍ରସନ୍ନ ସନ୍ଧ୍ୟା ସମୟରେ ନଦୀ ପଠାକୁ ଯାଇ ଦେଖିବା ବେଳକୁ ଜାଲ ସୁରକ୍ଷିତ ଥିଲା। ସେ ପୁନର୍ବାର ରାତି ୯ଟା ବେଳକୁ ଜାଣି ଆଣିବାକୁ ଯାଇଥିବାବେଳେ ଜାଲଟି ପୋଡ଼ିଯାଇଥିଲା। କେହି ଦୁର୍ବୃତ୍ତ ଜାଲରେ ନିଆଁ ଲଗାଇ ଦେଇଥିବା ନେଇ ପ୍ରସନ୍ନ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ହମ୍ପ ନିର୍ମାଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ଗ୍ରାମବାସୀ

ନିମାପଡ଼ା,୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୂର୍ତ୍ତ ଉପଖଣ୍ଡ ଅଧୀନ ଚାରିଛକ-କାକଟପୁର ପୂର୍ତ୍ତ ସଡ଼କର ଚାରିଛକ ଥାନା ନିକଟସ୍ଥ ମୁଦୁଲି ସାହି ଗ୍ରାମ ଛକଠାରେ ଏକ ତିନି ଥାକିଆ ହମ୍ପ ନିର୍ମାଣ ପାଇଁ ଗ୍ରାମବାସୀ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହି ହମ୍ପ ନିର୍ମାଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଗ୍ରାମର ସନ୍ତୋଷ ମୁଦୁଲି, ପ୍ରଫୁଲ୍ଲ ମୁଦୁଲି, ସନ୍ତୁଆ ମୁଦୁଲି, ବାନାମ୍ବର ମୁଦୁଲି, ବେଣୁଧର ମୁଦୁଲି ପ୍ରମୁଖ ଚେତାବନୀ ଦେଇଛନ୍ତି। ନିମାପଡ଼ା, ଚାରିଛକ, କାକଟପୁର ମୁଖ୍ୟ ପୂର୍ତ୍ତ ରାସ୍ତାରେ ଦୈନିକ, ଯାତ୍ରୀବାହୀ ବସ୍, ଟ୍ରକ୍, ହାଇୱା ଚଳାଚଳ କରୁଛି। ମୁଦୁଲି ସାହି ଗ୍ରାମ ନିକଟରେ ମୁଖ୍ୟ ସଡ଼କଟି ଉଚ୍ଚାନିଚା ରହିଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏହି ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବାକୁ ମୁଦୁଲି ସାହି ଗ୍ରାମ ନିକଟରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ତିନି ଥାକିଆ ହମ୍ପ ନିର୍ମାଣ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଏକ ହମ୍ପ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

ଅସ୍ତରଙ୍ଗ,୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ଓ ସମଗ୍ର ଶିକ୍ଷା ଅସ୍ତରଙ୍ଗ ମିଳିତ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଲିଙ୍ଗଗତ ସମ୍ବେଦନଶୀଳତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ବର୍ତ୍ତାଳି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାବିଭାଗ ପକ୍ଷରୁ ଆୟୋଜିତ ଶିବିର ସୁରେନ୍ଦ୍ରନାଥ ନୋଡାଲ ବିଦ୍ୟାପୀଠରେ ଆୟୋଜିତ ହୋଇଥିଲା। ୩ ଦିନ ଧରି ଅନୁଷ୍ଠିତ ଶିବିରରେ ସାମାଜିକ ଲିଙ୍ଗଭିତ୍ତିକ ଧାରଣା ଓ ଚଳଣିଗୁଡ଼ିକୁ ବୁଝିବା, ସାମାଜିକ ଲିଙ୍ଗଗତ ପରିଚୟକୁ ପ୍ରଭାବିତ କରୁଥିବା ବିଭିନ୍ନ ସାମାଜିକ ଚଳଣି ଓ ଅନୁଷ୍ଠାନଗୁଡ଼ିକର ଭୂମିକା, ପିତୃକେନ୍ଦ୍ରିକ ବ୍ୟବସ୍ଥା ଓ ବିଭିନ୍ନ ଲିଙ୍ଗ ଉପରେ ଏହାର ପ୍ରଭାବ, ଭେଦଭାବ ଓ ସମତା ମଧ୍ୟରେ ଥିବା ସମ୍ପର୍କ, ଶିଶୁ ଲିଙ୍ଗ ଅନୁପାତରେ ହ୍ରାସ, ଯୌତୁକ ଭଳି ସାମାଜିକ ପ୍ରଥାଗୁଡ଼ିକର ନିବାରଣ, ମହିଳା ବାଳିକା ଉପରେ ହିଂସା ଓ ଭେଦଭାବଜନିତ ନକାରାତ୍ମକ ପ୍ରଭାବ, ଶିକ୍ଷାର୍ଥୀମାନେ ଲିଙ୍ଗଭିତ୍ତିକ ସମତା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା, ପାଠ୍ୟକ୍ରମ ପ୍ରସ୍ତୁତି ରୂପରେଖ ଓ ବ୍ୟବହାର ଶିକ୍ଷାଦାନ ପଦ୍ଧତି ଉପରେ ଆଲୋଚନା ହୋଇଥିଲା। ଶିବିରରେ ୪୨ଜଣ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସାଧନକର୍ମୀ ଆଲୋକ ମହାନ୍ତି, ନୃସିଂହ ପୋଲେଇ, ବିଦ୍ୟୁଲତା ମହାନ୍ତି, ଜାନକୀ ସମତା ପ୍ରଶିକ୍ଷଣ ଦେଇଥିଲେ।

## ଫାର୍ମ ହାଉସ୍‌ରୁ ଚୋରି, ୨ ଗିରଫ

ନିମାପଡ଼ା,୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦିଘାଳୋ ଜାଗେଶ୍ୱରପୁର ମୌଜାର ଏକ ଫାର୍ମ ହାଉସ୍‌ରୁ ଚୋରି ହୋଇଥିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ତେରୁଣ୍ଡିଆ ଗ୍ରାମର ଅଜୟ ଭୋଇ ଓ ଗୟା ଭୋଇ। ପୋଲିସ ଉଭୟଙ୍କଠାରୁ ଚୋରି ହୋଇଥିବା ପାଣି ପମ୍ପ ମୋଟର, ଗୋଟିଏ ବୈଦ୍ୟୁତିକ ମାପ ଓଜନ ମେସିନ, ୨ଟି ନଳକୂପ ହାଣ୍ଡି ଜବତ କରିଛି। ଏନେଇ ପୋଲିସ ୩୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନଭେମ୍ବର ୨୮ ତାରିଖରେ ସ୍ୱର୍ଗତ ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ଫାର୍ମ ହାଉସ୍‌ରେ କେହି ନ ଥିବା ସୁଯୋଗରେ ଆଜବେଷ୍ଟସ୍ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଜବତ ସାମଗ୍ରୀ ସମେତ ଅନ୍ୟ କେତେକ ଜିନିଷ ଚୋରି କରିନେଇଯାଇଥିଲେ। ଏ ସମ୍ପର୍କରେ ଫାର୍ମ ହାଉସର ତତ୍ତ୍ୱାବଧାରକ ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ସୁଶାନ୍ତ ସ୍ୱାଇଁ ବୁଧବାର ଥାନାରେ ଅଭିଯୋଗ କରିଥିଲେ।

## ଆଳୁ କେଜି ୬୦ ଟଙ୍କାରୁ କମୁନି



### ଅଧିକାରୀଙ୍କ ନିଘା ନାହିଁ

କଣାସ,୫।୧୨(ବିଭୂତି ଭୂଷଣ ତ୍ରିପାଠୀ)

ପଶ୍ଚିମବଙ୍ଗ ଆଳୁ ବନ୍ଦ କରିଦେବା ପରେ ରାଜ୍ୟ ସରକାର ଉତ୍ତରପ୍ରଦେଶରୁ ୩୦୦ ଟ୍ରକ୍ ଆଳୁ ମଗାଇଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବାବେଳେ ଏବେବି ଦରରେ ହ୍ରାସ ଘଟିନି। ପୁରୀ ଜିଲା କଣାସ ବ୍ଲକର ବିଭିନ୍ନ ପରିବା ଦୋକାନରେ ଆଳୁ କେଜି ୬୦ ଟଙ୍କାରେ ବିକ୍ରି ହେଉଥିବାରୁ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯେଉଁଦିନ ପଶ୍ଚିମବଙ୍ଗ ଆଳୁ ବନ୍ଦ କରିଦେଇଥିବା ଜଣାପଡ଼ିଲା, ସେହିଦିନଠାରୁ ପରିବା ବ୍ୟବସାୟୀ ନିଜ ପାଖରେ ରଖିଥିବା ଆଳୁକୁ ୬୦ରୁ ୭୦ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଧ୍ୟ ବ୍ୟବସାୟୀ ଆଳୁ ନିଜ ପାଖେ ଗଚ୍ଛିତ ରଖି ଅଧିକ ଦରରେ ବିକିବା ଅଭିଯୋଗରେ କଣାସର ପୂର୍ବତନ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରତ୍ୟେକ ବଜାରର ପରିବା ଦୋକାନକୁ ଯାଇ ଆଳୁଦର ଠିକ୍ ରଖିବାକୁ ନିର୍ଦ୍ଦେଶ ଦେବାରୁ ବେପାରୀ ୩୦ଟଙ୍କାରେ ଆଳୁ ବିକ୍ରି କରିଥିଲେ। ତେବେ ଗୁରୁବାର ଉକ୍ତ ତହସିଲଦାର ନ ଥିବାବେଳେ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀଙ୍କୁ କେତେଜଣ ଖାଉଟି ଆଳୁର ଚଢା ଦର ନେଇ ଅଭିଯୋଗ କରିଥିଲେ। ହେଲେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଳୁ ଚଢା ଦରରେ ବିକ୍ରି ଚାଲିଛି। ଏଥିସହ ଅନ୍ୟ ପରିବା ଦର ମଧ୍ୟ ଆକାଶ ଛୁଆଁ ଥିବାରୁ ଗ୍ରାହକ ସମସ୍ୟା ଭୋଗୁଛନ୍ତି। ରସୁଣ କେଜି ୫୦୦, ଅଦା କେଜି ୨୦୦ ଟଙ୍କା, ପିଆଜ କେଜି ୬୦ ଟଙ୍କା, ପୋଟଳ କେଜି ୮୦ ଟଙ୍କା, ଭେଣ୍ଡି କେଜି ୮୦ ଟଙ୍କା, ବାଇଗଣ କେଜି ୭୦ ଟଙ୍କା, କଲରା କେଜି ୮୦ ଟଙ୍କା, ଟମାଟୋ ୧୦୦ ଟଙ୍କା, ଦେଶୀ ଆଳୁ ୮୦ ଟଙ୍କା, ଗାଜର ୮୦ ଟଙ୍କା, ବିନ୍‌ସ ୮୦ ଟଙ୍କା, ଲଙ୍କା ୨୦୦ ଟଙ୍କା, କଦଳୀ ଗୋଟାକୁ ୧୦ ଟଙ୍କା, ସାରୁ କେଜି ୮୦ ଟଙ୍କାରେ ବିକ୍ରି ହେଉଛି। ଏଥିପ୍ରତି ଅଧିକାରୀ ଧ୍ୟାନ ଦେବାକୁ ଖାଉଟିମାନେ ନିବେଦନ କରିଛନ୍ତି।

# ଆଜିଠୁ ରାଜ୍ୟସ୍ତରୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍

### ଟ୍ରଫି ଉନ୍ମୋଚିତ

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ପକ୍ଷରୁ ୩୨ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ ଝାଡେଶ୍ୱରୀ କ୍ଲବଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଗୁରୁବାର ଝାଡ଼େଶ୍ୱରୀ କ୍ଲବ୍‌ରେ ଟ୍ରଫି ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଜିଲା ଥ୍ରୋ ବଲ ଆସୋସିଏଶନ୍ ସଭାପତି ମନୋଜ କୁମାର ବିଶୋଇ, ଉପସଭାପତି ମଞ୍ଜୁ ବରାଳ, ସମ୍ପାଦକ ଦୀପ୍ତି ରଞ୍ଜନ ସାମନ୍ତରାୟ ଓ ଗ୍ରାମାଞ୍ଚଳ ସମ୍ପାଦକ ମଳୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଝାଡ଼େଶ୍ୱରୀ କ୍ଲବ୍ ସମ୍ପାଦକ ପାର୍ଥସାରଥୀ ମହାପାତ୍ର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ବାଳକ ବିଭାଗରେ ୨୫ ଓ ବାଳିକା ବିଭାଗରେ ୧୫ଟି ଦଳ, ଅଫିସିଆଲ୍ ଓ ରେଫରି ପ୍ରମୁଖ ସର୍ବମୋଟ ୫୦୦ ଜଣ ଏହି ଚାମ୍ପିୟନଶିପ୍‌ରେ ଯୋଗଦେବେ। ୩ ଦିନ ଧରି ଦିବାରାତ୍ର ମ୍ୟାଚ୍ ଚାଲିବ। ପ୍ରତିଯୋଗୀଙ୍କ ଖାଇବା ପିଇବା ଓ ରହିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ୬ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ ସମୟରେ ପ୍ରତିଯୋଗୀଙ୍କ ମନୋରଞ୍ଜନର ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଜିଲା ଥ୍ରୋ ବଲ୍ ଆସୋସିଏଶନ୍ ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଚେଷ୍ଟା ଜାରି ରଖିଛି ବୋଲି ସୂଚନା ଦିଆଯାଇଛି।




ଅତିଥିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି ।

## ଗୋମାଂସ ଜବତ, ଅଭିଯୁକ୍ତ ଫେରାର

ଯୋଗେଶ୍ୱରପୁର,୫।୧୨ (ରଶ୍ମିରଞ୍ଜନ ସାହୁ)

ନୟାହାଟ ପୋଲିସ ଗୁରୁବାର ୪/୫ କିଗ୍ରା ଗୋମାଂସ ଜବତ କରିଛି। ତେବେ ଜବତ ସମୟରେ ଅଭିଯୁକ୍ତ ଜଣଙ୍କ କୌଶଳ କରି ସେଠାରୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତି ଯାଉଥିବାବେଳେ ନୟାହାଟ ବଜାରର ବନ୍ଧନ ବ୍ୟାଙ୍କ ନିକଟରେ ତାଙ୍କ ବାଇକ୍‌ରୁ ଏକ ବ୍ୟାଗ୍ ଖସି ପଡ଼ି ଫାଟି ଯାଇଥିଲା। ସେଥିରୁ ମାଂସ ତଳେ ପଡ଼ି ଯିବାରୁ ସ୍ଥାନୀୟ ଲୋକେ ଏହା ଦେଖି ସନ୍ଦେହ କରି ତାଙ୍କୁ ପଚାରିବାରୁ ଚାଳକ ବାଇକ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସାମାଜିକ କର୍ମୀ କେଦାର ନାଥ ସାହୁ, ଅନନ୍ତ ସାହୁ ଏନେଇ ନୟାହାଟ ଫାଣ୍ଡି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରୁ ମାଂସ ଜବତ କରିଥିଲା। ଏନେଇ ଫାଣ୍ଡି ଅଧିକାରୀ ଅଶୋକ ବେହେରା କହିଛନ୍ତି, ବ୍ୟାଙ୍କ ସିସିଟିଭି ଦେଖିଲା ପରେ ଅଭିଯୁକ୍ତଙ୍କୁ ଧରାଯିବ।

# ଫାଇନାଲରେ ନିମପୁର ସ୍ପୋର୍ଟିଂ

### ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ନିମାପଡ଼ା,୫।୧୨(ରଞ୍ଜନ ପଟ୍ଟନାୟକ)

ଏସ୍‌ପି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଅଲ୍ ଓଡ଼ିଶା ବାରବାଟୀ କପ ୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର କିଶୋର ସ୍ପୋର୍ଟିଂକୁ ହରାଇ ନିମପୁର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ କିଶୋର ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା। ଦଳର ଆରୟନ ସିଂ ୭୦ ରନ୍ ଓ ଟୁକୁନା ସାହୁ ୪୨ ରନ୍ କରିଥିଲେ। ବୋଲର ବିଶ୍ୱଜିତ୍ ମହାନ୍ତି ୩ ଓ ସତ୍ୟମ ଭରଦ୍ୱାଜ ୨ ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ନିମପୁର ୨୩.୫ ଓଭରରେ ୪ ଉଇକେଟ୍ ହରାଇ ୨୧୨ ରନ୍ କରି ବିଜୟୀ ହୋଇଥିଲା। ଦଳର ଚିନ୍ମୟ ଦାଶ ୯୫ ରନ୍ ଓ ପ୍ରଦୀପ୍ତ ଦାଶ ୫୫ ରନ୍ କରିଥିଲେ। ବୋଲର କ୍ଷମାସାଗର ବାଳ ୧ ଏବଂ ମନୋଜ ବାରିକ୍ ୧ ନେଇଥିଲେ। ଅତିଥି ଭାବେ କ୍ରୀଡ଼ାବିତ୍ ହିମାଂଶୁ ଶେଖର ମହାନ୍ତି ଯୋଗଦେଇ ଚିନ୍ମୟଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ସମ୍ବିତ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।




ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ଚିନ୍ମୟ ଦାଶଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଗୋପ ବାଇପାସ୍ ରାସ୍ତା ପାଇଁ ୮.୧୦ କୋଟି

- ଖୁବ୍‌ଶୀଘ୍ର ଆରମ୍ଭ ହେବ କାମ
- ଦୂରହେବ ଟ୍ରାଫିକ ସମସ୍ୟା

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଦୈନନ୍ଦିନ ପିପିଲି-କୋଣାର୍କ ରାସ୍ତାର ଗୋପ ବଜାରରେ ରାସ୍ତା ସଙ୍କୁଚିତ ଯୋଗୁ ଦେଶ ବିଦେଶର ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଉଛି। ଏପରିକି ଜରୁରିକାଳୀନ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ସହିତ ଅଗ୍ନିଶମ ବିଭାଗ ଗାଡ଼ି ମଧ୍ୟ ଅଟକି ରହୁଛି। ଏହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ସହିତ ବାଇପାସ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦେବା ପରେ କାପେକ୍ସ ଯୋଜନାରେ ୮ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏବେ ଏହି ରାସ୍ତା କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଗୁରୁବାର ଗୋପ ବ୍ରାଞ୍ଚ କେନାଲ ବନ୍ଧକୁ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ତଦାରଖ ସମୟରେ ସୂଚନା ଦେଇଛନ୍ତି। ଏହି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ(ଓସିସି) କରିବ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଦୀର୍ଘଦିନ ଧରି ଗୋପ ବଜାରରେ ଟ୍ରାଫିକ ସମସ୍ୟା ଯୋଗୁ ସାଧାରଣଲୋକେ, ଦେଶ ବିଦେଶର ପର୍ଯ୍ୟଟକ ଯାତାୟାତବେଳେ ହଇରାଣ ହରକତ ହେଉଥିବା ଭଳି ଅଭିଯୋଗ ହେଉଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ସଂଗ୍ରାମ କେଶରୀ ମହାନ୍ତି, ଇଂ. ସଞ୍ଜୀବ ନାରାୟଣ ସାହୁ, ଇଂ. ମହେଶ୍ୱର ବେହେରା ପିପିଲି-କୋଣାର୍କ ରାସ୍ତାର ବାହାଣିଆ ଛକ ନିକଟରେ ଯାଇଥିବା ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ ରାସ୍ତା ନିର୍ମାଣର ଏଷ୍ଟିମେଣ୍ଟ ଶେଷ କରି ସରକାରଙ୍କୁ ଦେବା ପରେ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା। ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ତତ୍କାଳୀନ ମନ୍ତ୍ରୀ ଦାଶ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଓସିସି ହାତକୁ ଯିବା ପରେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ହେଲେ ଗୁରୁବାର ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ଓସିସିର ସିନିୟର ମ୍ୟାନେଜର ସନ୍ତୋଷ କୁମାର ପରିଡ଼ାଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ନିର୍ମାଣ ହେବାକୁ ଅର୍ଥ ଆସିଥିବା ଗୋପ ବ୍ରାଞ୍ଚ କେନାଲ ବନ୍ଧକୁ ତଦାରଖ କରିଥିଲେ।



ରାସ୍ତା ନିର୍ମାଣ ସମ୍ପର୍କରେ ଯନ୍ତ୍ରୀ ଏବଂ ଅଧିକାରୀ ଆଲୋଚନା କରୁଛନ୍ତି ।

# ଦରବୃଦ୍ଧି ପ୍ରତିବାଦରେ ସିପିଆଇର ଅଭିନବ ବିକ୍ଷୋଭ

## ଆଳୁ, ପିଆଜ ମାଳ ପିନ୍ଧି ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି




ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଅତ୍ୟାବଶ୍ୟକ ସାମଗ୍ରୀ ସହ ବିଭିନ୍ନ ଦ୍ରବ୍ୟର ଅହେତୁକ ଦରବୃଦ୍ଧିର ପ୍ରତିବାଦ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ବିକେଏମ୍‌ୟୁ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଶୋକ ନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ସହ ରାସ୍ତାରୋକୋ କରାଯାଇଥିଲା। ଦରଦାମ୍ ବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ଅଭିନବ ଉପାୟରେ ପ୍ରଦର୍ଶନ କରିବା ପାଇଁ ବିକ୍ଷୋଭକାରୀମାନେ ଆଳୁ ଓ ପିଆଜର ମାଳ ବେକରେ ପିନ୍ଧିବା ସହ ପ୍ଲାକାର୍ଡମାନ ହାତରେ ଧରି ବିକ୍ଷୋଭ କରିଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାମ କରୁଥିବାବେଳେ ଆଳୁ, ପିଆଜ, ରସୁଣ, ତେଲ, ଡାଲିଠାରୁ ଆରମ୍ଭ କରି ପିଲାଙ୍କ ବିସ୍କୁଟ୍ ଦର ନିୟନ୍ତ୍ରଣ ବାହାରେ ହୋଇ ସାରିଲାଣି। ମାସମାସ ଧରି ଦରଦାମ୍ ନିୟନ୍ତ୍ରଣର ନାଁ ଧରୁନାହିଁ। ଏହାଦ୍ୱାରା ଖାଉଟି ହନ୍ତସନ୍ତ ହେବା ସହ ସେମାନଙ୍କ ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଛି। ମାତ୍ର ରାଜ୍ୟ ସରକାର ମିଛ ପରେ ମିଛ କହି ଚାଲିଛନ୍ତି। ଆଳୁ କିଲୋ ୩୦/୩୫ ଟଙ୍କାରେ ବଜାରରେ ମିଳୁଛି ବୋଲି ବିଧାନସଭାରେ ଯୋଗାଣ ମନ୍ତ୍ରୀ ମିଥ୍ୟା ବିବୃତି ଦେଇଥିବା ଏବଂ ଦରଦାମ କମାଇବାରେ ବିଫଳ ହୋଇଥିବାରୁ ତାଙ୍କ ଇସ୍ତଫା ଦାବି କରାଯାଇଥିଲା। ଗତ ସାଧାରଣ ନିର୍ବାଚନରେ ଆଦାନୀଙ୍କ ଭଳି ବୃହତ୍ ଖାଦ୍ୟ ଉତ୍ପାଦନକାରୀ ବ୍ୟବସାୟୀମାନେ ଶାସକ ଭାଜପାକୁ ଶହ ଶହ କୋଟି ଚାନ୍ଦା ଦେଇଥିବାରୁ ଏବେ ଦରଦାମ୍ ବୃଦ୍ଧି କରି ତାହା ଜନସାଧାରଣଙ୍କଠାରୁ ଆଦାୟ କରୁଛନ୍ତି ବୋଲି ସିପିଆଇ ଜୋନ୍ ସମ୍ପାଦକ ସୁର ଜେନା ଓ ବିକେଏମ୍‌ୟୁର ରାଜ୍ୟ ସହସମ୍ପାଦକ ଶଙ୍କର୍ଷଣ ବାରିକ କହିଥିଲେ। ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ପିଆଜ, ଆଳୁ, ତେଲକୁ କଣ୍ଟ୍ରୋଲ ସାମଗ୍ରୀଭୁକ୍ତ କରି ସରକାରୀ ଦୋକାନ ଓ କଣ୍ଟ୍ରୋଲ ଦୋକାନ ଜରିଆରେ ଯୋଗାଇଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ଦରବୃଦ୍ଧି ନିୟନ୍ତ୍ରଣ କରିବାକୁ ଦାବି କରିଥିଲେ। ଏ ଦିଗରେ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସୁର ଚେତବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେତମ୍ବର ଭୋଇ, ନାରୀନେତ୍ରୀ ମିତା ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶ୍ରମିକ ନେତା ପଞ୍ଚାନନ ସାହୁ, ବେଣୁଧର ସାହୁ ପ୍ରମୁଖ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ପାଗଳା କୁକୁର କାମୁଡ଼ାରେ ଶିଶୁକନ୍ୟାଙ୍କ ସମେତ ୪ ଆହତ

ବାଣପୁର, ୫।୧୨ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଏକ ପାଗଳା କୁକୁର ଆତଙ୍କ ଦେଖିବାକୁ ମିଳିଛି। କୁକୁର କାମୁଡ଼ାରେ ୫ବର୍ଷର ଶିଶୁକନ୍ୟାଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦାସଘର ସାହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ଗୋଟିଏ କୁକୁର କାମୁଡି ଗୋଡ଼ାଇବା ସହ ନଖରେ ଆଞ୍ଚୁଡ଼ି ଖଣ୍ଡିଆଖାବରା କରି ପକାଇଥିଲା। ଭୟରେ ଲୋକମାନେ ଦୌଡି ଘରକୁ ପଳାଇଥିଲେ। ଏହି ସମୟରେ ଦାଣ୍ଡରେ ଖେଳୁଥିବା ମାନସ ସାହୁଙ୍କ ଝିଅ ଖୁସି (୫)ଙ୍କୁ କୁକୁରଟି କାମୁଡି କ୍ଷତାକ୍ତ କରି ପକାଇଥିଲା। ଚିତ୍କାର ଶୁଣି ପରିବାରଲୋକେ ଗ୍ରାମବାସୀଙ୍କ ସହାୟତାରେ କୁକୁରଟିକୁ ଘଉଡାଇବା ସହ ଖୁସିକୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସାହିର ବିଜୟ ଦାସ, କିଶୋର ପ୍ରଧାନ, ଡଲି ଦାସ କୁକୁର କାମୁଡ଼ାରେ ଆହତ ହୋଇଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବନ ବିଭାଗ ସହାୟତାରେ କୁକୁରଟିକୁ ଶୀଘ୍ର ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ୟୁଆଇଏସ୍ କ୍ୟାନ୍‌ସର ଫାଉଣ୍ଡେଶନ ଚାରିଟେବଲ ଟ୍ରଷ୍ଟର ସାଂସ୍କୃତିକ ସନ୍ଧ୍ୟା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୫।୧୨ (ସୌମ୍ୟରଞ୍ଜନ ରାଉତ)

ୟୁଆଇଏସ୍ କ୍ୟାନ୍‌ସର ଫାଉଣ୍ଡେଶନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଭାଜପା ଉପସଭାପତି ଗୋଲଖ ମହାପାତ୍ର, ପ୍ରଫେସର ଡ. ବିଧୁ କଲ୍ୟାଣ ମହାନ୍ତି, ରିଜର୍ଭ ପୋଲିସ କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତି, ପ୍ରଫେସର ସନ୍ଦୀପ ସାମଲ, ବିଭୁ ଦାସ, ଭାସ୍କର ଜେନା, ସରୋଜିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଗୋପାଳ କୁମାର, କୋଷାଧ୍ୟକ୍ଷ ସୁଦର୍ଶନ ସ୍ୱାଇଁ ଓ ଅନୁଷ୍ଠାନର ଟ୍ରଷ୍ଟି ବିନୋଦ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଅବସରରେ ୨୦ଜଣ କର୍କଟ ପୀଡିତାଙ୍କୁ ଫାଉଣ୍ଡେଶନ ଟ୍ରଷ୍ଟ ଓଡ଼ିଶା ଶାଖା ପକ୍ଷରୁ ଆର୍ଥିକ ସହାୟତା, ଏଥିସହ କୃତ୍ରିମ ଅଙ୍ଗ ଓ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ମଧୁର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଟେଲିଭିଜନରେ ପ୍ରସାରିତ ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ ତରଫରୁ ହାସ୍ୟ ଅଭିନେତା ଶ୍ରୋତାଙ୍କୁ ହସେଇଥିଲେ।

## ସଂକ୍ଷେପରେ

### ମହିଳା ଟ୍ରାଫିକ୍ କନଷ୍ଟେବଲ୍‌ଙ୍କ ଗୋଡ଼ରେ ଗାଡ଼ି ମଡ଼ାଇ ଡ୍ରାଇଭର ଫେରାର

**ଭୁବନେଶ୍ୱର, ୫।୧୨ (ସୂର୍ଯ୍ୟକାନ୍ତ ବେହେରା):** ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଓୟୁଏଟି ଛକରେ କାର୍ଯ୍ୟରତ ଜଣେ ଟ୍ରାଫିକ୍ ମହିଳା କନଷ୍ଟେବଲଙ୍କ ଗୋଡ଼ ଉପରେ ଟାଟା ଏସିଇ ଗାଡ଼ି ମାଡ଼ିଯାଇଛି। ଏଥିରେ ମହିଳା ଟ୍ରାଫିକ୍ କର୍ମଚାରୀ ସମା ଦୀକ୍ଷିତ ଆହତ ହୋଇଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଗାଡ଼ି ମଡ଼ାଇ ଦେବାପରେ ଡ୍ରାଇଭର ଜଣଙ୍କ ଦ୍ରୁତଗତିରେ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଉକ୍ତ ଗାଡ଼ିକୁ ଚିହ୍ନଟ କରି ଡ୍ରାଇଭରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

### ଝରକା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଗଲେ

ଖୋର୍ଦ୍ଧା, ୫।୧୨ (ପ୍ରଭାତ ପାଣିଗ୍ରାହୀ)

ଗତ କିଛିଦିନ ହେବ ଖୋର୍ଦ୍ଧାରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ଧରି ବନ୍ଦ ରହୁଥିବା ଘର ଉପରେ ଏମାନଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଦିନରେ ବ୍ଲୁ ପ୍ରିଣ୍ଟ କରିବା ସହ ବିଳମ୍ବିତ ରାତିରେ ଚୋରି କରୁଛନ୍ତି। ଖୋର୍ଦ୍ଧା-ନୟାଗଡ଼ ରୋଡ଼ରେ ରହୁଥିବା ପ୍ରଫେସର ଅଜିତ୍ କୁମାର ରଥଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୪୫୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା- ନୟାଗଡ଼ ରୋଡ଼ରେ ପ୍ରଫେସର ରଥ ଏବଂ ତାଙ୍କ ସହଧର୍ମିଣୀ ରୁହନ୍ତି। ଗତ ନଭେମ୍ବର ମାସରେ ବେଙ୍ଗାଲୁରରେ ରହୁଥିବା ତାଙ୍କ ପୁଅ ନିକଟକୁ ଉଭୟ ଯାଇଥିଲେ। ଗତ ୨୯ତାରିଖ ରାତିରେ ସେମାନେ ଘରକୁ ଫେରିଥିଲେ। ଘର ଝରକା ଗ୍ରୀଲ୍ ତଡ଼ା ହୋଇଥିବା ଏବଂ ଗୋଦ୍‌ରେଜ ଲକର ଖୋଲାଥିବା ଦେଖିବାକୁ ପାଇଥିଲେ। ଏନେଇ ରଥ ୧୧୨ ନମ୍ବରକୁ ଫୋନ କରି ଅଭିଯୋଗ କରିଥିଲେ। ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଗାନ୍ଧୀମାର୍ଗରେ ଗର୍ଜିଲେ କଳା, କ୍ରୀଡ଼ା ଶିକ୍ଷକ




ଭୁବନେଶ୍ୱର, ୫।୧୨ (ସୁଚିସ୍ମିତା ସାହୁ)

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସମସ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ରାଜ୍ୟ ସରକାର ନିୟମିତ କରିବା ଦାବି ନେଇ ଗୁରୁବାର ଗାନ୍ଧୀମାର୍ଗରେ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। କଂଗ୍ରେସ ଭବନ ସମ୍ମୁଖରୁ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିସ୍ଥିତ ଧାରଣାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଦୀର୍ଘ ୧୨ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକରେ ବିଦ୍ୟାଳୟକୁ ଯାଇ କାର୍ଯ୍ୟ କରିବା ବର୍ତ୍ତମାନ ମହଙ୍ଗା ଯୁଗରେ ସମ୍ଭବପର ହୋଇପାରୁ ନାହିଁ। ସମାଜରେ ମୁଣ୍ଡ ଟେକି ଚାଲିବା କଷ୍ଟକର ହୋଇପଡ଼ିଛି। ତେଣୁ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଏ ସମସ୍ତ ବିଷୟ ସରକାରଙ୍କୁ ଅବଗତ କରାଇବା ସହ ପାର୍ଟ ଟାଇମ୍ ନିଯୁକ୍ତିକୁ ନିୟମିତ କରିବା ଦାବି କରିଛନ୍ତି। ମହାସଂଘ ସଭାପତି ପାଣ୍ଡବ ବିଶି କହିଛନ୍ତି, ଯେପର୍ଯ୍ୟନ୍ତ ଏକ ସୌଜନ୍ୟମୂଳକ ଆଲୋଚନା ହୋଇ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।

## ସାପ କାମୁଡ଼ାରେ ଚାଷୀ ମୃତ

ବେଗୁନିଆ/ବାଘମାରୀ, ୫।୧୨
(ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅଧୀନ କୋଚିଆଖାଲ ଗ୍ରାମର ଦଣ୍ଡପାଣି କହଲସିଂହ (୭୪)। ସୂଚନା ମୁତାବକ, ଦଣ୍ଡପାଣି ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବେଗୁନିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଯୁକ୍ତ ୨ ଛାତ୍ରଙ୍କ ମିଳୁନି ପତ୍ତା, ଫଟୋ ଧରି ଖୋଜୁଛନ୍ତି ମା'

ଭୁବନେଶ୍ୱର, ୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜଣେ ଯୁକ୍ତ ଦୁଇ ଛାତ୍ର ନିଖୋଜ ହୋଇଛନ୍ତି। ନିଖୋଜ ଛାତ୍ର ହେଲେ ତମାଣ୍ଡୋ ଅଞ୍ଚଳରେ ରହୁଥିବା ସିଦ୍ଧିବିନାୟକ ବେହେରା(୧୭)। ଏନେଇ ସିଦ୍ଧିଙ୍କ ବାପା ସ୍ଥାନୀୟ ଥାନାରେ ଗତ ୩ତାରିଖରେ ପୁଅକୁ ଅପହରଣ କରାଯାଇଥିବା ସନ୍ଦେହ କରି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରିନାହିଁ । ଅନ୍ୟପଟେ ମା' ନୀଳୋତ୍ପଳ ସାହାଣୀ ପୁଅର ଫଟୋକୁ ଧରି ସହର ସାରା ଖୋଜୁ ବୁଲୁଛନ୍ତି ।

## ଆଜିଠୁ ରାଜ୍ୟ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର, ୫।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଶୁକ୍ରବାରଠାରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେଉଛି। ଏହା ୧୭ ତାରିଖ ଯାଏ ଚାଲିବ। ହେଲେ ଷ୍ଟଲ୍ ଆବଣ୍ଟନକୁ ନେଇ ଏବେ ବି ବିବାଦ ପିଛା ଛାଡୁନି। ଏଥିରେ ପ୍ରୀୟାପ୍ରୀତି ତୋଷଣ ହେବାନେଇ ପ୍ରକାଶନୀ ସଂସ୍ଥା 'ଲେଖାଲେଖି' ଅଭିଯୋଗ କରିଛି। ସଂସ୍ଥାର ମୁଖ୍ୟ କୁମୁଦିନୀ ବେହୁରା କହିଛନ୍ତି, ଦୀର୍ଘ ୨୦ବର୍ଷ ଧରି ଏହି ପ୍ରକାଶକ ସଂସ୍ଥା ପୁସ୍ତକମେଳାର ମୁଖ୍ୟ ପ୍ରବେଶ ପଥର ବାମପାର୍ଶ୍ୱରେ ଅବସ୍ଥିତ ଧାଡ଼ିର ୮ରୁ ୧୦ ନଂ. ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଷ୍ଟଲ୍ ପକାଇ ଆସୁଛି। ତେବେ ପ୍ରଥମକରି ଚଳିତ ପୁସ୍ତକ ମହୋତ୍ସବରେ ସଂସ୍ଥାକୁ ନିର୍ଦ୍ଧାରିତ ସ୍ଥାନରୁ ହଟାଇ ଅନ୍ୟ ଷ୍ଟଲକୁ ସ୍ଥାନାନ୍ତର କରାଯାଇଛି। ଏହା ନିୟମ ବହିର୍ଭୂତ ଏବଂ ଜାଣିଶୁଣି କରାଯାଇଛି। ଏନେଇ ସଂସ୍ଥା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ, ନିର୍ଦ୍ଦେଶକ ଏବଂ ଓଡିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ଚିଠି ମାଧ୍ୟମରେ ଗୁରୁବାର ଅବଗତ କରାଯାଇଛି। ପୁସ୍ତକମେଳାଗୁଡ଼ିକରେ ଯେଉଁ କ୍ରମରେ ଷ୍ଟଲ ଆବଣ୍ଟିତ ହେଉଥିଲା ସେହି କ୍ରମରେ ଚଳିତବର୍ଷ ଷ୍ଟଲ ଆବଣ୍ଟନ ହୋଇଥିଲେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ସମ୍ପୃକ୍ତ ପ୍ରକାଶନୀ ସଂସ୍ଥାକୁ ଅଣଦେଖା କରାଯାଇଛି। ଏପରିକି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସରକାରୀ ନିୟମ ଅନୁସାରେ ବିଭାଗ ଷ୍ଟଲ ଆବଣ୍ଟନ ସମୟରେ ନିୟମାବଳୀ ଅନୁସରଣ କରିନାହାନ୍ତି। ଏଥିମଧ୍ୟରୁ

### ଷ୍ଟଲ୍ ଆବଣ୍ଟନକୁ ନେଇ ଅଭିଯୋଗ ଆଣିଲା ଲେଖାଲେଖି

ଲଟେରୀ ମାଧ୍ୟମରେ ସମସ୍ତ ଷ୍ଟଲ ଆବଣ୍ଟନ କରିବା, ଷ୍ଟଲ ବୁକିଂର କ୍ରମ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ସର୍ଭକୁ ଅଗ୍ରାଧିକାର ଦେବା, ଅଧିକ ଷ୍ଟଲ ନେଇଥିଲେ ଅଗ୍ରାଧିକାର ଦେବା। ମାତ୍ର ପରିତାପର ବିଷୟ ଏହି ୩ଟି ନିୟମାବଳୀ ମଧ୍ୟରୁ କୌଣସି ଗୋଟିଏ ହେଲେ ଅନୁସରଣ କରାଯାଇନାହିଁ। ଏପରିକି ପୂର୍ବ ବର୍ଷଗୁଡିକରେ ଆବଣ୍ଟିତ କ୍ରମକୁ ଭୁଲ ଭାବରେ ଅନୁସରଣ କରାଯାଇଛି ବୋଲି ସେ ଅଭିଯୋଗ କରିଛି। ଏ ସଂକ୍ରାନ୍ତରେ ଅବଗତ ନ ଥିବା କିମ୍ବା ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସି ନ ଥିବା ବିଭାଗର ଯୁଗ୍ମ ଶାସନ ସଚିବ ଦେବ ପ୍ରସାଦ ଦାସ କହିଛନ୍ତି। ଚଳିତବର୍ଷ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବକୁ ରାଜଧାନୀ ପୁସ୍ତକ ମେଳା ସହାୟତାରେ ନ କରି ସରକାର ନିଜେ ଆୟୋଜନ କରୁଛନ୍ତି। ତେବେ ଘରେ ନ ପଶୁଣୁ ଚାଳ ବାଜିବା ଭଳି ମେଳା ଆରମ୍ଭ ନ ହେଉଣୁ ଷ୍ଟଲ ଆବଣ୍ଟନ ଓ ସ୍ଥାନ ଚିହ୍ନଟକୁ ନେଇ ବାରମ୍ବାର ବିବାଦ ଦେଖାଦେଉଛି। ସେହିପରି ଆୟୋଜନର ପ୍ରାରମ୍ଭରୁ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରବରିଆ ଭାବେ ୪ଟି କମିଟି ଗଠନ କରିଥିଲେ। ମାତ୍ର ଏଥିରୁ ଗୋଟିଏ କମିଟିର ବୈଠକ ବସିଥିଲାବେଳେ ଷ୍ଟଲ ପ୍ରସ୍ତୁତି ଓ ଆବଣ୍ଟନ କମିଟି ସହ ୩ଟି କମିଟିର ବୈଠକ ବସିନାହିଁ। ତେଣୁ ଷ୍ଟଲ ଆବଣ୍ଟନରେ ଏପରି ଅନ୍ୟାୟ ହୋଇଥିବା ଅଭିଯୋଗ କରାଯାଇଛି।

## ବୟସ୍କଙ୍କୁ ସେବା ଦେବ ଗୁଗଲ ୱେଲ୍‌ନେସ୍ ଫାଉଣ୍ଡେଶନ

ଭୁବନେଶ୍ୱର, ୫।୧୨ (ଅନୁରାଧା ମହାରଣା)

ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ବହୁ ବୃଦ୍ଧ ବ୍ୟକ୍ତି ଅବହେଳିତ ଅବସ୍ଥାରେ ରହିଛନ୍ତି। ଏପରି ବୟସ୍କବ୍ୟକ୍ତିଙ୍କ ସେବା ଲକ୍ଷ୍ୟରେ ଗୁଗଲ ୱେଲ୍‌ନେସ୍ ଫାଉଣ୍ଡେଶନର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଏକାକୀ ଜୀବନ କାଟୁଥିବା ବୃଦ୍ଧା ଓ ବୃଦ୍ଧଙ୍କ ପ୍ରତିଦିନର ଆବଶ୍ୟକତା ପୂରଣ ପାଇଁ ଏହିପରି ସଂସ୍ଥା ଆଗକୁ ଆସିବା ନିହାତି ଆବଶ୍ୟକ। ଫାଉଣ୍ଡେଶନର ପରିଚାଳନା ଟ୍ରଷ୍ଟି ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତି ଉପଯୁକ୍ତ ପ୍ରେମ, ସମ୍ମାନ ଏବଂ ଯତ୍ନ ପାଇବାକୁ ଯୋଗ୍ୟ। ସେମାନଙ୍କୁ ଏଠାରେ ଚିକିତ୍ସା ସହାୟତା ସହ ସେମାନଙ୍କ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା, ଡାକ୍ତରଖାନା କିମ୍ବା ବ୍ୟାଙ୍କ ପରି ସ୍ଥାନକୁ ପରିବହନ, ଘରଠୁ ରକ୍ତ ନମୁନା ସଂଗ୍ରହ ଏବଂ ସ୍ୱାସ୍ଥ୍ୟର ସହିତ ଯତ୍ନ ନିମନ୍ତେ ନିୟମିତ ଚେକ୍ ଅପ୍ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ପୂର୍ବତନ ସ୍ୱତନ୍ତ୍ର ସଚିବ, ଅବସରପ୍ରାପ୍ତ ଓଏଫଏସ୍ ଅଫିସର ସଞ୍ଜୟ ପ୍ରାମାଣିକ, ୱାଟ୍‌କୋର ପୂର୍ବତନ ସିଓଓ ଶରତ ଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ ସରୋଜ ନଳିନୀ ପରିଡାଙ୍କ ସହ ଫାଉଣ୍ଡେଶନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି ସହ ୧୪ ଦଫା ଦାବି ନେଇ ଓଡ଼ିଶା ଗୋଷ୍ଠୀ ସହାୟିକା ସିଆର୍‌ପି ସିଏମ୍ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିଠାରେ ରାସ୍ତାରେ ବସି ମାଣବସା ଗୁରୁବାର ପୂଜା କରାଯାଉଛି।

## ଭୁବନେଶ୍ୱର ସ୍କାଉଟ୍ କ୍ୟାମ୍ପୋରି ଉଦ୍‌ଘାଟିତ

ଭୁବନେଶ୍ୱର, ୫।୧୨ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ୩୨ତମ ଜିଲା କ୍ୟାମ୍ପୋରି ଗୁରୁବାର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ଆରମ୍ଭ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡ. ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସ୍କାଉଟ୍ କମିଶନର ଅମ୍ବିକା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଜିଲା ସଂଗଠନ କମିଶନର ସୁଶାନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମ୍ପାଦକ ତଥା କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରୁପମା ମଙ୍ଗରାଜ ବାର୍ଷିକ ବିବରଣୀ


କ୍ୟାମ୍ପୋରିରେ ଅଂଶଗ୍ରହଣ କରିଥିବା ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସମାନେ।


ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

### ଯୋଗ ନେଇଛନ୍ତି ୧୬୯୬ଜଣ

ପ୍ରଦାନ କରିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି କ୍ୟାମ୍ପୋରିରେ ଭୁବନେଶ୍ୱର ମହାନଗର ନିଗମ, ବାଲିଅନ୍ତା, ବାଲିପାଟଣା ଓ ଭୁବନେଶର ବ୍ଲକ ଅନ୍ତର୍ଗତ ୭୦ଟି ବିଦ୍ୟାଳୟର ମୋଟ ୧୬୯୬ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ଯୋଗଦେଇଛନ୍ତି। ଏଥିରେ ପ୍ରଦର୍ଶନୀ, ଗ୍ରାମ୍ୟମେଳା, ମାର୍ଚ୍ଚପାଷ୍ଟ, ଶିବିରାଗ୍ନି, ଲୋକକଳା ପ୍ରଦର୍ଶନୀ, ଲୋକଗୀତ, ଲୋକନୃତ୍ୟ, ହସ୍ତକଳା, କୁଇଜ, ପ୍ରାଥମିକ ଚିକିତ୍ସା, ଶିବିର ହସ୍ତକର୍ମ, ଦେଶାତ୍ମବୋଧକ ସଙ୍ଗୀତ, ନଟିଂ, ସର୍ବଧର୍ମ ପ୍ରାର୍ଥନା ସଭା, ଶାଢ଼ି ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

# 'ଜୈବିକ ସାର ପ୍ରୟୋଗକରି ମାଟିର ଉର୍ବରତା ବଜାୟ ରଖ'

କଟକ,୫।୧୨(କାର୍ତ୍ତିକ ସାହୁ)




ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ସମସ୍ତ ଜୀବଜଗତ ଜୀବନଧାରଣ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମାଟି ମାଆ ଉପରେ ନିର୍ଭରଶୀଳ। ମାଟିର ଯତ୍ନ ନେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ। ମୃତ୍ତିକାର ଯତ୍ନ ପାଇଁ ଏହାର ପରିମାପ, ପର୍ଯ୍ୟବେକ୍ଷଣ ଓ ପରିଚାଳନା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାସାୟନିକ ସାରର ବ୍ୟବହାର ହ୍ରାସ ସହ ଜୈବିକ ସାର ପ୍ରୟୋଗ କରି ମାଟିର ଉର୍ବରତା ବଜାୟ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ଅବସରରେ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଗୁରୁବାର ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ କୃଷକମାନେ ବିଭିନ୍ନ ସମୟରେ କୃଷି ବୈଜ୍ଞାନିକଙ୍କଠାରୁ ଚାଷ ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବାକୁ କହିଥିଲେ। ଏହାଦ୍ୱାରା ଅଧିକ ଅମଳ ମିଳିବା ସହ ଚାଷଜମିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରଖାଯାଇପାରିବ। ଅତିରିକ୍ତ ଜିଲାପାଳ ଡା. ଦିବ୍ୟଲୋଚନ ମହନ୍ତ ମୃତ୍ତିକା ପରୀକ୍ଷା, ବିଭିନ୍ନ ପ୍ରକାର ଜୈବିକ ସାରର ପ୍ରୟୋଗ, ମୃତ୍ତିକା କ୍ଷୟ ରୋକିବା ଓ ଠିକ୍ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ।

**ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ**

ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର, କୃଷି ବିଜ୍ଞାନ କେନ୍ଦ୍ର ମୃତ୍ତିକା ବିଜ୍ଞାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଦିଲୀପ କୁମାର ଷଡ଼ଙ୍ଗୀ, ବାଙ୍କୀ କୃଷି ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାଶ, ଆଠଗଡ଼ କୃଷି ଜିଲା ଅଧିକାରୀ ଶିବାଶିଷ ମିଶ୍ର, ସାଲେପୁର କୃଷି ଜିଲା ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା) ତୃପ୍ତିମୟୀ ନାହାକ ପ୍ରମୁଖ ମୃତ୍ତିକାର ଯତ୍ନ, ରାସାୟନିକ ସାର ଓ ଜୈବିକ ସାରର ବ୍ୟବହାର, ବିଭିନ୍ନ ପ୍ରକାର କୃଷି ବିଷୟରେ ଆଲୋଚନା କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ଅସୀମା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଶୁଭାରମ୍ଭ ହୋଇଥିଲା।

# ୫୨୮ ପ୍ରବାସୀ ଶ୍ରମିକଙ୍କୁ ମିଳିଲା ରାଶନ କାର୍ଡ

କଟକ ସଦର,୫।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଟି ପଞ୍ଚାୟତର ୫୨୮ ଜଣ ପ୍ରବାସୀ ଶ୍ରମିକଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରତୀକ କୁମାର ସାହୁ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ଆମ୍ବାର ଅଧ୍ୟକ୍ଷ ରମାରଞ୍ଜନ ବିଶ୍ୱାଳ, ଯୋଗାଣ ନିରୀକ୍ଷକ ନୀହାର ସ୍ୱାଇଁ ଉପସ୍ଥିତ ଥିଲେ। ଗଡିରାଉତପାଟଣା

**ନିରାଶରେ ଫେରିଲେ ଦିବ୍ୟାଙ୍ଗ ବାଳିକା**

ଗ୍ରାମର ଯମୁନା ବେହେରାଙ୍କ ଝିଅ ଶୁଭଲକ୍ଷ୍ମୀ ବେହେରା(୯) ଦିବ୍ୟାଙ୍ଗ ରାଶନ କାର୍ଡ ପାଇବେ ବୋଲି ଆଶା ରଖି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ତାଙ୍କୁ କାର୍ଡ ନ ମିଳିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଅନ୍‌ଲାଇନ୍‌ରେ ଅନେକଥର କାର୍ଡ ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏନେଇ ଯୋଗାଣ ନିରୀକ୍ଷକ ସ୍ୱାଇଁ କହିଛନ୍ତି, ଆଗରୁ ଏକଥା ଜାଣି ନ ଥିଲି। ଏବେ ବ୍ୟବସ୍ଥା କରାଯିବ।



କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

# ନିଆଁରେ ପୋଡ଼ି ମା', ଶିଶୁକନ୍ୟା ମୃତ ଘଟଣା: ମହିଳାଙ୍କ ସ୍ୱାମୀ ଗିରଫ

ମଙ୍ଗୁଳି-ଜଗତପୁର,୫।୧୨(ମାନସ ସାମଲ)

ନିଆଁରେ ପୋଡ଼ି ହୋଇ ସ୍ତ୍ରୀ ଓ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟଣାରେ ପାଗା ଫାଣ୍ଡି ପୋଲିସ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ପାଗା ଫାଣ୍ଡି ଅଧୀନ ଆଟୋଡ଼ା ଗ୍ରାମର ଶୁଭରଞ୍ଜନ ଲେଙ୍କା। ସୁଚିସ୍ମିତାଙ୍କୁ ସ୍ୱାମୀ ଶୁଭରଞ୍ଜନ ଓ ଶାଶୁ ନଳିନୀ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବାନେଇ ତାଙ୍କ ମା' ରଶ୍ମିତା ମହାନ୍ତି ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ହତ୍ୟା ମାମଲା(ନଂ.୬୧୫/୨୪) ରୁଜୁ କରିଥିଲା। ପୋଲିସ ସୂଚନା ଅନୁଯାୟୀ, ସୁଚିସ୍ମିତା ଏକ ଶିଶୁକନ୍ୟା ଜନ୍ମ କରିବାରୁ ଶାଶୁଘରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଛୋଟ ଛୋଟ କଥାରେ ଭୁଲ୍ ଦର୍ଶାଇ ସୁଚିସ୍ମିତାଙ୍କୁ ଶାଶୁ ଓ ସ୍ୱାମୀ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସୁଚିସ୍ମିତା ଓ ଶୁଭରଞ୍ଜନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଅସହ୍ୟ ହେବାରୁ ସୁଚିସ୍ମିତା ଶୋଇବା ଘରେ ନିଜର ୨ ମାସର ଶିଶୁକନ୍ୟାକୁ ଧରି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା।



କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋମା ଦାସଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# 'ଭାଷା, ଭାବ ବିନା ସାହିତ୍ୟ ସୃଷ୍ଟି ଅସମ୍ଭବ'

କଟକ,୫।୧୨(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ସୋମା ଦାସଙ୍କ ଗଳ୍ପ ପୁସ୍ତକ ଭିନ୍ନ ଚରିତ୍ର: ଭିନ୍ନ କାହାଣୀ ଓ ଜୀବନୀ ପୁସ୍ତକ କଲାମଙ୍କ କଲମରୁ ସାରଳା ଭବନଠାରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରି କହିଛନ୍ତି, ଭାଷା, ଭାବ ଓ ଅନୁଭବ ବିନା ସାହିତ୍ୟ ସୃଷ୍ଟି ଅସମ୍ଭବ।

**ସୋମା ଦାସଙ୍କ ୨ ପୁସ୍ତକ ଉନ୍ମୋଚିତ**

ସାହିତ୍ୟ ଲେଖିବା ପାଇଁ ପ୍ରଚୁର ଅନୁଭବ ଓ ଭାବର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଡ. ସୁଲୋଚନା ଦାସ କହିଛନ୍ତି, ସୋମା ଦାସଙ୍କ ଲେଖା ସମାଜର ବିଭିନ୍ନ ଚରିତ୍ରକୁ ଆବିଷ୍କାର କରିବା ସହିତ ସେମାନଙ୍କୁ ଦିଶା ଦେଖାଇବାରେ ସହାୟ ହୋଇଛି। ମୁଖ୍ୟବକ୍ତା ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ କହିଛନ୍ତି, ମୂଲ୍ୟବୋଧଭିତ୍ତିକ ସାହିତ୍ୟ ସବୁବେଳେ ଆଦର ଲାଭ କରେ। ସଭାପତି ଡ. ସ୍ୱାଇଁ କହିଛନ୍ତି, ସୋମା ଦାସ ଗଳ୍ପଗୁଡ଼ିକରେ ସମାଜର ଦୁଃଖ ଓ ପ୍ରପୀଡ଼ିତ ଲୋକଙ୍କ ସମସ୍ୟାକୁ ଚିତ୍ରଣ କରିବା ସହିତ ମାନବିକ କରୁଣା ଓ ଆବେଗକୁ ସ୍ଥାନିତ କରିଛନ୍ତି। ଲେଖିକା ଦାସ ତାଙ୍କ ଲେଖକୀୟ ଅଭିବ୍ୟକ୍ତିରେ ଗଳ୍ପଗୁଡ଼ିକର ସ୍ଥିତି ଓ ରଚନା ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ପ୍ରମୋଦା ଦାସ ଧନ୍ୟବାଦ ଦେଇଥିଲେ। ଅଶୋକ କୁମାର ପଟ୍ଟନାୟକ, ଇଂ. ରଘୁନାଥ ଦାସ, ଡ. ତୃପ୍ତି ଦାସ, ଇଂ. ଦେବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୌଦ୍ୱାର କଲେଜରେ ଆଲୋଚନାଚକ୍ର

ଚୌଦ୍ୱାର,୫।୧୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରମିଳାରାଣୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ମମତା ସାହୁଙ୍କୁ ବିଭାଗ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଅକ୍ଷୟ କୁମାର ପ୍ରଧାନ, ଦିଲୀପ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭାଗବତ ଗୀତା ସମ୍ପର୍କିତ ଏକ ମଲ୍ଟି ଡିସିପ୍ଲିନାରୀ ସେମିନାର ଆୟୋଜିତ ହୋଇଥିଲା। ଏଥିରେ ଦର୍ଶନଶାସ୍ତ୍ର ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ଆଲୋଚକ ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ମୋହିତ କର ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କଟକ,୫।୧୨(କାର୍ତ୍ତିକ ସାହୁ)

କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ରର ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠାନ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଂ. ନୀହାର ରଞ୍ଜନ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବାରବାଟୀ ଦୁର୍ଗ ନିକଟରୁ ଶିଖାଧରି ସ୍କୁଲର ପିଲାମାନେ ସହରର ମୁଖ୍ୟରାସ୍ତା ଅତିକ୍ରମ କରି ମାତୃଭବନରେ ପହଞ୍ଚିଥିଲେ। ଡା. ଜୟନ୍ତ କୁମାର ପଣ୍ଡା ଶିଖାରେ ଅଗ୍ନି ସଂଯୋଗ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମାତୃଭବନ ସ୍କୁଲର ସମ୍ପାଦିକା ଡ. ଶ୍ୟାମା କାନୁନ୍‌ଗୋ, ଇଂ. ନୀହାର ରଞ୍ଜନ ନାୟକ ଏବଂ ଆମେରିକାରୁ ଆସିଥିବା ଚିତ୍ତରଞ୍ଜନ ପରିଜା, ଜୟଶ୍ରୀ ପରିଜା, ଅନୁଷ୍ଠାନର ଅଧ୍ୟକ୍ଷା ନୀତା ସରକାର, ସଦସ୍ୟ ଜତିନ୍ଦ୍ର ଦାସ, ଦୀପକ ଖଟୁଆ, ଗଙ୍ଗାଧର ସାହୁ, କର୍ପୋରେଟର ଦୀପକ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରସାଦ ତ୍ରିପାଠୀ, ସମରେନ୍ଦ୍ର ରାଉତ ଏବଂ ସ୍ୱରାଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ମାନସିକ ଚାପ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ

କଣ୍ଟାପଡ଼ା,୫।୧୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅଧୀନ ସୁନ୍ଦରଗ୍ରାମ ନିକଟସ୍ଥ ଦଧୀଚି ଫାର୍ମାସୀ କଲେଜ ପରିସରରେ ଇଣ୍ଡୋ-ୟୁଏସ୍ ହେଲ୍‌ଥ କେୟାର ସିଷ୍ଟମ ଶୀର୍ଷକ ଗୋଲଟେବୁଲ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅକୁପେଶନାଲ ଥେରାପିଷ୍ଟ ଡା. ଶୁଭସ୍ମିତା ସାହୁ ଯୋଗଦେଇ କହିଛନ୍ତି, ଛାତ୍ର ଜୀବନରେ ବିଭିନ୍ନ ପ୍ରକାର ମାନସିକ ଚାପ ଆସିଥାଏ। ତେବେ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। ଭାରତ ଓ ଆମେରିକାରେ ଚାଲିଥିବା ସ୍ୱାସ୍ଥ୍ୟସେବାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ଅକୁପେଶନାଲ ଚିକିତ୍ସକ ଭାବେ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାରେ କିପରି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ସେ ସମ୍ପର୍କରେ ଡା. ସାହୁ ବୁଝାଇଥିଲେ। ଦଧୀଚି ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡ. ସତ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡା. ସାହୁଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମୁଖ୍ୟ ଅତିଥି ଡା. ଶୁଭସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଶୀତଦିନେ ଜମୁଛି ଫୁଲଚାରା ବ୍ୟବସାୟ

**ଚାହିଦାରେ ଏରିକା ପାମ୍, ଥାଇଲାଣ୍ଡ ହାଇବ୍ରିଡ୍ ଗୋଲାପ ଚାରା**

କଟକ,୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶୀତ ଦିନରେ ଘରକୁ ରଙ୍ଗିନ ଫୁଲଗଛରେ ସଜାଇବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି। ଏପରି କି ଘରର ଛାତ ଉପରେ ମଧ୍ୟ କୁଣ୍ଡରେ ଫୁଲଚାରା ରଖିଥାନ୍ତି। ତେବେ ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି କଟକ ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟୀ ଭଳିକି ଭଳି ଦେଶୀ ଓ ବିଦେଶୀ ଫୁଲଚାରା ବିକ୍ରି କରୁଛନ୍ତି। ଏପରି କି ବ୍ୟବସାୟୀ ଘର ଘର ବୁଲି ଚାରା ମଧ୍ୟ ବିକ୍ରି କରୁଛନ୍ତି। ଲୋକମାନେ ମଧ୍ୟ ବେଶ୍ ଆଗ୍ରହର ସହିତ ଏହାକୁ କିଣୁଛନ୍ତି। ଦେଶୀଚାରା ମଧ୍ୟରେ ଗେଣ୍ଡୁ, ଡାଲିଆ, ମିନି ଡାଲିଆ ଏବଂ ବିଦେଶୀ ଚାରା ମଧ୍ୟରେ ସେବତୀ, ଆଣ୍ଟିନାମା, ସ୍ନୋବଲ, ପିଟୁନିଆ ଆଦି ରହିଛି। ଏହାର ଦର ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଚାରା ମଧ୍ୟରେ ଥାଇଲାଣ୍ଡର ହାଇବ୍ରିଡ୍ ଗୋଲାପ ୧୫୦ ଟଙ୍କା, ପୁଣେ ଆମେରିକା ମନ୍ଦାର ଦର ୧୨୦ରୁ ୩୦୦ ଟଙ୍କା ରହିଛି। ସେଥିମଧ୍ୟରୁ ଥାଇଲାଣ୍ଡ ହାଇବ୍ରିଡ୍ ଗୋଲାପର ଚାହିଦା ଅଧିକ ରହିଛି।



ସହରବାସୀ ଏବେ ଇନ୍‌ଡୋର ଗଛ ଲଗାଇ ଘର ସଜାଇବାକୁ ପସନ୍ଦ କରୁଥିବାବେଳେ ଏହି ଗଛଗୁଡ଼ିକ ପୁଣେରୁ ଆସିଥାଏ। ଏହି ଗଛ ମଧ୍ୟରେ ସାନୋଭା ଇଣ୍ଡିଆ, ଏରିକା ପାମ୍, ଖ୍ରୀଷ୍ଟମାସ୍ ଟ୍ରି, ଏକ୍ଲୋମା ଓ ସ୍ନେକ୍ ପ୍ଲେନ୍ ଚାରା ଆଦି ରହିଛି। ଏହାର ଦର ୧୨୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିମଧ୍ୟରେ ଏରିକା ପାମ୍‌ର ଚାହିଦା ଅଧିକ ରହିଛି। ଅପରପକ୍ଷରେ ମଞ୍ଜି ମଧ୍ୟରେ ଗ୍ୟାଡୁଏଲାର ଚାହିଦା ବେଶ୍ ଅଧିକ ରହିଥିବାବେଳେ ଏହାର ଦର ୧୦ ଟଙ୍କା ଲେଖାଏଁ ରହିଛି। ଚାରା ସହ ଗଛରେ ଦେବା ପାଇଁ ସାର, ପଟୁମାଟି ଆଦି ବ୍ୟବସାୟୀ ବିକ୍ରି କରୁଛନ୍ତି। ସାର ମଧ୍ୟରେ ହର୍‌ମୋନ, ମିକ୍ସ ସାର, ଅର୍ଗାନିକ ସାର ଇତ୍ୟାଦି ରହିଛି। ହରମୋନ ସାରର ଦର ୨୦୦ ଗ୍ରାମ୍‌କୁ ୨୦ଟଙ୍କା, ମିକ୍ସ ସାର ୧୫୦ ଗ୍ରାମକୁ ୨୦ ଟଙ୍କା, ଅର୍ଗାନିକ ସାର ୧ କେଜିକୁ ୫୦ ଟଙ୍କା ରହିଥିବାବେଳେ ପଟୁମାଟି ୧ ବସ୍ତାକୁ ୧୦୦ ଟଙ୍କା ରହିଛି।



" ବର୍ଷର ଅନ୍ୟଦିନ ଅପେକ୍ଷା ଶୀତଦିନରେ ଚାରା ଓ ଗଛ ଲଗାଇବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରିଥାନ୍ତି। ସେଥିପାଇଁ ଶୀତଦିନେ ଏହାର ଚାହିଦା ଅଧିକ ରହିଥାଏ। ୨୨ ବର୍ଷ ହେବ ବାରବାଟୀ ଷ୍ଟାଡିୟମ ନିକଟରେ ଏହି ବ୍ୟବସାୟ କରିଆସୁଛି। ଇନ୍‌ଡୋର ଗଛ କିଣିବା ପାଇଁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି।

**ମଳୟ ପ୍ରଧାନ, ଚାରା ବ୍ୟବସାୟୀ**



" ବର୍ଷକ ମଧ୍ୟରେ ଶୀତ ଦିନରେ ଚାରା ଅଧିକ ବିକ୍ରି ହୁଏ। ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଭଳିକି ଭଳି ଚାରା ବାହାରୁ ମଗାଇଛୁ। ଲୋକମାନେ ମଧ୍ୟ ଆଗ୍ରହର ସହ ଏହାକୁ କିଣୁଛନ୍ତି। ସହରରେ ପ୍ରାୟ ୨୫ ବର୍ଷ ହେବ ଏହି ବ୍ୟବସାୟ କରୁଛି। ଆଗାମୀ ଦିନରେ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**ଅମଲେଶ ଗୁହା, ଚାରା ବ୍ୟବସାୟୀ**

## ଫଟୋ ରେ ଖବର




ବାଂଲାଦେଶରେ ହିନ୍ଦୁ ଉତ୍ପୀଡନ ବିରୋଧରେ କଟକ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




କଟକ ଜିଲା ଟାଙ୍ଗୀଠାରେ ଥିବା ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ‘ଠିକ୍ ସମୟରେ ନ୍ୟାୟ ନ ମିଳିବା ଅନ୍ୟାୟ ସହ ସମାନ’

## ନୂଆ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସଙ୍କ ସହ ଅନ୍ୟ ଅତିଥିମାନେ ନୂଆ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୫।୧୨(ସତ୍ୟଜିତ୍ ରାଉତ)

ଠିକ୍ ସମୟରେ ନ୍ୟାୟ ନ ମିଳିବା ଅନ୍ୟାୟ ସହିତ ସମାନ। ବିଚାର ପ୍ରକ୍ରିୟାକୁ ବିଳମ୍ବ କରାଯିବାର ପରମ୍ପରା ଯୋଗୁ ଗରିବମାନେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ବାରମ୍ବାର ଅଦାଲତକୁ ଆସିବା ପାଇଁ ସେମାନଙ୍କ ପାଖରେ ଅର୍ଥ କିମ୍ବା ମାନବ ସମ୍ବଳ ନାହିଁ। ତେଣୁ ବିଳମ୍ବିତ ବିଚାର ପ୍ରକ୍ରିୟାକୁ ଏଡ଼ାଇବା ପାଇଁ ଏକ ଉପାୟ ଖୋଜିବାକୁ ପ୍ରାଥମିକତା ଦିଆଯିବା ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ନ୍ୟାୟିକ ପରିସର (ନୂଆ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସ)କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଲେ, ସାଧାରଣ ଲୋକଙ୍କ ପାଇଁ ଭାଷା ମଧ୍ୟ ଏକ ପ୍ରତିବନ୍ଧକ। ସେମାନଙ୍କ ସପକ୍ଷରେ ଓକିଲ କ’ଣ ଯୁକ୍ତି କରୁଛନ୍ତି କିମ୍ବା ବିଚାରପତି କ’ଣ ରାୟ ଦେଉଛନ୍ତି ତାହା ସେମାନେ ବୁଝିପାରନ୍ତି ନାହିଁ। ନ୍ୟାୟାଳୟଙ୍କ ରାୟଗୁଡ଼ିକ ବର୍ତ୍ତମାନ ଓଡ଼ିଆ ଏବଂ ସାନ୍ତାଳୀ ଭାଷାରେ ଅନୁବାଦ କରାଯାଉଛି। ଏହି ଅନୁବାଦିତ ରାୟଗୁଡ଼ିକ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ୱେବ୍‌ସାଇଟରେ ଉପଲବ୍ଧ ହେଉଥିବା ଜାଣି ରାଷ୍ଟ୍ରପତି ଖୁସିବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ, ଆଜି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ଅନ୍ୟ କ୍ଷେତ୍ର ଭଳି ନ୍ୟାୟପାଳିକାରେ ମଧ୍ୟ ମହିଳାଙ୍କ ଭାଗୀଦାରି ବଢୁଛି। ବର୍ତ୍ତମାନ ଓଡ଼ିଶା ନ୍ୟାୟିକ ସେବାରେ ୪୮ ପ୍ରତିଶତ ମହିଳା ଅଧିକାରୀ ରହିଛନ୍ତି। ଆଗାମୀ ଦିନରେ ମହିଳା ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ସାଧାରଣ ନାଗରିକମାନେ କିପରି ବିନା ଭୟରେ ନ୍ୟାୟିକ ବ୍ୟବସ୍ଥା ସହିତ ଯୋଗାଯୋଗ କରିପାରିବେ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅଧିକାଂଶ ସମୟରେ ଲୋକମାନେ ଓକିଲ ଓ ବିଚାରପତିଙ୍କ ସମ୍ମୁଖରେ ଭୟଭୀତ ହୋଇଯାଆନ୍ତି। ଅଦାଲତରେ ଏକ ସମ୍ବେଦନଶୀଳ ବାତାବରଣ ରହିବା ଜରୁରୀ , ଯାହାଦ୍ୱାରା ସେମାନେ ମୁକ୍ତ ଭାବରେ ନିଜକୁ ପ୍ରକାଶ କରିପାରିବେ। ବର୍ତ୍ତମାନ ଏବଂ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂତନ ଅଦାଲତ ପରିସରକୁ ଡିଜାଇନ୍ କରାଯାଇଥିବା ଦର୍ଶାଇ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରି କହିଥିଲେ, ଏଥିରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। କୋର୍ଟ ପରିସରରେ ଆଧୁନିକ ସୁବିଧା ନ୍ୟାୟିକ କ୍ଷେତ୍ରରେ ସୁରୁଖୁରୁରେ କାମ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି ସଭାରେ ରାଜ୍ୟପାଳ ରଘୁବର ଦାସ, ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ସରଣ ସିଂ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବହୁ ବିଚାରପତି ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍‌ଘାଟନ ପୂର୍ବରୁ ବାହାରିଲା ନାଗ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନର କିଛି ସମୟ ପୂର୍ବରୁ କମ୍ପ୍ଲେକ୍ସ ପରିସରରୁ ଏକ ୨ଫୁଟ ଲମ୍ବ ନାଗସାପକୁ ଉଦ୍ଧାର କରାଯାଇଥିଲା। ସାପଟି ମୁଖ୍ୟ ଫାଟକ ସାମ୍ନାରେ ଥିବା ମୁଖ୍ୟ ରାସ୍ତାରେ ଯାଉଥିବା ଜଣେ ଡ୍ରାଇଭର ଦେଖିବାକୁ ପାଇଥିଲେ। ଏହାପରେ ସ୍ନେକ ହେଲ୍ପ ଲାଇନକୁ ସୂଚନା ଦିଆଯାଇଥିଲା। ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।



# ଆରମ୍ଭ ହେଲା ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ


ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ଓଡ଼ିଶା ମଣ୍ଡପ ଉଦ୍‌ଘାଟନ ଅବସରରେ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୫।୧୨(ସୁଚିସ୍ମିତା ସାହୁ)

### ‘ଓଡ଼ିଶା ମଣ୍ଡପ’ ଉଦ୍‌ଘାଟିତ

- ୧୫ ଯାଏ ଚାଲିବ
- ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ ହେଉଛି ଓଡ଼ିଶା ମଣ୍ଡପ: ସଂସ୍କୃତି ମନ୍ତ୍ରୀ

ନବମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ ଗୁରୁବାର ହରିୟାଣାର କୁରୁକ୍ଷେତ୍ରଠାରେ ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଶାର ଗୌରବମୟ ଇତିହାସ, କଳା, ସଂସ୍କୃତି ଏବଂ ଐତିହ୍ୟକୁ ନେଇ ନିର୍ମିତ ‘ଓଡ଼ିଶା ମଣ୍ଡପ’ ଉଦ୍‌ଘାଟିତ ହୋଇଯାଇଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଚଳିତବର୍ଷ ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବରେ ଓଡ଼ିଶା ଷ୍ଟେଟ୍ ପାର୍ଟନର ଭାବେ ଯୋଗଦେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟକୁ ନେଇ ନିର୍ମିତ ଓଡ଼ିଶା ମଣ୍ଡପ ହେଉଛି ଓଡ଼ିଆ ଅସ୍ମିତାର ଏକ ନିଚ୍ଛକ ନିଦର୍ଶନ। ଏଠାରେ ଓଡ଼ିଶାର ପ୍ରମୁଖ ଚିତ୍ରକଳା, ହସ୍ତତନ୍ତ, ବୟନଶିଳ୍ପ, ପର୍ଯ୍ୟଟନସ୍ଥଳୀ, ଲୋକନୃତ୍ୟ ଏବଂ ଖାଦ୍ୟ ପରମ୍ପରା ଆଦିକୁ ବେଶ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ଦେଶ ବିଦେଶରୁ ଆସିଥିବା ସମସ୍ତ ଦର୍ଶକଙ୍କ ପାଇଁ ଏହି ମଣ୍ଡପ ଏକ ଶୈକ୍ଷଣିକ ବିଷୟ ବସ୍ତୁ ଭାବେ କାର୍ଯ୍ୟ କରିବା ସହ ଅନ୍ତଃରାଷ୍ଟ୍ରୀୟସ୍ତରରେ ଆମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ହରିୟାଣାର ରାଜସ୍ୱ ମନ୍ତ୍ରୀ ବିପୁଲ ଗୋୟଲ ଏବଂ ନୂଆଦିଲ୍ଲୀସ୍ଥିତ ଓଡ଼ିଶାର ପ୍ରିନ୍ସିପାଲ ରେସିଡେଣ୍ଟ କମିଶନର ବିଶାଲ ଗଗନ ଉପସ୍ଥିତ ଥିଲେ। ଓଡ଼ିଶା ମଣ୍ଡପରେ ଓଡ଼ିଶାର ଗୌରବମୟ ଇତିହାସ, କଳା, ସଂସ୍କୃତି ଏବଂ ଐତହ୍ୟ ଆଦିକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ପଟ୍ଟଚିତ୍ର, ଚାନ୍ଦୁଆ, ରୌପ୍ୟ ତାରକସି କାର୍ଯ୍ୟ ଏବଂ ବିଭିନ୍ନ ପ୍ରସିଦ୍ଧ କାରୁକାର୍ଯ୍ୟକୁ ଓଡ଼ିଶା ମଣ୍ଡପରେ ସ୍ଥାନିତ କରାଯାଇଛି। ଏଥିସହ ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପ, ପ୍ରସିଦ୍ଧ ସମ୍ବଲପୁରୀ ଇକତ, ପାଟଶାଢ଼ି, ଟସର ସିଲ୍କ ଆଦିକୁ ମଧ୍ୟ ପ୍ରଦର୍ଶନ କରାଯାଇଛି। ଓଡ଼ିଶାର ସମୃଦ୍ଧ ପଯ୍ୟଟନ ଶିଳ୍ପ, ପର୍ଯ୍ୟଟନ ସ୍ଥଳୀ ଏବଂ ବିଭିନ୍ନ ମନ୍ଦିର ଯଥା ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଆଦି ସମ୍ବନ୍ଧରେ ମଧ୍ୟ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ୧୫ ତାରିଖ ଯାଏ ଚାଲିବାକୁ ଥିବା ଏହି ମହୋତ୍ସବରେ ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶୀ ଏବଂ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ଯଥା ସମ୍ବଲପୁରୀ, କଣ୍ଢେଇ ନାଚ, ଢେମସା, ଛଉ, ଗୋଟିପୁଅ, ଡାଲଖାଇ, ଦୁଲଦୁଲି, ଘୁମୁରା ଆଦି ଦୈନିକ ପ୍ରଦର୍ଶିତ କରାଯିବାର ବ୍ୟବସ୍ଥା ହୋଇଛି। ଓଡ଼ିଶା ପ୍ରସିଦ୍ଧ ରସଗୋଲା ଓ ଛେନାପୋଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

# ବିନାନୁମତିରେ ହୋର୍ଡିଂ ଲଗାଇ ୩.୫ଲକ୍ଷ ଟଙ୍କା ଗଣିଲେ ଜୁଏଲେରି ମାଲିକ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ସହରରେ ଥିବା ୩ଟି ପ୍ରମୁଖ ଅଳଙ୍କାର ଦୋକାନୀଙ୍କଠାରୁ ୩.୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛନ୍ତି। ବିଏମ୍‌ସିର ବିନା ଅନୁମତିରେ ମହାଗନର ନିଗମ ପରିସରରେ ହୋର୍ଡିଂ ଏବଂ ବିଜ୍ଞାପନ ଲଗାଇଥିବାରୁ ସେମାନଙ୍କୁ ଏହି ଦଣ୍ଡ ଗଣିବାକୁ ପଡିଛି। ସମ୍ପୃକ୍ତ ଦୋକାନୀ ସହରର ବିଭିନ୍ନ ସ୍ଥାନରେ ସେମାନଙ୍କର ବିଜ୍ଞାପନ ହୋର୍ଡିଂ ଲଗାଇଥିବା ଅଭିଯୋଗ ବିଏମ୍‌ସିର ହସ୍ତଗତ ହୋଇଥିଲା। ଘଟଣାର ସତ୍ୟାସତ୍ୟ ନିରୀକ୍ଷଣ କରିବା ପରେ ଟିମ୍ ବିଏମ୍‌ସିର ରାଜସ୍ୱ ଉପବିଭାଗ ଦ୍ୱାରା ଗତ ଅକ୍ଟୋବର ୯ରେ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ନୋଟିସ ଜାରି କରାଯାଇଥିଲା। ଏହାସତ୍ତ୍ୱେ ମାଲିକମାନେ କୌଣସି ପ୍ରତିକ୍ରିୟା କିମ୍ବା କାରଣ ଦର୍ଶାଇ ନ ଥିଲେ। ତେଣୁ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ସଂପୃକ୍ତ ଦୋକାନଗୁଡିକୁ ସିଲ୍ କରିବା ପାଇଁ ନୋଟିସ ଜାରି କରାଯାଇଥିଲା। ତେବେ ନୋଟିସ ପାଇବା ପରେ ସେମାନେ ନିଜ ଜରିମାନା ରାଶି ଜମା କରିଛନ୍ତି। ଅପରପକ୍ଷେ ଏପରି ଅଭ୍ୟାସର ପୁନରାବୃତ୍ତି ନ କରିବାକୁ ବିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାରୀ ନିୟମ ଅନୁଯାୟୀ ବିଜ୍ଞାପନଦାତା, ବିଏମ୍‌ସି ଅନୁମତିପ୍ରାପ୍ତ ଏଜେନ୍ସି ଜରିଆରେ ବିଜ୍ଞାପନ ଦେବା ଦରକାର ବୋଲି କୁହାଯାଇଛି।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ବାରଙ୍ଗ/ତ୍ରିଶୂଳିଆ,୫।୧୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କଟକ ଜିଲା ଗୋଡ଼ିସାହି ଫାଣ୍ଡି ଅଧୀନ ରତାଗଡ଼ ନୂଆସାହି ଗ୍ରାମରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମାନସ ପଢ଼ୀହାରି ଓରଫ ମାନୁ(୪୦)। ଏନେଇ ମର୍କତନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (କେଶ ନଂ. ୧୮୯/୨୪) ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ମାନସ ସ୍ଥାନୀୟ ଅଞ୍ଚଳରେ ଛୋଟମୋଟ ବ୍ୟବସାୟ କରି ପରିବାର ଚଳାନ୍ତି। ଏଥିପାଇଁ ଧାରକରଜ କରିଥିବାରୁ ବହୁ ସମୟରେ ଦୁଶ୍ଚିନ୍ତାରେ ରହି ଆସୁଥିଲେ। ପୂର୍ବରୁ ମଧ୍ୟ ମାନସ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ମଧ୍ୟ ବଞ୍ଚି ଯାଇଥିଲେ। ତେବେ ବୁଧବାର ପୂର୍ବାହ୍ନରେ ପୁଣି ବିଷ ପିଇବା ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସିଡିଏସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୁଡୁ


@ ସୂର୍ଯ୍ୟମଣି


@ ପପୁ


@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳ୍ପନା ପାନ୍ଥନିବାସ ନିକଟରେ କାର୍‌ରେ ନିଆଁ



ଭୁବନେଶ୍ୱର,୫।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ରାସ୍ତାରେ ଗୁରୁବାର ସକାଳ ପ୍ରାୟ ୧୦ ଟା ସମୟରେ ଏକ କାର୍‌ର ବନେଟରେ ନିଆଁ ଲାଗି ଜଳିଯାଇଛି। ପୁରୀ-ଭୁବନେଶ୍ୱର ରାସ୍ତାର କଳ୍ପନା ପାନ୍ଥନିବାସ ନିକଟରେ ଏହି ଅଘଟଣ ଘଟିଛି। ଖବର ପାଇ ଅଗ୍ନିଶମ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି । ସୂଚନାନୁସାରେ, ରାଜ୍ୟ ସୂଚନା କମିଶନଙ୍କ ରେଜିଷ୍ଟ୍ରାର ଓ ତାଙ୍କ ଡ୍ରାଇଭର କୌଣସି କାମରେ ଯାଉଥିବାବେଳେ କଳ୍ପନା ପାନ୍ଥନିବାସ ନିକଟରେ କାରରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଜାଣି ତୁରନ୍ତ ସେମାନେ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ସରିଲା କୋଣାର୍କ ଉତ୍ସବ, ବାଲୁକା କଳା ମହୋତ୍ସବ

- ଭାରତନାଟ୍ୟମ୍, ଓଡ଼ିଶୀ ନୃତ୍ୟ ମନ ଛୁଇଁଲା
- ଦର୍ଶକଙ୍କୁ ଅଭିଭୂତ କଲା ବାଲୁକାକଳା

କୋଣାର୍କ,୫।୧୨(ଜ୍ୟୋତିରାଜ ମହାନ୍ତି)






ସୂର୍ଯ୍ୟମନ୍ଦିର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩୫ତମ କୋଣାର୍କ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ‘ବ୍ଲାକ ପାଗୋଡ଼ା’, ‘ସୂର୍ଯ୍ୟ ମନ୍ଦିର, ଅର୍କକ୍ଷେତ୍ର’ ସବୁର ମୂଳରେ ପ୍ରତିଭାତ ହୋଇଛି ଓଡ଼ିଶା କଳା ସ୍ଥାପତ୍ୟର ଅପୂର୍ବ ଗରିମା ଏବଂ ଓଡ଼ିଆ ଅସ୍ମିତାର ନିଚ୍ଛକ ପ୍ରତିଛବି। କୋଣାର୍କ ଉତ୍ସବର ପ୍ରଥମ ପର୍ଯ୍ୟାୟରେ କୋଲକାତାର ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡୋନା ଗାଙ୍ଗୁଲି ଓ ତାଙ୍କ ‘ଦୀକ୍ଷା ମଞ୍ଜରୀ’ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶୀ ନୃତ୍ୟକୁ ସେ ସୂର୍ଯ୍ୟବନ୍ଦନା, ମଙ୍ଗଳା ଚରଣ- ଶାନ୍ତାକାରମ୍, ପଲ୍ଲବୀ- ସବେରି ଓ ଦୁର୍ଗା ନୃତ୍ୟ ଶୈଳୀରେ ପରିବେଷଣ କରିଥିଲେ। ଏହା ସମସ୍ତଙ୍କୁ ବିମୋହିତ କରିଥିଲା। ନୃତ୍ୟ ନିର୍ଦ୍ଦେଶନାରେ ଗୁରୁ କେଳୁଚରଣ ମହାପାତ୍ର, ଗୁରୁ ରତିକାନ୍ତ ମହାପାତ୍ର ଓ ଡୋନା ଗାଙ୍ଗୁଲି ଥିବାବେଳେ ସଙ୍ଗୀତରେ ପଣ୍ଡିତ ଭୁବନେଶ୍ୱରୀ ମିଶ୍ର ଓ ଗୁରୁ ଦେବାଶିଷ ସରକାର ସହଯୋଗ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଦିଲ୍ଲୀର ଗୁରୁ ଗୀତା ଚନ୍ଦ୍ରନ ଓ ତାଙ୍କ ନାଟ୍ୟବୃକ୍ଷ ଡ୍ୟାନ୍ସକଲେକ୍ଟିଭ୍ ଅନୁଷ୍ଠାନର ଶିଳ୍ପୀମାନେ ଭାରତନାଟ୍ୟମ୍ ପରିବେଷଣ କରିଥିଲେ। ମଲ୍ଲାରି, ସକ୍ଷୀ- ସ୍ୱରମ୍ ଓ ରାସ ମଧ୍ୟରେ ନୃତ୍ୟ ଶୈଳୀ ଓ ନୃତ୍ୟ ସଂରଚନା ଭାରତନାଟ୍ୟମ୍ ନୃତ୍ୟରେ ଜୀବନ୍ୟାସ ଦେବା ସହ ଦର୍ଶକଙ୍କୁ ଅଭିଭୂତ କରିଥିଲା।

ସେହିପରି ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ‘ମାଣବସା ଗୁରୁବାର’, ମହିଳାଙ୍କ ଲାଗି ‘ବୈଷୟିକ ଉତ୍ତାପ’ ଏବଂ ରାଜ୍ୟ ବାହାରୁ ଆସିଥିବା ଶିଳ୍ପୀଙ୍କ ସକାଶେ ‘ମନ୍ଦିର ମାଳିନୀ ଓଡ଼ିଶା’ ବିଷୟବସ୍ତୁ ଥିଲା। ବାଲୁକା ଶିଳ୍ପୀଙ୍କ କଳା ନୈପୁଣ୍ୟତା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲା। ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା କଳା ମହୋତ୍ସବ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। କୋଣାର୍କ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶାର ପ୍ରମୁଖ ଆୟକର ଆୟୁକ୍ତ ରାହୁଲ କରନ, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ସମର୍ଥ ବର୍ମା, ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପରିଚାଳକ ଡ. ଲଲାଟେନ୍ଦୁ ସାହୁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଯୋଗଦେଇ ଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ରଞ୍ଜନ ସେଠୀଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ଶୋଭନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତୃତୀୟ ଥର ମୁଖ୍ୟମନ୍ତ୍ରୀ ହେଲେ ଫଡ଼ନବିସ୍




ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଶପଥ ଗ୍ରହଣ ଉତ୍ସବରେ (ବାମରୁ) ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆନ୍ଧ୍ର ପ୍ରଦେଶର ଚନ୍ଦ୍ରବାବୁ ନାଇଡୁ, ବିହାରର ନୀତୀଶ କୁମାର, ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ, ଗୁଜରାଟର ଭୂପେନ୍ଦ୍ର ପଟେଲ, ଆସାମର ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶର ମୋହନ ଯାଦବ, ଛତିଶଗଡ଼ର ବିଷ୍ଣୁଦେଓ ସାଇ, ରାଜସ୍ଥାନର ଭଜନଲାଲ୍ ଶର୍ମା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ସହ ଏନ୍‌ଡିଏ ନେତାମାନେ।

ମୁମ୍ବାଇ,୫।୧୨(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପରେ ଶୀର୍ଷ ପଦବୀକୁ ନେଇ ପାଖାପାଖି ୨ ସପ୍ତାହ ହେଲା ଲାଗିରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ତୃତୀୟ ଥର ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ସନ୍ଧ୍ୟାରେ ଶପଥ ଗ୍ରହଣ କରିଛନ୍ତି। ଆମେ ମହାରାଷ୍ଟ୍ରର ବିକାଶ ପାଇଁ ଏକାଠି କାର୍ଯ୍ୟ କରିବୁ ଏବଂ ଅଟକିଯିବୁ ନାହିଁ ବୋଲି ଫଡ଼ନବିସ୍ ଶପଥ ଗ୍ରହଣ ପରେ ପ୍ରଥମ ମନ୍ତବ୍ୟରେ କହିଛନ୍ତି। ଦିଗ ଏବଂ ବେଗ ସମାନ ରହିଛି, କେବଳ ଆମ ଭୂମିକା ବଦଳିଛି; ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ଆମେ ନିଷ୍ପତ୍ତି ନେବୁ ବୋଲି ୫୪ ବର୍ଷୀୟ ନୂଆ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ ଏବଂ ଏନ୍‌ସିପି ଅଧ୍ୟକ୍ଷ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମୁମ୍ବାଇର ଆଜାଦ ମଇଦାନରେ ଅନୁଷ୍ଠିତ ଭବ୍ୟ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

## ଶିନ୍ଦେ, ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ

ମୋଦି, ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ଭାଜପାଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସମେତ ମହାୟୁତି ମେଣ୍ଟର ଅନେକ ହଜାର ସମର୍ଥକ ଉପସ୍ଥିତ ଥିଲେ। ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ଆସନ୍ତା ସପ୍ତାହରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ।

ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀ ଛତ୍ରପତି ଶିବାଜୀ ମହାରାଜ, ଡ. ବି. ଆର୍. ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନୂଆ ମୁଖ୍ୟମନ୍ତ୍ରୀ ଭାବେ ଫଡ଼ନବିସ୍ ଜଣେ ରୋଗୀଙ୍କ ବୋନ୍‌ମ୍ୟାରୋ ପ୍ରତିରୋପଣ ପାଇଁ ସହାୟତାକୁ ପ୍ରଥମେ ଅନୁମୋଦନ କରିଛନ୍ତି। ବୋନ୍‌ମ୍ୟାରୋ ପ୍ରତିରୋପଣ ଅପେକ୍ଷାରେ ଥିବା ଏହି ରୋଗୀଙ୍କୁ ୫ ଲକ୍ଷ ଟଙ୍କା ସହାୟତା ମିଳିବ। ପୁଣେର ଚନ୍ଦ୍ରକାନ୍ତ କୁର୍‌ହାଦେଙ୍କ ବୋନ୍‌ମ୍ୟାରୋ ପ୍ରତିରୋପଣ ନିମନ୍ତେ ତାଙ୍କ ସ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ନିବେଦନ କରିଥିଲେ। ପରେ ଫଡ଼ନବିସ୍, ଶିନ୍ଦେ ଏବଂ ଅଜିତ ପାୱାର ଏକାଠି ରାଜ୍ୟ ସଚିବାଳୟରେ ପ୍ରଥମ କ୍ୟାବିନେଟ ବୈଠକ କରିବା ସହ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ।

ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ ନଭେମ୍ବର ୨୦ରେ ମତଦାନ ପରେ ୨୩ରେ ଫଳାଫଳ ପ୍ରକାଶ ପାଇଥିଲା। ମହାୟୁତି ମେଣ୍ଟରେ ଥିବା ଭାଜପାକୁ ୧୩୨ ଆସନ ମିଳିଥିବାବେଳେ ଏକନାଥ ଶିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୪୧ ଆସନରେ ବିଜୟୀ ହୋଇଥିଲା। ମହାୟୁତିକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଜପା ଏବଂ ଶିବସେନା ମଧ୍ୟରେ ଟଣାଓଟରାରୁ ଶପଥ ଗ୍ରହଣ ଉତ୍ସବ ବିଳମ୍ବିତ ହୋଇଥିଲା। ଶେଷରେ ଭାଜପା ନେତା ଫଡ଼ନବିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଶିନ୍ଦେ ଏବଂ ପାୱାର ଉପମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଜେ.ପି. ନଡ୍ଡା, ନୀତିନ ଗଡ୍‌କରୀ, ଶିବରାଜ ସିଂ ଚୌହାନ ଯୋଗଦେଇଥିବାବେଳେ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ, ବିହାରର ନୀତୀଶ କୁମାର, ଆସାମର ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶର ମୋହନ ଯାଦବ, ଗୋଆର ପ୍ରମୋଦ ସାୱନ୍ତ ଏବଂ ଓଡ଼ିଶାର ମୋହନ ଚରଣ ମାଝୀ ଥିଲେ। ଏହା ବ୍ୟତୀତ ଅଭିନେତା ଶାହାରୁଖ୍ ଖାନ୍, ସଲମାନ ଖାନ, ରଣବୀର କପୁର, ମାଧୁରୀ ଦୀକ୍ଷିତ, କ୍ରିକେଟର ସଚିନ ତେନ୍ଦୁଲକର, ଶିଳ୍ପପତି ମୁକେଶ ଅମ୍ବାନୀ ପ୍ରମୁଖ ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ।

## ଶପଥ ପୂର୍ବରୁ ମୋଦିଙ୍କୁ ଧନ୍ୟବାଦ ଦେଲେ ଶିନ୍ଦେ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ଼ନବିସ୍ ଶପଥ ନେବା ପରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପାଇଁ ଶିବସେନା ନେତା ଏକନାଥ ଶିନ୍ଦେ ଶପଥପାଠ କରିବାକୁ ମାଇକ ପାଖକୁ ଆସିଥିଲେ। ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଶପଥପାଠ କରାଇବା ଲାଗି ଛିଡ଼ାହୋଇଥିଲେ। ଏପରିକି ସେ ପ୍ରଥମ ଶବ୍ଦ ମଧ୍ୟ କହିସାରିଥିଲେ। ତେବେ ଶିନ୍ଦେ ଲିଖିତ ଶପଥକୁ ପାଠ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଧନ୍ୟବାଦ ଜଣାଇ ୪୦ ସେକେଣ୍ଡ ଭାଷଣ ଦେଇଥିଲେ। ଏଥିସହ ସେ ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କୁ ପ୍ରଶଂସା କରିବା ସହ ତାଙ୍କ ରାଜନୈତିକ ଗୁରୁ ତଥା ଦିବଂଗତ ଶିବସେନା ନେତା ଆନନ୍ଦ ଦିଘେଙ୍କୁ ପ୍ରଶଂସା କରିଥିଲେ। ଶିନ୍ଦେଙ୍କ ଏଭଳି ଆଚରଣରେ ରାଜ୍ୟପାଳଙ୍କ ସମେତ ପ୍ରଧାନମନ୍ତ୍ରୀ ଅବାକ୍ ହୋଇ ଚାହିଁରହିଥିଲେ। ପରେ ଶିନ୍ଦେ ଶପଥପାଠ କରିଥିଲେ। ସୂଚନାଯୋଗ୍ୟ, ଶପଥ ଗ୍ରହଣର କିଛି ସମୟ ପୂର୍ବରୁ ଶିନ୍ଦେ ଉପସ୍ଥିତ ରହିବେ କି ନାହିଁ, ତାକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ରହିଥିଲେ।

# ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଘୋଷଣା କରାଯାଉ: ପ୍ରଦୀପ ପୁରୋହିତ

ବରଗଡ଼, ୫।୧୨(ପ୍ରେମାନନ୍ଦ ଖମାରୀ)

ପୁରାଣପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼କୁ ଜାତୀୟ ସମ୍ପତ୍ତି ଘୋଷଣା ପାଇଁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଗୁରୁବାର ଲୋକ ସଭାରେ ଦାବି କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ୯୭ କି.ମି. ପରିବ୍ୟାପ୍ତ ପଶ୍ଚିମ ଓଡ଼ିଶାର ଗନ୍ଧମାର୍ଦ୍ଦନ ପାହାଡ଼ରେ ୨ଟି ପ୍ରମୁଖ ନଦୀ, ବହୁ ଝରଣା, ଦୁର୍ଲ୍ଲଭ ବନୌଷଧିର ଭଣ୍ଡାର ରହିଛି। ଏତଦ୍‌ବ୍ୟତୀତ ନୃସିଂହନାଥ ଓ ହରିଶଙ୍କର ଭଳି ୨ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ରହିଛି। ଗନ୍ଧମାର୍ଦ୍ଦନ ଚାରିପଟେ ବସବାସ କରୁଥିବା ୫୦ ହଜାର ଜନଜାତି ପରିବାର ସେମାନଙ୍କ ଜୀବନଜୀବିକା ପାଇଁ ଏହି ପାହାଡ଼ ଉପରେ ନିର୍ଭର କରି ଚଳୁଛନ୍ତି।



ପ୍ରଦୀପ ପୁରୋହିତ

୧୯୮୩ରେ ତତ୍କାଳୀନ କଂଗ୍ରେସ ସରକାର ଗନ୍ଧମାର୍ଦ୍ଦନରେ ବକ୍‌ସାଇଟ ଉତ୍ତୋଳନ ପାଇଁ ଏକ କମ୍ପାନୀକୁ ଖଣି ପଟ୍ଟା ଦେଇଥିଲେ। ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଯୋଗୁ ୧୯୮୮ରେ ସରକାର ଉକ୍ତ ଖଣି ପଟ୍ଟା ରଦ୍ଦ କରିଥିଲେ। କିନ୍ତୁ ଗନ୍ଧମାର୍ଦ୍ଦନରେ ବିଭିନ୍ନ ସରକାର ସମୟରେ ଖଣି ଖନନ ପ୍ରୟାସ କରାଯାଇଛି। ତେଣୁ ଗନ୍ଧମାର୍ଦ୍ଦନ ପାହାଡ଼କୁ ଜାତୀୟ ସମ୍ପତ୍ତି ଘୋଷଣା କରିବା ପାଇଁ ପୁରୋହିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ନୃସିଂହନାଥ ଏବଂ ହରିଶଙ୍କରକୁ ଜାତୀୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ପାଇଁ ସେ ଦାବି କରିଛନ୍ତି।

# ହେମନ୍ତଙ୍କ କ୍ୟାବିନେଟ୍‌ରେ ୧୧ ସାମିଲ




ରାଞ୍ଚିସ୍ଥିତ ରାଜଭବନରେ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ଗୁରୁବାର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଉପସ୍ଥିତିରେ ୧୧ ବିଧାୟକଙ୍କୁ ମନ୍ତ୍ରୀ ରୂପେ ଶପଥପାଠ କରାଉଛନ୍ତି।

ରାଞ୍ଚି, ୫।୧୨

ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ମନ୍ତ୍ରିମଣ୍ଡଳରେ ୧୧ ଜଣ ସାମିଲ ହୋଇଛନ୍ତି। ଗୁରୁବାର ଝାଡ଼ଖଣ୍ଡ ରାଜଭବନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍), କଂଗ୍ରେସ ଏବଂ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି)ର ୧୧ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଜେଏମ୍‌ଏମ୍‌ରୁ ୬, କଂଗ୍ରେସରୁ ୪ ଏବଂ ଆର୍‌ଜେଡ଼ିରୁ ଜଣେ ବିଧାୟକ ମନ୍ତ୍ରୀ ହୋଇଛନ୍ତି। କଂଗ୍ରେସର ୪ ମନ୍ତ୍ରୀଙ୍କ ମଧ୍ୟରେ ୨ ଜଣ ମହିଳା ବିଧାୟକ ଅଛନ୍ତି। ଶୁକ୍ରବାର ଅପରାହ୍ନ ୩ଟା ସମୟରେ କ୍ୟାବିନେଟ୍‌ର ପ୍ରଥମ ବୈଠକ ବସିବ ବୋଲି ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ରାଜ୍ୟର ସମସ୍ତ ନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଇବା ପାଇଁ ଜେଏମ୍‌ଏମ୍ ନେତା ଷ୍ଟିଫେନ ମାରାଣ୍ଡିଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତ କରାଯାଇଛି।

**ବିଧାନସଭା ସମାଚାର**

# ଓଡ଼ିଶାକୁ ୧ ନମ୍ବର କରିବାକୁ ମୂଳଦୁଆ ପଡ଼ିଛି: ଭାଜପା

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି। ସବୁଠୁ ଅଧିକ ବ୍ୟୟବରାଦ ହେଉଥିବା ୧୭ଟି ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ। ଜୁଲାଇରୁ ସେପ୍ଟେମ୍ବରର ଟଙ୍କା ଏବେ ଯାଏ ଖର୍ଚ୍ଚ ହୋଇନି। କେବିକେ ଯୋଜନାରେ ପ୍ରତି ବ୍ଲକକୁ ଦେଢ଼ କୋଟି ଟଙ୍କା ଦିଆଯିବା କଥା, କିନ୍ତୁ ତାହା ବି ହେଲା ନାହିଁ। ଏହାସହ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା କେନ୍ଦ୍ରଠାରୁ ତା'ର ପ୍ରାପ୍ୟ ପାଇବ କି ନାହିଁ ତାହା ବି ସନ୍ଦେହ। ଗୁରୁବାର ବିଧାନସଭାରେ ୨୦୨୪-୨୫ ଆର୍ଥିକବର୍ଷର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କଡ଼ା ସମାଲୋଚନା କରିଛନ୍ତି। ବିଜେଡି ସଭ୍ୟ ନିରଞ୍ଜନ ପୂଜାରୀ କହିଛନ୍ତି, ରାଜ୍ୟ ସରକାର ବଜେଟ ପରେ ବଜେଟ ଆଣୁଛନ୍ତି। ହେଲେ ଅର୍ଥ ଖର୍ଚ୍ଚ

## ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା

### ବଜେଟ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି ସରକାର: ବିରୋଧୀ

କରିବାରେ ସମ୍ପୂର୍ଣ୍ଣ ବିଫଳ। ଗୃହ ଓ ନଗର ଉନ୍ନୟନ, ଯୋଜନା ଓ ସଂଯୋଜନା ବିଭାଗ, ଯୋଗାଣ ବିଭାଗ, ମିଶନ ଶକ୍ତି ବଜେଟ ଖର୍ଚ୍ଚ ସବୁଠୁ କମ୍। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ରାଜ୍ୟ ସରକାର ବଜେଟରେ ୫୦୦ କୋଟି ଟଙ୍କା ଦେଇଥିଲେ। ହେଲେ ୬ ମାସ ଭିତରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ। ବିଡ଼ମ୍ବନାର କଥା, ରାଜ୍ୟ ସରକାର ଏଯାଏ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ଅଧ୍ୟକ୍ଷ ନିଯୁକ୍ତ କରିନାହାନ୍ତି। କେବିକେ ଯୋଜନାରେ ପ୍ରତି ବ୍ଲକରୁ ଦେଢ କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଥିଲେ ବି ଟଙ୍କାଟିଏ ମିଳିନାହିଁ। ବଜେଟ ବ୍ୟୟବରାଦ ଅର୍ଥକୁ ସରକାର ଯେମିତି ଖର୍ଚ୍ଚ କରୁଛନ୍ତି ୮୦ରୁ ୯୦ ହଜାର କୋଟି ଟଙ୍କା ସରେଣ୍ଡର ହେବ ବୋଲି ସେ କହିଛନ୍ତି। ଜାନୁଆରୀରେ ଅର୍ଥ କମିଶନ ବୈଠକ ବସିବ। କମିଶନଙ୍କ ପାଖରେ ରିପୋର୍ଟ ପ୍ରଦାନ କଲେ ଓଡ଼ିଶାକୁ ପ୍ରାପ୍ୟ ମିଳେ। କିନ୍ତୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଷ୍ଟେଟ ଫାଇନାନ୍ସ କମିଶନ ଗଠନ କରି ନାହାନ୍ତି। ଡବଲ ଇଞ୍ଜିନ ସରକାରରେ କେନ୍ଦ୍ର ବିହାରକୁ ୫୯ ହଜାର କୋଟି ଦେଇଥିବା ବେଳେ, ଆନ୍ଧ୍ରକୁ ୩୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଛି। ୨୦୦୦ରେ ଓଡ଼ିଶାର ଅର୍ଥନୀତି ୩୦ ନମ୍ବରରେ ଥିଲା। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନରେ ଓଡ଼ିଶା ଆର୍ଥିକ ପରିଚାଳନାରେ ୧ ନମ୍ବର ରାଜ୍ୟରେ ପରିଣତ ହୋଇଛି। ଏହାକୁ ଏବେର ସରକାର ବଜାୟ ରଖନ୍ତୁ ବୋଲି ନିରଞ୍ଜନ ପରାମର୍ଶ ଦେଇଛନ୍ତି। କଂଗ୍ରେସ ସଭ୍ୟ ଅଶୋକ ଦାସ ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଅର୍ଥ ଖର୍ଚ୍ଚ ନ ହୋଇପାରିଲେ ରାଜ୍ୟର ବିକାଶ ହେବ କେମିତି। ସ୍କୁଲ କଲେଜରେ ଶିକ୍ଷକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଖର୍ଚ୍ଚ କେଉଁବାଟେ ହେବ। ସରକାର ଜନହିତକର କାର୍ଯ୍ୟରେ ଖର୍ଚ୍ଚ ବଢ଼ାଇବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ବିରୋଧୀଙ୍କୁ ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କଡ଼ା ଜବାବ ଦେଇଛନ୍ତି। ୨୪ ବର୍ଷ ଶାସନ କାଳରେ ଓଡ଼ିଶା ତଳକୁ ତଳକୁ ଯାଇଛି। ମୋହନ ମାଝୀଙ୍କ ସରକାର ଲୋକଙ୍କ ସରକାର। ଲୋକଙ୍କ ପାଇଁ ପ୍ରତିଶ୍ରୁତି ବଦ୍ଧ। ଲୋକଙ୍କ ଧନ ଜୀବନ କେବେ ନଷ୍ଟ କରିବାକୁ ଦେବନାହିଁ। ଓଡ଼ିଶାକୁ ୧ ନମ୍ବର କରିବାକୁ ମୂଳଦୁଆ ପଡ଼ିଛି ବୋଲି ସେ କହିଛନ୍ତି।

# ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ ମିଳିଲା ଅନୁମୋଦନ

ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)

- ୧୨,୧୫୫ କୋଟି ୭୩ ଲକ୍ଷ ୫୧ ହଜାର ଟଙ୍କାର ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍
- ଚଳିତ ବର୍ଷ ମୋଟ୍ କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ: ମନ୍ତ୍ରୀ

ରାଜ୍ୟର ଭାଜପା ସରକାର ଆଣିଥିବା ୧୨,୧୫୫ କୋଟି ୭୩ ଲକ୍ଷ ୫୧ ହଜାର ଟଙ୍କାର ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ ଗୃହରେ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ଥାନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ ମଞ୍ଜୁରୀ ଦେବା ଲାଗି ଗୃହରେ ଉପସ୍ଥାପନ କରିଥିଲେ, ଯାହାକୁ ଗୁରୁବାର ବିଧାନସଭାରେ ଅନୁମୋଦନ ମିଳିଛି। ଏହି ବିଲ୍ ଆଗତ ସମୟରେ ମନ୍ତ୍ରୀ ହରିଚନ୍ଦନ ଗୃହରେ ଉତ୍ତର ରଖି କହିଛନ୍ତି, ୨୦୨୪-୨୫ ବାର୍ଷିକ ବଜେଟରେ ରାଜ୍ୟର ଏକୀକୃତ ପାଣ୍ଠିରୁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ ଅଟକଳ କରାଯାଇଥିଲା। ଏଥିରେ ୧ ଲକ୍ଷ ୫୫ ହଜାର କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟ ବରାଦ ଏବଂ ୫୮ ହଜାର ୧୯୫ କୋଟିର ପୁଞ୍ଜି ବ୍ୟୟବରାଦ ଅନ୍ତର୍ଭୁକ୍ତ, ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୩ ପ୍ରତିଶତ ଥିଲା। ଏବେ ସରକାର ଯେଉଁ ଅତିରିକ୍ତ ବ୍ୟୟ ମଞ୍ଜୁର ବିଲ୍ ଆଣିଛନ୍ତି ସେଥିରୁ ୧୦ ହଜାର ଶହେ ୫୫ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ଆସିଛି। କାର୍ଯ୍ୟକ୍ରମ ବ୍ୟୟ ମାଧ୍ୟମରେ ରାଜ୍ୟସ୍ତରୀୟ ଯୋଜନା ବାବଦକୁ ୮ ହଜାର ୧୨୧ କୋଟି ଟଙ୍କା, କେନ୍ଦ୍ରୀୟ ପରିବର୍ତ୍ତିତ ଯୋଜନା ବାବଦକୁ ୨ ହଜାର ୧୧ କୋଟି ଟଙ୍କା ଏବଂ କେନ୍ଦ୍ର ସ୍ତରୀୟ ଯୋଜନା ଲାଗି ୨୩ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଚଳିତ ବର୍ଷ ମୋଟ୍ କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ହେବ। ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବାର ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ସେ କହିଛନ୍ତି।

ମନ୍ତ୍ରୀ ହରିଚନ୍ଦନ ଆହୁରି କହିଛନ୍ତି, ଗୃହରେ କେତେଜଣ ସଦସ୍ୟ ବଜେଟରେ ବରାଦ କରାଯାଉଥିବା ଅର୍ଥର ବିନିଯୋଗ ଉପରେ ଆଶଙ୍କା ବ୍ୟକ୍ତ କରିଛନ୍ତି। ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ରାଜ୍ୟ ବଜେଟର ପ୍ରାୟ ୪୩.୧ ପ୍ରତିଶତ ମୋଟ୍ ବ୍ୟୟ ହୋଇଛି। ପୂର୍ବ ବର୍ଷ ଏହି ସମୟରେ ୪୫.୯ ପ୍ରତିଶତ ବିନିଯୋଗ ହୋଇଥିଲା। ସାଧାରଣ ନିର୍ବାଚନ ପାଇଁ ଆଚାର ସଂହିତା ଲାଗୁହେବା ଏବଂ ଟେଣ୍ଡର ପ୍ରକ୍ରିୟା ତଥା ନୂତନ ଯୋଜନାରେ ଖର୍ଚ୍ଚ ପ୍ରତିବନ୍ଧକ ହେତୁ ସରକାରୀ ଖର୍ଚ୍ଚ ପ୍ରଭାବିତ ହୋଇଛି। ତଥାପି ୨୦୨୪ ସୁଦ୍ଧା ବଜେଟ ବିନିଯୋଗ ପ୍ରତିଶତ ଗତ ବର୍ଷର ଅନୁରୂପ ସମୟ ତୁଳନାରେ ମାତ୍ର ୨.୮ ପ୍ରତିଶତ କମ୍। ଏବେ ବଜେଟ ପାଣ୍ଠିର ସମ୍ପୂର୍ଣ୍ଣ ବିନିଯୋଗ ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ବଜେଟ ଅର୍ଥର ପୂର୍ଣ୍ଣ ବିନିଯୋଗ କରାଯାଇପାରିବ। ରାଜ୍ୟର ଋଣଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୧୦.୧୨ ପ୍ରତିଶତ ରହିଛି। ସୁଧ ଦେୟ ଏବଂ ରାଜସ୍ୱ ଆୟର ଅନୁପାତ ୧.୮୫ ପ୍ରତିଶତରେ ସୀମିତ ଅଛି। ଏହିସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟ ସୀମା ତୁଳନାରେ ଯଥେଷ୍ଟ ତଳେ ରହିଛି। ତେଣୁ ରାଜ୍ୟର ଋଣଭାରର ସ୍ଥିତି ପୋଷଣୀୟ ସ୍ତରରେ ରହିଛି।

# ଆଦିବାସୀ ଜମି କେହି ଦଖଲ କରିପାରିବେନି: ରାଜସ୍ୱମନ୍ତ୍ରୀ

## ଏସ୍‌ସି/ଏସ୍‌ଟି ଜମି ଅଧିକାରକୁ ନେଇ ଗୃହରେ ଉଦ୍‌ବେଗ

### ସବ୍‌କଲେକ୍ଟରଙ୍କ ଜରିଆରେ ଶୋଷଣ କରାଯାଉଛି: ବିରୋଧୀ

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ଆଦିବାସୀ ଜମି କେହି ଦଖଲ କରିପାରିବେ ନାହିଁ। ଯଦି କେହି ଆଦିବାସୀ ଜମି କିଣନ୍ତି ତେବେ ତାକୁ ବେଆଇନ ଘୋଷଣା କରାଯିବ। ଏଥିସହ ଉଚ୍ଛେଦ ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜମି ଫେରାଇ ଦିଆଯିବ। ବିଧାନସଭା ପ୍ରଶ୍ନକାଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ଭାଜପା ସଭ୍ୟ ଭାସ୍କର ମଢ଼େଇ ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ମୂଳ ପ୍ରଶ୍ନରେ ପଚାରିଛନ୍ତି ଯେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏସ୍‌ସି/ଏସ୍‌ଟିଙ୍କ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଦଖଲ କରି ସେମାନଙ୍କୁ ହତାସ ଓ ମାନସିକ ନିର୍ଯାତନା ଦେଇ ଜମି ନ ଫେରାଇବା ପାଇଁ ବହୁତ କୌଶଳ ଅମଲମ୍ବନ କରୁଛନ୍ତି। ତାଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି କରି ଜମି ଫେରାଇବାକୁ ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଛନ୍ତି, ଭୂ-ସଂସ୍କାର ଆଇନ ୧୯୬୦ର ଧାରା ୨୩ (କ) ଅନୁସାରେ ଯଦି କୌଣସି ପ୍ରଭାବଶାଳୀ ବ୍ୟକ୍ତିମାନେ ଆଦିବାସୀ ଜମି କିଣନ୍ତି, ତାକୁ ବେଆଇନ ଘୋଷଣା କରି ଉଚ୍ଛେଦ ପ୍ରକ୍ରିୟା ଜରିଆରେ ସମ୍ପୃକ୍ତ ଆଦିବାସୀ ଲୋକଙ୍କୁ ଜମି ଫେରସ୍ତ ନିୟମ ରହିଛି। ଏପରି ରାଜ୍ୟରେ ୬୫୪ ମାମଲା ବିଚାରାଧୀନ ଅଛି। ସେହିଭଳି ଓଡ଼ିଶା ଭୂ-ସଂସ୍କାର ଆଇନ ୧୯୬୦ ଆଇନର ଧାରା ୨୨କୁ ଉଲ୍ଲଂଘନ କରି ଯଦି କେହି ଆଦିବାସୀଙ୍କ ଜମି ଦଖଲ କରିଥାନ୍ତି ତେବେ ରାଜସ୍ୱ ଅଧିକାରୀ ସେହି ଜମି ବିକ୍ରିକୁ ବେଆଇନ ଘୋଷଣା କରି ଏସ୍‌ସି/ଏସ୍‌ଟିଙ୍କୁ ଫେରାଇ ଦେବାର ବ୍ୟବସ୍ଥା ରହିଛି। ଏହି ଭଳି ୮୮୧ ମାମଲା ବିଚାରାଧୀନ ଅଛି।

ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ୍, ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ, ଭାଜପା ସଭ୍ୟ



ରପୁ ଭତ୍ରା ପ୍ରମୁଖ ଆଦିବାସୀମାନଙ୍କ ଜମି ହଡ଼ପକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଦିବାସୀ ଲୋକ ସରଳ, ଦୁର୍ବଳ, ଅମାୟିକ। ସେମାନଙ୍କ ଜମିକୁ ଅଣଆଦିବାସୀମାନେ ବିଭିନ୍ନ ରୂପରେ ଦଖଲ କରି ନେଉଛନ୍ତି। ସବ୍‌କଲେକ୍ଟର ଜରିଆରେ ଆଦିବାସୀଙ୍କୁ ଶୋଷଣ କରାଯାଉଛି। ଏଭଳି ଚାଲିଲେ ଆଦିବାସୀ ଲୋକ ସମ୍ପୂର୍ଣ୍ଣ ଜମିହରା ହୋଇଯିବେ। ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ଜଙ୍ଗଲରୁ ସେମାନଙ୍କୁ ଉଚ୍ଛେଦ କରିବାକୁ ଷଡ଼ଯନ୍ତ୍ର କରାଯାଉଛି। ଆଦାନୀ ବିଭିନ୍ନ ଲୋକଙ୍କୁ ପକେଟରେ ରଖିଛି। ଆଦିବାସୀମାନଙ୍କ ଜଙ୍ଗଲ, ଜଳ ଓ ଜମି ଅଧିକାରକୁ ସୁରକ୍ଷିତ କରାଯାଉ ବୋଲି ସଦସ୍ୟମାନେ ଦାବି କରିଛନ୍ତି। ରାଜସ୍ୱମନ୍ତ୍ରୀ କହିଛନ୍ତି, ସଦସ୍ୟମାନଙ୍କ ଭାବନାରେ ସେ ଏକମତ। ଆଦିବାସୀମାନେ ସମ୍ପତ୍ତି କିମ୍ବା ଲମ୍ବା ଗାଡ଼ି କିଣିପାରନ୍ତି ନାହିଁ। ସେମାନଙ୍କର ସମ୍ପତ୍ତି ଜଳ, ଜଙ୍ଗଲଜମିରୁ ଆରମ୍ଭ ହୁଏ ଏବଂ ସେହିଠାରେ ଶେଷ ହୁଏ। ପିଲା ପାଠପଢା, ରୋଗ ହେଲେ, ଝିଅ ବାହାଘର କିମ୍ବା ବ୍ୟବସାୟ ପାଇଁ ଜନଜାତି ଲୋକମାନେ ଜମି ବିକ୍ରି କରନ୍ତି। ମାତ୍ର ଅନେକ ସମୟରେ ପ୍ରଲୋଭିତ କରି ସେମାନଙ୍କ ଜମିକୁ ହଡ଼ପ କରାଯାଉଛି। କମ୍ପାନୀମାନେ ଆଦିବାସୀଙ୍କ ଜମି ଆଦିବାସୀଙ୍କ ନାମରେ କିଣି ଦଖଲରେ ରଖୁଛନ୍ତି। ଆଇନ ସତ୍ତ୍ୱେ ଆଦିବାସୀଙ୍କ ଜମି ଶତ ପ୍ରତିଶତ ସୁରକ୍ଷିତ ହୋଇପାରି ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି ୨୦୨ ନିୟୁତ ଟନ ବକ୍ସାଇଟ

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ବଲାଙ୍ଗୀର ଓ ବରଗଡ ଜିଲା ସୀମାନ୍ତରେ ଥିବା ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରେ ୨୦୨.୨୬ ନିୟୁତଟନ ପରିମାଣର ବକ୍ସାଇଟ ମହଜୁଦ ରହିଛି। ୧୯୭୫ରୁ ୧୯୭୯ମସିହା ମଧ୍ୟରେ କେନ୍ଦ୍ର ସରକାରଙ୍କ ଏମ୍‌ଇସିଏଲ ଓ ରାଜ୍ୟ ସରକାରଙ୍କ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ଏହି ଆକଳନ କରାଯାଇଥିବା ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣିମନ୍ତ୍ରୀ କହିଛନ୍ତି, ୧୯୮୧ରେ କେନ୍ଦ୍ର ସରକାରଙ୍କ ଅଧୀନ ବାଲ୍‌କୋକୁ ଗନ୍ଧମାର୍ଦ୍ଦନରୁ ଖଣି ଖନନ ପାଇଁ ପଟ୍ଟା ଦିଆଯାଇଥିଲା। ମାତ୍ର ଏହି କମ୍ପାନୀ ସମ୍ପୃକ୍ତ ଖଣି ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଅନୁମତି ପ୍ରମାଣପତ୍ର ଦେଇ ନ ପାରିବାରୁ ଖଣି କାର୍ଯ୍ୟ ଚାଲୁ କରିପାରି ନ ଥିଲେ। ୧୯୯୦ରେ ରାଜ୍ୟ ସରକାର ଉକ୍ତ ଖଣି ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରିଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟରେ ଅଛନ୍ତି ୮୯,୭୬୭ ପଞ୍ଜୀକୃତ ଏନ୍‌ଜିଓ

ଭୁବନେଶ୍ୱର,୫।୧୨ (ଅନିଲ ଦାସ)

ରାଜ୍ୟରେ ୮୯ହଜାରରୁ ଅଧିକ ପଞ୍ଜୀକୃତ ଏନ୍‌ଜିଓ ଥିବାବେଳେ ରାଜ୍ୟ ବାହାରର ୬ଟି ପଞ୍ଜୀକୃତ ଏନ୍‌ଜିଓ ଓଡ଼ିଶାର ୪ଟି ଜିଲାରେ କାର୍ଯ୍ୟ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ମହିଳା ସଶକ୍ତୀକରଣ, କୃଷି ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ୩୦ଟି ଜିଲାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ମୋଟ ୮୯,୭୬୭ ଏନ୍‌ଜିଓ ପଞ୍ଜୀକୃତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ରାଜ୍ୟ ବାହାରର ୬ଟି ଏନ୍‌ଜିଓ ଓଡ଼ିଶାର ୪ ଜିଲାରେ କାର୍ଯ୍ୟ କରୁଛନ୍ତି। ନିୟମାବଳୀ ଅନୁଯାୟୀ ଓଡ଼ିଶାରେ ପଞ୍ଜୀକରଣର ୫ବର୍ଷ ପୂର୍ଣ୍ଣହେବାର ଏକ ମାସ ପୂର୍ବରୁ ଏନ୍‌ଜିଓମାନେ ଅର୍ଥ ଦାଖଲ କରି ନବୀକରଣ ପାଇଁ ଆବେଦନ କରିପାରିବେ। ମାତ୍ର ଏହିସବୁ ନିୟମାବଳୀ ପରିସରରେ ରାଜ୍ୟ ବାହାରର ଏନ୍‌ଜିଓମାନେ ଅନ୍ତର୍ଭୁକ୍ତ ନୁହନ୍ତି। ରାଜ୍ୟ ବାହାରର ଯେଉଁ ଏନ୍‌ଜିଓମାନେ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି ବା କରିବେ ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ବର୍ତ୍ତମାନ ସୁଦ୍ଧା ନିୟମାବଳୀ କରିବା ପାଇଁ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟ ବାହାରର ଏନ୍‌ଜିଓ ମଧ୍ୟରେ କୋରାପୁଟ ଜିଲାରେ ଦିଲ୍ଲୀର ପିରାମଲ ଫାଉଣ୍ଡେଶନ ଓ ବିକ୍ରମ ଚିଲ୍ଲା ଶିକ୍ଷାକ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗର ସିନି ପୁଷ୍ଟିସାଧନ କ୍ଷେତ୍ରରେ କାର୍ଯ୍ୟ କରୁଛି।

ଝାରସୁଗୁଡ଼ାରେ କର୍ନାଟକର ସ୍ପିରୁଲିନା ଫାଉଣ୍ଡେଶନ ଅପପୁଷ୍ଟି ଉପରେ କାର୍ଯ୍ୟ କରୁଥିବାବେଳେ ଗଜପତିରେ ତେଲଙ୍ଗାନାର ୱାସାନ ମିଲେଟ ମିଶନ ଏବଂ କଳାହାଣ୍ଡିରେ ନୂଆଦିଲ୍ଲୀର ଆଦିମଜାତି ସେବକ ସଂଘ ଶିଶୁ ସୁରକ୍ଷା, ଶିକ୍ଷା ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଛି।

## ସଂକ୍ଷେପରେ

### ଫାର୍ମ ହାଉସ୍‌ରୁ ଚୋରି, ୨ ଗିରଫ

ନିମାପଡ଼ା,୫ା୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦିଘାଲୋ ଜାଗେଶ୍ୱରପୁର ମୌଜାର ଏକ ଫାର୍ମ ହାଉସ୍‌ରୁ ଚୋରି ହୋଇଥିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ତେରୁଣ୍ଡିଆ ଗ୍ରାମର ଅଜୟ ଭୋଇ ଓ ଗୟା ଭୋଇ। ପୋଲିସ ଉଭୟଙ୍କଠାରୁ ଚୋରି ହୋଇଥିବା ପାଣି ପମ୍ପ ମୋଟର, ଗୋଟିଏ ବୈଦ୍ୟୁତିକ ମାପ ଓଜନ ମେଶିନ, ୨ଟି ନଳକୂପ ହାଣ୍ଡି ଜବତ କରିଛି। ଏନେଇ ପୋଲିସ ୩୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନଭେମ୍ବର ୨୮ ତାରିଖରେ ସ୍ୱର୍ଗତ ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ଫାର୍ମ ହାଉସ୍‌ରେ କେହି ନ ଥିବା ସୁଯୋଗରେ ଆଜବେଷ୍ଟସ୍ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଜବତ ସାମଗ୍ରୀ ସମେତ ଅନ୍ୟ କେତେକ ଜିନିଷ ଚୋରି କରିନେଇଯାଇଥିଲେ। ଏ ସମ୍ପର୍କରେ ଫାର୍ମ ହାଉସର ତତ୍ତ୍ୱାବଧାରକ ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ସୁଶାନ୍ତ ସ୍ୱାଇଁ ବୁଧବାର ଥାନାରେ ଅଭିଯୋଗ କରିଥିଲେ।

### ନିଆଁରେ ପୋଡ଼ି ମା', ଶିଶୁକନ୍ୟା ମୃତ ଘଟଣା: ମହିଳାଙ୍କ ସ୍ୱାମୀ ଗିରଫ

ମଙ୍ଗୁଳି-ଜଗତପୁର,୫ା୧୨(ମାନସ ସାମଲ)

ନିଆଁରେ ପୋଡ଼ି ହୋଇ ସ୍ତ୍ରୀ ଓ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟଣାରେ ପାଗା ଫାଣ୍ଡି ପୋଲିସ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ପାଗା ଫାଣ୍ଡି ଅଧୀନ ଆତୋଡ଼ା ଗ୍ରାମର ଶୁଭରଞ୍ଜନ ଲେଙ୍କା। ସୁଚିସ୍ମିତାଙ୍କୁ ସ୍ୱାମୀ ଶୁଭରଞ୍ଜନ ଓ ଶାଶୁ ନଳିନୀ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବାନେଇ ତାଙ୍କ ମା' ରଶ୍ମିତା ମହାନ୍ତି ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ହତ୍ୟା ମାମଲା(ନଂ.୬୧୫/୨୪) ରୁଜୁ କରିଥିଲା। ପୋଲିସ ସୂଚନା ଅନୁଯାୟୀ, ସୁଚିସ୍ମିତା ଏକ ଶିଶୁକନ୍ୟା ଜନ୍ମ କରିବାରୁ ଶାଶୁଘରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଛୋଟ ଛୋଟ କଥାରେ ଭୁଲ୍ ଦର୍ଶାଇ ସୁଚିସ୍ମିତାଙ୍କୁ ଶାଶୁ ଓ ସ୍ୱାମୀ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସୁଚିସ୍ମିତା ଓ ଶୁଭରଞ୍ଜନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଅସହ୍ୟ ହେବାରୁ ସୁଚିସ୍ମିତା ଶୋଇବା ଘରେ ନିଜର ୨ ମାସର ଶିଶୁକନ୍ୟାକୁ ଧରି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା।

# ଜାତୀୟ ରାଜପଥକୁ ସଂଯୋଗ ହେଲା କଟକ ରେଳ ଷ୍ଟେସନ

### ୭ରେ ପୂର୍ବ ପାର୍ଶ୍ୱ ଷ୍ଟେଶନ ବିଲ୍ଡିଂ ଲୋକାର୍ପଣ କରିବେ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର/କଟକ,୫ା୧୨ (ଅନୁରାଧା ମହାରଣା/କାର୍ତ୍ତିକ ସାହୁ)




କଟକ ରେଳ ଷ୍ଟେଶନରେ ୧୪.୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ପୂର୍ବ ପାର୍ଶ୍ୱ ଷ୍ଟେଶନ ବିଲ୍ଡିଂ ୭ ତାରିଖରେ ଲୋକାର୍ପଣ କରାଯିବ। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ଏହି ଭବନକୁ ଉଦ୍‌ଘାଟନ କରିବେ। ପୂର୍ବରୁ ଜାତୀୟ ରାଜପଥରୁ ରେଲୱେ ଷ୍ଟେଶନ ଯିବା ପାଇଁ ଯାତ୍ରୀମାନେ ଜାତୀୟ ରାଜପଥ(ଓଏମ୍‌ପି)ରୁ ଅତିରିକ୍ତ ୧ କିଲୋମିଟର ଯାତ୍ରା କରିବାକୁ ପଡୁଥିଲା। ମାତ୍ର ଏହି ନୂତନ ବିଲ୍ଡିଂର ପ୍ରବେଶ ଦ୍ୱାର ଜାତୀୟ ରାଜପଥକୁ ସଂଯୋଗ ହୋଇଥିବାରୁ ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ବହୁଗୁଣିତ କରିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ୧୯୭୫ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ନୂଆ ଷ୍ଟେଶନ ବିଲ୍ଡିଂରେ ଅତ୍ୟାଧୁନିକ ସେବା ଉପଲବ୍ଧ ରହିବ। ଏହା ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ ହୋଇଥିବାବେଳେ ଫୁଡ୍ କୋର୍ଟ, ଶୌଚାଳୟ ଆଦିର ବ୍ୟବସ୍ଥା ରହିଛି। ଯାତ୍ରୀ ଚଳାଚଳ ପାଇଁ ଶିଡ଼ି ସହ ଏସ୍କାଲେଟର ଓ ଲିଫ୍ଟ ସୁବିଧା ରହିଛି। ବିଶ୍ରାମାଗାର, ଟିକେଟ୍ କାଉଣ୍ଟର ସହ ପ୍ରଶସ୍ତ ପାର୍କିଂ ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର, ଏଟିଏମ୍ କିଓସ୍କ, ୨ଟି ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେଶିନ ଆଦି ରହିବ। 'ଏକ ଷ୍ଟେଶନ୍, ଏକ ଉତ୍ପାଦ' ଷ୍ଟଲରେ ନାବାର୍ଡ ଦ୍ୱାରା ପ୍ରୋତ୍ସାହିତ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହେବ।

# ବାଇକ୍‌ରୁ ଖସିପଡ଼ିଲା ଗୋମାଂସ ବ୍ୟାଗ, ଅଭିଯୁକ୍ତ ଫେରାର

ଯୋଗେଶ୍ୱରପୁର,୫ା୧୨ (ରଶ୍ମିରଞ୍ଜନ ସାହୁ)

ନୟାହାଟ ପୋଲିସ ଗୁରୁବାର ୪/୫ କିଗ୍ରା ଗୋମାଂସ ଜବତ କରିଛି। ତେବେ ଜବତ ସମୟରେ ଅଭିଯୁକ୍ତ ଜଣଙ୍କ କୌଶଳ କରି ସେଠାରୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତି ଯାଉଥିବାବେଳେ ନୟାହାଟ ବଜାରର ବନ୍ଧନ ବ୍ୟାଙ୍କ ନିକଟରେ ତାଙ୍କ ବାଇକ୍‌ରୁ ଏକ ବ୍ୟାଗ୍ ଖସି ପଡ଼ି ଫାଟି ଯାଇଥିଲା। ସେଥିରୁ ମାଂସ ତଳେ ପଡ଼ି ଯିବାରୁ ସ୍ଥାନୀୟ ଲୋକେ ଏହା ଦେଖି ସନ୍ଦେହ କରି ତାଙ୍କୁ ପଚାରିବାରୁ ଚାଳକ ବାଇକ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସାମାଜିକ କର୍ମୀ କେଦାର ନାଥ ସାହୁ, ଅନନ୍ତ ସାହୁ ଏନେଇ ନୟାହାଟ ଫାଣ୍ଡି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରୁ ମାଂସ ଜବତ କରିଥିଲା। ଏନେଇ ଫାଣ୍ଡି ଅଧିକାରୀ ଅଶୋକ ବେହେରା କହିଛନ୍ତି, ବ୍ୟାଙ୍କ ସିସିଟିଭି ଦେଖିଲା ପରେ ଅଭିଯୁକ୍ତଙ୍କୁ ଧରାଯିବ।

# 'ରଙ୍ଗଭୂମି'ରେ ସଂଘର୍ଷର କାହାଣୀ



ଭୁବନେଶ୍ୱର,୫ା୧୨(ସୌମ୍ୟରଞ୍ଜନ ରାଉତ)

### ୨ ଜଣଙ୍କୁ ଇଟ୍ 'ଗଣମାଧ୍ୟମ ସମ୍ମାନ', ଜଣଙ୍କୁ 'ଇଟ୍ ସମ୍ମାନ'

ସୁରଦାସ ଜଣେ ଅନ୍ଧ ଭିକାରି। ପୈତୃକ ଜମିର ଶୋଷଣ ବିରୋଧରେ ନ୍ୟାୟ ଓ ସ୍ୱୀକୃତି ଖୋଜିବା ତାଙ୍କ ପାଇଁ ବିରାଟ ସଂଘର୍ଷରେ ପରିଣତ ହୋଇଛି। ଦୃଷ୍ଟିହୀନ ହୋଇ ମଧ୍ୟ ପ୍ରକୃତି ଭିତରେ ଥିବା ଆତ୍ମୀୟ ସମ୍ପର୍କକୁ ଅନୁଭବ କରିବାର କ୍ଷମତା ତାଙ୍କ ପାଖରେ ଥିଲା। ଏହି ସୂକ୍ଷ୍ମ ଓ ଜୀବନ୍ତ ରଙ୍ଗକୁ ପ୍ରାୟେ ଅନ୍ୟମାନେ ଦୃଷ୍ଟିଗୋଚର କରିପାରନ୍ତିନାହିଁ। ଅନେକ ଦୁଷ୍ଟ ଚରିତ୍ରଙ୍କ ସହ ସୁରଦାସ ସଂଘର୍ଷ କରିଛନ୍ତି। ଏମିତି ଏକ କାହାଣୀକୁ ନେଇ ଗୁରୁବାର ଇଟ୍ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ହୋଇଥିଲା ସମ୍ବଲପୁରୀ ନାଟକ 'ରଙ୍ଗଭୂମି'। କାର୍ଯ୍ୟକ୍ରମରେ ଅତିଥି ଭାବରେ ଉତ୍କଳ ସଂସ୍କୃତି ବିଦ୍ୟାଳୟର ପୂର୍ବତନ କୁଳପତି ନରେନ୍ଦ୍ର ମିଶ୍ର, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ଓଡିଶା ନାଟ୍ୟ ସଂଘ ସଭାପତି ମନୋଜ ପଟ୍ଟନାୟକ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଲଲାଟେନ୍ଦୁ ମହାନ୍ତିଙ୍କୁ 'ଇଟ୍ ସମ୍ମାନ', ରଶ୍ମିରଞ୍ଜନ ସ୍ୱାଇଁ ଓ ଧୃତିକାମ ମହାନ୍ତିଙ୍କୁ 'ଇଟ୍ ଗଣମାଧ୍ୟମ ସମ୍ମାନ' ପ୍ରଦାନ କରାଯାଇଥିଲା। ସୁଧାଂଶୁ ଦ୍ୱିବେଦୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୫୨୮ ପ୍ରବାସୀ ଶ୍ରମିକଙ୍କୁ ମିଳିଲା ରାଶନ କାର୍ଡ

### ନିରାଶରେ ଫେରିଲେ ଦିବ୍ୟାଙ୍ଗ ବାଳିକା

କଟକ ସଦର,୫ା୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଟି ପଞ୍ଚାୟତର ୫୨୮ ଜଣ ପ୍ରବାସୀ ଶ୍ରମିକଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରତୀକ କୁମାର ସାହୁ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ଆତ୍ମାର ଅଧ୍ୟକ୍ଷ ରମାରଞ୍ଜନ ବିଶ୍ୱାଳ, ଯୋଗାଣ ନିରୀକ୍ଷକ ନୀହାର ସ୍ୱାଇଁ ଉପସ୍ଥିତ ଥିଲେ। ଗତିରାଉତପାଟଣା ଗ୍ରାମର ଯମୁନା ବେହେରାଙ୍କ ଝିଅ ଶୁଭଲକ୍ଷ୍ମୀ ବେହେରା(୯) ଦିବ୍ୟାଙ୍ଗ ରାଶନ କାର୍ଡ ପାଇବେ ବୋଲି ଆଶା ରଖି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ତାଙ୍କୁ କାର୍ଡ ନ ମିଳିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଅନ୍‌ଲାଇନ୍‌ରେ ଅନେକଥର କାର୍ଡ ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏନେଇ ଯୋଗାଣ ନିରୀକ୍ଷକ ସ୍ୱାଇଁ କହିଛନ୍ତି, ଆଗରୁ ଏକଥା ଜାଣି ନ ଥିଲି। ଏବେ ବ୍ୟବସ୍ଥା କରାଯିବ।

# ଆଜିଠୁ ରାଜ୍ୟସ୍ତରୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍




ଅତିଥିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି ।

ପୁରୀ,୫ା୧୨(ଅଜିତ କୁମାର ମହାନ୍ତି)

### ଟ୍ରଫି ଉନ୍ମୋଚିତ

ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ପକ୍ଷରୁ ୩୨ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ ଝାଡେଶ୍ୱରୀ କ୍ଲବଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଗୁରୁବାର ଝାଡ଼େଶ୍ୱରୀ କ୍ଲବ୍‌ରେ ଟ୍ରଫି ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଜିଲା ଥ୍ରୋ ବଲ ଆସୋସିଏଶନ୍ ସଭାପତି ମନୋଜ କୁମାର ବିଶୋଇ, ଉପସଭାପତି ମଞ୍ଜୁ ବରାଳ, ସମ୍ପାଦକ ଦୀପ୍ତି ରଞ୍ଜନ ସାମନ୍ତରାୟ ଓ ଗ୍ରାମାଞ୍ଚଳ ସମ୍ପାଦକ ମଳୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଝାଡ଼େଶ୍ୱରୀ କ୍ଲବ୍ ସମ୍ପାଦକ ପାର୍ଥସାରଥୀ ମହାପାତ୍ର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ବାଳକ ବିଭାଗରେ ୨୫ ଓ ବାଳିକା ବିଭାଗରେ ୧୫ଟି ଦଳ, ଅଫିସିଆଲ୍ ଓ ରେଫରି ପ୍ରମୁଖ ସର୍ବମୋଟ ୫୦୦ ଜଣ ଏହି ଚାମ୍ପିୟନଶିପ୍‌ରେ ଯୋଗଦେବେ। ୩ ଦିନ ଧରି ଦିବାରାତ୍ର ମ୍ୟାଚ୍ ଚାଲିବ। ପ୍ରତିଯୋଗୀଙ୍କ ଖାଇବା ପିଇବା ଓ ରହିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ୬ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ ସମୟରେ ପ୍ରତିଯୋଗୀଙ୍କ ମନୋରଞ୍ଜନର ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଜିଲା ଥ୍ରୋ ବଲ୍ ଆସୋସିଏଶନ୍ ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଚେଷ୍ଟା ଜାରି ରଖିଛି ବୋଲି ସୂଚନା ଦିଆଯାଇଛି।

# ଚାଷୀଙ୍କ ପାଖରେ ପହଞ୍ଚିପାରୁନି ଚିନାବାଦାମ ବିହନ

କଣାସ,୫ା୧୨(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ହେଲେ ଠିକ୍ ସମୟରେ ବିହନ ଯୋଗାଡ ନ ଥିବାରୁ ଚାଷୀ ବାରଦୁଆର ଶୁଣ୍ଡି ପିଣ୍ଡା ଭଳି ଦୟନୀୟ ପରିସ୍ଥିତି ଭୋଗୁଛି। କଣାସ ବ୍ଲକରେ ପ୍ରତିବର୍ଷ ବନ୍ୟା ବାତ୍ୟା ଦାଉରେ ଶାରଦ ଧାନ ଫସଲ ହରାଇ ଚାଷୀ ଆଳୁ, ଚିନାବାଦମ, ଖରାଟିଆ ଧାନଫସଲ ଉପରେ ନିର୍ଭର କରନ୍ତି। ସରକାର ଆଳୁ ମଞ୍ଜି ଯୋଗାଇ ନ ପାରିବାରୁ ଦୀର୍ଘ ୨୦ ବର୍ଷ ହେଲା କଣାସ ବ୍ଲକର ଗଡସାନପୁଟ, ଗଡବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଚାଷୀ ଆଳୁ ଚାଷରୁ ମୁହଁ ଫେରାଇ ଚିନାବାଦାମ ଚାଷ ଉପରେ ଲାଗି ପଡ଼ିଲେ। ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ସରକାରୀ ଚିନାବାଦାମ ବିହନ ଯୋଗାଣ ହୋଇପାରୁ ନ ଥିବାରୁ ଉକ୍ତ ପଞ୍ଚାୟତର ଚାଷୀ ଅନୁକୂଳ ଓ ଅନ୍ୟାନ୍ୟ ଜିଲାକୁ ଯାଇ ଚିନାବାଦମ ମଞ୍ଜି ସଂଗ୍ରହ କରୁଛନ୍ତି। ଚଳିତବର୍ଷ ମଧ୍ୟ ମଞ୍ଜି ନ ଥିବାରୁ ଚାଷୀ ଅନ୍ୟ ଜିଲାରୁ ଚଢ଼ା ଦରରେ କିଣି ଚାଷ କରୁଛି। ସେହିପରି ଅନ୍ୟାନ୍ୟ ପଞ୍ଚାୟତରେ ଲିଫ୍ଟପଏଣ୍ଟ ଓ କେନାଲ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଥିବାରୁ ଖରାଟିଆ ଧାନ କରୁଥିବାରୁ ବର୍ତ୍ତମାନ ସୁଦ୍ଧା ଖରାଟିଆ ଧାନ ବିହନ ତଥା ଅଧିକ ଅମଳ ଦେଉଥିବା ବିହନ ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କଣାସଠାରେ ଥିବା ଅତିରିକ୍ତ କୃଷି ଅଧିକାରୀ ପ୍ରତିମା ଖଣ୍ଡାୟତରାୟ କହିଛନ୍ତି, ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ଯୋଗାଇ ଦେବାକୁ ବିକ୍ରେତାଙ୍କୁ ଦାୟିତ୍ୱ ଦିଆଯାଇଛି। କଣାସଠାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମ ମହିଳା ସମବାୟ ସମିତି ଲିମିଟେଡ୍ କର୍ମକର୍ତ୍ତା କହିଛନ୍ତି, ମାସେ ହେଲା ଧାନବିହନ ଆଣିବାକୁ ଅର୍ଥ ସରକାରୀ ମଞ୍ଜି ନିଗମରେ ଜମା ହେଲାଣି, ମଞ୍ଜି ଆସିନାହିଁ। ବିଭାଗୀୟ କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

# କ୍ରୀଡ଼ାବିତ୍‌ଙ୍କ ଜୀବନରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୫ା୧୨(ସୁଚିସ୍ମିତା ସାହୁ)

### ବିଜେଇଏମ୍ ସ୍କୁଲର ୫୦ତମ କ୍ରୀଡ଼ା ଉତ୍ସବ

ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ଜୀବନରେ ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଅଭିଭାବକମାନେ ପିଲାଙ୍କ ଆଗ୍ରହକୁ ସ୍ୱୀକୃତି ଦେବାର ଆବଶ୍ୟକତା ରହିଛି ବୋଲି ଭାରତର ପ୍ରସିଦ୍ଧ ଭାର ଉତ୍ତୋଳନକାରୀ ତଥା ଅଲିମ୍ପିଆନ୍ କେ. ରବି କୁମାର କହିଛନ୍ତି। ଗୁରୁବାର ବିଜେଇଏମ୍ ସ୍କୁଲର ୫୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ 'ଜେଷ୍ଟ-୨୦୨୪'ର ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ପିଲାମାନେ ଶୃଙ୍ଖଳିତ ଭାବେ କଠିନ ପରିଶ୍ରମ କରିବା ଦରକାର। ଏଥିସହ ଅହଂ ତ୍ୟାଗ କରି ଗତିଶୀଳ ହେଲେ ସଫଳତା ନିଶ୍ଚିତ ମିଳିବ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ ଯୋଗଦେଇ କହିଲେ, ସଫଳତା ଗୋଟିଏ ଦିନ, ମାସ ବା ବର୍ଷର ନୁହେଁ। ଅଲିମ୍ପିକ ପରି ଖେଳରେ କୃତିତ୍ୱ ହାସଲ ନିମନ୍ତେ ଉତ୍କୃଷ୍ଟତା, ବନ୍ଧୁତା ଓ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି। ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ଦ୍ରୋଣାଚାର୍ଯ୍ୟଙ୍କ ଉଦାହରଣ ମାଧ୍ୟମରେ ପିଲାମାନେ ମାନବିକ ମୂଲ୍ୟବୋଧ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଶୃଙ୍ଖଳା ଓ ମୂଲ୍ୟବୋଧକୁ ଛାଡ଼ିବା ଅନୁଚିତ ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ପିଲାମାନେ ପରେଡ୍ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା ପ୍ରଶିକ୍ଷକଙ୍କୁ କ୍ୟାପ ପ୍ରଦାନ କରାଯାଇଥିଲା। ପରେଡ୍‌ର ବିଚାରକ ଭାବେ ଏନ୍‌ସିସି ଅଫିସର ସତ୍ୟନାରାୟଣ ହୋତା ଏବଂ ଅମିୟ କୁମାର ବେହେରା ଯୋଗଦେଇଥିଲେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଭୁବନେଶ୍ୱର ଚାପ୍ଟର ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ରନର୍ସ ଅପ୍ ହୋଇଥିବା ବିଦ୍ୟାଳୟ ଫୁଟବଲ ଦଳର ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।


## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୭ ତାରିଖ: ୦୫।୧୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୨୭। ନିଲାମ ତାରିଖ: ୧୩।୧୨।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୩.୧୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-870) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## OFFICE OF THE MEDICAL OFFICER I/C. CHC, HATIGARH, BALASORE

Block Programme Management Unit, NHM Hatigarh
E-mail:bpmsujaleswar@gmail.com

**TENDER FOR 12.5/15 KVA 3 PHASE SILENT DG SET FOR HATIGARH CHC**

Sealed Tenders are invited from the Supplier for 12.5 KVA & 15 KVA 3 phase Silent DG set for Hatigarh CHC. Details tender requirements may be downloaded from the district website www.balasore.odisha.gov.in. Last date of receipt tender is 23.12.2024 latest by 5.00 PM through Registered Post/ Speed Post only and the bids will be opened on 24.12.2024 at 11.00 AM at CHC, Hatigarh. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
Medical Officer I/C, CHC, Hatigarh




ଭୁବନେଶ୍ୱରସ୍ଥିତ କୃଷି ଭବନଠାରେ ରାଜ୍ୟ ସ୍ତରୀୟ ମୃତ୍ତିକା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ମାନସିକ ଚାପ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ

କଣ୍ଟାପଡ଼ା,୫ା୧୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅଧୀନ ସୁନ୍ଦରଗ୍ରାମ ନିକଟସ୍ଥ ଦଧୀଚି ଫାର୍ମାସୀ କଲେଜ ପରିସରରେ ଇଣ୍ଡୋ-ୟୁଏସ୍ ହେଲ୍‌ଥ କେୟାର ସିଷ୍ଟମ ଶୀର୍ଷକ ଗୋଲଟେବୁଲ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅକୁପେଶନାଲ ଥେରାପିଷ୍ଟ ଡା. ଶୁଭସ୍ମିତା ସାହୁ ଯୋଗଦେଇ କହିଛନ୍ତି, ଛାତ୍ର ଜୀବନରେ ବିଭିନ୍ନ ପ୍ରକାର ମାନସିକ ଚାପ ଆସିଥାଏ। ତେବେ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। ଭାରତ ଓ ଆମେରିକାରେ ଚାଲିଥିବା ସ୍ୱାସ୍ଥ୍ୟସେବାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ଅକୁପେଶନାଲ ଚିକିତ୍ସକ ଭାବେ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାରେ କିପରି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ସେ ସମ୍ପର୍କରେ ଡା. ସାହୁ ବୁଝାଇଥିଲେ।


## GOVERNMENT OF ODISHA

No.i-341

## OFFICE OF THE PANCHAYAT SAMITI, BISSAMCUTTACK, RAYAGADA

Email - ori-bissamcuttak@nic.in

**NATIONAL COMPETITIVE BIDDING THROUGH e-Procurement**

Identification No. BISSAMCUTTACK.02/2024-25

**TENDER CALL NOTICE**

The Block Development Officer, Bissamcuttack, District - Rayagada on behalf of Government of Odisha invites percentage rates bids for the Construction of works as detailed below in the Table from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority. Bids for the following work

| Sl. No. | Name of the work | Approximate Estimate Cost (in Rs.) | EMD (In Rs.) | Class of Contractor eligible | Period of completion (In months) | Cost of Tender paper (Non-Refundable) (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Office Building, Godown and Boundary wall of Bissamcuttack LAMPCS Ltd., Bissamcuttack | 79,58,177.00 | 80,000.00 | "B" and Equivalent | 6 (Six Calendar Months) | 10,000.00 |

1. Mode of Submission of tender : Tender should be submitted online in www.tendersodisha.gov.in.
2. Availability of tenders online : From 11:00 A.M. of 09.12.2024 to 17:00 P.M. of 23.12.2024
3. All other terms and conditions, details can be seen from the above website.

Sd./- Block Development Officer,
Bissamcuttack

OIPR-19149/11/0002/2425

# ଜାତୀୟ ରାଜପଥକୁ ସଂଯୋଗ ହେଲା କଟକ ରେଳଷ୍ଟେଶନ

ଭୁବନେଶ୍ୱର/କଟକ,୫।୧୨ (ଅନୁରାଧା ମହାରଣା/କାର୍ତ୍ତିକ ସାହୁ) :




କଟକ ରେଳ ଷ୍ଟେଶନରେ ୧୪.୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ପୂର୍ବ ପାର୍ଶ୍ୱ ଷ୍ଟେଶନ ବିଲ୍ଡିଂ ୭ ତାରିଖରେ ଲୋକାର୍ପଣ କରାଯିବ। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ଏହି ଭବନକୁ ଉଦ୍‌ଘାଟନ କରିବେ। ପୂର୍ବରୁ ଜାତୀୟ ରାଜପଥରୁ ରେଲୱେ ଷ୍ଟେଶନ ଯିବା ପାଇଁ ଯାତ୍ରୀମାନେ ଜାତୀୟ ରାଜପଥ(ଓଏମ୍‌ପି)ରୁ ଅତିରିକ୍ତ ୧ କିଲୋମିଟର ଯାତ୍ରା କରିବାକୁ ପଡୁଥିଲା। ମାତ୍ର ଏହି ନୂତନ ବିଲ୍ଡିଂର ପ୍ରବେଶ ଦ୍ୱାର ଜାତୀୟ ରାଜପଥକୁ ସଂଯୋଗ ହୋଇଥିବାରୁ ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ବହୁଗୁଣିତ କରିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ୧୯୭୫ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ନୂଆ ଷ୍ଟେଶନ ବିଲ୍ଡିଂରେ ଅତ୍ୟାଧୁନିକ ସେବା ଉପଲବ୍ଧ ରହିବ। ଏହା ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ ହୋଇଥିବାବେଳେ ଫୁଡ୍ କୋର୍ଟ, ଶୌଚାଳୟ ଆଦିର ବ୍ୟବସ୍ଥା ରହିଛି। ଯାତ୍ରୀ ଚଳାଚଳ ପାଇଁ ଶିଡ଼ି ସହ ଏସ୍କାଲେଟର ଓ ଲିଫ୍ଟ ସୁବିଧା ରହିଛି। ବିଶ୍ରାମାଗାର, ଟିକେଟ୍ କାଉଣ୍ଟର ସହ ପ୍ରଶସ୍ତ ପାର୍କିଂ ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର, ଏଟିଏମ୍ କିଓସ୍କ, ୨ଟି ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେଶିନ ଆଦି ରହିବ। 'ଏକ ଷ୍ଟେଶନ୍, ଏକ ଉତ୍ପାଦ' ଟ୍ରଲିରେ ନାବାର୍ଡ ଦ୍ୱାରା ପ୍ରୋତ୍ସାହିତ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହେବ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାହାଙ୍ଗା, ୫।୧୨(ଯଯାତି ସିଂହ)

ମାହାଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବକ ବେକରେ ରଶି ଲଗାଇ ଏକ ଗଛରେ ଝୁଲି ପଡ଼ି ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତ ଦେହକୁ ବାଲିଚନ୍ଦ୍ରପୁର ଥାନା ପୋଲିସ ଜବତ କରିଛି। ସେ ହେଲେ ଥାନା ଅଧୀନ ଲଳିତଗିରି ପଞ୍ଚାୟତ ଗଙ୍ଗାଧର ଗ୍ରାମର ରାମଚନ୍ଦ୍ର ଜେନାଙ୍କ ସାନ ପୁଅ ଜଗନ୍ନାଥ (୨୩)। ସେ ବାଲିଚନ୍ଦ୍ରପୁର ଥାନା ଅଧୀନ ପଲେଇ ପଞ୍ଚାୟତ ଗୋବରୀ ନଦୀ କୂଳରେ ଥିବା ଏକ କରଞ୍ଜ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଲୋକ ତାଙ୍କ ପରିବାରଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

### ଜାତୀୟପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କଟକ,୫।୧୨ (କାର୍ତ୍ତିକ ସାହୁ):

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦଶରଥ ମହାନ୍ତି(୮୧)ଙ୍କ ବୁଧବାର ବିଳମ୍ବିତ ରାତିରେ କଟକ ମହାନଦୀ ବିହାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଧ୍ୟାପକ ବିବେକାନନ୍ଦ, ବୋହୂ ଶିକ୍ଷୟିତ୍ରୀ ଭାରତୀ ପଦ୍ମଜା, ଗ୍ରୀଡ଼କୋ ହାଇଡ୍ରୋ ପାୱାର କର୍ପୋରେଶନ ଡାଇରେକ୍ଟର ଆଶିଷ ମହାନ୍ତି, ସ୍ଥପତି କିଶୋର ଜେନା, ଅର୍ଥନୀତିଜ୍ଞ ଡ. ସନ୍ତୋଷ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ସ୍ୱର୍ଗତ ମହାନ୍ତି ବାବା ସାଗର ଦାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଶେଷରେ ଉଗରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ସେ ଅବସର ନେଇଥିଲେ। ସେ ଶିକ୍ଷକ ସଂଘର ସଭାପତି ଥିଲେ। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୧ ମସିହାରେ ଉପରାଷ୍ଟ୍ରପତି କ୍ରିଷ୍ଣ କାନ୍ତଙ୍କଠାରୁ ଜାତୀୟ ପୁରସ୍କାର ପାଇଥିଲେ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ମଧ୍ୟ ଭେଟିଥିଲେ।



### ପୂର୍ବତନ ବିଧାୟକ ବିରଜାଙ୍କ ସ୍ମୃତି ଉତ୍ସବ

ମାହାଙ୍ଗା,୫।୧୨(ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡ଼ପଡା ସର୍ବୋଦୟ ସେବା ସମିତି କାର୍ଯ୍ୟାଳୟ ପରିସରରେ ସର୍ବୋଦୟ ସେବା ସମିତି, ମାହାଙ୍ଗା ଆନୁକୂଲ୍ୟରେ ସମିତିର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ବିରଜା ପ୍ରସାଦ ରାୟଙ୍କ ୧୯ ତମ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବୋଦୟ ସେବା ସମିତିର ସଭାପତି ପ୍ରଫେସର ଡ. କାର୍ତ୍ତିକ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ବିରଜା ରାୟଙ୍କ ସ୍ମୃତି ଚାରଣ କରିଥିଲେ। ବରେଣ୍ୟ ଅତିଥିଭାବେ କେନ୍ଦ୍ର ସରକାରଙ୍କ ସୂକ୍ଷ୍ମ, ଅଣୁ ଓ ମଧ୍ୟମ ଉଦ୍ୟୋଗ ସଦସ୍ୟ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଓ କେନ୍ଦ୍ର ସରକାରଙ୍କ ଗ୍ରାମୋଦ୍ୟୋଗ ଖଦୀ ଏବଂ ଗ୍ରାମୋଦ୍ୟୋଗ ଆୟୋଗର ନିର୍ଦ୍ଦେଶକ ସୁବାସ ଛେତ୍ରୀ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକା ତଥା କବି ଅପର୍ଣ୍ଣା ନାୟକ,ସମ୍ମାନିତ ଅତିଥିଭାବେ କଳାବିକାଶ କେନ୍ଦ୍ର କଟକ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର କୁମାର ଜଟ୍ଟ, ସମିତିର ଉପସଭାପତି ରଜନୀ କାନ୍ତ ପରିଡା ପ୍ରମୁଖ ଯୋଗଦେଇ ଥିଲେ। ଧ୍ରୁବା ନନ୍ଦ ଶରଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ତର୍ଯାମୀ ସାହୁ ସମିତିର ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ସୁକାନ୍ତ କୁମାର ନନ୍ଦ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ଖଦୀ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରାଯିବା ସହ କେତେଜଣ ସୁତା କଟାଳିଙ୍କୁ ଚରଖା ମେକାନିକ ସାର୍ଟିଫିକେଟ ପ୍ରଦାନ ଓ ୫୦ ନୂତନ ମଡେଲ ଚରଖା ପ୍ରଦାନ କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ନୀରବତା କଷ୍ଟ ଦେଲା

### ବଡ଼ମ୍ବା ବ୍ଲକ ଅଧ୍ୟକ୍ଷଙ୍କ ଖବରଦାତା ସମ୍ମିଳନୀ

ବଡ଼ମ୍ବା ୫।୧୨(ମାୟାଧର ମଲ୍ଲିକ)

ନୂତନ ଭାବେ ଭାଜପାରେ ଯୋଗଦେବା ପରେ ବଡ଼ମ୍ବା ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତି ଗୁରୁବାର ଏକ ଖବରଦାତା ସମ୍ମିଳନୀ କରଛନ୍ତି। ରତାପାଟସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ରଘୁପତି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦଳରେ ଦୀର୍ଘ ଦିନ ହେବ ଶୃଙ୍ଖଳିତ କର୍ମୀଭାବେ କାର୍ଯ୍ୟ କରିଥିଲେ। ମାତ୍ର ନିର୍ବାଚନ ପରେ ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନୀରବତା ତାଙ୍କୁ କଷ୍ଟ ଦେଇଛି। ଅପରପକ୍ଷରେ ବିଭିନ୍ନ ଆରୋପକୁ ସେ ଖଣ୍ଡନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା କହିଛନ୍ତି। ଭାଜପାରେ ସାମିଲ ହୋଇଥିବା ଆଲୋକ ସାହୁ ଏଥିରେ ଯୋଗଦେଇ କହିଛନ୍ତି, ପୂର୍ବତନ ବିଧାୟକ ମିଶ୍ରଙ୍କ କାର୍ଯ୍ୟଶୈଳୀ ତାଙ୍କୁ ହତୋତ୍ସାହିତ କରିଥିଲା। ତେବେ ନୂତନ ବିଧାୟକ ବିଜୟ କୁମାର ଦଳ ବେହେରା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରୋଡ୍‌ମ୍ୟାପ କରିଥିବାରୁ ତାଙ୍କୁ ଆକର୍ଷିତ କରିଥିଲା। ଏଥିଯୋଗୁ ସେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ମଣ୍ଡଳ ସଭାପତି ସନ୍ତୋଷ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ କଟକ ଜିଲା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ବିଧାନସଭା ସଂଯୋଜକ ମନୋଜ କୁମାର ପଣ୍ଡା, ମହେଶ କୁମାର ସେଠୀ, ମନୋଜ କୁମାର ଉଦୟଭାନୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।




## ବନ୍ଧୁକ, ଗୁଳି, ୫ ହଜାର ଟଙ୍କା ଜବତ: ୨ ଅଭିଯୁକ୍ତ ଗିରଫ




ଗିରଫ ଅଭିଯୁକ୍ତଙ୍କ ସହ ଜବତ ଟଙ୍କା ଓ ମାରଣାସ୍ତ୍ର।

### ବଡ଼ମ୍ବା ଡକାୟତି ଘଟଣା

ବଡ଼ମ୍ବା,୫।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ଅଗ୍ନିଶମ କେନ୍ଦ୍ର ନିକଟରେ ବୁଧବାର ରାତିରେ ଏକ ଡକାୟତି ଘଟଣା ଘଟିଥିଲା। ଏକ ବୈଦ୍ୟୁତିକ ଗଣମାଧ୍ୟମର କର୍ମଚାରୀ ଏହି ଡକାୟତିର ଶିକାର ହେବା ପରେ ବଡ଼ମ୍ବା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବଡ଼ମ୍ବା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ନାମ ପୋଲିସ ପ୍ରକାଶ କରି ନ ଥିବା ବେଳେ ସେମାନେ ବଡ଼ମ୍ବାସ୍ଥିତ କୋଟପଲ୍ଲା ଅଞ୍ଚଳର ବୋଲି ପୋଲିସ କହିଛି। ଏଥିସହ ସେମାନଙ୍କଠାରୁ ବନ୍ଧୁକ, ୨ ରାଉଣ୍ଡ ଗୁଳି ଓ ବାଇକ ସମେତ ୫ ହଜାର ଟଙ୍କା ଜବତ କରିଛି। ଏନେଇ ବଡ଼ମ୍ବା ଥାନାରେ ମାମଲା ନଂ. ୨୭୬/୨୪ ରୁଜୁ ହୋଇଛି। ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ରବୀନ୍ଦ୍ରନାଥ ମଲ୍ଲିକ ଏକ ଖବରଦାତା ସମ୍ମିଳନୀ କରି ଏବିଷୟରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ ସମ୍ପୃକ୍ତ ଗଣମାଧ୍ୟମର କେତେଜଣ କର୍ମଚାରୀ ବୁଧବାର ବଡ଼ମ୍ବା ଦେଇ ଫେରୁଥିବାବେଳେ ଅଗ୍ନିଶମ କେନ୍ଦ୍ରଠାରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିଲେ।

## ସାହିତ୍ୟିକ ଚାହିଁଲେ ସମାଜରୁ ହିଂସା, ବିଦ୍ୱେଷ ଭାବ ଦୂର

### ବିରୂପା ସାହିତ୍ୟ, ସଂସ୍କୃତି ମହୋତ୍ସବ

ସାଲେପୁର,୫।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ ପରିସରରେ ବିରୂପା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବିରୂପା ସାହିତ୍ୟ ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରାମଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ପୂର୍ବତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କବି ଓ ସାହିତ୍ୟିକ ଚାହିଁଲେ ସମାଜରୁ ହିଂସା ଏବଂ ବିଦ୍ୱେଷ ଭାବ ଦୂର କରିପାରିବେ। ଏଭଳି କାର୍ଯ୍ୟକ୍ରମକୁ ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାର ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ସାହିତ୍ୟରେ ୬ଟି ଋତୁର ଭୂମିକା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଶିବପ୍ରିୟା ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ସମ୍ପର୍କ ସାହିତ୍ୟ ସଂସଦର ସଭାପତି ପ୍ରଫୁଲ୍ଲ ମିଶ୍ର ଯୋଗଦେଇଥିଲେ। ଉକ୍ତ ଉତ୍ସବ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୪୯ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବକୁ କବି ଭକ୍ତଚରଣ ସାହୁ ଓ କବୟିତ୍ରୀ ପୁଷ୍ପମଞ୍ଜରୀ କର ସଂଯୋଜନା କରିଥିଲେ। ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦର ଲୋଗୋ ସହ କବି ପରମାନନ୍ଦ ସାହୁଙ୍କ ପୁସ୍ତକ 'ବିଧିର ବିଧାନ, ଅନିଶ୍ଚିତ ଭବିଷ୍ୟତ', 'ଲୋଭ ମୋହ ବିଚିତ୍ର ଅଟେ, ସଂସାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଚିତ୍ତ ରଞ୍ଜନ ପଣ୍ଡା ପୁସ୍ତକ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କବି ହରେକୃଷ୍ଣ ଷଡ଼ଙ୍ଗୀ, ମାନସ ରଞ୍ଜନ ଦାଶ, ସଂଘମିତ୍ରା ରାଉତ, ପ୍ରବୀର ଦାଶ, ପ୍ରଶାନ୍ତ ମହାନ୍ତି, ସୁନୀତା ସାମଲ, ପ୍ରକାଶ ରାଉଳ, ମୋନାଲିସା ସ୍ୱାଇଁ, ଶର୍ମିଳି ସାହୁ, ପ୍ରଦୀପ୍ତ ସ୍ୱାଇଁ ଓ ନରେନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଖରିଫ ଧାନର ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର

ଆଠଗଡ,୫।୧୨(ସତ୍ୟ ପ୍ରସାଦ ରଥ)




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଖରିଫ ଧାନ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଠଗଡର ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବିଜେନ୍ଦ୍ର କୁମାର ମହାନ୍ତି, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ, ବିକ୍ରୟ ନିରୀକ୍ଷକ ଅରୁଣା ସ୍ୱାଇଁ, ମାନ ନିର୍ଦ୍ଧାରକ ଆଶୁତୋଷ ଦାସ, ସମବାୟ ନିରୀକ୍ଷକ କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଆଠଗଡ ଉପଖଣ୍ଡରେ ଡିସେମ୍ବର୨୭ରୁ ଚାଷୀମାନେ ମଣ୍ଡିରେ ବଳକା ଧାନ ବିକ୍ରୟ କରିବେ। ଏନେଇ ଧାନ ବ୍ୟବସାୟୀ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ମୁକ୍ତ ହୋଇଥିବ। ଚାଷୀମାନେ ବଳକା ଧାନ ଆଣିବାବେଳେ ଧାନରୁ ଅଗାଡି, କାଠି, କୁଟା, ଧୂଷ,ଅଗାଡି ବାହ୍ୟ ପଦାର୍ଥ ପରିଷ୍କାର ପରିଚ୍ଛନ୍ନ କରି ଆଣିବେ। ଦୈର୍ଘ୍ୟ ଓ ପ୍ରସ୍ଥର ଅନୁପାତକୁ ଭିତ୍ତି କରି ଧାନକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯଦି ଧାନର ଅନୁପାତ ଶତକଡା ୨.୫ ସହିତ ସମାନ ବା ଅଧିକ ହୁଏ ତେବେ ଏହାକୁ 'କ' ଶ୍ରେଣୀର ଧାନ ଏବଂ ଏହାର ଅନୁପାତ ଶତକଡା ୨.୫ ରୁ କମ୍ ହେଲେ ଏହାକୁ ସାଧାରଣ ଧାନ ଭାବରେ ଶ୍ରେଣୀ ଭୁକ୍ତ କରାଯାଏ। ଧାନର ମାନ ନିର୍ଦ୍ଧାରଣ ନିମନ୍ତେ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନର ମାନ ବିଭିନ୍ନ ଯନ୍ତ୍ରପାତି ଯଥା ମଇଶ୍ଚର ମେଶିନ, ମିନି ଗ୍ରେଡର, ସାମ୍ପୁଲ ଡିଭାଇଡର ଆଦି କିପରି ବ୍ୟବହାର କରାଯିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଶନିବାରଠାରୁ ପ୍ରତ୍ୟେକ ପଞ୍ଚାୟତରେ ଚାଷୀମାନଙ୍କୁ କିପରି ସଚେତନତା କରାଯିବ ସେ ବିଷୟରେ ବୈଠକରେ ନିଷ୍ପତ୍ତି ହୋଇଥିଲା। ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଆଠଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତିର ସମ୍ପାଦକମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

## ମଣ୍ଡଳୀସ୍ତରୀୟ ଭାଜପାର ସାଙ୍ଗଠନିକ କର୍ମଶାଳା

ସାଲେପୁର,୫।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି ପକ୍ଷରୁ ଅରିନ୍ଦମ ରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମଧୁମଣ୍ଡପଠାରେ ବିଧାନସଭା ସ୍ତରୀୟ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସମ୍ପାଦକ ଯତୀନ୍ଦ୍ର ମହାନ୍ତି ଯୋଗଦେଇଥିବାବେଳେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁ, କୁଞ୍ଜମୋହନ ସେଠୀ, ଧନେଶ୍ୱର ନାୟକ, ସତ୍ୟବାଦୀ ଚଇନୀ ଯୋଗଦେଇ ଭାଜପାର ବିଧାନସଭାସ୍ତରୀୟ ସଙ୍ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଜେନା, ଅସିତ୍ କୁମାର ମହାନ୍ତି, ବିକାଶ ସିଂହ, ଲୋଲୁପ ବିଶ୍ୱାଳ, ରମେଶ ନାୟକ, ପ୍ରସନ୍ନ ଚୌଧୁରୀ, ପ୍ରଶାନ୍ତ ସ୍ୱାଇଁ, ଦିଲ୍ଲୀପ ରାଉତ, ଦୁର୍ଯ୍ୟୋଧନ ବେଜ, ଆକାଶ ଦାଶ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସତ୍ୟଶିବସୁନ୍ଦର କର ଧନ୍ୟବାଦ ଅର୍ପଣ କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୭ ତାରିଖ: ୦୫।୧୨।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୨୭। ନିଲାମ ତାରିଖ: ୧୩।୧୨।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୩.୧୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-870) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**OFFICE OF THE MEDICAL OFFICER I/C. CHC, HATIGARH, BALASORE**

Block Programme Management Unit, NHM Hatigarh
E-mail:bpmsujaleswar@gmail.com

**TENDER FOR 12.5/15 KVA 3 PHASE SILENT DG SET FOR HATIGARH CHC**

Sealed Tenders are invited from the Supplier for 12.5 KVA & 15 KVA 3 phase Silent DG set for Hatigarh CHC. Details tender requirements may be downloaded from the district website www.balasore.odisha.gov.in. Last date of receipt tender is 23.12.2024 latest by 5.00 PM through Registered Post/ Speed Post only and the bids will be opened on 24.12.2024 at 11.00 AM at CHC, Hatigarh. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
Medical Officer I/C, CHC, Hatigarh

## ମା' ଚର୍ଚ୍ଚିକା ପୀଠର ଉନ୍ନୟନ କାର୍ଯ୍ୟକୁ ଜିଲାପାଳଙ୍କ ଗୁରୁତ୍ୱ

### ରାଶନ ଚାଉଳ, ଧାନ କିଣା, ପାନୀୟ ଜଳ ପ୍ରକଳ୍ପ କାମର ସମୀକ୍ଷା

ବାଙ୍କୀ,୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟ ରଞ୍ଜନ ସାହୁ)



ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଗୁରୁବାର ବାଙ୍କୀ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ସିନ୍ଦେ ପ୍ରଥମେ ଡମପଡ଼ା ବ୍ଲକର ପାଥପୁର ପଞ୍ଚାୟତର ମହାନଦୀ କୂଳରେ ମୁରାରୀପୁରଠାରେ ନିର୍ମାଣ ଚାଲିଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରୁ ଜାତମୁଣ୍ଡିଆଠାରେ ଥିବା ନିୟନ୍ତ୍ରିତ ବଜାର କମିଟିର ଗୋଦାମ ଘରେ ଗଚ୍ଛିତ ଥିବା ରାଶନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ତନଖି କରି ଅଧିକାରୀମାନଙ୍କ ସହ ଆଗାମୀଦିନରେ ବାଙ୍କୀ ଉପଖଣ୍ଡରେ ଖରିଫ ଧାନମଣ୍ଡିରେ ଚାଷୀଙ୍କ ଧାନ ସୁବିଧାରେ ଯେପରି କ୍ରୟ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ଶିମିଳିପୁର ଓ ତୁଳସୀପୁରରେ ଧାନମଣ୍ଡି ପରିଦର୍ଶନ କରିବା ସହ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶେଷରେ ମା' ଚର୍ଚ୍ଚିକା ମନ୍ଦିରକୁ ପରିଦର୍ଶନରେ ଯାଇ ସେବାୟତମାନଙ୍କ ସହ ମନ୍ଦିର ଉନ୍ନତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ମନ୍ଦିର ଉନ୍ନତି ପାଇଁ ଆସିଥିବା ୧୧ କୋଟି ଟଙ୍କା ଅନୁଦାନରେ କାମ ଯଥାଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ସିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ବିଡିଓ ଅଂଶୁମାନ ଦାସ, କଟକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ଦାସ, ସମସ୍ତ ବିଭାଗୀୟ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ନୀଳମଣି ମହାପାତ୍ର, ସଭ୍ୟ ସୁଶାନ୍ତ ମହାପାତ୍ର, ଅମରନାଥ ରଣା, ବିଦ୍ୟାଧର ରଣା, ପ୍ରଣବ ପ୍ରକାଶ ମହାପାତ୍ର, ଶରତ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

No.i-341

**GOVERNMENT OF ODISHA**
**OFFICE OF THE PANCHAYAT SAMITI, BISSAMCUTTACK, RAYAGADA**
Email - ori-bissamcuttak@nic.in

**NATIONAL COMPETITIVE BIDDING THROUGH e-Procurement**
Identification No. BISSAMCUTTACK.02/2024-25
**TENDER CALL NOTICE**

The Block Development Officer, Bissamcuttack, District - Rayagada on behalf of Government of Odisha invites percentage rates bids for the Construction of works as detailed below in the Table from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority. Bids for the following work

| Sl. No. | Name of the work | Approximate Estimate Cost (in Rs.) | EMD (In Rs.) | Class of Contractor eligible | Period of completion (In months) | Cost of Tender paper (Non-Refundable) (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Office Building, Godown and Boundary wall of Bissamcuttack LAMPCS Ltd., Bissamcuttack | 79,58,177.00 | 80,000.00 | "B" and Equivalent | 6 (Six Calendar Months) | 10,000.00 |

1. Mode of Submission of tender : Tender should be submitted online in www.tendersodisha.gov.in.
2. Availability of tenders online : From 11:00 A.M. of 09.12.2024 to 17:00 P.M. of 23.12.2024
3. All other terms and conditions, details can be seen from the above website.

Sd./- Block Development Officer,
Bissamcuttack

OIPR-19149/11/0002/2425

## ସଂକ୍ଷେପରେ

### ଫାର୍ମ ହାଉସରୁ ଚୋରି, ୨ ଗିରଫ

ନିମାପଡ଼ା,୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦିଘାଲୋ ଜାଗେଶ୍ୱରପୁର ମୌଜାର ଏକ ଫାର୍ମ ହାଉସ୍‌ରୁ ଚୋରି ହୋଇଥିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ତେରୁଣ୍ଡିଆ ଗ୍ରାମର ଅଜୟ ଭୋଇ ଓ ଗୟା ଭୋଇ। ପୋଲିସ ଉଭୟଙ୍କଠାରୁ ଚୋରି ହୋଇଥିବା ପାଣି ପମ୍ପ ମୋଟର, ଗୋଟିଏ ବୈଦ୍ୟୁତିକ ମାପ ଓଜନ ମେଶିନ, ୨ଟି ନଳକୂପ ହାଣ୍ଡି ଜବତ କରିଛି। ଏନେଇ ପୋଲିସ ୩୭୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନଭେମ୍ବର ୨୮ ତାରିଖରେ ସ୍ୱର୍ଗତ ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ଫାର୍ମ ହାଉସ୍‌ରେ କେହି ନ ଥିବା ସୁଯୋଗରେ ଆଜବେଷ୍ଟସ୍ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଜବତ ସାମଗ୍ରୀ ସମେତ ଅନ୍ୟ କେତେକ ଚାରି କରିନେଇଯାଇଥିଲେ। ଏ ସମ୍ପର୍କରେ ଫାର୍ମ ହାଉସର ତତ୍ତ୍ୱାବଧାରକ ଗୋପ ଥାନା ଅଧୀନ କୁସୁପୁର ଗ୍ରାମର ସୁଶାନ୍ତ ସ୍ୱାଇଁ ବୁଧବାର ଥାନାରେ ଅଭିଯୋଗ କରିଥିଲେ।

### ଗୋମାଂସ ଜବତ, ଅଭିଯୁକ୍ତ ଫେରାର

ଯୋଗେଶ୍ୱରପୁର,୫।୧୨ (ରଶ୍ମିରଞ୍ଜନ ସାହୁ)

ନୟାହାଟ ପୋଲିସ ଗୁରୁବାର ୪/୫ କିଗ୍ରା ଗୋମାଂସ ଜବତ କରିଛି। ତେବେ ଜବତ ସମୟରେ ଅଭିଯୁକ୍ତ ଜଣଙ୍କ କୌଶଳ କରି ସେଠାରୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତି ଯାଉଥିବାବେଳେ ନୟାହାଟ ବଜାରର ବନ୍ଧନ ବ୍ୟାଙ୍କ ନିକଟରେ ତାଙ୍କ ବାଇକ୍‌ରୁ ଏକ ବ୍ୟାଗ୍ ଖସି ପଡ଼ି ତାହା ଫାଟି ଯାଇଥିଲା। ସେଥିରୁ ମାଂସ ତଳେ ପଡ଼ି ଯିବାରୁ ସ୍ଥାନୀୟ ଲୋକେ ଏହା ଦେଖି ସନ୍ଦେହ କରି ତାଙ୍କୁ ପଚରିବାରୁ ଚାଳକ ବାଇକ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସାମାଜିକ କର୍ମୀ କେଦାର ନାଥ ସାହୁ, ଅନନ୍ତ ସାହୁ ଏନେଇ ନୟାହାଟ ଫାଣ୍ଡି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରୁ ମାଂସ ଜବତ କରିଥିଲା। ଏନେଇ ଫାଣ୍ଡି ଅଧିକାରୀ ଅଶୋକ ବେହେରା କହିଛନ୍ତି, ବ୍ୟାଙ୍କ ସିସିଟିଭି ଦେଖିଲା ପରେ ଅଭିଯୁକ୍ତଙ୍କୁ ଧରାଯିବ।

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

କାକଟପୁର,୫।୧୨(ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ଥାନା ଅଧୀନ ମାଣ୍ଡୁକି ଗ୍ରାମର ବିଶିଷ୍ଟ ଧର୍ମପରାୟଣ ମହିଳା ପୁନି ଜେନା(୬୩)ଙ୍କ ଗତ ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ମଧୁମେହରେ ଆକ୍ରାନ୍ତ ହୋଇ ଗୁରୁତର ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଅନନ୍ତ ଜେନା, ଝିଅ ରଞ୍ଜନା ବିଶ୍ୱାଳ, ଜ୍ୱାଇଁ ଓକିଲ ବିଶ୍ୱାଳ, ଭଣଜା ଦିଲିପ କୁମାର ବରାଳ ପ୍ରମୁଖ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମହିଳାଙ୍କୁ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ସାନ ପୁଅ ପବନି ମୁଖାଗ୍ନି ଦେଇଛନ୍ତି।

### ଆଜିଠୁ ରାଜ୍ୟସ୍ତରୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ପକ୍ଷରୁ ୩୨ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ ଝାଡେଶ୍ୱରୀ କ୍ଲବଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଗୁରୁବାର ଝାଡେଶ୍ୱରୀ କ୍ଲବ୍‌ରେ ଟ୍ରଫି ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଜିଲା ଥ୍ରୋ ବଲ ଆସୋସିଏଶନ୍ ସଭାପତି ମନୋଜ ବିଶୋଇ, ମଞ୍ଜୁ ବରାଳ ପ୍ରମୁଖ ଯୋଗଦେଇଥିଲେ।

# 'ଜିଲାରେ ପ୍ରାୟ ୭୦ ଭାଗ ଜମି ଅମ୍ଳ ପ୍ରଭାବିତ'

**ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ**

ପୁରୀ,୫।୧୨(ଅଜିତ୍ କୁମାର ମହାନ୍ତି)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ପୁରୀ ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, କୃଷି ଭାରତର ଆତ୍ମା ସଦୃଶ। କୃଷି ଓ ଜୀବନ ପାଇଁ ମୃତ୍ତିକା ମୂଳ ଆଧାର। ଏହାକୁ ସୁସ୍ଥ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ମଣିଷ ଶରୀର ପରି ମାଟିରେ ମଧ୍ୟ ବିଭିନ୍ନ ଉପାଦାନର ସନ୍ତୁଳନ ଆବଶ୍ୟକ। ତେଣୁ ମୃତ୍ତିକାର ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ସହ ମୃତ୍ତିକା ସୁରକ୍ଷା ଓ ସଂରକ୍ଷଣ ପାଇଁ ବେହେରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ କହିଥିଲେ, ଖାଦ୍ୟ ଉତ୍ପାଦନ ପାଇଁ ମୃତ୍ତିକା ଜରୁରୀ। ବର୍ତ୍ତମାନ ମାଟି ପ୍ରଦୂଷିତ ହେଉଥିବାରୁ ଫସଲ ପ୍ରଭାବିତ ହେଉଛି। ପୁରୀ ଜିଲାରେ ପ୍ରାୟ ୭୦ ଭାଗ ଜମି ଏସିଡିକ ବା ଅମ୍ଳ ପ୍ରଭାବିତ। ଫଳରେ ତୈଳ ଓ ଡାଲିଜାତୀୟ ଫସଲ ଭଲ ହେଉନାହିଁ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ଶରତ କୁମାର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ରାଉତ, ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ବରିଷ୍ଠ ପରିଚାଳକ ଇନ୍ଦିରା ମୁଖାର୍ଜୀ, ସାକ୍ଷୀଗୋପାଳ କୃଷି ଅଧିକାରୀ ଅଜୟ କୁମାର କର, ପୁରୀ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ କହିଥିଲେ, ଅଣଅନୁମୋଦିତ ଭାବେ ବ୍ୟବହାର ହେଉଥିବା ସାର ଓ କୀଟନାଶକ ଯୋଗୁ ମୃତ୍ତିକାରେ ପ୍ରାକୃତିକ ପୋଷକତତ୍ତ୍ୱର ହାନି ଘଟୁଛି। ଉତ୍ପାଦନ ବୃଦ୍ଧି ପାଉଛି, କିନ୍ତୁ ଗୁଣାତ୍ମକ ତତ୍ତ୍ୱ କମିଯାଉଛି। ଗଛ ପାଇଁ ୧୬ ପ୍ରକାର ଖାଦ୍ୟ ଆବଶ୍ୟକ ଥାଏ। କିନ୍ତୁ ବର୍ତ୍ତମାନ ତାହାର ଅଭାବ ରହୁଛି। ପ୍ରତି ୩ ବର୍ଷ ଅନ୍ତରରେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଟିରେ ଥିବା ଅଭାବର ଆବଶ୍ୟକତାକୁ ପୂରଣ କରିବା ସମ୍ପର୍କରେ ସେମାନେ ମତ ରଖିଥିଲେ। ଏ ନେଇ ସମସ୍ତଙ୍କୁ ସଚେତନ କରାଇ ମାଟିର ସ୍ୱାସ୍ଥ୍ୟ ଠିକ୍ ରଖିବା ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରସାୟନବିତ୍ ଜି.ଶ୍ୱେତା ସଭା ପରିଚାଳନା କରିଥିବାବେଳେ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ରଞ୍ଜନ ଗାଙ୍ଗୁଲି, ନିକୁଞ୍ଜ କିଶୋର ନାୟକ, ତରଣୀ ନାୟକ ଏବଂ ହୃଷୀକେଶ ନାୟକଙ୍କ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ 'ମାଣବସା ଗୁରୁବାର' ସଂକ୍ରାନ୍ତ ବାଲୁକାକଳା। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## କବିତା ମଣିଷ ସୁଖଦୁଃଖର ଧାରକ ହେବା ଉଚିତ୍

ପୁରୀ,୫।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର୍ ଫେଷ୍ଟିଭାଲ –୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ୩ଦିନ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଏବଂ ଶେଷ ଦିନ ଗୁରୁବାର ରାମଚଣ୍ଡୀ ବେଳାଭୂମିରେ 'କବିତା ଜନ୍ତାଳ' ନାମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କବିତା ଓ ଗଳ୍ପ ପଠନ ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କବି ଓ ଗାଳ୍ପିକଙ୍କ ସହିତ ହଙ୍ଗେରୀ, ହଂକଂ ଓ ବାଂଲାଦେଶର ଲେଖକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉତ୍ସବ ଆରମ୍ଭରେ ଏହାର ଉଦ୍ଦେଶ୍ୟ ବିଷୟରେ ଧଉଳି ବୁକ୍ସ ନିର୍ଦ୍ଦେଶକ କବି ମନୁ ଦାଶ ଆଲୋକପାତ କରିଥିଲେ। ସମକାଳର କବିତା ଏହାର ପାଠକୀୟ ଆଦୃତି ନିମନ୍ତେ ସାଧାରଣ ମଣିଷର ଦୁଃଖ, ସୁଖ, ଅଭାବ ଓ ଅସନ୍ତୁଷ୍ଟିର ଧାରକ ହେବା ଉଚିତ୍ ବୋଲି ସେ କହିଥିଲେ। ପୀତାମ୍ବର ତରାଇ, ଉମାକାନ୍ତ ମହାପାତ୍ର, ଡ. ଦିଲୀପ କୁମାର ସ୍ୱାଇଁ, ପବିତ୍ର ମୋହନ ଦାଶ, ରୁନୁ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଦଳେଇ, ନିବେଦିତା ନନ୍ଦ, ପ୍ରିୟଦର୍ଶିନୀ ପଲେଇ, ଗିରିଜା ଶଙ୍କର ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ଡି. ବେହେରା, ମାନମୟୀ ରଥ, କ୍ଷୀରୋଦ ବିଶ୍ୱାଳ, ଶ୍ୱେତପଦ୍ମା ପାଢ଼ୀ ପ୍ରମୁଖ ଗଳ୍ପ ପାଠ କରିଥିଲେ। ହଲାଣ୍ଡର ରୋଲାନ୍ଦ ଓରସିକ ଏବଂ ହଂକଂର ସାମ ପ୍ୟାନୀ ଇଂଲିଶ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପରେଶ ପଟ୍ଟନାୟକ, କାମଦେବ ମହାରଣା ଓ ସ୍ରୋତସ୍ୱିନୀ ପରିଡ଼ା ସଂଯୋଜନା କରିଥିବାବେଳେ ସଞ୍ଜୟ ବରାଳ ଧନ୍ୟବାଦ ଦେଇଥିଲେ।

## ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲେ ଜିଲାପାଳ, ଏସ୍‌ପି

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଦୁଇଦିନିଆ ପୁରୀ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସକାଳେ ରାଷ୍ଟ୍ରପତି ବ୍ଲୁ ବୁକ୍ ସିକ୍ୟୁରିଟି ଅନୁଯାୟୀ କଡ଼ା ସୁରକ୍ଷା ମଧ୍ୟରେ ରାଜଭବନରୁ ସମଙ୍ଗସ୍ଥିତ ଅସ୍ଥାୟୀ ହେଲାପ୍ୟାଡ୍ ନିକଟକୁ ଯାଇଥିଲେ। ରାଷ୍ଟ୍ରପତି ରାଜଭବନରୁ ବାହାରି ସମୁଦ୍ରକୂଳ କୂଳେ ଲାଇଟ୍ ହାଉସ ଦେଇ ଷ୍ଟର୍ଲିନ ଛକ ଓ ମଙ୍ଗଳାଘାଟ ବାଇପାସ୍ ଦେଇ ସମଙ୍ଗ ହେଲିପ୍ୟାଡ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ, ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ। ପରେ ପୁରୀ ରାଜଭବନରେ ରାତ୍ରିଯାପନ କରିଥିଲେ। ଗୁରୁବାର ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଗସ୍ତ ଓ କାର୍ଯ୍ୟକ୍ରମର ସଫଳତା ନେଇ ଜନସାଧାରଣ ସହଯୋଗ କରିଥିବାରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ କୃତଜ୍ଞତା ଜଣାଇଛନ୍ତି।

## ନଦୀପଠାରେ ଜାଲ ପୋଡ଼ିଦେଲେ ଦୁର୍ବୃତ୍ତ

ବଳଙ୍ଗା,୫।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀ ପଠାରେ ଶୁଖାଯାଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ମାଛଧରା ଜାଲକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବଳଙ୍ଗା ଗ୍ରାମର ପ୍ରସନ୍ନ କୁମାର ଦଳେଇ ଭାର୍ଗବୀ ନଦୀ ଗଣ୍ଡିକୁ ନିଲାମ ଆଣିଥିଲେ। ମଙ୍ଗଳବାର ମାଛ ଧରିବାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ମାଛଧରା ଜାଲକୁ ଭଡ଼ା ସୂତ୍ରରେ ଆଣି ସେ ମାଛ ଧରିବା ପରେ ବୁଧବାର ସକାଳେ ଜାଲକୁ ନଦୀ ପଠାରେ ଶୁଖାଇଥିଲେ। ପ୍ରସନ୍ନ ସନ୍ଧ୍ୟା ସମୟରେ ନଦୀ ପଠାକୁ ଯାଇ ଦେଖିବା ବେଳକୁ ଜାଲ ସୁରକ୍ଷିତ ଥିଲା। ସେ ପୁନର୍ବାର ରାତି ୯ଟା ବେଳକୁ ଜାଣି ଆଣିବାକୁ ଯାଇଥିବାବେଳେ ଜାଲଟି ପୋଡ଼ିଯାଇଥିଲା। କେହି ଦୁର୍ବୃତ୍ତ ଜାଲରେ ନିଆଁ ଲଗାଇ ଦେଇଥିବା ନେଇ ପ୍ରସନ୍ନ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ସ୍ମୃତି ସଭା

ଅସ୍ତରଙ୍ଗ,୫।୧୨(ମମତା ଜେନା)

କାକଟପୁର ବ୍ଲକ ଗମ୍ଭାରୀପଦା ଗ୍ରାମର ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ଚତୁଃଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୀତା ଜ୍ଞାନ ଯଜ୍ଞ, ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପୁତ୍ର ଶଙ୍କରଶ୍ରୀ ଶିବାନନ୍ଦ ଶତପଥୀ ଏଥିରେ ନେତୃତ୍ୱ ନେଇଥିଲେ। ସଭାରେ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଶିକ୍ଷା ଅଧିକାରୀ ତଥା ମଙ୍ଗଳା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ଶିକ୍ଷାବିତ୍ ସାଧୁ ଚରଣ ବିଶ୍ୱାଳ, ସୌମ୍ୟକାନ୍ତ ଖୁଣ୍ଟିଆ, ଯୁବନେତା ବିଶ୍ୱ ଭୂଷଣ ଦାସ, ନଳିନୀକାନ୍ତ ଦୀକ୍ଷିତ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ।

# ସ୍ୱଚ୍ଛତା ରୋଗୀ ସେବାର ମୂଳମନ୍ତ୍ର

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଲେ ରୋଗୀ ସେବାର ମୂଳମନ୍ତ୍ର ହୋଇପାରିବ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନାଗପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଦଳ ଗୁରୁବାର ଯୋଗଦେଇଥିଲେ। ଏଥିରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆଫ୍ରୋଜ ଉପସ୍ଥିତ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଏହି ସୂଚନା ଦେଇଥିଲେ। ଏହି କେନ୍ଦ୍ରୀୟରେ ଡ. ଆଟମଲ ସୁରେଶ ବାବୁ, ଖୁମୁକ ଚାମ, ଅନୁପମ ଦେବୀ ପ୍ରମୁଖ ବୁଲିବା ସହିତ ଏପରି ଏକ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିବା ସହ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଟିମ୍ ରୋଗୀ ସେବା, ରକ୍ତ ନମୁନା ପରୀକ୍ଷା, ଔଷଧ ବିତରଣ, ରୋଗୀଙ୍କ ଲାଗି ଟିକେଟ ପଞ୍ଜୀକୃତ ଗୃହ, ଔଷଧୀୟ ବଗିଚା ସହିତ ଅନ୍ୟାନ୍ୟ ବ୍ୟବସ୍ଥା କିପରି ଅଛି ଦେଖିବା ସହ ସେ ସମ୍ପର୍କରେ ପଚାରି ବୁଝିଥିଲେ। ପୁରୀ ଜିଲାରେ ଏପରି ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମସ୍ତ ଅପେକ୍ଷା ଉଚ୍ଚକୋଟୀର ରୋଗୀସେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବହୁତ ଆଗରେ ବୋଲି କେନ୍ଦ୍ରୀୟ ଦଳ ମତବ୍ୟକ୍ତ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡ. ବିଭୁପ୍ରସାଦ ନାୟକ, ଆୟୁଷ ଡ. ଅପରାଜିତା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।




ନାଗପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

## ହମ୍ପ ନିର୍ମାଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ଗ୍ରାମବାସୀ

ନିମାପଡ଼ା,୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୂର୍ତ୍ତ ଉପଖଣ୍ଡ ଅଧୀନ ଚାରିଛକ–କାକଟପୁର ପୂର୍ତ୍ତ ସଡ଼କର ଚାରିଛକ ଥାନା ନିକଟସ୍ଥ ମୁଦୁଲି ସାହି ଗ୍ରାମ ଛକଠାରେ ଏକ ତିନି ଥାକିଆ ହମ୍ପ ନିର୍ମାଣ ପାଇଁ ଗ୍ରାମବାସୀ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହି ହମ୍ପ ନିର୍ମାଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ଗ୍ରାମର ସନ୍ତୋଷ ମୁଦୁଲି, ପ୍ରଫୁଲ୍ଲ ମୁଦୁଲି, ସନ୍ତୁଆ ମୁଦୁଲି, ବାନାମ୍ବର ମୁଦୁଲି, ବେଣୁଧର ମୁଦୁଲି ପ୍ରମୁଖ ଚେତାବନୀ ଦେଇଛନ୍ତି। ନିମାପଡ଼ା, ଚାରିଛକ, କାକଟପୁର ମୁଖ୍ୟ ପୂର୍ତ୍ତ ରାସ୍ତାରେ ଦୈନିକ, ଯାତ୍ରୀବାହୀ ବସ୍, ଟ୍ରକ୍, ହାଇୱା ଚଳାଚଳ କରୁଛି। ମୁଦୁଲି ସାହି ଗ୍ରାମ ନିକଟରେ ମୁଖ୍ୟ ସଡ଼କଟି ଉଚ୍ଚାନିଚା ରହିଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏହି ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବାକୁ ମୁଦୁଲି ସାହି ଗ୍ରାମ ନିକଟରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ତିନି ଥାକିଆ ହମ୍ପ ନିର୍ମାଣ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଏକ ହମ୍ପ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୭ ତାରିଖ: ୦୫।୧୨।୨୦୨୪**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । **ବର୍ଗ:** ପାର୍ସଲ, **କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୨୭। ନିଲାମ ତାରିଖ: ୧୩।୧୨।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୩.୧୦ ଘଟିକା।** ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-870) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର**
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**OFFICE OF THE MEDICAL OFFICER I/C. CHC, HATIGARH, BALASORE**
Block Programme Management Unit, NHM Hatigarh
E-mail:bpmsujaleswar@gmail.com
**TENDER FOR 12.5/15 KVA 3 PHASE SILENT DG SET FOR HATIGARH CHC**
Sealed Tenders are invited from the Supplier for 12.5 KVA & 15 KVA 3 phase Silent DG set for Hatigarh CHC. Details tender requirements may be downloaded from the district website www.balasore.odisha.gov.in. Last date of receipt tender is 23.12.2024 latest by 5.00 PM through Registered Post/ Speed Post only and the bids will be opened on 24.12.2024 at 11.00 AM at CHC, Hatigarh. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Sd./-
Medical Officer I/C, CHC, Hatigarh

# ଚାଷୀଙ୍କ ପାଖରେ ପହଞ୍ଚିପାରୁନି ଚିନାବାଦାମ ବିହନ

କଣାସ,୫।୧୨(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ହେଲେ ଠିକ୍ ସମୟରେ ବିହନ ଯୋଗାଉ ନ ଥିବାରୁ ଚାଷୀ ବାରଦୁଆର ସୁଣ୍ଠି ପିଣ୍ଡା ଭଳି ଦୟନୀୟ ପରିସ୍ଥିତି ଭୋଗୁଛି। କଣାସ ବ୍ଲକରେ ପ୍ରତିବର୍ଷ ବନ୍ୟା ବାତ୍ୟା ଦାଉରେ ଶାରଦ ଧାନ ଫସଲ ହରାଇ ଚାଷୀ ଆଳୁ, ଚିନାବାଦମ, ଖରାଟିଆ ଧାନଫସଲ ଉପରେ ନିର୍ଭର କରନ୍ତି। ସରକାର ଆଳୁ ମଞ୍ଜି ଯୋଗାଇ ନ ପାରିବାରୁ ଦୀର୍ଘ ୨୦ ବର୍ଷ ହେଲା କଣାସ ବ୍ଲକର ଗଡସାନପୁଟ, ଗଡବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଚାଷୀ ଆଳୁ ଚାଷରୁ ମୁହଁ ଫେରାଇ ଚିନାବାଦାମ ଚାଷ ଉପରେ ଲାଗି ପଡ଼ିଲେ। ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ସରକାରୀ ଚିନାବାଦାମ ବିହନ ଯୋଗାଣ ହୋଇପାରୁ ନ ଥିବାରୁ ଉକ୍ତ ପଞ୍ଚାୟତର ଚାଷୀ ଅନୁଗୁଳ ଓ ଅନ୍ୟାନ୍ୟ ଜିଲାକୁ ଯାଇ ଚିନାବାଦମ ମଞ୍ଜି ସଂଗ୍ରହ କରୁଛନ୍ତି। ଚଳିତବର୍ଷ ମଧ୍ୟ ମଞ୍ଜି ନ ଥିବାରୁ ଚାଷୀ ଅନ୍ୟ ଜିଲାରୁ ଚଢ଼ା ଦରରେ କିଣି ଚାଷ କରୁଛି। ସେହିପରି ଅନ୍ୟାନ୍ୟ ପଞ୍ଚାୟତରେ ଲିଫ୍ଟପଏଣ୍ଟ ଓ କେନାଲ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଥିବାରୁ ଖରାଟିଆ ଧାନ କରୁଥିବାରୁ ବର୍ତ୍ତମାନ ସୁଧା ଖରାଟିଆ ଧାନ ବିହନ ତଥା ଅଧିକ ଅମଳ ଦେଉଥିବା ବିହନ ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କଣାସଠାରେ ଥିବା ଅତିରିକ୍ତ କୃଷି ଅଧିକାରୀ ପ୍ରତିମା ଖଣ୍ଡାୟତରାୟ କହିଛନ୍ତି, ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ଯୋଗାଇ ଦେବାକୁ ବିକ୍ରେତାଙ୍କୁ ଦାୟିତ୍ୱ ଦିଆଯାଇଛି। କଣାସଠାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମା ମହିଳା ସମବାୟ ସମିତି ଲମିଟେଡ୍ କର୍ମକର୍ତ୍ତା କହିଛନ୍ତି, ମାସେ ହେଲା ଧାନବିହନ ଆଣିବାକୁ ଅର୍ଥ ସରକାରୀ ମଞ୍ଜି ନିଗମରେ ଜମା ହେଲାଣି, ମଞ୍ଜି ଆସିନାହିଁ। ବିଭାଗୀୟ କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।



No.i-341
**GOVERNMENT OF ODISHA**
**OFFICE OF THE PANCHAYAT SAMITI, BISSAMCUTTACK, RAYAGADA**
Email - ori-bissamcuttak@nic.in
**NATIONAL COMPETITIVE BIDDING THROUGH e-Procurement**
Identification No. BISSAMCUTTACK.02/2024-25
**TENDER CALL NOTICE**
The Block Development Officer, Bissamcuttack, District - Rayagada on behalf of Government of Odisha invites percentage rates bids for the Construction of works as detailed below in the Table from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority. Bids for the following work

| Sl. No. | Name of the work | Approximate Estimate Cost (in Rs.) | EMD (In Rs.) | Class of Contractor eligible | Period of completion (In months) | Cost of Tender paper (Non-Refundable) (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Office Building, Godown and Boundary wall of Bissamcuttack LAMPCS Ltd., Bissamcuttack | 79,58,177.00 | 80,000.00 | "B" and Equivalent | 6 (Six Calendar Months) | 10,000.00 |

1. Mode of Submission of tender : Tender should be submitted online in www.tendersodisha.gov.in.
2. Availability of tenders online : From 11:00 A.M. of 09.12.2024 to 17:00 P.M. of 23.12.2024
3. All other terms and conditions, details can be seen from the above website.

Sd./- Block Development Officer, Bissamcuttack
OIPR-19149/11/0002/2425

# ‘ଜିଲାରେ ପ୍ରାୟ ୭୦ ଭାଗ ଜମି ଅମ୍ଳ ପ୍ରଭାବିତ’

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ପୁରୀ,୫।୧୨(ଅଜିତ୍ କୁମାର ମହାନ୍ତି)


ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

ପୁରୀ ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, କୃଷି ଭାରତର ଆତ୍ମା ସଦୃଶ। କୃଷି ଓ ଜୀବନ ପାଇଁ ମୃତ୍ତିକା ମୂଳ ଆଧାର। ଏହାକୁ ସୁସ୍ଥ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ମଣିଷ ଶରୀର ପରି ମାଟିରେ ମଧ୍ୟ ବିଭିନ୍ନ ଉପାଦାନର ସନ୍ତୁଳନ ଆବଶ୍ୟକ। ତେଣୁ ମୃତ୍ତିକାର ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ସହ ମୃତ୍ତିକା ସୁରକ୍ଷା ଓ ସଂରକ୍ଷଣ ପାଇଁ ବେହେରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ କହିଥିଲେ, ଖାଦ୍ୟ ଉତ୍ପାଦନ ପାଇଁ ମୃତ୍ତିକା ଜରୁରୀ। ବର୍ତ୍ତମାନ ମାଟି ପ୍ରଦୂଷିତ ହେଉଥିବାରୁ ଫସଲ ପ୍ରଭାବିତ ହେଉଛି। ପୁରୀ ଜିଲାରେ ପ୍ରାୟ ୭୦ ଭାଗ ଜମି ଏସିଡିକ ବା ଅମ୍ଳ ପ୍ରଭାବିତ। ଫଳରେ ତୈଳ ଓ ଡାଲିଜାତୀୟ ଫସଲ ଭଲ ହେଉନାହିଁ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ଶରତ କୁମାର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ରାଉତ, ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ବରିଷ୍ଠ ପରିଚାଳକ ଇନ୍ଦିରା ମୁଖାର୍ଜୀ, ସାକ୍ଷୀଗୋପାଳ କୃଷି ଅଧିକାରୀ ଅଜୟ କୁମାର କର, ପୁରୀ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ କହିଥିଲେ, ଅଣଅନୁମୋଦିତ ଭାବେ ବ୍ୟବହାର ହେଉଥିବା ସାର ଓ କୀଟନାଶକ ଯୋଗୁ ମୃତ୍ତିକାରେ ପ୍ରାକୃତିକ ପୋଷକତତ୍ତ୍ୱର ହାନି ଘଟୁଛି। ଉତ୍ପାଦନ ବୃଦ୍ଧି ପାଉଛି, କିନ୍ତୁ ଗୁଣାତ୍ମକ ତତ୍ତ୍ୱ କମିଯାଉଛି। ଗଛ ପାଇଁ ୧୬ ପ୍ରକାର ଖାଦ୍ୟ ଆବଶ୍ୟକ ଥାଏ। କିନ୍ତୁ ବର୍ତ୍ତମାନ ତାହାର ଅଭାବ ରହୁଛି। ପ୍ରତି ୩ ବର୍ଷ ଅନ୍ତରରେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଟିରେ ଥିବା ଅଭାବର ଆବଶ୍ୟକତାକୁ ପୂରଣ କରିବା ସମ୍ପର୍କରେ ସେମାନେ ମତ ରଖିଥିଲେ। ଏ ନେଇ ସମସ୍ତଙ୍କୁ ସଚେତନ କରାଇ ମାଟିର ସ୍ୱାସ୍ଥ୍ୟ ଠିକ୍ ରଖିବା ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରସାୟନବିତ୍ ଜି.ଶ୍ୱେତା ସଭା ପରିଚାଳନା କରିଥିବାବେଳେ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।


କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ରଞ୍ଜନ ଗାଙ୍ଗୁଲି, ନିକୁଞ୍ଜ କିଶୋର ନାୟକ, ତରଣି ନାୟକ ଏବଂ ହୃଷିକେଶ ନାୟକଙ୍କ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ‘ମାଣବସା ଗୁରୁବାର’ ସଂକ୍ରାନ୍ତ ବାଲୁକା କଳା। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଯୁକ୍ତ ୨ ଛାତ୍ରଙ୍କ ମିଳୁନି ପତ୍ତା, ଫଟୋ ଧରି ଖୋଜୁଛନ୍ତି ମା’

ଭୁବନେଶ୍ୱର,୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜଣେ ଯୁକ୍ତ ଦୁଇ ଛାତ୍ର ନିଖୋଜ ହୋଇଛନ୍ତି। ନିଖୋଜ ଛାତ୍ର ହେଲେ ତମାଣ୍ଡୋ ଅଞ୍ଚଳରେ ରହୁଥିବା ସିଦ୍ଧି ବିନାୟକ ବେହେରା(୧୭)। ଏନେଇ ସିଦ୍ଧିଙ୍କ ବାପା ସ୍ଥାନୀୟ ଥାନାରେ ଗତ ୩ତାରିଖରେ ପୁଅକୁ ଅପହରଣ କରାଯାଇଥିବା ସନ୍ଦେହ କରି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରିନାହିଁ । ଅନ୍ୟପଟେ ମା’ ନୀଳୋତ୍ପଳ ସାହାଣୀ ପୁଅର ଫଟୋକୁ ଧରି ସହର ସାରା ଖୋଜୁ ବୁଲୁଛନ୍ତି ।

### ମହିଳା ଟ୍ରାଫିକ୍ କନଷ୍ଟେବଲ୍‌ଙ୍କ ଗୋଡ଼ରେ ଗାଡ଼ି ମଡ଼ାଇ ଡ୍ରାଇଭର ଫେରାର

ଭୁବନେଶ୍ୱର,୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଓୟୁଏଟି ଛକରେ କାର୍ଯ୍ୟରତ ଜଣେ ଟ୍ରାଫିକ୍ ମହିଳା କନଷ୍ଟେବଲଙ୍କ ଗୋଡ଼ ଉପରେ ଟାଟା ଏସିଇ ଗାଡ଼ି ମାଡ଼ିଯାଇଛି। ଏଥିରେ ମହିଳା ଟ୍ରାଫିକ୍ କର୍ମଚାରୀ ସମା ଦୀକ୍ଷିତ ଆହତ ହୋଇଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଗାଡ଼ି ମଡ଼ାଇ ଦେବାପରେ ଡ୍ରାଇଭର ଜଣଙ୍କ ଦ୍ରୁତଗତିରେ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଉକ୍ତ ଗାଡ଼ିକୁ ଚିହ୍ନଟ କରି ଡ୍ରାଇଭରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

କାକଟପୁର,୫।୧୨(ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ଥାନା ଅଧୀନ ମାଣ୍ଡୁକି ଗ୍ରାମର ବିଶିଷ୍ଟ ଧର୍ମପରାୟଣା ମହିଳା ପୁନି ଜେନା(୬୩)ଙ୍କ ଗତ ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ମଧୁମେହରେ ଆକ୍ରାନ୍ତ ହୋଇ ଗୁରୁତର ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଅନନ୍ତ ଜେନା, ଝିଅ ରଞ୍ଜନା ବିଶ୍ୱାଳ, ଜ୍ୱାଇଁ ଓକିଲ ବିଶ୍ୱାଳ, ଭଣଜା ଦିଲୀପ କୁମାର ବରାଳ ପ୍ରମୁଖ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମହିଳାଙ୍କୁ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ସାନ ପୁଅ ପବନି ମୁଖାଗ୍ନି ଦେଇଛନ୍ତି।

### ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ଯୋଗେଶ୍ୱରପୁର,୫।୧୨ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଧୁମାଳ ଗ୍ରାମ ପଞ୍ଚାୟତ ରଙ୍ଗତୋଟା ଗ୍ରାମର ବରିଷ୍ଠ ନାଗରିକ ଲକ୍ଷ୍ମୀଧର ପାଣ୍ଡେ(୮୬)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, କୃଷ୍ଣଚନ୍ଦ୍ର ବାରିକ୍ ପ୍ରମୁଖଙ୍କ ସମେତ ବଜାର କମିଟି ସଭ୍ୟମାନେ ସ୍ୱର୍ଗତ ପାଣ୍ଡେଙ୍କ ଶେଷ ଦର୍ଶନ କରି ପୁଷ୍ପମାଳ ଅର୍ପଣ କରିଥିଲେ। ପାଣ୍ଡେ ଜଣେ ଆଦର୍ଶ ଓ ପରୋପକାରୀ ବ୍ୟକ୍ତି ଥିଲେ। ଏଥିସହ ନୟାହାଟ ବଣିକ ସଂଘ ସଭାପତି ଫକିର ବାରିକ୍ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ଶୋକ ପ୍ରକାଶ କରିଥିଲେ।

## କବିତା ମଣିଷ ସୁଖଦୁଃଖର ଧାରକ ହେବା ଉଚିତ୍

ପୁରୀ,୫।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର୍ ଫେଷ୍ଟିଭାଲ -୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ୩ଦିନ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଏବଂ ଶେଷ ଦିନ ଗୁରୁବାର ରାମଚଣ୍ଡୀ ବେଳାଭୂମିରେ ‘କବିତା ଜନ୍ତାଳ’ ନାମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କବିତା ଓ ଗଳ୍ପ ପଠନ ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କବି ଓ ଗାଳ୍ପିକଙ୍କ ସହିତ ହଙ୍ଗେରୀ, ହଂକଂ ଓ ବାଂଲାଦେଶର ଲେଖକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉତ୍ସବ ଆରମ୍ଭରେ ଏହାର ଉଦ୍ଦେଶ୍ୟ ବିଷୟରେ ଧଉଳି ବୁକ୍ସ ନିର୍ଦ୍ଦେଶକ କବି ମନୁ ଦାଶ ଆଲୋକପାତ କରିଥିଲେ। ସମକାଳର କବିତା ଏହାର ପାଠକୀୟ ଆଦୃତି ନିମନ୍ତେ ସାଧାରଣ ମଣିଷର ଦୁଃଖ, ସୁଖ, ଅଭାବ ଓ ଅସନ୍ତୁଷ୍ଟିର ଧାରକ ହେବା ଉଚିତ୍ ବୋଲି ସେ କହିଥିଲେ। ପୀତାମ୍ବର ତରାଇ, ଉମାକାନ୍ତ ମହାପାତ୍ର, ଡ. ଦିଲୀପ କୁମାର ସ୍ୱାଇଁ, ପବିତ୍ର ମୋହନ ଦାଶ, ରୁନୁ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଦଳେଇ, ନିବେଦିତା ନନ୍ଦ, ପ୍ରିୟଦର୍ଶିନୀ ପଲେଇ, ଗିରିଜା ଶଙ୍କର ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ଡି. ବେହେରା, ମାନମୟୀ ରଥ, କ୍ଷୀରୋଦ ବିଶ୍ୱାଳ, ଶ୍ୱେତପଦ୍ମା ପାଢ଼ୀ ପ୍ରମୁଖ ଗଳ୍ପ ପାଠ କରିଥିଲେ। ହଲାଣ୍ଡର ରୋଲାନ୍ଦ ଓରସିକ ଏବଂ ହଂକଂର ସାମ ପ୍ୟାନୀ ଇଂଲିଶ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପରେଶ ପଟ୍ଟନାୟକ, କାମଦେବ ମହାରଣା ଓ ସ୍ରୋତସ୍ୱିନୀ ପରିଡ଼ା ସଂଯୋଜନା କରିଥିବାବେଳେ ସଞ୍ଜୟ ବରାଳ ଧନ୍ୟବାଦ ଦେଇଥିଲେ।

## ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲେ ଜିଲାପାଳ, ଏସ୍‌ପି

ପୁରୀ,୫।୧୨(ଅଜିତ କୁମାର ମହାନ୍ତି)

ଦୁଇଦିନିଆ ପୁରୀ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସକାଳେ ରାଷ୍ଟ୍ରପତି ବ୍ଲୁ ବୁକ୍ ସିକ୍ୟୁରିଟି ଅନୁଯାୟୀ କଡ଼ା ସୁରକ୍ଷା ମଧ୍ୟରେ ରାଜଭବନରୁ ସମଙ୍ଗସ୍ଥିତ ଅସ୍ଥାୟୀ ହେଲାପ୍ୟାଡ୍ ନିକଟକୁ ଯାଇଥିଲେ। ରାଷ୍ଟ୍ରପତି ରାଜଭବନରୁ ବାହାରି ସମୁଦ୍ରକୂଳ କୂଳେ ଲାଇଟ୍ ହାଉସ ଦେଇ ଷ୍ଟର୍ଲିନ ଛକ ଓ ମଙ୍ଗଳାଘାଟ ବାଇପାସ୍ ଦେଇ ସମଙ୍ଗ ହେଲିପ୍ୟାଡ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ, ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ। ପରେ ପୁରୀ ରାଜଭବନରେ ରାତ୍ରିଯାପନ କରିଥିଲେ। ଗୁରୁବାର ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଗସ୍ତ ଓ କାର୍ଯ୍ୟକ୍ରମର ସଫଳତା ନେଇ ଜନସାଧାରଣ ସହଯୋଗ କରିଥିବାରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ କୃତଜ୍ଞତା ଜଣାଇଛନ୍ତି।

## ଝରକା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଗଲେ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଗତ କିଛିଦିନ ହେବ ଖୋର୍ଦ୍ଧାରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ଧରି ବନ୍ଦ ରହୁଥିବା ଘର ଉପରେ ଏମାନଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଦିନରେ ବ୍ଲୁ ପ୍ରିଣ୍ଟ କରିବା ସହ ବିଳମ୍ବିତ ରାତିରେ ଚୋରି କରୁଛନ୍ତି। ଖୋର୍ଦ୍ଧା-ନୟାଗଡ଼ ରୋଡ଼ରେ ରହୁଥିବା ପ୍ରଫେସର ଅଜିତ୍ କୁମାର ରଥଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୪୫୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା- ନୟାଗଡ଼ ରୋଡ଼ରେ ପ୍ରଫେସର ରଥ ଏବଂ ତାଙ୍କ ସହଧର୍ମିଣୀ ରୁହନ୍ତି। ଗତ ନଭେମ୍ବର ମାସରେ ବେଙ୍ଗାଲୁରରେ ରହୁଥିବା ତାଙ୍କ ପୁଅ ନିକଟକୁ ଉଭୟ ଯାଇଥିଲେ। ଗତ ୨୯ତାରିଖ ରାତିରେ ସେମାନେ ଘରକୁ ଫେରିଥିଲେ। ଘର ଝରକା ଗ୍ରୀଲ୍ ତଡ଼ା ହୋଇଥିବା ଏବଂ ଗୋଦ୍‌ରେଜ ଲକର ଖୋଲାଥିବା ଦେଖିବାକୁ ପାଇଥିଲେ। ଏନେଇ ରଥ ୧୧୨ ନମ୍ବରକୁ ଫୋନ କରି ଅଭିଯୋଗ କରିଥିଲେ। ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରଖିଛି।

## ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ସ୍ମୃତିସଭା

ଅସ୍ତରଙ୍ଗ,୫।୧୨(ମମତା ଜେନା)

କାକଟପୁର ବ୍ଲକ ଗଁମ୍ଭାରୀପଦା ଗ୍ରାମର ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ଚତୁଃଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗୀତାଜ୍ଞାନ ଯଜ୍ଞ, ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପୁତ୍ର ଶଙ୍କରଶ୍ରୀ ଶିବାନନ୍ଦ ଶତପଥୀ ଏଥିରେ ନେତୃତ୍ୱ ନେଇଥିଲେ। ସଭାରେ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଶିକ୍ଷା ଅଧିକାରୀ ତଥା ମଙ୍ଗଳା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ଶିକ୍ଷାବିତ୍ ସାଧୁ ଚରଣ ବିଶ୍ୱାଳ, ସୌମ୍ୟକାନ୍ତ ଖୁଣ୍ଟିଆ, ଯୁବନେତା ବିଶ୍ୱ ଭୂଷଣ ଦାସ, ନଳିନୀକାନ୍ତ ଦୀକ୍ଷିତ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ।

# ସ୍ୱଚ୍ଛତା ରୋଗୀସେବାର ମୂଳମନ୍ତ୍ର

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଲେ ରୋଗୀ ସେବାର ମୂଳମନ୍ତ୍ର ହୋଇପାରିବ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନାଗପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଦଳ ଗୁରୁବାର ଯୋଗଦେଇଥିଲେ। ଏଥିରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆଫ୍ରୋଜ ଉପସ୍ଥିତ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଏହି ସୂଚନା ଦେଇଥିଲେ। ଏହି କେନ୍ଦ୍ରୀରେ ଡ. ଆଟମଲ ସୁରେଶ ବାବୁ, ଖୁମୁକ ଚାମ, ଅନୁପମ ଦେବୀ ପ୍ରମୁଖ ବୁଲିବା ସହିତ ଏପରି ଏକ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିବା ସହ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଟିମ୍ ରୋଗୀ ସେବା, ରକ୍ତ ନମୁନା ପରୀକ୍ଷା, ଔଷଧ ବିତରଣ, ରୋଗୀଙ୍କ ଲାଗି ଟିକେଟ ପଞ୍ଜୀକୃତ ଗୃହ, ଔଷଧୀୟ ବଗିଚା ସହିତ ଅନ୍ୟାନ୍ୟ ବ୍ୟବସ୍ଥା କିପରି ଅଛି ଦେଖିବା ସହ ସେ ସମ୍ପର୍କରେ ପଚାରି ବୁଝିଥିଲେ। ପୁରୀ ଜିଲାରେ ଏପରି ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅପେକ୍ଷା ଉଚ୍ଚକୋଟୀର ରୋଗୀସେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବହୁତ ଆଗରେ ବୋଲି କେନ୍ଦ୍ରୀୟ ଦଳ ମତବ୍ୟକ୍ତ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡ. ବିଭୁପ୍ରସାଦ ନାୟକ, ଆୟୁଷ ଡ. ଅପରାଜିତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ନାଗପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ଏବଂ ଅନ୍ୟମାନେ ।

## ସାପ କାମୁଡ଼ାରେ ଚାଷୀ ମୃତ

ବେଗୁନିଆ/ବାଘମାରୀ,୫।୧୨ (ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅଧୀନ କୋଚିଆଖାଲ ଗ୍ରାମର ଦଣ୍ଡପାଣି କହଲସିଂହ (୭୪)। ସୂଚନା ମୁତାବକ, ଦଣ୍ଡପାଣି ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବେଗୁନିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୭ ତାରିଖ: ୦୫।୧୨।୨୦୨୪**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୨୭। ନିଲାମ ତାରିଖ: ୧୩।୧୨।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଣ୍ଟିକା। ନିଲାମ ସମାପ୍ତି ସମୟ: ୧୩.୧୦ ଘଣ୍ଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-870) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**OFFICE OF THE MEDICAL OFFICER I/C. CHC, HATIGARH, BALASORE**
Block Programme Management Unit, NHM Hatigarh
E-mail:bpmsujaleswar@gmail.com
**TENDER FOR 12.5/15 KVA 3 PHASE SILENT DG SET FOR HATIGARH CHC**
Sealed Tenders are invited from the Supplier for 12.5 KVA & 15 KVA 3 phase Silent DG set for Hatigarh CHC. Details tender requirements may be downloaded from the district website www.balasore.odisha.gov.in. Last date of receipt tender is 23.12.2024 latest by 5.00 PM through Registered Post/ Speed Post only and the bids will be opened on 24.12.2024 at 11.00 AM at CHC, Hatigarh. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Sd./-
Medical Officer I/C, CHC, Hatigarh

# ଚାଷୀଙ୍କ ପାଖରେ ପହଞ୍ଚିପାରୁନି ଚିନାବାଦାମ ବିହନ

କଣାସ,୫।୧୨(ବିଭୂତି ଭୂଷଣ ତ୍ରିପାଠୀ)



କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ହେଲେ ଠିକ୍ ସମୟରେ ବିହନ ଯୋଗାଉ ନ ଥିବାରୁ ଚାଷୀ ବାରଦୁଆର ଶୁଣ୍ଢି ପିଣ୍ଡା ଭଳି ଦୟନୀୟ ପରିସ୍ଥିତି ଭୋଗୁଛି। କଣାସ ବ୍ଲକରେ ପ୍ରତିବର୍ଷ ବନ୍ୟା ବାତ୍ୟା ଦାଉରେ ଶାରଦ ଧାନ ଫସଲ ହରାଇ ଚାଷୀ ଆଳୁ, ଚିନାବାଦମ, ଖରାଟିଆ ଧାନଫସଲ ଉପରେ ନିର୍ଭର କରନ୍ତି। ସରକାର ଆଳୁ ମଞ୍ଜି ଯୋଗାଇ ନ ପାରିବାରୁ ଦୀର୍ଘ ୨୦ ବର୍ଷ ହେଲା କଣାସ ବ୍ଲକର ଗଡସାନପୁଟ, ଗଡବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଚାଷୀ ଆଳୁ ଚାଷରୁ ମୁହଁ ଫେରାଇ ଚିନାବାଦାମ ଚାଷ ଉପରେ ଲାଗି ପଡ଼ିଲେ। ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ସରକାରୀ ଚିନାବାଦାମ ବିହନ ଯୋଗାଣ ହୋଇପାରୁ ନ ଥିବାରୁ ଉକ୍ତ ପଞ୍ଚାୟତର ଚାଷୀ ଅନୁକୁଳ ଓ ଅନ୍ୟାନ୍ୟ ଜିଲାକୁ ଯାଇ ଚିନାବାଦମ ମଞ୍ଜି ସଂଗ୍ରହ କରୁଛନ୍ତି। ଚଳିତବର୍ଷ ମଧ୍ୟ ମଞ୍ଜି ନ ଥିବାରୁ ଚାଷୀ ଅନ୍ୟ ଜିଲାରୁ ଚଢ଼ା ଦରରେ କିଣି ଚାଷ କରୁଛି। ସେହିପରି ଅନ୍ୟାନ୍ୟ ପଞ୍ଚାୟତରେ ଲିଫ୍ଟପଏଣ୍ଟ ଓ କେନାଲ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଥିବାରୁ ଖରାଟିଆ ଧାନ କରୁଥିବାରୁ ବର୍ତ୍ତମାନ ସୁଦ୍ଧା ଖରାଟିଆ ଧାନ ବିହନ ତଥା ଅଧିକ ଅମଳ ଦେଉଥିବା ବିହନ ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କଣାସଠାରେ ଥିବା ଅତିରିକ୍ତ କୃଷି ଅଧିକାରୀ ପ୍ରତିମା ଖଣ୍ଡାୟତରାୟ କହିଛନ୍ତି, ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ଯୋଗାଇ ଦେବାକୁ ବିକ୍ରେତାଙ୍କୁ ଦାୟିତ୍ୱ ଦିଆଯାଇଛି। କଣାସଠାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମା ମହିଳା ସମବାୟ ସମିତି ଲମିଟେଡ୍ କର୍ମକର୍ତ୍ତା କହିଛନ୍ତି, ମାସେ ହେଲା ଧାନବିହନ ଆଣିବାକୁ ଅର୍ଥ ସରକାରୀ ମଞ୍ଜି ନିଗମରେ ଜମା ହେଲାଣି, ମଞ୍ଜି ଆସିନାହିଁ। ବିଭାଗୀୟ କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

No.i-341
**GOVERNMENT OF ODISHA**
**OFFICE OF THE PANCHAYAT SAMITI, BISSAMCUTTACK, RAYAGADA**
Email - ori-bissamcuttak@nic.in
**NATIONAL COMPETITIVE BIDDING THROUGH e-Procurement**
Identification No. BISSAMCUTTACK.02/2024-25
**TENDER CALL NOTICE**
The Block Development Officer, Bissamcuttack, District - Rayagada on behalf of Government of Odisha invites percentage rates bids for the Construction of works as detailed below in the Table from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority. Bids for the following work

| Sl. No. | Name of the work | Approximate Estimate Cost (in Rs.) | EMD (In Rs.) | Class of Contractor eligible | Period of completion (In months) | Cost of Tender paper (Non-Refundable) (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Office Building, Godown and Boundary wall of Bissamcuttack LAMPCS Ltd., Bissamcuttack | 79,58,177.00 | 80,000.00 | "B" and Equivalent | 6 (Six Calendar Months) | 10,000.00 |

1. Mode of Submission of tender : Tender should be submitted online in www.tendersodisha.gov.in.
2. Availability of tenders online : From 11:00 A.M. of 09.12.2024 to 17:00 P.M. of 23.12.2024
3. All other terms and conditions, details can be seen from the above website.
Sd./- Block Development Officer, Bissamcuttack
OIPR-19149/11/0002/2425

# ୧,୦୦,୦୦୦ ଡଲାର ଉପରେ ବିଟ୍‌କଏନ୍ ମୂଲ୍ୟ

ନୂଆଦିଲ୍ଲୀ,୫।୧୨ (ଅଭୟ ଦାଶ)



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ମଧ୍ୟରେ ଡିଜିଟାଲ ମୁଦ୍ରା 'ବିଟ୍‌କଏନ୍'ର ମୂଲ୍ୟ ପ୍ରଥମ ଥର ପାଇଁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିକି ଗୁରୁବାରର କାରବାର ଶେଷ ସୁଦ୍ଧା ବିଟ୍‌କଏନ୍‌ର ମୂଲ୍ୟ ୧,୦୦,୦୦୦ ଡଲାର ଉପରେ ରହିଛି। ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରେ ପରେ ଡିଜିଟାଲ ମୁଦ୍ରାର କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏପରିକି ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଓ ଟ୍ରମ୍ପ ପୁନର୍ବାର ଆମେରିକର ରାଷ୍ଟ୍ରପତି ହେବାର ଘୋଷଣା ପରେ ଉଭୟ ଡିଜିଟାଲ କାରବାର ସହ ଜଡ଼ିତ ନିବେଶକ ଓ ଆମେରିକା ପ୍ରଶାସନ ଆର୍ଥିକ ବଜାରରେ କ୍ରିପ୍ଟୋକରେନ୍ସି କାରବାରର ଗତିକୁ ବଢ଼ାଇ ଦେଇଛନ୍ତି। ସେହିଭଳି କଏନ ମାର୍କେଟ କ୍ୟାପ୍‌ର ସୂଚନା ଅନୁଯାୟୀ ଗୁରୁବାର କାରବାର ପ୍ରାରମ୍ଭରେ ଡିଜିଟାଲ ମୁଦ୍ରାର ମୂଲ୍ୟ ୧୦୩,୦୪୭.୭୧ ଡଲାର ଛୁଇଁଥିଲାବେଳେ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୬.୮୪% ବୃଦ୍ଧି ଘଟି ବିଟ୍‌କଏନ୍‌ର ମୂଲ୍ୟ ୧୦୨,୩୮୮.୪୬ ଡଲାରରେ ରହିଥିଲା। ସେହିପରି ୨୦୨୨ରେ ବିଟ୍‌କଏନ୍‌ର ମୂଲ୍ୟ ୧୬,୦୦୦ ଡଲାର ଥିଲାବେଳେ ବର୍ତ୍ତମାନ ଏହାର ମୂଲ୍ୟ ଲକ୍ଷେ ଡଲାର ଉପରେ ପହଞ୍ଚିଛି।

## ଆଞ୍ଚଳିକ ଭାଷାରେ କ୍ରିପ୍ଟୋ ସୂଚନା

ଭାରତର ସର୍ବବୃହତ୍ କ୍ରିପ୍ଟୋ ଟ୍ରେଡିଙ୍ଗ୍ ପ୍ଲାଟ୍‌ଫର୍ମ 'କଏନସ୍ୱିଚ' ନିକଟରେ ଏକ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ସେମିନାଲ ବିଟ୍‌କଏନ (ବିଟିସି) ହ୍ୱାଇଟପେପରକୁ ପ୍ଲାଟ୍‌ଫର୍ମ ୧୦ଟି ଭାରତୀୟ ଆଞ୍ଚଳିକ ଭାଷାରେ ଅନୁବାଦକରି କ୍ରିପ୍ଟୋ ସୂଚନାକୁ ଗଣତାନ୍ତ୍ରିକ କରିଛି। ସେହିଭଳି ବିଟ୍‌କଏନର ମୌଳିକ ସିଦ୍ଧାନ୍ତକୁ ସ୍ଥାନୀୟ ମାତୃଭାଷାରେ ଲୋକମାନଙ୍କ ନିକଟକୁ ଆଣି ବହୁ ଲକ୍ଷ ଲୋକଙ୍କୁ ସଶକ୍ତ କରିବା ହେଉଛି, ଏହି ପଦକ୍ଷେପର ମୂଳ ଲକ୍ଷ୍ୟ।

ଏ ସମ୍ପର୍କରେ କଏନସ୍ୱିଚ୍‌ର ବିଜ୍‌ନେସ୍ ହେଡ୍ ବାଲାଜୀ ଶ୍ରୀହରୀ କହିଛନ୍ତି, ବିଟ୍‌କଏନ ହ୍ୱାଇଟପେପର ହେଉଛି, କ୍ରିପ୍ଟୋ ବିପ୍ଳବର ମୂଳ ଦୁଆ। ଏହାକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇ ଆମେ ସଚେତନତା ବୃଦ୍ଧି କରିବା, ଉପଭୋକ୍ତାମାନଙ୍କୁ ସୂଚନା ଦେବା ସହ ସଶକ୍ତ କରିବା ଏବଂ କ୍ରିପ୍ଟୋକୁ ନେଇ ରହିଥିବା ଭୁଲ୍ ଧାରଣାକୁ ଦୂରକରିବା ପାଇଁ ଲକ୍ଷ୍ୟ ରଖିଛୁ। ଏହି ଅଗ୍ରଗାମୀ ଦସ୍ତାବିଜକୁ ବହୁମାତ୍ରାରେ କୁହାଯାଉଥିବା ଭାରତୀୟ ଭାଷା ଯେପରିକି ହିନ୍ଦୀ, ବଙ୍ଗଳା, ମରାଠୀ, ତେଲୁଗୁ, ତାମିଲ, ଗୁଜରାଟୀ, ଉର୍ଦ୍ଦୁ, କନ୍ନଡ, ଓଡ଼ିଆ ଓ ମାଲୟାଲମ ଭଳି ପ୍ରମୁଖ ଭାଷାରେ ଅନୁବାଦକରି କଏନ୍‌ସ୍ୱିଚ୍ ସୂଚନାର ଅନ୍ତରକୁ ଦୂର କରିବା ଏବଂ ବିବିଧ ସମୁଦାୟଗୁଡ଼ିକ ମଧ୍ୟରେ କ୍ରିପ୍ଟୋର ସୂଚନାକୁ ବିସ୍ତାର କରିବାକୁ ଚାହୁଁଛି। ହ୍ୱାଇଟପେପର୍‌ଗୁଡ଼ିକ କଏନ୍‌ସ୍ୱିଚ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି, ଯାହା ବିଟ୍‌କଏନ୍‌ର ମୂଳତତ୍ତ୍ୱ ଓ କାର୍ଯ୍ୟକୁ ଭଲ ଭାବେ ବୁଝିବାକୁ ଚାହୁଁଥିବା, ଯେକୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ପାଇଁ ସହଜ ପହଞ୍ଚ ସୁନିଶ୍ଚିତ କରୁଛି।

## ନଭେମ୍ବରରେ ଏଚ୍‌ଏମ୍‌ଏସ୍‌ଆଇର ୪,୭୨,୭୪୯ ୟୁନିଟ୍ ଯାନ ପଞ୍ଜୀକରଣ

ନୂଆଦିଲ୍ଲୀ,୫।୧୨

ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ମାସିକ ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ଏଚ୍‌ଏମ୍‌ଏସ୍‌ଆଇର ଘୋଷଣା ଅନୁଯାୟୀ ୨୦୨୪ ନଭେମ୍ବରରେ କମ୍ପାନୀ ମୋଟ ୪,୭୨,୭୪୯ ୟୁନିଟ୍ ଯାନ ପଞ୍ଜୀକରଣ କରିଛି। ସେହିଭଳି ୨୦୨୪ ନଭେମ୍ବରରେ କମ୍ପାନୀର ଘରୋଇ ବିକ୍ରି ୪,୩୨,୮୮୮ ୟୁନିଟ୍ ଯାନ ହୋଇଥିଲାବେଳେ ରପ୍ତାନି ୩୯,୮୬୧ ୟୁନିଟ୍ ଯାନ ପଞ୍ଜୀକରଣ ହୋଇଛି। ସେହିପରି ୨୦୨୪ ଏପ୍ରିଲରୁ ନଭେମ୍ବର ମଧ୍ୟରେ କମ୍ପାନୀ ମୋଟ ୪୨,୨୮,୮୩୭ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସେଥିମଧ୍ୟରୁ ଘରୋଇ ବଜାରରେ ୩୮,୬୭,୪୨୭ ୟୁନିଟ୍ ଯାନ ବିକ୍ରି ହୋଇଥିଲାବେଳେ ରପ୍ତାନି ୩,୬୧,୪୧୦ ୟୁନିଟ୍ ଯାନ ପଞ୍ଜୀକରଣ ହୋଇଥିଲା ବୋଲି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ମଲ୍ଟି ଆସେଟ୍ ଆବଣ୍ଟନ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୫।୧୨

ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ମଲ୍ଟି ଆସେଟ୍ ଆବଣ୍ଟନ ଫଣ୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ନିକଟରେ ଖୋଲିଥିବାବେଳେ ୨୦୨୪ ଡିସେମ୍ବର ୧୮ ରେ ଏହା ବନ୍ଦ ହେବ। ଏ ସମ୍ପର୍କରେ ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ବିରାଜ ଗାନ୍ଧୀ କହିଛନ୍ତି, ଆମେ ଗତିଶୀଳ ନିବେଶର ଶକ୍ତି ଉପରେ ବିଶ୍ୱାସକରୁ। ଆମର ଫଣ୍ଡ ଆର୍‌ଓଟିଏଟିଇ ଉପରେ ଆଧାରିତ। ପାରମ୍ପରିକ ଷ୍ଟାଟିକ ଆବଣ୍ଟନ କୌଶଳ ପରି ରିୟଲ ଟାଇମ, ବଜାର ଅବସ୍ଥା ସହ ଖାପ ଖୁଆଇ ଏହି ମଡେଲ ପରିଚାଳିତ ହୋଇଥାଏ। ବଜାର ଧାରା ଓ ଅସ୍ଥିରତା ଉପରେ ଆଧାରକରି ସମ୍ପତ୍ତି ଶ୍ରେଣୀ ମଧ୍ୟରେ ପୁନଃ ଆବଣ୍ଟନକରି ଆମେ ସ୍ଥିର କାର୍ଯ୍ୟଦକ୍ଷତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ହ୍ରାସ ସମୟରେ ନିବେଶକଙ୍କୁ ସୁରକ୍ଷା ଦେବା ଓ ଅପ୍‌ଟ୍ରେଣ୍ଡରେ ସୁଯୋଗକୁ ସର୍ବାଧିକ କରିବା ଆମର ଲକ୍ଷ୍ୟ। ସେହିଭଳି ମୁଖ୍ୟ ନିବେଶ ଅଧିକାରୀ ଉମେଶ କୁମାର ମେହେଟା କହିଛନ୍ତି , ବଜାର ଚକ୍ରଗୁଡ଼ିକ ମାକ୍ରୋ ଅର୍ଥନୀତିକ ପରିବର୍ତ୍ତନ ଭାବନା ଦ୍ୱାରା ପରିଚାଳିତ। ସାମ୍‌କୋ ବିପଦ ପରିଚାଳନା ସହ ସୁଯୋଗକୁ ଗତିଶୀଳ ଭାବରେ ବଣ୍ଟନକୁ ସଜାଡ଼ିଥାଏ। ଏହାଦ୍ୱାରା ଧନ ଅଭିବୃଦ୍ଧି ହେବା ସହ ନିବେଶର ନିରାପତ୍ତା ବଜାୟ ରୁହେ ବୋଲି କୁହାଯାଇଛି। ସମ୍ପତ୍ତି ଆବଣ୍ଟନରେ ଅପୂର୍ବ ନମନୀୟତା ସହ ଏହି ଫଣ୍ଡଗୁଡ଼ିକରେ ବିନିଯୋଗ ପାଇଁ ଏକ ପ୍ରକୃତ ଗତିଶୀଳ ଅଭିମୁଖ୍ୟ ପ୍ରଦାନ କରିଥାଏ।

## ୨୭ ଟନ୍ ସୁନା କିଣିଲା ଆର୍‌ବିଆଇ

ଭୁବନେଶ୍ୱର,୫।୧୨ (ଅନୁରାଧା ମହାରଣା)




ଅକ୍ଟୋବରରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୬୦ ଟନ୍ ସୁନା କିଣିଛନ୍ତି, ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୭ ଟନ୍ ସୁନା କ୍ରୟକରି ଆଗରେ ରହିଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି) ପକ୍ଷରୁ ଏହି ତଥ୍ୟ ମିଳିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ମାସିକ ରିପୋର୍ଟକୁ ଆଧାରକରି ଏହି ଡବ୍ଲ୍ୟୁଜିସି ତଥ୍ୟ ଅନୁଯାୟୀ, ଅକ୍ଟୋବର ମାସରେ ଭାରତ ଏହାର ସୁନାଭଣ୍ଡାରକୁ ୨୭ ଟନ୍ ବୃଦ୍ଧିକରି ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ୭୭ ଟନ୍ ସୁନା କିଣିଛି। ଡବ୍ଲ୍ୟୁଜିସି କହିଛି, ଆର୍‌ବିଆଇ ଦ୍ୱାରା ଏହି ସୁନା କ୍ରୟ ଗତ ବର୍ଷ ସମାନ ସମୟ ତୁଳନାରେ ୫ଗୁଣ ବୃଦ୍ଧି ହୋଇଛି। ତଥ୍ୟ ଦର୍ଶାଉଛି ଯେ, ଏହି କ୍ରୟ ସହ ଭାରତର ମୋଟ ସୁନାଭଣ୍ଡାର ବର୍ତ୍ତମାନ ୮୮୨ ଟନ୍‌ରେ ପହଞ୍ଚିଛି, ସେଥିମଧ୍ୟରୁ ୫୧୦ ଟନ୍ ଭାରତରେ ହିଁ ରହିଛି। ୨୦୨୪ ଜାନୁଆରୀ-ଅକ୍ଟୋବର ମଧ୍ୟରେ ତୁର୍କୀ ଏବଂ ପୋଲାଣ୍ଡ ସେମାନଙ୍କର ସୁନାଭଣ୍ଡାରକୁ ଯଥାକ୍ରମେ ୭୨ ଟନ୍ ଏବଂ ୬୯ ଟନ୍ ବୃଦ୍ଧି କରିଛନ୍ତି। ଏହି ୩ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ବର୍ଷ ସମୁଦାୟ ବିଶ୍ୱସ୍ତରୀୟ ନେଟ୍ କ୍ରୟର ୬୦% କ୍ରୟ କରିଛନ୍ତି।

## ଆଜିଠାରୁ ୱାର୍ଡରୋବ୍ ରିଫ୍ରେସ୍ ସେଲ୍

ନୂଆଦିଲ୍ଲୀ,୫।୧୨

ଦେଶର ପ୍ରମୁଖ ଇ କମର୍ସ ପ୍ଲାଟ୍‌ଫର୍ମ ତଥା ଆମାଜନ ଫ୍ୟାଶନ୍‌ର ବହୁ ପ୍ରତୀକ୍ଷିତ ଏବଂ ଐତିହାସିକ ୱାର୍ଡ୍‌ରୋବ୍ ରିଫ୍ରେସ୍ ସେଲ୍‌ର ୧୫ତମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି। ଏପରିକି ୨୦୨୪ ଡିସେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଏହି ସେଲ ପ୍ଲାଟ୍‌ଫର୍ମର ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ଶୀତକାଳୀନ ଫ୍ୟାଶନ ସେଲ୍‌ରେ ପୋଷାକ, ଆକ୍ସେସରିଜ୍, ସୌନ୍ଦର୍ଯ୍ୟ ଏବଂ ଅଳଙ୍କାର ସହ ଚଳିତ ଋତୁର ଆରାମଦାୟକ ଅତ୍ୟାବଶ୍ୟକ ସାମଗ୍ରୀ ସାଙ୍ଗକୁ ପର୍ବପର୍ବାଣି ପୋଷାକ, ଭ୍ରମଣ, ପାର୍ଟି ଏବଂ ବିବାହ ଶୈଳୀକୁ ପୂରଣ କରିବା ଭଳି ବ୍ୟାପକ ଷ୍ଟାଇଲ ମଧ୍ୟ ରଖାଯାଇଛି। ସେହିପରି ଏହି ସେଲ୍ ଆମାଜନ ଫ୍ୟାଶନର ବିଶାଳ ଚୟନରୁ ପ୍ରସ୍ତୁତ ଏବଂ ଏକ କ୍ୟୁରେଟେଡ୍ ସୋକେସ୍ ପାଲଟିଛି,ଯେଉଁଥିରେ ପୋଷାକ, ସୌନ୍ଦର୍ଯ୍ୟ, ଜୋତା, ଆକ୍ସେସରିଜ୍, ଟ୍ରାଭେଲ ଲଗେଜ୍ ଭଳି ୧.୨ ଲକ୍ଷ ବ୍ରାଣ୍ଡର ୩ ନିୟୁତ ଷ୍ଟାଇଲ୍ ସମେତ ୩୦ ନିୟୁତରୁ ଅଧିକ ଉତ୍ପାଦ ସାମିଲ ରହିଛି। ଏପରିକି ଗ୍ରାହକମାନେ ଟପ୍ ବ୍ରାଣ୍ଡ ପ୍ରଡକ୍ଟ ଉପରେ ୫୦ରୁ ୮୦% ଏବଂ ଫ୍ୟାଶନ ଆଣ୍ଡ ପ୍ରିମିୟମ ବ୍ରାଣ୍ଡର ବିୟୁଟି ପ୍ରଡକ୍ଟ ଉପରେ ସର୍ବନିମ୍ନ ୪୦% ରିହାତି ସହିତ ବୃହତ୍ ସଞ୍ଚୟର ମଜା ନେଇପାରିବେ।

ଏ ସମ୍ପର୍କରେ ଆମାଜନ୍ ଫ୍ୟାଶନ୍ ଆଣ୍ଡ ବିୟୁଟି ଆଇଏନର ନିର୍ଦ୍ଦେଶକ ସିଦ୍ଧାର୍ଥ ଭଗତ କହିଛନ୍ତି, ଆମେ ଆମର ଗ୍ରାହକମାନଙ୍କୁ ବ୍ରାଣ୍ଡ, ଟ୍ରେଣ୍ଡିଂ ଷ୍ଟାଇଲ୍, ନୂଆ ଲଞ୍ଚ, ବିରଳ ଆବିଷ୍କାର, ସବୁର ବ୍ୟାପକ ଚୟନ ଏବଂ ସୁବିଧା ପ୍ରଦାନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନଙ୍କୁ ଅତ୍ୟାଧୁନିକ ଶୈଳୀ ସହ ଅନ୍-ଟ୍ରେଣ୍ଡ ରହିବାକୁ ସଶକ୍ତ କରିବାରେ ବ୍ରାଣ୍ଡ ବିଶ୍ୱାସ କରିଥାଏ।

ୱାର୍ଡ୍‌ରୋବ ରିଫ୍ରେସ୍ ସେଲ୍ ହେଉଛି, ଆମର ଗ୍ରାହକମାନଙ୍କର ବିକଶିତ ପସନ୍ଦକୁ ପୂରଣକରିବା ପାଇଁ ଆମର ରଣନୈତିକ ଦ୍ୱିବାର୍ଷିକ କାର୍ଯ୍ୟକ୍ରମ। ଶୀର୍ଷ ବ୍ରାଣ୍ଡଗୁଡ଼ିକର 'ଇଜି ରିଟର୍ନ', 'ଫାଷ୍ଟ ଡେଲିଭରି', 'ନୋ ପ୍ରିଭିନେସନ୍ ଫି' ଭଳି ଫିଚର୍ସ ସହିତ ଗ୍ରାହକମାନେ ସହଜ ଶପିଂ ଅନୁଭୂତି ଉପଭୋଗ କରିପାରିବେ।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୫।୧୨

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୧୦ (୮୦୯.୫୩) ପଏଣ୍ଟ ବଢ଼ି ୮୧,୭୬୬ (୮୧,୭୬୫.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪୧ (୨୪୦.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୭୦୮ (୨୪,୭୦୮.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଅଭିଷେକ ରାମରାଜ୍ କଟନ୍‌ର ବ୍ରାଣ୍ଡ ଆମ୍ବାସାଡର




ନୂଆଦିଲ୍ଲୀ,୫।୧୨

ରାମରାଜ୍ କଟନ୍‌ର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ନିକଟରେ ନିଯୁକ୍ତ ହୋଇଥିବା ବ୍ରାଣ୍ଡ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ରାମରାଜ୍ କଟନ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କେ.ଆର୍. ନାଗରାଜନ ଏବଂ ପରିଚାଳନା ନିର୍ଦ୍ଦେଶକ ବି.ଆର୍.ଅରୁଣା ଭଗବାନଙ୍କ ଦ୍ୱାରା ଏହା ଘୋଷଣା କରାଯାଇଥିଲା।

ଅପରପକ୍ଷରେ ଅଭିଷେକ ବଚ୍ଚନଙ୍କ ସ୍ୱତନ୍ତ୍ର ଶୈଳୀ ଏବଂ ବିଭିନ୍ନ ଦର୍ଶକଙ୍କ ସହ ଯୋଡ଼ି ହେବାର ଦକ୍ଷତା ପାଇଁ ସେ ବେଶ୍ ଜଣାଶୁଣା ହୋଇଥିଲାବେଳେ ଅଭିଷେକ ବଚ୍ଚନ ବ୍ରାଣ୍ଡର ଆଗାମୀ ଟେଲିଭିଜନ ବିଜ୍ଞାପନ, ପୋଷ୍ଟର ଏବଂ ଏକ ବ୍ୟାପକ ମାର୍କେଟିଂ ଅଭିଯାନରେ ସେ ରାମରାଜ୍ କଟନ୍‌ଙ୍କୁ ପ୍ରତିନିଧିତ୍ୱ କରିବେ, ଯାହା ବ୍ରାଣ୍ଡର ପହଞ୍ଚକୁ ଆହୁରି ସୁଦୃଢ଼ କରିବ।

ଏ ସମ୍ପର୍କରେ ରାମରାଜ୍ କଟନ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କେ.ଆର୍. ନାଗରାଜନ କହିଛନ୍ତି, ଅଭିଷେକ ବଚ୍ଚନଙ୍କୁ ରାମରାଜ କଟନ ପରିବାରକୁ ସ୍ୱାଗତ କରି ଆମେ ଆନନ୍ଦିତ ଅଛୁ। ଏପରିକି ଚଳଚ୍ଚିତ୍ର ଜଗତରେ ତାଙ୍କର ଖ୍ୟାତି ଏବଂ ସାରା ଦେଶର ଦର୍ଶକଙ୍କ ସହ ତାଙ୍କର ଯୋଗାଯୋଗ, ତାଙ୍କୁ ଆମ ବ୍ରାଣ୍ଡ ପାଇଁ ପସନ୍ଦଯୋଗ୍ୟ କରିଥିଲା। ରାମରାଜ୍ କଟନ୍ ସର୍ବଦା ଭାରତର ସମୃଦ୍ଧ ଐତିହ୍ୟକୁ ପ୍ରଶଂସା କରି ଆସିଛି। ଅଭିଷେକଙ୍କ ସହ ମିଶି ଭାରତୀୟ ଐତିହ୍ୟର ଏହି ଭାବନାକୁ ଲୋକଙ୍କ ନିକଟତର କରାଇବା ସହିତ ଆମର ଉତ୍ପାଦ ଯଥା ଧୋତି, ଶାର୍ଟ ଏବଂ କୁର୍ତ୍ତାର ପ୍ରଚାରପ୍ରସାର କରିବା।

ସେହିଭଳି ଅଭିଷେକ ବଚ୍ଚନ କହିଛନ୍ତି, ରାମରାଜ୍ କଟନ୍ ଭଳି ବ୍ରାଣ୍ଡ ସହ କାମ କରିବାର ସୁଯୋଗ ମିଳିଛି। ଏହା ଏକ ଭଲ ଜିନିଷ, କାରଣ ବ୍ରାଣ୍ଡ ଭାରତରେ ବହୁତ ପୁରୁଣା ଏବଂ ପ୍ରସିଦ୍ଧ। ଏହି ବ୍ରାଣ୍ଡ ସହ କାମ କରିବାର ସୁଯୋଗ ପାଇ ମୁଁ ବେଶ୍ ଉତ୍ସାହିତ ଅଛି। ଏହି ବ୍ରାଣ୍ଡ ସର୍ବଦା ଉତ୍ତମମାନର ପୋଷାକ ତିଆରି କରେ ଏବଂ ଆମ ପରମ୍ପରାର ଯତ୍ନ ନେଇଥାଏ। ମୁଁ ଚାହୁଁଛି ଆଜିର ଯୁଗରେ ମଧ୍ୟ ଲୋକମାନେ ଆମ ଦେଶର ପୁରୁଣା ପାରମ୍ପରିକ ପୋଷାକ ସହ ଆଜିର ପୋଷାକକୁ ପସନ୍ଦ କରନ୍ତୁ। ଆମେ ମିଳିମିଶି ଏକ ଭବିଷ୍ୟତ ସୃଷ୍ଟି କରିବାକୁ ଚାହୁଁଛୁ। ଯେଉଁଠାରେ ଆମ ଦେଶର ପାରମ୍ପରିକ ପୋଷାକ ମଧ୍ୟ ଆଧୁନିକ ପୋଷାକ ଭଳି ପରିଧାନ କରାଯାଇପାରିବ।

## '୫ଜି ଜ୍ଞାନକୌଶଳରେ ବଢ଼ିବ ଧାନ ଉତ୍ପାଦନ'




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

### ତୃତୀୟ ଭାରତୀୟ ଧାନ କଂଗ୍ରେସ ଉଦ୍‌ଘାଟିତ

କଟକ,୫।୧୨ (କାର୍ତ୍ତିକ ସାହୁ)

ଧାନ ଗବେଷଣା ଗବେଷକ ସଂଘ ଏବଂ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମିଳିତ ଆନୁକୂଲ୍ୟରେ କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ତିନିଦିନିଆ ତୃତୀୟ ଭାରତୀୟ ଧାନ କଂଗ୍ରେସ ୨୦୨୪ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କୃଷି ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କ ହିତ ଦୃଷ୍ଟିରୁ ୧୯୬୧ ମସିହାରୁ ଧାନ ଗବେଷଣା ଗବେଷକ ସଂଘ ସ୍ଥାପିତ ହୋଇଛି। ଭାରତୀୟ ଧାନ କଂଗ୍ରେସ ପକ୍ଷରୁ ଏହି ସମ୍ମିଳନୀରେ ପୁଷ୍ଟିକର ଏବଂ ଜୀବିକା ପାଇଁ ୫ଜି ଧାନ ଭିତ୍ତିକ କୃଷି ଖାଦ୍ୟ ପ୍ରଣାଳୀ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ମୁଖ୍ୟ ଅତିଥି ଭାବେ କୃଷି ଅନୁସନ୍ଧାନ ଏବଂ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଯୋଗଦେଇ କହିଛନ୍ତି, ଜୀବିକାର ବିକାଶ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ରହିଛି। ଆଧୁନିକ ବିଜ୍ଞାନ ଯୁଗରେ ଧାନ ଆମ ପରମ୍ପରା ସହିତ ଜଡ଼ିତ। ଧାନ ଏପରି ଏକ ଫସଲ ଯାହାକି ଜଳବାୟୁ ପରିବର୍ତ୍ତନ ହେଲେ ମଧ୍ୟ ଧାନର ବିଶେଷ କ୍ଷତି ହୁଏ ନାହିଁ। ଧାନ ଫସଲରେ ୫ଜି ଜ୍ଞାନକୌଶଳ ବ୍ୟବହାର କରି ଏହାର ଉତ୍ପାଦନ ଓ ଉତ୍ପାଦକତା ବଢ଼ାଯାଇପାରିବ। କୃଷକମାନେ ଏହି ଜ୍ଞାନକୌଶଳ ଜାଣିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ବିଶ୍ୱଭାରତୀର ପୂର୍ବତନ କୁଳପତି ଡ. ସପନ କୁମାର ଦତ୍ତ, ଧାନ ଗବେଷଣା ଗବେଷକ ସଂଘର ସଭାପତି ଡ. ପୱନ କୁମାର ଅଗ୍ରୱାଲ ଯୋଗଦେଇ ଧାନ ଫସଲରେ ନୂତନ ଜ୍ଞାନକୌଶଳ ପ୍ରୟୋଗକରି ଅଧିକ ଉତ୍ପାଦନ କରାଯାଇପାରିବ ବୋଲି କହିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ମରଣିକା ଏବଂ ଧାନ କଂଗ୍ରେସର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଧାନ ଗବେଷଣା କ୍ଷେତ୍ରରେ ସଫଳତା ଲାଭ କରିଥିବା ବୈଜ୍ଞାନିକ ତଥା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ତିନିଦିନିଆ ତୃତୀୟ ଭାରତୀୟ ଧାନ କଂଗ୍ରେସରେ ଭାରତ ବିଭିନ୍ନ ସ୍ଥାନରୁ ୩୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ, କୃଷି ବିଶେଷଜ୍ଞ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଧାନ ଗବେଷଣା ଗବେଷକ ସଂଘର ସମ୍ପାଦକ ଡ. ଆନି ପୁନମ୍ ଧନ୍ୟବାଦ ଦେଇଥିଲେ।


**DIRECTORATE OF MEDICAL EDUCATION AND TRAINING, ODISHA**
Heads of Department Building, Bhubaneswar,751001, Tel.No.0674-2393847, 2394255
E-Mail: dmetbbsr4@gmail.com, www.dmetodisha.gov.in

**Notification No. MET-I-AMS-001-2024-23244** **Date:04.12.2024**

**No.E-556:**On-line applications are invited from the Government approved private institutions for the Renewal of NOC/Recognition to impart PG, UG, Diploma and Certificate courses under the Councils of Pharmacy, Occupational Therapy & Physiotherapy, DMLT & DMRT and Allied Medical Science for the Academic Session 2025-26. The last date for on-line application is Dt.20.12.2024 (upto 05.00 P.M.).

The online application link, detail guidelines and instruction manual are available in the website of DMET (O), i.e. www.dmetodisha.gov.in under the section of various councils or www.dmetodisha.org.

**Sd./-**
**OIPR-10016/11/0018/2425** **Director, Medical Education & Training, Odisha**



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 19945/IND-II-PH-୧୨୩୮ ତାରିଖ: 05.12.2024
No.CAD-1802

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ତିରିଙ୍ଗପାହାଡ଼ ଲୌହ ପଥର ଖଣି, ଓଡ଼ିଶାର କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ କୁନ୍ଦୁପାଣି ଗ୍ରାମରେ ୭୯.୩୦ ହେକ୍ଟର ପରିମିତ ଅଞ୍ଚଳରେ ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୩୨୮ ଏମ୍‌ଟିପିଏରୁ ୦.୯୯୫ ଏମ୍‌ଟିପିଏକୁ ବୃଦ୍ଧି କରି ବର୍ତ୍ତମାନ ବିଦ୍ୟମାନ ୧ଟି ୨୦୦ ଟିପିଏଚ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ମୋବାଇଲ୍ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ସହିତ ଅତିରିକ୍ତ ପ୍ରସ୍ତାବିତ ୨୦୦ ଟିପିଏଚ୍ ଏବଂ ୨୫୦ ଟିପିଏଚ୍ କ୍ଷମତା ବିଶିଷ୍ଟ ୨ଟି ଇଣ୍ଟିଗ୍ରେଟେଡ୍ ମୋବାଇଲ୍ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ **[State Environment Impact Assessment Authority (SEIAA)]**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୭.୦୧.୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ବୈତରଣୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ମୌଜା (କୁନ୍ଦୁରପାଣି ଗ୍ରାମଠାରୁ ୨ କିମି, ଖଣ୍ଡବନ୍ଧ ଗ୍ରାମଠାରୁ ୧ କିମି, ଦଳପହଡ଼ ବସ୍ତିଠାରୁ ପ୍ରାୟ ୨୦ ମିଟର), ସଂରକ୍ଷିତ ଜଙ୍ଗଲ ଅଞ୍ଚଳ କିସମ, ସମୁଦାୟ ୧୨.୫୦୦ ଡିସିମିଲ ଅଞ୍ଚଳଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର ।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର ।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **କେନ୍ଦୁଝର ।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର ।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

OSPCB-PH-MISC-0039-2024/3/2024 OIPR-08012/11/0129/2425

## ଗ୍ୟାରେଜ କର୍ମଚାରୀଙ୍କୁ ମାଡ଼ ଘଟଣାରେ ୩ ପୋଲିସ ନିଲମ୍ବିତ

କେନ୍ଦୁଝର,୫।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ପୋଲିସ ପକ୍ଷରୁ ୩ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମଙ୍ଗଳବାର ଏକ ଗ୍ୟାରେଜରେ ଚଢ଼ାଉ ସମୟରେ କର୍ମଚାରୀଙ୍କୁ ଆକ୍ରମଣ ନେଇ ଏଏସ୍‌ଆଇ ଅକ୍ଷୟ ଚୌଧୁରୀ, କନଷ୍ଟେବଲ ବିରଞ୍ଚି ନାୟକ ଓ ଦେବେନ୍ଦ୍ର ଜେନାଙ୍କୁ ନିଲମ୍ବିତ କରାଯାଇଥିବା କୁହାଯାଉଛି। ଘଟଣାର ତଦନ୍ତ ଚାଲିଛି। ବିଶୃଙ୍ଖଳିତ ଆଚରଣ ପାଇଁ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ଜିଲା ପୋଲିସ ପକ୍ଷରୁ ସୂଚନା ମିଳିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରାଧେଶ୍ୟାମ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଆଇନର ହିନ୍ଦୀକରଣକୁ...

(ପ୍ରଥମ ପୃଷ୍ଠାରୁ)

ଶବ୍ଦକୁ ହିନ୍ଦୀରେ କରାଯାଇପାରିବ। ହିନ୍ଦୀ ମାତୃଭାଷା ହୋଇ ନ ଥିବା ୫୬ ପ୍ରତିଶତ ଭାରତୀୟଙ୍କ ପାଇଁ ସେ ଏହି ଭାଷା କହିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ସେହିପରି ହିନ୍ଦୀ ନାମକରଣ ସମ୍ବିଧାନ ଅନୁଚ୍ଛେଦର ଉଲ୍ଲଂଘନ ବୋଲି ଦର୍ଶାଇ ସିପିଆଇ ସଦସ୍ୟ ସନ୍ତୋଶ କୁମାର ପି ଏହାର ନାମ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି ଦାବି କରିଥିଲେ। ଅନ୍ୟପକ୍ଷରେ ଭାଜପାର ଘନଶ୍ୟାମ ତିୱାରୀ ହିନ୍ଦୀ ଲଦିଦିଆଯିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ହିନ୍ଦୀ ନାମକରଣ ହୋଇଥିବା ବିଲ୍‌କୁ ଜଣେ ତେଲୁଗୁ ମନ୍ତ୍ରୀ ଗୃହରେ ଉପସ୍ଥାପନ କରିଥିବା ସେ କହିଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନିଆଯାଇଛି। କୌଣସି ଭାଷାରେ ନାଁ ଦିଆଯିବା ଅର୍ଥ ଉକ୍ତ ଭାଷାକୁ ଲଦିଦେବା ନୁହେଁ। ଏହା ସେମାନଙ୍କ ଉପନିବେଶୀୟ ଯୁଗର ମାନସିକତାକୁ ଦର୍ଶାଉଛି ବୋଲି ବିରୋଧୀ ସଦସ୍ୟଙ୍କୁ ଲକ୍ଷ୍ୟ କରି ଭାଜପା ଏମ୍‌ପି କହିଥିଲେ। ବନ୍ଦେ ମାତରମ୍‌କୁ ବିରୋଧ କରୁଥିବା ଦଳ ବାୟୁଯାନ ଶବ୍ଦକୁ ବିରୋଧ କରିବ ନାହିଁ କାହିଁକି ବୋଲି ଭାଜପାର ଭୀମ ସିଂ କହିଛନ୍ତି। ସରକାର ଇଣ୍ଡିଆ ବଦଳରେ ବୋର୍ଡରେ ଭାରତ ଲେଖିଦେବାରୁ ଏହାକୁ ବିରୋଧ କରାଯାଇଥିଲା। ସେଭଳି ଦଳ ଏବଂ ଏହାର ନେତାମାନେ ବାୟୁଯାନକୁ ବିରୋଧ କରିବେ ନାହିଁ କାହିଁକି ବୋଲି ଭାଜପା ସଦସ୍ୟ କଟାକ୍ଷ କରିଛନ୍ତି।

## ପ୍ରଜାକୋର୍ଟରେ ୨...

ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦିଆଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ନାରାୟଣପୁର ପୋଲିସ ତଦନ୍ତ କରିଛି। ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ନାରାୟଣପୁର ଏସ୍‌ପି ଚନ୍ଦ୍ରକାନ୍ତ ସୂଚନା ଦେଇଛନ୍ତି।

## ପୁଷ୍ପା-୨ ସ୍କ୍ରିନିଂ...

ତ୍ରୁଟି ଯୋଗୁ ହାଇଦ୍ରାବାଦ ପୋଲିସ ଗୁରୁବାର ସନ୍ଧ୍ୟା ଥିଏଟରର ପରିଚାଳନା ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେହିପରି ଫିଲ୍ମ ହଲରେ ଅଚାନକ ଆଗମନ ଓ ଏ ସମ୍ପର୍କରେ ପୋଲିସକୁ ଅବଗତ କରାଇ ନ ଥିବାରୁ ଅଲ୍ଲୁ ଓ ତାଙ୍କ ଟିମ୍ ବିରୋଧରେ ମଧ୍ୟ ହାଇଦ୍ରାବାଦ ପୋଲିସ ଆଉ ଏକ ମାମଲା ରୁଜୁ କରିଛି। ଏନେଇ ହାଇଦ୍ରାବାଦ ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଘଟଣାକୁ ନେଇ 'ପୁଷ୍ପା ଦି ରୁଲ୍'ର ନିର୍ମାତା 'ମାଇତ୍ରି ମୁଭି ମେକର୍ସ' ପକ୍ଷରୁ ଶୋକ ପ୍ରକଟ କରାଯାଇଛି। ମୃତା ମହିଳା ଏବଂ ତାଙ୍କ ଗୁରୁତର ପୁଅଙ୍କ ପ୍ରତି ଫିଲ୍ମ ନିର୍ମାତା କମ୍ପାନୀ ସମ୍ବେଦନ ପ୍ରକଟ କରିଛି। ଏହି ହୃଦୟବିଦାରକ ଘଟଣାରେ ରେଭନ୍ତିଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବ ବୋଲି 'ମାଇତ୍ରି ମୁଭି ମେକର୍ସ' କହିଛି।

## ଚାଷଜମି ହ୍ରାସ...

ଅବସର। କୃଷି ଆମ ଅର୍ଥ ବ୍ୟବସ୍ଥାର ମୁଖ୍ୟ ଆଧାର। ପରିବର୍ତ୍ତିତ ଜଳବାୟୁ, ବଜାର ଚାହିଦା ଏବଂ କମ୍ ଆମଦାନୀ ଆଗରେ ଉତ୍ପାଦନ ଏବଂ ଉତ୍ପାଦକତାକୁ ଅଧିକ କରାଯିବା ଆମ ଆଗରେ ଆହ୍ୱାନ ଭାବେ ଉଭା ହୋଇଛି। କେବଳ ଉତ୍ପାଦନ ଆମର ଲକ୍ଷ୍ୟ ନୁହେଁ, ବରଂ ପୌଷ୍ଟିକ, ସୁସ୍ଥ ଉତ୍ପାଦନ ଆମର ଲକ୍ଷ୍ୟ। ତେଣୁ ଜୈବିକ କୃଷି ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପ୍ରୋ-ଚାନ୍‌ସେଲର କନକବର୍ଦ୍ଧନ ସିଂଦେଓ କହିଲେ, ସମାବର୍ତ୍ତନ ଉତ୍ସବ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଗର୍ବର ଦିନ। ଏହା ଭବିଷ୍ୟତରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଆଟମିକ ଏନର୍ଜି କମିଶନ ଅଧ୍ୟକ୍ଷ ତଥା ଆଟମିକ ଏନର୍ଜି ବିଭାଗର ସଚିବ ଅଜିତ କୁମାର ମହାନ୍ତି, ୟୁଏସ୍‌ଏସ୍ଥିତ ଏନ୍‌ଆଇଏଫ୍‌ଏ ନିର୍ଦ୍ଦେଶକ ମଞ୍ଜିତ୍ ମିଶ୍ର, ନ୍ୟାଶନାଲ ଏକାଡେମୀ ଅଫ୍ ଭେଟେରିନାରି ସାଇନ୍ସର ସଭାପତି ପ୍ରକାଶ ରାଓ ଭେଙ୍କଟରମଣ ଦୁଭୁରୀ ଏବଂ ଓଡିଶାର ମିଲେଟ ରାଣୀ ରାଇମତି ଘେଉରିଆଙ୍କୁ ରାଷ୍ଟ୍ରପତି ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରିଥିଲେ। ସେହିପରି ୧୧୮ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ପିଜି ଓ ୟୁଜିର ୨, ୮୨୭ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ଓ ଏକାଡେମୀ ରିପୋର୍ଟ ପାଠ କରିଥିଲେ।

## ମାଣ୍ଡିଆରାଣୀ ରାଇମତି...

ଦେଶୀ ଧାନ ଏବଂ ମାଣ୍ଡିଆ ବିହନ ଗଚ୍ଛିତ କରି ରଖିଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିଲେ ମଧ୍ୟ ରାଇମତି ସ୍ୱାମୀଙ୍କ ସହ ମିଶି ଘର ଖାଇବା ପାଇଁ ଧାନଚାଷ କରିବା ସହ ଲୋକଙ୍କୁ ବିହନ ଯୋଗାଇବା ଏବଂ ବିରଳ ଦେଶୀ ଚାଉଳ ବଜାରକୁ ଯୋଗାଉଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ଜି ୨୦ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରି ୨୦ ଦେଶର ନେତାଙ୍କ ନିକଟରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଚଳିତବର୍ଷ ବ୍ଲକ୍‌ସ୍ତରୀୟ ପରବ ଉତ୍ସବରେ କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କ ଦ୍ୱାରା ପରବ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରାଇମତିଙ୍କୁ ଏହି ଉପାଧି ମିଳିବା ନେଇ ବିଧାୟକ ଭତ୍ରା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଦିଗାପୁର ମଣ୍ଡଳ ସଭାପତି ବଦ୍ରିନାରାୟଣ ଆଚାର୍ଯ୍ୟ,ଆଦିବାସୀ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ,ସାମାଜିକ କର୍ମୀ ସଞ୍ଜୟ ସାହୁ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଇମତି ପଦ୍ମଶ୍ରୀ କମଳା ପୂଜାରୀଙ୍କ ଝିଆରୀ।


**Birthday Wish**



**Radhe Shyam Panda**
Kolathala, Kuakhia
The years we shared while growing up are like treasures to me. I can remember our every moment of laughter.
Jeeja, JeejaMaa, Papa, Mama, Papi, Mami Nani & Panda Family
D-2154


# ସମ୍ବଲପୁର ଚିଡ଼ିଆଖାନାରେ 'ରାଣୀ'ର ମୃତ୍ୟୁ

**ସମ୍ବଲପୁର, ୫।୧୨(ପ୍ରମୋଦ ବହିଦାର)**



ସମ୍ବଲପୁର ଚିଡିଆଖାନାରେ କଲରାପତରିଆ ବାଘୁଣୀ ରାଣୀର ବୁଧବାର ରାତିରେ ମୃତ୍ୟୁ ଘଟିଛି। ଗର୍ଭାଶୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ ହୋଇ ଏହି ୭ ବର୍ଷୀୟା ବାଘୁଣୀର ମୃତ୍ୟୁ ଘଟିଥିବା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଗୁରବାର ସୂଚନା ଦେଇଛନ୍ତି। ବନଖଣ୍ଡ ଅଧିକାରୀ ଦାସଙ୍କ ସୂଚନା ଅନୁସାରେ ବାଘୁଣୀ ରାଣୀ ବୁଧବାର ଦିନତମାମ ସକ୍ରିୟ ରହି ବୁଲାଚଲା କରୁଥିବା ବେଳେ ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତା'ର ଜନନେନ୍ଦ୍ରିୟରୁ ପୂଯ ନିର୍ଗତ ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ ପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା ଆରମ୍ଭ କରି ୩ଟି ସଂକ୍ରମଣ ନିରୋଧକ ଇଞ୍ଜେକଶନ ଦେଇଥିଲେ। ପରବର୍ତ୍ତୀ ସମୟରେ ରାଣୀର ରକ୍ତବାନ୍ତି ହୋଇଥିଲା ଓ ଶ୍ୱାସକ୍ରିୟାରେ ସମସ୍ୟା ହୋଇଥିଲା। ତେବେ ଚିକିତ୍ସକଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଆଖି ବୁଜିଥିଲା ରାଣୀ। ଗୁରୁବାର ସକାଳେ ଚିଡ଼ିଆଖାନା ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମିଳିତ ଭାବେ ରାଣୀର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଶାରୀରିକ ସମ୍ପର୍କ ଯୋଗୁ ଗର୍ଭାଶୟ ସଂକ୍ରମଣଜନିତ କାରଣରୁ ରାଣୀ ଅସୁସ୍ଥ ହୋଇଥିଲା। ଚିକିତ୍ସା ସମୟରେ ବାନ୍ତି ହେବା ଯୋଗୁ ହୃଦ୍‌ଘାତରୁ ବାଘୁଣୀର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ସୂଚନା ଦେଇଛନ୍ତି ବନଖଣ୍ଡ ଅଧିକାରୀ ଦାସ। ବ୍ୟବଚ୍ଛେଦ ପରେ ପ୍ରାଣୀ ଉଦ୍ୟାନ ମଧ୍ୟରେ ବନ ବିଭାଗ, ପ୍ରାଣୀ ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ରାଣୀର ସଂସ୍କାର କରାଯାଇଛି ବୋଲି ସେ କହିଛନ୍ତି।

୨୦୨୩ ନଭେମ୍ବର ୫ ତାରିଖରେ ନୂଆପଡ଼ାରୁ ଧରା ହୋଇଥିବା ୮ବର୍ଷୀୟା ମଣିଷଖିଆ କଲରାପତରିଆ ବାଘ (ରାଜା)କୁ ସମ୍ବଲପୁର ଚିଡିଆଖାନା ଅଣାଯାଇଥିଲା। କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ(ନୂଆଦିଲ୍ଲୀ)ର ଅନୁମତିକ୍ରମେ ୮ ମାସ ସଙ୍ଗରୋଧ କରାଯାଇ ଚିକିତ୍ସା କରାଯାଇଥିଲା। ପରେ ଗତ ନଭେମ୍ବର ୯ରେ ରାଜାକୁ ଏଠାରେ ପୂର୍ବରୁ ଥିବା ମାଈ କଲରାପତରିଆ ବାଘୁଣୀ (ରାଣୀ) ସହିତ ଛଡ଼ା ଯାଇଥିଲା। ଏଠାରେ ସ୍ୱତନ୍ତ୍ରଭାବେ ନିର୍ମିତ ଏକ ପ୍ରଶସ୍ତ ଗ୍ଲାସ୍-ଭ୍ୟୁ ଏନକ୍ଲୋଜର(କାଚ ପଞ୍ଜୁରି)ରେ ଉଭୟଙ୍କୁ ଏକାଠି ହେବାକୁ ଛଡ଼ାଯାଇଥିଲା। ସିସିଟିଭିରେ ବନ ବିଭାଗ ପକ୍ଷରୁ ଉଭୟଙ୍କ ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖାଯାଇଥିଲା। ଉଭୟ ଏକାଠି ହୋଇ ପରସ୍ପର ପ୍ରତି ଆକର୍ଷିତ ହୋଇଥିଲେ। ଏପରିକି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ ଡିସେମ୍ବର ତୃତୀୟ ସପ୍ତାହରେ ରାଣୀର ଗର୍ଭ ଧାରଣ ସ୍ଥିତି ଯାଞ୍ଚ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଏଥି ପୂର୍ବରୁ ରାଣୀର ମୃତ୍ୟୁ ଘଟିଛି।

# ଜଳଭଣ୍ଡାରରେ କଲରାପତରିଆ ମୃତଦେହ

**ଦେବଗଡ଼,୫।୧୨ (ଶଶାଙ୍କ ଶେଖର ଝାଙ୍କର)**



ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ନୂଆଡିହି ଫରେଷ୍ଟ ସେକ୍ସନ ଅନ୍ତର୍ଗତ କଣ୍ଡିମାଳ ନିକଟ ରେଙ୍ଗାଲି ଜଳଭଣ୍ଡାରରେ ଭାସୁଥିବା ଏକ କଲରାପତରିଆ ବାଘର ମୃତଦେହ ଗୁରୁବାର ଜବତ ହୋଇଛି। ମୃତ ବାଘ ଅଣ୍ଡିରା ହୋଇଥିବା ବେଳେ ଆନୁମାନିକ ପ୍ରାୟ ୨ ବର୍ଷର ହୋଇଥିବା ଜଣାପଡିଛି। ଅପରାହ୍ନ ପ୍ରାୟ ୫ଟାରେ ଜଳଭଣ୍ଡାର ଭିତରୁ ବାଘର ମୃତଦେହ ଜବତ କରାଯାଇଛି। ଖବର ପାଇ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ ଏବଂ ବନବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କଲରାପତରିଆ ବାଘ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବାଘର ମୃତଦେହ ଜବତ ସ୍ଥାନରେ ମତ୍ସ୍ୟଜୀବୀମାନେ ଜାଲ ପକାଇ ମାଛ ମାରୁଥିବାରୁ ଜାଲରେ ପଡ଼ି ମୃତ୍ୟୁ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ ଦେବଗଡ ପ୍ରାଣୀ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପାଣିରେ ରହି ବାଘର ଶରୀର ଫୁଲିଯିବା ସହିତ ଦୁର୍ଗନ୍ଧ ବାହାରୁଥିବାରୁ ପ୍ରାୟ ଗୋଟିଏ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମଧ୍ୟାହ୍ନରେ ବନବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଟ୍ରାକିଂ କରୁଥିବା ବେଳେ ଜଳଭଣ୍ଡାର ଭିତରେ ବାଘର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ବନବିଭାଗ ବରିଷ୍ଠ ଅଧିକାରୀ ଘଟଣା ବିଷୟରେ ସୂଚନା ପାଇ ସେଠାକୁ ଯାଇ ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବାଘ ମୃତ୍ୟୁର କାରଣ ସାମ୍ନାକୁ ଆସିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

# କଲରାପତରିଆ ଆକ୍ରମଣରେ ଯୁବକ ମୃତ

**ନବରଙ୍ଗପୁର/ରାଇଘର, ୫।୧୨ (ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ଓଡ଼ିଶା ଛତିଶଗଡ଼ ସୀମାନ୍ତ କାଁକେର ବନଖଣ୍ଡ ଅଧୀନ କୋଦାଗାଁ ଅଞ୍ଚଳରେ ବାଘ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଦାଗାଁ ବଜାରପାରା ନିବାସୀ ଦ୍ୱାରକା ଦେଉରି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟା୩୦ରେ ବଜାର କାମ ସାରି ଚାଲି ଚାଲି ନିଜ ଘରକୁ ଫେରୁଥିଲେ। ଥକି ଯିବାରୁ ସେ ଏକ ସ୍ଥାନରେ ବିଶ୍ରାମ ନେଉଥିଲେ। ଏହି ସମୟରେ ହଠାତ୍ ଏକ କଲରାପତରିଆ ବାଘ ତାଙ୍କୁ ଜଙ୍ଗଲ ଭିତରକୁ ଟାଣି ନେଇଥିଲା। କେତେଜଣ ପଥଚାରୀ ରକ୍ତ ଛିଟା ଓ ଚପଲ ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ପରେ ଗ୍ରାମବାସୀ ଏକାଠି ହୋଇ ରାସ୍ତାଠାରୁ ୨୦୦ ମିଟର ଦୂରରେ ଥିବା ଜଙ୍ଗଲକୁ ଯାଇଥିଲେ। ସେଠାରେ ଦ୍ୱାରିକାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

# ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ଫାଟକରେ ବାନ୍ଧି ନିର୍ଯାତନା



**ମାର୍ଶାଘାଇ,୫।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ଫାଟକରେ ବନ୍ଧା ଯାଇଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା କେଉଁଦିନର ଘଟଣା ଜଣାପଡ଼ିନାହିଁ। ଭିଡିଓରେ ଛାତ୍ରଙ୍କ ବେଲ୍ଟକୁ ଦଉଡିରେ ଲଗାଇ ଫାଟକରେ ବନ୍ଧା ଯାଇଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ଏ ନେଇ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଖବରଦାତାମାନଙ୍କଠାରୁ ସେ ଏ କଥା ଜାଣୁଛନ୍ତି। ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ବିଦ୍ୟାଳୟର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଗୋଡ଼ାଇ ଗୋଡ଼ାଇ କାମୁଡ଼ି ଚାଷୀଙ୍କ ଜୀବନ ନେଲା ଭାଲୁ

**ନବରଙ୍ଗପୁର,୫।୧୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଭାଲୁ ବିଭିନ୍ନ ସମୟରେ ଜନବସତି ମୁହାଁ ହେଉଛନ୍ତି। ଭାଲୁ ଆକ୍ରମଣରେ ଅନେକେ ମୃତାହତ ହେଉଛନ୍ତି। ବୁଧବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଦଳବେଡ଼ା ଗ୍ରାମର ଗଙ୍ଗାଧର ଗୌଡ଼ଙ୍କ ପୁଅ ଗୋପୀ (୩୯)ଙ୍କ ଭାଲୁ ଆକ୍ରମଣରେ ମୃତ୍ୟୁ ହୋଇଛି। ଜିଲାରେ ଚଳିତ ବର୍ଷ ୨୬ ଜଣ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଝରିଗାଁ ବନାଞ୍ଚଳ ଅଧୀନ ଦଳବେଡ଼ା ଗ୍ରାମର ଗୋପୀ ଗୌଡ଼ ବିରି ଅମଳ କରିବା ପାଇଁ ବୁଧବାର ସକାଳେ ନିଜ ଚାଷଜମିକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଚାଷଜମିକୁ ଖୋଜାଖୋଜି କରିବାକୁ ଯାଇଥିଲେ। ଚାଷଜମି ନିକଟସ୍ଥ ଏକ ନାଳ ପାଖରେ ରକ୍ତାକ୍ତ ଅବସ୍ଥାରେ ଗୋପୀ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଗୋପୀଙ୍କ ଦେହର ଅର୍ଦ୍ଧାଧିକ ଅଂଶକୁ ଭାଲୁ ଖାଇଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ଗୋପୀଙ୍କ ମୁଣ୍ଡ, କାନ, ନାକ ଏବଂ ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେ ଗ୍ରାମର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୃସିଂହ ମାଝୀଙ୍କୁ ଖବର ଦେଇଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଗ୍ରାମବାସୀ ଏକାଠି ହୋଇ ଜଙ୍ଗଲକୁ ଯାଇ ଗୋପୀଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦଶାହ ଉପଲକ୍ଷେ



**୰ ସୁଶ୍ରୀ ପଣ୍ଡା**
ପୂର୍ବତନ ବିଧାୟକ ୰ ପୀତାମ୍ବର ପଣ୍ଡାଙ୍କର ପତ୍ନୀ
ଆବିର୍ଭାବ : ତା ୧୪.୦୮.୧୯୫୦ ରିଖ / ତିରୋଧାନ : ତା ୨୭.୧୧.୨୦୨୪ ରିଖ

ଶୋକସନ୍ତପ୍ତ
ପ୍ରଫୁଲ୍ଲ ପଣ୍ଡା ଓ ଡାକ୍ତର ସୁମନ୍ତ ପଣ୍ଡା
ଜ୍ୟେଷ୍ଠପୁତ୍ର - ସଞ୍ଜୟ ପଣ୍ଡା
ଝିଅ - ସଙ୍ଗୀତା, ସରିତା, ସସ୍ମିତା, ଶ୍ୱେତପଦ୍ମା, ଶ୍ୱେତଲୀନା
ଓ ପରିବାରବର୍ଗ



# Classified Everyday
0674-2580101, 9692975378



**REAL ESTATE**
**SALE**

**Plots for sale near Trisulia, CISF Campus CDA, Rera Approved. (RP/07/2023/01069), (www.rera.odisha.gov.in. Contact- 7008513309.** D-2157

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-2156



Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079



Newly open full body massage relax with new lady therapist. M-7205354089. D-76035

**AFFIDAVIT**

By virtue of an affidavit sworn before Banpur Executive Magistrate, vide No 3342 dtd 22.11.2024 I, Bikram Pradhan At-Brundabanapur, P.O.-Badasireipur, P.S.-Banpur, Dist.-Khordha, Odisha, Pin-752031, declare that I have changed my name from Bikas Pradhan to Bikram Pradhan. Henceforth I shall be known as Bikram Pradhan for all purposes. D-2163

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଶ୍ରୀ କୈଳାସ ଚନ୍ଦ୍ର ସେଠୀ**
ନୀଳାଦ୍ରି ବିହାର, ଭୁବନେଶ୍ୱର
ଆବିର୍ଭାବ-ତା୧୨।୦୨।୧୯୫୪
ତିରୋଧାନ- ତା୨୬।୧୧।୨୦୨୪
ସାର୍ଥକ କରି ନାମକୁ ନିଜର
ଦୀପ ହୋଇ ଦୂର କଲ ଅନ୍ଧକାର।
କେତେ ଯେ ଜୀବନେ ଫୁଟାଇଲ ହସ
ସର୍ବଦା ଦେଇ ଶକ୍ତି ଓ ସାହସ
ଚାଲିଗଲ କରି ଆଶୀର୍ବାଦ ବାରବାର
ତୁମେ ଗଢ଼ିଥିଲ ବିଶ୍ୱ ପରିବାର
ତୁମ ଜୀବନ ଯେ ଅଟେ ଆଦର୍ଶ।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ଆମର ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ- ପତ୍ନୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ।

ଦ୍ୱାଦଶାହ ଉପଲକ୍ଷେ



**୰କନକଲତା ପରିଡ଼ା**
ଗୁଆଲି, ସାଲେପୁର, କଟକ
ଆବିର୍ଭାବ: ୧୦।୦୫।୧୯୫୦
ତିରୋଧାନ: ୨୫।୧୧।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ଅନିରୁଦ୍ଧ ପରିଡ଼ା, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀ ଓ ଆତ୍ମୀୟସ୍ୱଜନବର୍ଗ।

## ମାଓବାଦୀ ଗୁଳିରେ ଡିଆର୍‌ଜି ମୁଖ୍ୟ ଆରକ୍ଷୀ ଶହୀଦ

ମାଲକାନଗିରି,୫।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ଜଣେ ଡିଆର୍‌ଜି ମୁଖ୍ୟ ଆରକ୍ଷୀ ଶହୀଦ ହୋଇଛନ୍ତି। ସେ ହେଲେ ବୀରେନ୍ଦ୍ର କୁମାର ସୋରୀ। ସୂଚନା ଅନୁଯାୟୀ, ନାରାୟଣପୁର ଜିଲା ଡିଆର୍‌ଜି ଓ ବିଏସ୍‌ଏଫ୍ ମିଳିତ ଭାବେ ସୋନପୁର ଥାନା ଓ କେହାମେଟା ସୀମାବର୍ତ୍ତୀ ଅଞ୍ଚଳରେ କୋମ୍ବିଂ କରିଥିଲେ। ଉକ୍ତ ଅଞ୍ଚଳରେ ଥିବା ମାଓବାଦୀ ପୋଲିସ ଆସିବା ଜାଣି ଗୁଳିଚାଳନା କରିଥିଲେ। ଏଥିରେ ଉଭୟ ପକ୍ଷଙ୍କ ମଧ୍ୟରେ ବହୁ ସମୟଧରି ଗୁଳି ବିନିମୟ ହୋଇଥିଲା। ନାରାୟଣପୁର ଡିଆର୍‌ଜି ପ୍ରଧାନ ଆରକ୍ଷୀ ବୀରେନ୍ଦ୍ରଙ୍କ ଦେହରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ଅନ୍‌ଲାଇନ ଗେମ୍‌ରେ ଟଙ୍କା ହାରି ଜୀବନ ହାରିଲେ ସେବାୟତ

ଭୁବନେଶ୍ୱର,୫।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅନ୍‌ଲାଇନ ଗେମ୍‌ରେ ଟଙ୍କା ହାରିବା ପରେ ଜଣେ ଯୁବକ ମାନସିକ ଚାପରେ ପଡ଼ି ଆତ୍ମହତ୍ୟା କରିଛନ୍ତି। ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ବଡ଼େଇବାଙ୍କ ଛକ ନିକଟ ବଢ଼ୁ ସାହିରେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ଶଶାଙ୍କ ଶେଖର ଶତପଥୀ (୨୨)। ଗୁରୁବାର ଭୋର ପ୍ରାୟ ୫ଟା ବେଳେ ଫ୍ୟାନ୍ ଲାଗିଥିବା ପାଇପ୍‌ରେ ଗାମୁଛା ଦ୍ୱାରା ଶଶାଙ୍କ ଝୁଲୁଥିବା ଅବସ୍ଥାରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଶଶାଙ୍କ ଶେଖର ଶତପଥୀ

ଏ ସଂକ୍ରାନ୍ତରେ ଭାଇ କ୍ଷୀରୋଦ ଶତପଥୀଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୦୨୪) ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ପୋଲିସ ଶଶାଙ୍କଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ଶଶାଙ୍କ ଅନ୍‌ଲାଇନ୍ ଗେମ୍‌ରେ ସଂଶ୍ଳିଷ୍ଟ ଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଶଶାଙ୍କ ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାହା ପଛର ସ୍ପଷ୍ଟ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଡିସିପି କହିଛନ୍ତି।

ଶଶାଙ୍କ ସେବାୟତ ପରିବାରର ହୋଇଥିବାବେଳେ ସେ ଲିଙ୍ଗରାଜ ମନ୍ଦିରରେ ପୂଜା କାର୍ଯ୍ୟ କରୁଥିଲେ। ତେବେ ସେ ବିଭିନ୍ନ ସମୟରେ ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏପରିକି ଗେମ୍‌ରେ ନିବେଶ ପାଇଁ ବିଭିନ୍ନ ଲୋକଙ୍କଠାରୁ ସେ ଟଙ୍କା ମଧ୍ୟ ନେଇଥିଲେ। ବୁଧବାର ବିଳମ୍ବିତ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଶଶାଙ୍କ ଗେମ୍ ଖେଳୁଥିଲେ। ଖୁଡ଼ୀ ବାରଣ କରିବାରୁ ସେ ତାଙ୍କ ରୁମ୍‌ରେ ଯାଇ ଶୋଇଥିଲେ। ସକାଳେ ପରିବାର ଲୋକ ଅଘଟଣ ବିଷୟରେ ଜାଣିବାକୁ ପାଇଥିଲେ। ପୋଲିସ ଘଟଣା ସଂକ୍ରାନ୍ତରେ ପରିବାର ଲୋକ ଓ ସାଙ୍ଗସାଥୀଙ୍କୁ ପଚରାଉଚରା କରିବା ସହ ଶଶାଙ୍କଙ୍କ ମୋବାଇଲ ଜବତ କରି ଅଧିକ ଖୋଳତାଡ଼ କରୁଛି। ଏଥିସହ ଅଧିକ ତଥ୍ୟ ପାଇଁ ଶଶାଙ୍କଙ୍କ ମୋବାଇଲ ନମ୍ବରରୁ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଧ୍ୟ ମଗାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ରଙ୍କୁ ଶିକ୍ଷକଙ୍କ ଯୌନ ନିର୍ଯାତନା ଅଭିଯୋଗ

### ଘରୋଇ ଆବାସିକ ବିଦ୍ୟାଳୟରେ ବିଇଓଙ୍କ ତଦନ୍ତ

ଭୁବନେଶ୍ୱର,୫।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ଘରୋଇ ଆବାସିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ଧରି ଶିକ୍ଷକ ଜଣଙ୍କ ଏଭଳି କରୁଥିବା ପୀଡ଼ିତ ଛାତ୍ର ଜଣଙ୍କ ସିନିୟରଙ୍କୁ କହୁଥିବାର ଏକ ଅଡିଓ କ୍ଲିପ୍ ଭାଇରାଲ ହେବା ପରେ ଘଟଣା ସାମ୍ନାକୁ ଆସିଛି। ଏନେଇ ବିଦ୍ୟାଳୟରେ ଛାତ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଖବର ପାଇ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଓ ମାନବାଧିକାର କର୍ମୀ ତଥା ଅଲ୍ ଇଣ୍ଡିଆ ଅଭିଭାବକ ସଂଘର ସଭାପତି, ସ୍ଥାନୀୟ ପୋଲିସ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ତଦନ୍ତ ସମୟରେ ସମ୍ପୃକ୍ତ ଶିକ୍ଷକ କେଉଁ ଆଡ଼େ ପଳାଇ ଯାଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଷଷ୍ଠ ଶ୍ରେଣୀର ଛାତ୍ର ଜଣଙ୍କ ଶୋଇପଡ଼ିବାପରେ ଶିକ୍ଷକ ଜଣଙ୍କ ତାଙ୍କ ନିକଟକୁ ଆସି ଅପ୍ରାକୃତ ଯୌନସମ୍ପର୍କ ରଖିଥାନ୍ତି। ଏନେଇ ଛାତ୍ର ଜଣକ ପ୍ରଥମେ ସହପାଠୀମାନଙ୍କୁ ପରେ ପରିବାର ତଥା ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଏହାସହ ଗୁରୁବାର ଛାତ୍ର ଜଣଙ୍କ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଓ ମାନବାଧିକାର କର୍ମୀ ତଥା ଅଲ୍ ଇଣ୍ଡିଆ ଅଭିଭାବକ ସଂଘର ସଭାପତିଙ୍କୁ ଜଣାଇଥିଲେ। ଅଭିଯୋଗ ଆଧାରରେ ଗୁରୁବାର ଅପରାହ୍ନରେ ତଦନ୍ତ ଆରମ୍ଭ ହୋଇଛି। ଏନେଇ ଅଲ୍ ଇଣ୍ଡିଆ ଅଭିଭାବକ ସଂଘର ସଭାପତି ମୋହନ ପଟ୍ଟନାୟକଙ୍କ କହିବା ଅନୁସାରେ, ଶିକ୍ଷା ଆଳରେ ଏଭଳି ଘୃଣ୍ୟ ଘଟଣାକୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ତରଫରୁ ଦୃଢ଼ ବିରୋଧ କରାଯିବା ସହ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଏହାସହ ଶୁକ୍ରବାର ଖଣ୍ଡଗିରି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

## ବାଘ ନଖ, ଦାନ୍ତ ଜବତ: ୨ ଶିକାରୀ ଗିରଫ

ନୟାଗଡ଼/ଖଣ୍ଡପଡ଼ା,୫।୧୨ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

- ଫିଟିଲା କଲରାପତରିଆ ମୃତ୍ୟୁ ଗୁମର
- ବାର୍‌ହା ପାଇଁ ବିଦ୍ୟୁତ୍ ଫାଶରେ ପଡ଼ିଥିଲା ବାଘ
- ନାଳ ପାଖରେ ପକାଇ ପଳାଇ ଯାଇଥିଲେ

ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜ ସିଂଘାପଡ଼ା ଫରେଷ୍ଟ ସାପୁଆ ସଂରକ୍ଷିତ ଜଙ୍ଗଲ ବୁଢ଼ିଝରୀ ଗ୍ରାମ ନିକଟସ୍ଥ ନାଳ ପାଖରୁ ଉଦ୍ଧାର ହୋଇଥିବା କଲରାପତରିଆ ବାଘର ମୃତ୍ୟୁର ଗୁମର ଫିଟିଛି। ଅଟକ ୨ ଶିକାରୀ ବାଘ ମୃତ୍ୟୁ ସମ୍ପର୍କରେ ସ୍ୱୀକାର କରିବା ପରେ ବାର୍‌ହା ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଫାଶରେ ବାଘ ପଡ଼ି ପ୍ରାଣ ହରାଇଥିବା ସ୍ପଷ୍ଟ ହୋଇଛି। ବାର୍‌ହା ଯନ୍ତାରେ ବାଘ ପଡ଼ିଥିବା ଦେଖି ଶିକାରୀମାନେ ଭୟରେ ମୃତ ବାଘକୁ ନେଇ ନାଳରେ ଫୋପାଡ଼ି ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ବାଘ ଶିକାର ଘଟଣାରେ ବନ ବିଭାଗ ପକ୍ଷରୁ ବୁଢ଼ିଝରୀ ଗାଁର ଶୁକ୍ରୁ ପ୍ରଧାନ(୪୫) ଓ ସରଣ୍ଡା ଗାଁର ସୁଶାନ୍ତ ପ୍ରଧାନ(୨୫)ଙ୍କୁ ଗିରଫ କରାଯାଇଛି। ୨ ଶିକାରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବାଘ ନଖ ଓ ଦାନ୍ତ ଜବତ ହୋଇଛି। ତେବେ ବିଦ୍ୟୁତ୍ ଫାଶ ଜବତ ହୋଇ ନାହିଁ।

ବନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ମୃତ ବାଘର ବୟସ ୧ ବର୍ଷ ହେବ। ତା'ର ଲମ୍ବ ୬ଫୁଟ ୪ ଇଞ୍ଚ ବୋଲି ଜଣାପଡ଼ିଛି। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ପଚାରିବାରେ ବାର୍‌ହା ଯନ୍ତାରେ ବାଘ ପଡ଼ି ପ୍ରାଣ ହରାଇବା ପରେ ଶିକାରୀଙ୍କ ଭୟ ବଢ଼ି ଯାଇଥିଲା। ବାଘକୁ ନେଇ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲେ। ନଭେମ୍ବର ୨୮ରେ ଶିକାର ହୋଇଥିବା ଜଣାପଡିଛି। ଗତ ୩ ତାରିଖରେ ବାଘର ମୃତଦେହ ଜବତ ହୋଇଛି। ମୁଣ୍ଡ ଗାଏବ ଘଟଣା ମିଛ। ବାଘର ହାଡ଼ ଓ ଦାନ୍ତ ଜବତ ହୋଇଛି। ବାଘଟି କିଛିଦିନ ପଡ଼ି ରହିବା କାରଣରୁ ପଚିଯାଇଛି। ବିଦ୍ୟୁତ୍ ଫାଶକୁ ନେଇ ଲୁଚାଇ ରଖିଛନ୍ତି।

### ମୋ ନିର୍ଦ୍ଦୋଷ ସ୍ୱାମୀଙ୍କୁ ବନ ବିଭାଗ ଉଠାଇ ନେଇଛି

ବୁଢ଼ିଝରୀ ଗାଁର ଚାଇନା ପ୍ରଧାନ କହିଛନ୍ତି, ମୋ ସ୍ୱାମୀ ଶୁକ୍ରୁଙ୍କୁ ଖଣ୍ଡପଡ଼ା ବନ ବିଭାଗର କର୍ମଚାରୀ ଗତ ୩ ତାରିଖ ଅପରାହ୍ନ ୩ଟାରୁ ଉଠାଇ ନେଇ ଅଟକ ରଖିଛନ୍ତି। ମୋ ସ୍ୱାମୀ ନିର୍ଦ୍ଦୋଷ, ବାଘ ଶିକାର ଘଟଣାରେ ସମ୍ପୃକ୍ତ ନାହାନ୍ତି। ସେ ବାର୍‌ହା ପାଇଁ ବିଦ୍ୟୁତ୍ ଫାଶ ପକାଇ ନାହାନ୍ତି। ତେଣୁ ବାଘ ଶିକାର ଘଟଣାରେ ଅଟକ ରଖିବା କେତେଦୂର ଠିକ୍। ପୁଣି ଅଟକର ୨୪ ଘଣ୍ଟା ଭିତରେ କୋର୍ଟ ଚାଲାଣ କରାଯିବାର ନିୟମ ରହିଛି। ହେଲେ ୩ଦିନ ବିତିଯିବାକୁ ବସିଛି ମୋ ସ୍ୱାମୀଙ୍କୁ କାହିଁକି ଲୁଚାଇ ରଖାଯାଇଛି ବୁଝି ପାରୁନି ବୋଲି ସେ କହିଛନ୍ତି।

ବାଘ ଶିକାର ଘଟଣାରେ ବୁଢ଼ିଝରୀ ଗାଁର ଶୁକ୍ରୁ ଓ ସରଣ୍ଡା ଗାଁର ସୁଶାନ୍ତଙ୍କୁ ଅଟକ ରଖି ପଚାରାଉଚୁରା ପରେ ସତ ମାନିଛନ୍ତି। ଉଭୟ ଶିକାରୀଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ୨ଶିକାରଙ୍କ ସୂଚନା ଅନୁସାରେ, ରାତିରେ ବିଦ୍ୟୁତ୍ ଫାଶ ଜବତ ପାଇଁ ଚେଷ୍ଟା କରାଯାଇଛି। ଗୁରୁବାର ରାତିରେ ଅତର୍କିତ ଚଢ଼ାଉ କରାଯିବ ବୋଲି ନିଷ୍ପତ୍ତି ହୋଇଛି ବୋଲି ଷଡ଼ଙ୍ଗୀ କହିଛନ୍ତି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ



ମହିଳାଙ୍କ ଗାଁ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଭୋଗରାଇ, ୫।୧୨(ପ୍ରଦୀପ ଦାସ)

- ଶ୍ୱଶୁର, ଶାଶୁ ଫେରାର
- ମହିଳାଙ୍କ ରାସ୍ତାରୋକୋ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୁନାଇଁବସାଣ ପଞ୍ଚାୟତ ହରିପୁର ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୋଲିସ ମହିଳାଙ୍କ ମୃତଦେହ ଜବତ କରି ଏକ ମାମଲା (ନଂ. ୫୩୨/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ମୃତ ମହିଳା ହେଲେ ରାମକୃଷ୍ଣ ମାହାନାଙ୍କ ସ୍ତ୍ରୀ ସସ୍ମିତା ମାହାନା। ରାମକୃଷ୍ଣଙ୍କୁ ପୋଲିସ ଗିରଫ କରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଶାଶୁ ଓ ଶ୍ୱଶୁର ଫେରାର ହୋଇଯାଇଥିବା ଜଣାପଡିଛି।

ଶ୍ୱଶୁର ଓ ଶାଶୁଙ୍କ ଜ୍ଞାତସାରରେ ଝିଅ ବେକରେ ଆପ୍ରୋନ ଗୁଡ଼ାଇ ହତ୍ୟା କରାଯାଇଥିବା ମହିଳାଙ୍କ ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ଉଭୟ ବାପଘର ଓ ଶାଶୁ ଘର ଲୋକେ ମହିଳାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାପଘର ଲୋକେ ଓ ଗାଁ ଲୋକେ ମିଳିତ ହୋଇ ପୋଲିସ ଗାଡ଼ିରେ ଥିବା ଅଭିଯୁକ୍ତ ରାମକୃଷ୍ଣଙ୍କୁ ତାଙ୍କ ହାତରେ ଛାଡ଼ିଦେବାକୁ ଅଡ଼ିବସିଥିଲେ। ଏଭଳି ସ୍ଥିତିରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ଗାଡ଼ିକୁ ମଧ୍ୟ ମୃତା ମହିଳାଙ୍କ ଆତ୍ମୀୟସ୍ୱଜନମାନେ ଘେରିଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କିଛି ସମୟ ଉତ୍ତେଜନା ସୃଷ୍ଟି ହେବା ପରେ ଶତାଧିକ ମହିଳା ଶ୍ୱଶୁର ଓ ଶାଶୁଙ୍କୁ ଗିରଫ ଦାବିରେ ହସ୍ପିଟାଲ ସମ୍ମୁଖ ଭୋଗରାଇ ହାଟ ଥାନାଛକ ରାସ୍ତାକୁ ଅଧଘଣ୍ଟା ଅବରୋଧ କରି ନାରାବାଜି ପ୍ରଦର୍ଶନ କରିଥିଲେ। ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ମହିଳାଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ମୃତା ସସ୍ମିତାଙ୍କ ମା' ସବିତା ବେହେରାଙ୍କ କହିବାନୁଯାୟୀ, ବିବାହ ପାଖରୁ ସ୍ୱାମୀ ଓ ଶ୍ୱଶୁର ଝିଅକୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ଗ୍ରାମରେ ବାରମ୍ବାର ଏଥିପାଇଁ ବୈଠକ ବସି ସମାଧାନ ହୋଇପାରୁ ନ ଥିଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବିଳମ୍ବିତ ସମୟ ପର୍ଯ୍ୟନ୍ତ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ତାଙ୍କର ୨ ବର୍ଷର ଜଣେ ଝିଅ ଥିବା ସୂଚନା ମିଳିଛି।

## ଛାତ୍ରୀଙ୍କୁ ସାବତ ମା' ହତ୍ୟା କରିଥିବା ଅଭିଯୋଗ

ବ୍ରହ୍ମପୁର,୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଲାଠି ପଞ୍ଚାୟତ ବେନ୍ଦାଳିଆ ଗ୍ରାମର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ରାତିରେ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଶ୍ରୀୟା ସେଠୀ (୧୩)। ଅଷ୍ଟମ ଶ୍ରେଣୀରେ ପଢୁଥିବା ଶ୍ରୀୟାଙ୍କୁ ତାଙ୍କ ସାବତ ମା' ହତ୍ୟା କରିଛନ୍ତି ବୋଲି ମାମୁ ମିଥୁନ ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ ପରେ ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଶ୍ରୀୟାଙ୍କ ହାତରୁ ଏକ ଚିଠି ମିଳିଛି।

ବେନ୍ଦାଳିଆର ନରସିଂହ ସେଠୀ ଲାଠି ଗ୍ରାମର ରାମ ସେଠୀଙ୍କ ଝିଅ ମମତାଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ଝିଅ। ବଡ଼ଝିଅର ନାମ ଚୁମୁକି ଓ ସାନ ଝିଅର ନାମ ଶ୍ରୀୟା। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ନରସିଂହ ତାଙ୍କ ଗ୍ରାମର ପିଙ୍କିଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ପିଙ୍କିଙ୍କ ଏକ ପୁଅ ଜନ୍ମ ହୋଇଛି। ଗତବର୍ଷ ଏପ୍ରିଲ ୭ ତାରିଖରେ ସାପ କାମୁଡାରେ ନରସିଂହଙ୍କ ମୃତ୍ୟୁ ହୋଇଥିଲା। ୨ ଝିଅ ସାବତ ମା' ପିଙ୍କିଙ୍କ ପାଖରେ ରହୁଥିଲେ। ପିଙ୍କି ସାବତ ଝିଅ ଶ୍ରୀୟା ଓ ଚୁମୁକିଙ୍କୁ ନିର୍ଯାତନା ଦେଉଥିବା ନେଇ କୁଳ ସମାଜରେ ସେମାନେ ପୂର୍ବରୁ ଅଭିଯୋଗ କରିଥିଲେ। କୁଳ ସମାଜ ପିଙ୍କିଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲା। ଏହାସତ୍ତ୍ୱେ ନିର୍ଯାତନା ନ କମିବାରୁ ଚୁମୁକି ପୁଣି ସମାଜ ଓ ତାଙ୍କ ମାମୁଙ୍କୁ ଜଣାଇଥିଲେ। ବୁଧବାର ସନ୍ଧ୍ୟାରେ ଶ୍ରୀୟା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଓ ମୃତଦେହକୁ ତଳକୁ ଓହ୍ଲାଇଥିବା ନେଇ ପିଙ୍କି ସାହିପଡ଼ୋଶୀଙ୍କୁ କହିଥିଲେ। ଖବରପାଇ ଶ୍ରୀୟାଙ୍କ ମାମୁ ବେନ୍ଦାଳିଆରେ ପହଞ୍ଚି ଭାଣିଜୀଙ୍କ ମୃତଦେହ ଦେଖିଥିଲେ। ସାବତ ମା' ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ମାମୁ ମିଥୁନ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀୟାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଦାଗ ରହିଥିବା ପୋଲିସ କହିଛି। ଏ ନେଇ ନଂ. ୪୧୨/୨୪ରେ ମାମଲା ରୁଜୁ ହୋଇଛି।

## ବସ୍‌ରେ ନର୍ସିଂ ଛାତ୍ରୀଙ୍କୁ ଅସଦାଚରଣ, ୩ ଗିରଫ

ପାଲଲହଡା,୫।୧୨ (ଦିବ୍ୟଜ୍ୟୋତି ଦାଶ)

ଏକ ନାଇଟ୍ କୋଚ୍ ବସ୍‌ରେ ଅନୁଗୋଳରୁ ରାଉରକେଲା ଯାତ୍ରା କରୁଥିବା ଜଣେ ନର୍ସିଂ ଛାତ୍ରୀଙ୍କୁ ବୁଧବାର ରାତିରେ ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳର ୩ ଜଣ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ବସ୍ ଚାଳକଙ୍କୁ ମାଡ଼ ମଧ୍ୟ ମାରିଛନ୍ତି। ଏ ନେଇ ସମ୍ପୃକ୍ତା ନର୍ସିଂ ଛାତ୍ରୀ ଓ ବସ୍ ଚାଳକ ପାଲଲହଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୫୫ ଏବଂ ୩୫୬ରେ ୨ଟି ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏକ ଡାଏଲିସିସ୍ ସେଣ୍ଟରର କର୍ମଚାରୀ ଦେବେନ୍ଦ୍ର ଦାସ (୩୫), ଅଜୟ କୁମାର ସେଠୀ ଓ ବିକାଶ କୁମାର ସେଠୀ। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ କହିଛି, ଅନୁଗୋଳରୁ ରାଉରକେଲା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ରାତି ୧୦ଟା ୩୦ରେ ପାଲଲହଡା ଘରୋଇ ବସ୍‌ଷ୍ଟାଣ୍ଡ ଠାରେ କିଛି ସମୟ ଅଟକି ଥିଲା। କେତେଜଣ ଯାତ୍ରୀ ବସ୍‌ରୁ ଓହ୍ଲାଇ ଖାଇବାକୁ ଯାଇଥିବା ବେଳେ କେତେଜଣ ମହିଳା ଯାତ୍ରୀ ଗାଡ଼ିରେ ଥିଲେ। ଏହି ସମୟରେ ଅଭିଯୁକ୍ତମାନେ ମଦ୍ୟପାନ କରି ବସ୍ ଭିତରକୁ ପଶିଯାଇ ନର୍ସିଂ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ପାଟି କରିବାରୁ ବସ୍ ଚାଳକ ଧୀରେନ କୁମାର ମହାକୁଡ଼ ଅଭିଯୁକ୍ତମାନଙ୍କୁ ବିରୋଧ କରିଥିଲେ। ଫଳରେ ସମ୍ପୃକ୍ତ ୩ ଅଭିଯୁକ୍ତ ଚାଳକଙ୍କୁ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ଜଣେ ମହିଳା ଯାତ୍ରୀ ଥାନାକୁ ଫୋନ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ନେଇଥିଲା। ନର୍ସିଂ ଛାତ୍ରୀ ଓ ବସ୍ ଚାଳକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ୪୦ କିଲୋ ହରିଣ ମାଂସ ଜବତ, ୨ ଗିରଫ

ଏରସମା/କୁଜଙ୍ଗ/ମହାକାଳପଡ଼ା, ୫।୧୨ (ଦୀପ୍ତି ଖଣ୍ଡୁଆଳ/ମନୋଜ ପ୍ରଧାନ /ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବନାଞ୍ଚଳ ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଓଲରା ପୋଲ ନିକଟରୁ ବୁଧବାର ଅପରାହ୍ନରେ ୪୦ କିଲୋ ହରିଣ ମାଂସ ଜବତ କରାଯାଇଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜଗରିଯୋର ଫରେଷ୍ଟ ବିଟ୍ ଅଧୀନ ସୁନୀତି ଅଞ୍ଚଳର ରାମ କାମଳିଆ (୩୫) ଓ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୁଲଦିଆର ଗଣେଶ ମଣ୍ଡଳ (୩୨)। ସେମାନଙ୍କ ନିକଟରୁ ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଉଭୟ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରୁ ଏହି ହରିଣ ମାଂସକୁ ଏକ ପଲିଥିନରେ ଭର୍ତ୍ତି କରି ପଦ୍ମପୁର ପଞ୍ଚାୟତକୁ ବିକ୍ରି କରିବାକୁ ନେଉଥିଲେ। କୌଣସି ସୂତ୍ରରୁ ଖବରପାଇ ହାୱାଖାନା ବନ ବିଭାଗ ଫରେଷ୍ଟର ମଙ୍ଗଳ ହେମ୍ବ୍ରମ, ଫରେଷ୍ଟ ଗାର୍ଡ ଶ୍ରୀରାମ ମୁର୍ମୁ, ଜଗୁଆଳି ଯାଦବ ଦାସ, ବାପିନା ଭଞ୍ଜ, ପ୍ରଦୀପ ମାହାଳି ପ୍ରମୁଖ ସଦଳବଳ ଓଲରା ପୋଲ ନିକଟରେ ଚଢ଼ାଉ କରି ରାମ ଓ ଗଣେଶଙ୍କୁ ଧରିଥିଲେ। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ. ୩୪/୨୪) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ନିୟମିତଭାବେ ହରିଣ ଶିକାର କରି ବିଭିନ୍ନ ବଜାରରେ ମାଂସ ବିକ୍ରି କରନ୍ତି ବୋଲି ପଚରାଉଚରାବେଳେ ସ୍ୱୀକାର କରିଥିବା ଫରେଷ୍ଟର ହେମ୍ବ୍ରମ୍ କହିଛନ୍ତି।



୨ ଅଭିଯୁକ୍ତଙ୍କ ସହ ଜବତ ହରିଣ ମାଂସ।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ସର ଲବଣୀ
କିଏ ଲୋଡ଼ିଲେ ନ ପାଏ କାକର ପାଣି।**

ନିଜ ଜୀବଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କହି ଜାଣିଲେ ବାର ହାତ କାକୁଡ଼ିର
ତେର ହାତ ମଞ୍ଜି।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟରୁ ଲୁଟ୍ ଉଦ୍ୟମ

### ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ କର୍ମଚାରୀ ଗୁରୁତର, ଜଣେ ଅଟକ

ଫୁଲବାଣୀ,୫।୧୨
(ରାକେଶ କୁମାର ରାଉତ)

ଫୁଲବାଣୀ ସାହିରେ ଥିବା ଏକ ଘରୋଇ ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଦୁର୍ବୃତ୍ତଙ୍କ ସହ ଧସ୍ତାଧସ୍ତି ବେଳେ ଦୁଇ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଟାଉନଥାନା ପୋଲିସ ନଂ.୨୬୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜଣଙ୍କୁ ଅଟକ ରଖିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ହୋଇ ଯାଇଛନ୍ତି। ଖବରରୁ ଜଣାପଡିଛି, ଅଧିକାର ଫାଇନାନ୍ସ ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ତିନିଜଣ କର୍ମଚାରୀ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଋଣ ଟଙ୍କା ଆଦାୟ କରି ଫୁଲବାଣୀ ସାହିରେ ଥିବା କାର୍ଯ୍ୟାଳୟରେ ପହଞ୍ଚି ରାତି ପ୍ରାୟ ୧୦ଟା ବେଳେ ବସି ଗଣୁଥିଲେ। ଏହି ସମୟରେ ୩ଜଣ ମୁଖାଧାରୀ ଯୁବକ ପହଞ୍ଚିଥିଲେ। ଜଣେ କାର୍ଯ୍ୟାଳୟ ବାହାରେ ରହିଥିବା ବେଳେ ଅନ୍ୟ ଦୁଇଜଣ ଭିତରେ ପଶି କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ମାଗିଥିଲେ। କର୍ମଚାରୀମାନେ ଟଙ୍କା ନ ଦେବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ।



ଉଭୟ କର୍ମଚାରୀ ଶ୍ରୀକାନ୍ତ ପ୍ରଧାନ ଓ ଲିଖନ ମଲ୍ଲିକ ଆହତ ହୋଇଛନ୍ତି। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଜଣେ ଦୁର୍ବୃତ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା କରାଇଥିଲା। ଧରାପଡିଥିବା ଜଣଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି। ଘଟଣା ସ୍ଥଳରୁ ଗୋଟିଏ ରିଭଲଭର ଜବତ ହୋଇଛି। ତେବେ ଦୁର୍ବୃତ୍ତମାନେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ କିଛି ଟଙ୍କା ଛଡାଇ ନେଇଥିବା କୁହାଯାଉଛି। ତେବେ କେତେ ଟଙ୍କା ନେଇଛନ୍ତି ତାହା ସ୍ପଷ୍ଟ ହୋଇନି। ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କନକ ମାଝୀ କହିଛନ୍ତି।

## ବନ୍ଦ ଘରୁ ଡ୍ରାଇଭରଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

କାକଟପୁର/ଅସ୍ତରଙ୍ଗ, ୫।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଏକ ବନ୍ଦ ଘରୁ ଗୁରୁବାର ଜଣେ ଡ୍ରାଇଭରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଏହି ଗ୍ରାମର ରଞ୍ଜିତ କୁମାର ନାୟକ। ଋଣଚାପ ଅସହ୍ୟ ହେବାରୁ ସେ ନିଜ ଘରେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କବିତା ନାୟକ ପୋଲିସକୁ କହିଥିବାବେଳେ ଭଉଣୀ ଲୋଭା ରାଉତ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି ଯେ, ଭାଉଜ କବିତା ଓ ଜଣେ ପୁରୁଷବନ୍ଧୁ ମିଶି ତାଙ୍କ ସାନଭାଇ ରଞ୍ଜିତଙ୍କୁ ତଣ୍ଟି ଚିପି ହତ୍ୟା କରିଛନ୍ତି। ଏହି ଅଭିଯୋଗ ଭିତ୍ତିରେ ପୋଲିସ ଏକ କେସ୍ (ନଂ.୨୪୦/୨୪) ରୁଜୁ କରିଛି। ଅନ୍ୟପଟେ ପାରିବାରିକ କଳହ ଓ ମାନସିକ ଅସ୍ଥିରତାକୁ ନେଇ ସର୍ବଦା ଚିନ୍ତିତ ରହୁଥିବା ରଞ୍ଜିତଙ୍କୁ ଯୋଜନାବଦ୍ଧ ଭାବେ ମାରିଦିଆଯାଇଛି ବୋଲି ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ସନ୍ଦେହ ବ୍ୟକ୍ତ କରିଛନ୍ତି। ତେଣୁ ରଞ୍ଜିତ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଏବେ ପ୍ରଶ୍ନବାଚୀ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳକୁ ଯାଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।



ସୂଚନା ଅନୁଯାୟୀ, ରଞ୍ଜିତ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପନିମାଳସ୍ଥିତ କବିତା ନାୟକଙ୍କୁ ବିବାହ କରିଥିଲେ। ତେବେ ଅଧିକାଂଶ ସମୟରେ ଏହି ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ହେଉଥିଲା। ଗୁରୁବାର ସକାଳେ ବନ୍ଦ କୋଠରିରେ ରଞ୍ଜିତଙ୍କୁ ଝୁଲନ୍ତା ଅବସ୍ଥାରେ କବିତା ଦେଖି କବାଟ ଖୋଲି ତାଙ୍କ ବେକରୁ ଗାମୁଛା ଫିଟାଇ ତଳେ ଆଣି ଶୁଆଇଦେଇଥିଲେ। ଏହାପରେ ଥାନାକୁ ଯାଇ ସ୍ୱାମୀ ଆତ୍ମହତ୍ୟା କରିଥିବା ନେଇ ଏତଲା ଦେଇଥିଲେ। ରଞ୍ଜିତ ଋଣଭାର ଚିନ୍ତାରେ ରହୁଥିଲେ ବୋଲି କବିତା କହିଥିବାବେଳେ ଜ୍ୱାଇଁ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା କହିଛନ୍ତି। ପୋଲିସ ରଞ୍ଜିତଙ୍କ ଘରେ ପହଞ୍ଚି ଅନୁସନ୍ଧାନ କରୁଥିବାବେଳେ ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ପ୍ରତିକ୍ରିୟାରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲା। ସେହିପରି କବିତା ଓ ତାଙ୍କ ବାପାଙ୍କ ବୟାନକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି। ତେଣୁ ଥାନାଧିକାରୀ ଉମେଶ କୁମାର ସାହୁ, ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ ଏବଂ ଜୟନ୍ତୀ ସାହୁ ପ୍ରମୁଖ ଥାନାକୁ କବିତା ଓ ତାଙ୍କ ପୁଅ, ଝିଅଙ୍କୁ ଡକାଇ ପୃଥକ୍ ଭାବେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପଚରାଉଚରା କରିଛନ୍ତି। କବିତାଙ୍କ ମୋବାଇଲ ଫୋନ ଜବତ କରାଯାଇଛି। ଅନ୍ୟପଟେ ରଞ୍ଜିତଙ୍କ କେତେଜଣ ସମ୍ପର୍କୀୟ କହିଛନ୍ତି, କିଛି ମାସ ତଳେ ଶ୍ମଶାନରେ ରଞ୍ଜିତଙ୍କ ବାପା ପ୍ରାଣ ହରାଇଥିଲେ। ରଞ୍ଜିତ ସବୁବେଳେ ଚିନ୍ତାରେ ରହୁଥିଲେ। ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତ ଶରୀରକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଯାଇଛି। ପୋଲିସ ୨ଟି ପୃଥକ୍ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ ସାଙ୍ଗକୁ ପୋଲିସର ତଦନ୍ତ ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

# ଟି୨୦ ସିରିଜ, ଦିନିକିଆରେ ଭାରତ ବିଜୟୀ

## କିଟ୍‌ରେ ଭାରତ-ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରିକେଟ

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଆନୁକୂଲ୍ୟରେ ଭାରତ ଓ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଗୁରୁବାର କିଟ୍ ଷ୍ଟାଡିୟମରେ ଶେଷ ହୋଇଛି। ଏହି ସିରିଜରେ ୩ଟି ଟି୨୦ ଓ ଗୋଟିଏ ଦିନିକିଆ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜକୁ ଭାରତ ୨-୧ରେ ଜିତିଛି। ଏକମାତ୍ର ଦିନିକିଆ ମ୍ୟାଚରେ ମଧ୍ୟ ଭାରତୀୟ ଦଳ ୧୧୩ ରନରେ ବିଜୟୀ ହୋଇଛି। ଭାରତୀୟ ଦଳ ୪୪.୩ ଓଭରରେ ୨୯୬ ରନକରି ଅଲ୍ଆଉଟ ହୋଇଥିଲା। ପ୍ରଞ୍ଜଲ ସଇନି ସର୍ବାଧିକ ୫୭, ଦିପିନ ଚିକ୍କାରା ୫୧ ଓ ପାର୍ଥସାରଥି ନାୟକ ୪୪ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ କାଭି ସଇନି ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଦଳ ୪୨.୧ ଓଭରରେ ୧୮୩ ରନରେ ସମସ୍ତ ଉଇକେଟ ହରାଇଥିଲା। ଜ୍ୟାକସନ କେଣ୍ଟ ସର୍ବାଧିକ ୩୧ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦିପିନ ଚିକ୍କାରା, ତୁଷାର ଚୋର୍ଡିଆ ଓ ନୀତୀଶ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦିପିନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଆଇୟୁ ଯୁଗ୍ମ ସମ୍ପାଦକ (କ୍ରୀଡ଼ା ଓ ଯୁବ ବ୍ୟାପାର) ବଳଜିତ ସିଂ ଶେଖୋଁ, ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମୁଖ୍ୟ ଡେଭିଡ ଆଣ୍ଟୋନ ସ୍କମୁଡେ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ନୁର୍ ମହମ୍ମଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏପରି ଏକ ଐତିହାସିକ ସିରିଜର ଅଂଶୀଦାର ହୋଇଥିବାରୁ ଭାରତ ଓ ଅଷ୍ଟ୍ରେଲିଆ ଦଳର ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ।

## ସର୍ବଭାରତୀୟ ବେସାମରିକ କବାଡ଼ି ଲାଗି ଓଡ଼ିଶା ଦଳ ଚୟନ ୮ରେ

**ଭୁବନେଶ୍ୱର, ୫।୧୨ (ବିଜୟ ରଣା)**

ନୂଆଦିଲ୍ଲୀରେ ଆସନ୍ତା ଜାନୁଆରୀ ୧ରୁ ୮ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ୨୦୨୪-୨୫ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳ ଚୟନ ଆସନ୍ତା ରବିବାର ୮ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଗେଟ୍-୫ ପଛ ପାର୍କିଂ ସ୍ଥାନରେ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଖେଳାଳିମାନେ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟପତ୍ର ସହ ଏକ ପାସପୋର୍ଟସାଇଜ୍ ଫଟୋ ଏବଂ ନିଜ ବିଭାଗ/ଅଫିସରୁ ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ସଙ୍ଗରେ ଆଣି ଚୟନପ୍ରକ୍ରିୟାରେ ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ଓଡ଼ିଶା ସେକ୍ରେଟାରିଏଟ୍ ଏମ୍ପ୍ଲଇଜ୍ ଆଥ୍ଲେଟିକ୍ ଆସୋସିଏଶନର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ କରାଯାଇଛି।

## ଅଲ୍‌ଟେନବର୍ଗ କଳିଙ୍ଗ ଲାନ୍ସର୍ସ କୋଚ୍

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ ପାଇଁ କ୍ରମେ ଉତ୍ସାହ ବଢ଼ିବାରେ ଲାଗିଛି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜର୍ମାନୀର ଭାଲେଣ୍ଟିନ ଅଲ୍‌ଟେନବର୍ଗଙ୍କୁ କୋଚ୍‌ଭାବେ ନିଯୁକ୍ତ କରିଛି। ୪୩ ବର୍ଷୀୟ ଅଲ୍‌ଟେନବର୍ଗ ଜର୍ମାନୀର ସର୍ବକନିଷ୍ଠ କୋଚ୍ ଏବଂ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କୋଚିଂ ଦେବାରେ ତାଙ୍କର ଅଭିଜ୍ଞତା ରହିଛି। ଅଲ୍‌ଟେନବର୍ଗଙ୍କ ପ୍ରଶିକ୍ଷଣରେ ଜର୍ମାନୀ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲା। ଏହା ବ୍ୟତୀତ ୨୦୧୯ ଓ ୨୦୨୧ରେ ରୌପ୍ୟ ଏବଂ ୨୦୨୩ରେ ବ୍ରୋଞ୍ଜ ପଦକ ଜିତିଥିବା ଜର୍ମାନୀ ୟୁରୋପିଆନ ଚାମ୍ପିୟନଶିପ୍ ଦଳର ମଧ୍ୟ ସେ କୋଚ୍ ଥିଲେ। ବେଦାନ୍ତ କଳିଙ୍ଗ ଲାନ୍ସର୍ସର କୋଚ୍‌ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଉରକେଲାରେ ଡିସେମ୍ବର ୩୦ରେ ୟୁପି ରୁଦ୍ରସ ବିପକ୍ଷରେ ମ୍ୟାଚ ଖେଳି ଲାନ୍ସର୍ସ ଅଭିଯାନ ଆରମ୍ଭ କରିବ।

## ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବିଜୟନଗରମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨ ଉଇକେଟରେ ଚଣ୍ଡିଗଡ଼ଠାରୁ ହାରି ଯାଇଛି। ଲଢୁଆ ବ୍ୟାଟିଂ କରିଥିବା ଓଡ଼ିଶା ଗୌରବ ଚୌଧାରୀଙ୍କ ୩୯ ବଲ୍‌ରୁ ୭୪ ଓ ଆଶୀର୍ବାଦ ସ୍ୱାଇଁଙ୍କ ୨୨ ବଲ୍‌ରୁ ଅପରାଜିତ ୪୩ ରନ ସହାୟତାରେ ୨୦ ଓଭରରେ ୭ ଉଇକେଟ ହରାଇ ୨୦୭ ରନ କରିଥିଲା। ବିପକ୍ଷ ଦଳର ଜଗଜିତ ସିଂ, ନିଖିଲ ଶର୍ମା ଓ ରାଜ ବାୱା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଚଣ୍ଡିଗଡ଼ ୧୯.୫ ଓଭରରେ ୮ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରି ନେଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ତରନି ସା, ଜାମଲା ମହାପାତ୍ର ଓ ରାକେଶ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୬ ମ୍ୟାଚରୁ ଏହାଥିଲା ଓଡ଼ିଶାର ୪ର୍ଥ ପରାଜୟ।

## କୃଷ୍ଣପ୍ରିୟା, ଶୁଭଶ୍ରୀଙ୍କ କୃତିତ୍ୱ


ମ୍ୟାନେଜର ମନୋଜ ମହାପାତ୍ରଙ୍କ ସହ କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଡ଼ା।

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଅଡ଼ଶପୁରର ୟୁଏନ୍ କଲେଜ ଆନୁକୂଲ୍ୟରେ ୭୩ତମ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ ଆଥ୍ଲେଟିକ୍ ମିଟ୍ ଗୁରୁବାର ଶେଷ ହୋଇଛି। ଏଥିରେ ଏକାମ୍ର କଲେଜ ପକ୍ଷରୁ ପ୍ରତିନିଧିତ୍ୱ କରି କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଡ଼ା କୃତିତ୍ୱ ହାସଲ କରିଛନ୍ତି। କୃଷ୍ଣପ୍ରିୟା ୧୦୦ ଓ ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଶୁଭଶ୍ରୀ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କ୍ରିକେଟ କୋଚ୍ ମନୋଜ ମହାପାତ୍ର ଏକାମ୍ର ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ।

## ଟି୨୦ କ୍ରିକେଟରେ ସର୍ବୋଚ୍ଚ ସ୍କୋର

**ଇନ୍ଦୋର, ୫।୧୨ (ପି.ଟି.):** ଟି୨୦ କ୍ରିକେଟ ଇତିହାସରେ ସର୍ବୋଚ୍ଚ ସ୍କୋର କରିବାର ଗୌରବ ଅର୍ଜନ କରିଛି ବରୋଦା। ଇନ୍ଦୋରଠାରେ ମୁସ୍ତାକ ଅଲୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସିକିମ ବିପକ୍ଷ ମ୍ୟାଚରେ ଦଳ ୨୦ ଓଭରରେ ୩୪୯ ରନ ସଂଗ୍ରହ କରିଛି। ଅନ୍ୟପକ୍ଷରେ ପଞ୍ଜାବର ଅଭିଷେକ ଶର୍ମା ଜଣେ ଭାରତୀୟ ଖେଳାଳି ହିସାବରେ ୨୮ ବଲ୍‌ରେ ଶତକ ହାସଲ କରି ଏହି ଫର୍ମାଟରେ ରେକର୍ଡ ସମକକ୍ଷ ହୋଇପାରିଛି। ଉଭୟ ରେକର୍ଡ ଅବଶ୍ୟ ଦୁର୍ବଳ ଦଳ ବିପକ୍ଷରେ ହୋଇଛି। ଶର୍ମା ରାଜକୋଟଠାରେ ମେଘାଳୟ ବିପକ୍ଷରେ ଏହି ଦ୍ରୁତ ଶତକ ହାସଲ କରିଛନ୍ତି। ପୂର୍ବରୁ ଗୁଜରାଟର ଉର୍ଭିଲ ପଟେଲ ତ୍ରିପୁରା ବିପକ୍ଷ ସୟଦ ମୁସ୍ତାକ ଅଲି ମ୍ୟାଚରେ ୨୮ ବଲ୍‌ରେ ଶତକ ହାସଲ କରି ଟି୨୦ରେ ରେକର୍ଡ ପ୍ରତିଷ୍ଠା କରିଥିଲେ। ଶର୍ମା ୨୯ ବଲ୍‌ରେ ୧୦୬ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ମାତ୍ର ୯.୩ ଓଭରରେ ୧୪୩ ରନର ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା। ଟି୨୦ରେ ଦ୍ରୁତତମ ଶତକ ରେକର୍ଡ ଇସ୍ତୋନିଆର ସାହିଲ ଚୌହାନଙ୍କ ନାମରେ ରହିଛି। ଚଳିତବର୍ଷ ପ୍ରାରମ୍ଭରେ ସେ ସାଇପ୍ରସ ବିପକ୍ଷରେ ୨୭ ବଲ୍‌ରେ ଶତକ ହାସଲ କରିଥିଲେ। ଇନ୍ଦୋରରେ ବରୋଦା ଆହୁରି ମଧ୍ୟ ଏହାର ବିଶାଳ ସ୍କୋରରେ ରେକର୍ଡ ୩୭ ଛକା ଲଗାଇଛି। ବରୋଦା ଭାରତୀୟ ଟି୨୦ ଦଳ ଭାବେ ୩୦୦ରୁ ଅଧିକ ରନ ସଂଗ୍ରହ କରିବାରେ ଏକ ରେକର୍ଡ କରିଛି। ଦଳର ନମ୍ବର ୩ ବ୍ୟାଟର ଭାନୁ ପାନିଆ ସବୁଠାରୁ ଦୁର୍ଦ୍ଧର୍ଷ ବ୍ୟାଟର ଥିଲେ। ସେ ମାତ୍ର ୫୧ ବଲ୍‌ରେ ୧୩୪ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୧୧ ଛକା ଓ ୫ ଚୌକା ସାମିଲ ଥିଲା। ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ସିକ୍କିମ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୬ ରନ କରିଥିଲା। ଫଳରେ ବରୋଦା ମ୍ୟାଚକୁ ୨୬୩ ରନରେ ଜିତି ନେଇଥିଲା।

# ଓଡ଼ିଶା ଏଫ୍‌ସି-ମୁମ୍ବାଇ ମ୍ୟାଚ ଡ୍ର


କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍। (ଫଟୋ: ବିକାଶ ନାୟକ)

### ଇଣ୍ଡିଆନ ସୁପର ଲିଗ୍

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ମ୍ୟାଚ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଉଭୟ ଦଳର ଖେଳାଳିମାନେ ଏକାଧିକ ସୁଯୋଗ ହାତଛଡ଼ା କରିଥିଲେ। ୧୧ ମ୍ୟାଚରୁ ୧୬ ପଏଣ୍ଟ ସହିତ ଓଡ଼ିଶା ଏଫ୍‌ସି ଟେବୁଲର ୪ର୍ଥ ସ୍ଥାନ ଅଧିକାର କରିଛି। ଲଗାତର ୪ ମ୍ୟାଚରେ ଦଳ ଅପରାଜେୟ ରହିଛି। ପୂର୍ବ ୩ ମ୍ୟାଚରେ ଦଳ ଯଥାକ୍ରମେ ବେଙ୍ଗାଲୁରୁ ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ବିଜୟୀ ହୋଇଥିବାବେଳେ ଟେବୁଲ ଟପ୍ପର ମୋହନ ବାଗାନ ସୁପର ଜାଏଣ୍ଟ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। ଅନ୍ୟପକ୍ଷରେ ମୁମ୍ବାଇ ଦଳ ୧୦ ମ୍ୟାଚରୁ ୧୪ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି।

## ସେମିରେ ହାରିଲା ଓଡ଼ିଶା

**ସିକନ୍ଦରାବାଦ, ୫।୧୨ (ପି.ଟି.)**

୧୪ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ହାରିଯାଇଛି। ଗୁରୁବାର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଝାଡ଼ଖଣ୍ଡ ୩-୨ ଶୁଟ୍‌ଆଉଟ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଖେଳ ୮ମ ମିନିଟ୍‌ରେ ମାନ୍‌ଝି ପୁଷ୍ପାଙ୍କ ଗୋଲ୍ ବଳରେ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା।

## ସ୍କୁଲ ଗେମ୍ସ ହ୍ୟାଣ୍ଡବଲରେ ଭାଗନେବେ ଓଡ଼ିଶାର ସୁପ୍ରଜିତ

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଚଳିତ ମାସ ୧୧ରୁ ୧୭ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାରେ ୬୮ତମ ସ୍କୁଲ ଗେମ ହ୍ୟାଣ୍ଡବଲ (୧୯ ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ସୁପ୍ରଜିତ ବେହେରା ଏଥିରେ ଅଂଶଗ୍ରହଣ କରିବେ। ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ୍ ବ୍ରାହ୍ମିନ ହେଉଛନ୍ତି ସୁପ୍ରଜିତଙ୍କ ଆଦର୍ଶ। ବାଣୀବିହାରରେ ରହୁଥିବା ସୁପ୍ରଜିତ ପ୍ରତ୍ୟେକ ଦିନ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ହ୍ୟାଣ୍ଡବଲ କ୍ରୀଡ଼ାର କଳାକୌଶଳ ଶିକ୍ଷା କରି ସିଦ୍ଧି ଲାଭ କରିଛନ୍ତି। ବାପା ଉମାକାନ୍ତ ବେହେରା ଏବଂ କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସର ପ୍ରିନ୍ସିପାଲ ରଜତ କୁମାର ମଲ୍ଲିକଙ୍କ ଉତ୍ସାହ ଓ ସମର୍ଥନ ଯୋଗୁ ସୁପ୍ରଜିତ ହ୍ୟାଣ୍ଡବଲ କ୍ରୀଡ଼ାକୁ କ୍ୟାରିୟର ଭାବେ ଗ୍ରହଣ କରିଛନ୍ତି।


ସୁପ୍ରଜିତ ବେହେରା

# ଭାଗନେବେ ୨୫ ଦେଶର ୭୦୦ ପ୍ରତିଯୋଗୀ

## ସୋଆରେ ହେବ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବ

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବ ଚଳିତ ମାସ ୧୫ରୁ ଆରମ୍ଭ ହେବ। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଓ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) ଦ୍ୱାରା ନର୍ମ ଟୁର୍ନାମେଣ୍ଟର ମାନ୍ୟତା ପାଇଥିବା ଏହି ପ୍ରତିଯୋଗିତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୫ ଦେଶର ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୭୦ ଟାଇଟଲଧାରୀ ଖେଳାଳି ସାମିଲ ବୋଲି ଗୁରୁବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ୩ ବର୍ଗରେ ଅନୁଷ୍ଠିତ ହେବ। ୧୦ ରାଉଣ୍ଡ ବିଶିଷ୍ଟ 'ଏ' ବର୍ଗରେ ୧୯୦୦ ଏଲୋ ରେଟିଂରୁ ଊର୍ଦ୍ଧ୍ୱ, 'ବି' ବର୍ଗରେ ୧୮୯୯ ରେଟିଂରୁ କମ୍ ଏବଂ 'ସି' ବର୍ଗରେ ୧୫୯୯ରୁ କମ୍ ରେଟିଂପ୍ରାପ୍ତ ଖେଳାଳି ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ପାଇଁ ମୋଟ ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। 'ଏ' ବର୍ଗର ଚାମ୍ପିୟନ ଓ ରନରଅପ୍‌ଙ୍କୁ ଟ୍ରଫି ସହ ଯଥାକ୍ରମେ ୫ ଲକ୍ଷ ୫୦ ହଜାର ଓ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି 'ବି' ଓ 'ସି' ବର୍ଗର ଚାମ୍ପିୟନ ଓ ରନରଅପ୍‌ଙ୍କୁ ଯଥାକ୍ରମେ ୭୫,୦୦୦ ଓ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଇମ୍ପେରିଓ ଗ୍ରୁପ୍‌ର ଏମ୍‌ଡି ତଥା ଆୟୋଜକ କମିଟି ଚେୟାରମ୍ୟାନ ଅବିନାଶ ସାମଲ କହିଛନ୍ତି।

'ଏ' ବର୍ଗର ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ବର୍ତ୍ତମାନ ସୁଦ୍ଧା ଭାରତ ସମେତ ବାଂଲାଦେଶ, ବେଲାରୁଷ, ବୋସନିଆ, କଲମ୍ବିଆ, ଇଜିପ୍ଟ, ଫ୍ରାନ୍ସ, ଇଣ୍ଡୋନେସିଆ, ଇସ୍ରାଏଲ, କାଜାଖସ୍ତାନ, ମଙ୍ଗୋଲିଆ, ନାମିବ୍ୟା, ନେପାଳ, ପାରାଗୁଏ, ଫିଲିପାଇନ୍ସ, ରୁଷିଆ, ସିଙ୍ଗାପୁର, ଶ୍ରୀଲଙ୍କା, ସ୍ଲୋଭାକିଆ, ତୁର୍କମେନିସ୍ତାନ, ଉଗାଣ୍ଡା, ଆମେରିକା, ଭିଏତ୍‌ନାମ, ଜିମ୍ବାୱେ, କିର୍‌ଗିଜସ୍ତାନ ଆଦି ଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ଆର୍ବିଟର ଇର୍ଫାନ ଏମ୍. ଏବଂ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ତାପସ କୁମାର ମହାନ୍ତି ସହକାରୀ ଆର୍ବିଟର ଭାବେ ଦାୟିତ୍ୱ ତୁଲାଇବେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୨ଟି ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଟୁର୍ନାମେଣ୍ଟ ଆୟୋଜନ କରି ଏଓସିଏ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ବୋଲି ଏହାର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବ ଚାଲିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ଡିନ୍ (ଏସ୍‌ଆର୍‌ଆଇସି) ପି.କେ. ପାତ୍ର, ଡିନ୍ (ଷ୍ଟୁଡେଣ୍ଟ୍ସ ୱେଲଫେୟାର) ଜ୍ୟୋତିରଞ୍ଜନ ଦାସ, ଏଓସିଏ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋଇ, ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଭଲିବଲ୍ ଖେଳାଳିରୁ ପ୍ରଶାସକ

ଜାତୀୟ ସ୍ତରୀୟ ଜଣେ ଭଲିବଲ୍ ଖେଳାଳିରୁ ପ୍ରଶାସକ ହୋଇ ଉଦାହରଣ ପାଲଟିଛନ୍ତି ଚନ୍ଦନ କୁମାର ମଣ୍ଡଳ। ପରିବାରର ଅଭାବ ସତ୍ତ୍ୱେ କଠିନ ପରିଶ୍ରମ, ସ୍ଥିର ଲକ୍ଷ୍ୟ ଓ ସଂଘର୍ଷ ପାଇଁ ଚନ୍ଦନ ସଫଳତା ପାଇଥିବା କହିଛନ୍ତି। ୧୬।୫।୧୯୮୨ରେ ଜନ୍ମିତ ଚନ୍ଦନ ହେଉଛନ୍ତି ଶ୍ରୀକାନ୍ତ ମଣ୍ଡଳ ଓ ମହେଶ୍ୱରୀଙ୍କ ଅଷ୍ଟମ ସନ୍ତାନ। ବାଲେଶ୍ୱରର ଭୋଗରାଇ ଥାନା ଅଞ୍ଚଳର ଅଖ୍ୟାତପଲ୍ଲି ଟୁକୁରିହାଜରା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପରିବାରର ଭରଣ ପୋଷଣ ନେଇ ମା' ଓ ବାପା ଦୁଃଖରେ ଗତି କରୁଥିବାରୁ ଚନ୍ଦନ ନିଜ ଗୋଡ଼ରେ ଠିଆ ହେବା ପାଇଁ ଚିନ୍ତା କରିଥିଲେ। ପାଖ ପଶ୍ଚିମବଙ୍ଗରୁ ପ୍ରତ୍ୟେକ ଦିନ ସାଇକେଲ୍‌ରେ ଡିଜେଲ୍ ଆଣି ନିଜ ଗ୍ରାମ ବଜାରରେ ବିକ୍ରୟ କରିସାରି ଖେଳ ଅଭ୍ୟାସ କରିଥାନ୍ତି। ଅଷ୍ଟମ ଶ୍ରେଣୀରେ ଫୁଲବାଣୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବାବେଳେ ସେ ୧୯୯୭ରେ ପ୍ରଥମେ ଜିଲାସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟରେ ଭାଗନେବାର ସୁଯୋଗ ପାଇଥିଲେ। ସେଠାରେ ସେ ସଫଳତାର ସ୍ୱାଦ ଚାଖିଥିଲେ। ପରେ ଗୁରୁ ସୁଧାଂଶୁ ପ୍ରଧାନ ତାଙ୍କୁ ଚୟନ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ତାଲିମ ଦେଇଥିଲେ, ଯାହା ବାଲେଶ୍ୱର ଜିଲା ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ତାଙ୍କର ଡାକ ନାମଥିଲା ଝଣ୍ଟୁ। ଧୀରେ ଧୀରେ ଝଣ୍ଟୁ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଗୋଟିଏ ପରେ ଗୋଟିଏ ସଫଳତା ଲାଭ କରିବା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ୨୦୦୧ ମସିହାରେ ଅନ୍ୟ ଏକ ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ଦିଲ୍ଲୀପ ତିର୍କୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେଥିପାଇଁ ସେ କଠିନ ପରିଶ୍ରମ କରିବା ସହ ଖେଳକୁଦ କରିଥିଲେ। ଦୀର୍ଘ ୧୦ ବର୍ଷ ସେ ସର୍ବଭାରତୀୟ ଖେଳରେ ଭାଗନେଇ ପ୍ରଶଂସାର ପାତ୍ର ପାଲଟିଥିଲେ। ପରେ ସେ ୨୦୦୮ରେ ସ୍ତ୍ରୀ ମୋନାଲିସା ମଣ୍ଡଳଙ୍କ ପ୍ରେରଣାରେ ଡିଡିସିଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଯୁକ୍ତ୩ ପାସ୍ କରିଥିଲେ।

ପରେ ଚନ୍ଦନ ପୋଲିସ୍ ସବ୍‌ଇନ୍ସପେକ୍ଟର ଏବଂ ଅବକାରୀ ସବ୍‌ଇନ୍ସପେକ୍ଟର ପରୀକ୍ଷା ଦେଇଥିଲେ। ଏକ କୋଚିଂ ସେଣ୍ଟରର ନିର୍ଦ୍ଦେଶକ ନିର୍ମଳ ରାଉତ ବିନା ପାଉଣାରେ ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଦୁଇଟି ଯାକ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିଲେ। ତେବେ ପୋଲିସ୍ ସବ୍‌ଇନ୍ସପେକ୍ଟର ପରିବର୍ତ୍ତେ ଏକ୍ସାଇଜ୍ ସବ୍‌ଇନ୍ସପେକ୍ଟର ଚାକିରିକୁ ପସନ୍ଦ କରିଥିଲେ। ଅଧ୍ୟବସାୟ ଓ ସ୍ଥିର ଲକ୍ଷ୍ୟ କେବେ ବ୍ୟର୍ଥ ଯାଏ ନାହିଁ। ଏହି ସଫଳତା ପାଇଁ ସେ ନିଜର ବାପା ଓ ମା', ସ୍ତ୍ରୀ ଓ ଭାଇଙ୍କୁ କୃତଜ୍ଞତା ଜଣାଇଛନ୍ତି ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଧନ୍ୟବାଦ ଦେଇଛନ୍ତି।



ବିଧାୟକ ବାବୁ ସିଂଙ୍କ ସହ ଚନ୍ଦନ କୁମାର ମଣ୍ଡଳ।

# ପିଙ୍କ୍ ବଲ୍ ଚ୍ୟାଲେଞ୍ଜ



ନିର୍ମଳ କୁମାର ମିଶ୍ର

**ଅ**ଷ୍ଟ୍ରେଲିଆର ଆଡିଲେଡରେ ଡିସେମ୍ବର ୬ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ ପିଙ୍କ୍ ବଲ ଟେଷ୍ଟ ମ୍ୟାଚ। ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ହାଇପ୍ରୋଫାଇଲ ମ୍ୟାଚ। ଏହି ଟେଷ୍ଟର ଫଳାଫଳ ଉପରେ ସମଗ୍ର କ୍ରିକେଟ ଜଗତର ନଜର ରହିଛି। ଏ ପର୍ଯ୍ୟନ୍ତ ଖେଳାଯାଇଥିବା ମୋଟ ୨୨ଟି ପିଙ୍କ ବଲ ଟେଷ୍ଟ ମଧ୍ୟରୁ ଅଷ୍ଟ୍ରେଲିଆ ସର୍ବାଧିକ ସଫଳତା ପାଇଥିବା ବେଳେ ଭାରତ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛି। ଅଷ୍ଟ୍ରେଲିଆକୁ ଏହି ଟେଷ୍ଟ ମ୍ୟାଚରେ ହରାଇ ପାରିଲେ ଭାରତ ପାଇଁ ଆସନ୍ତା ବର୍ଷ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ମ୍ୟାଚ ଖେଳିବା ସହଜ ହୋଇପାରିବ।

ପର୍ଥ ଟେଷ୍ଟରେ ଭାରତର ବିଜୟ ପରେ ଏହି ହାଇପ୍ରୋଫାଇଲ ଟେଷ୍ଟ ସିରିଜ ବେଶ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଏହି ଟେଷ୍ଟର ବିଜୟ ଉଭୟ ଦେଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଅଷ୍ଟ୍ରେଲିଆରେ କ୍ରମାଗତ ତୃତୀୟ ବିଜୟ ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ଶେଷ ୯ଟି ଟେଷ୍ଟରୁ ୫ଟିରେ ବିଜୟ ହାସଲ କରି ଅଷ୍ଟ୍ରେଲିଆର ନିଦ ହଜାଇ ଦେଇଛି ଭାରତୀୟ ଦଳ। ଅନ୍ୟ ସମସ୍ତ ଟେଷ୍ଟ ଖେଳୁଥିବା ଦେଶ ଅଷ୍ଟ୍ରେଲିଆ ବିପକ୍ଷରେ ୨୨ଟି ଟେଷ୍ଟ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଛନ୍ତି। ଏହା ଭାରତୀୟ ଦଳ ପ୍ରତି ଅଷ୍ଟ୍ରେଲିଆର ଥିବା ଭୟକୁ ସୂଚାଇ ଦେଉଛି। ଆସେସ୍ ସିରିଜର ଗୁରୁତ୍ୱ କମିଥିବା ବେଳେ ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଉଭା ହୋଇଛି ଭାରତ। ଏହି ପ୍ରତିଦ୍ୱନ୍ଦ୍ୱିତାକୁ ଆହୁରି ରୋଚକ କରିଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ରେସ। ପ୍ରତି ମ୍ୟାଚ ପରେ ସମୀକରଣ ବଦଳିବାରେ ଲାଗିଛି। ଦକ୍ଷିଣ ଆଫ୍ରିକା ପାଇନାଲ ରେସ୍‌ରେ ସାମିଲ ହୋଇଥିବା ବେଳେ ଇଂଲଣ୍ଡ ବିପକ୍ଷ ପରାଜୟ ଓ ଧିମା ଓଭର ହାର ପାଇଁ ୩ ପଏଣ୍ଟ ହରାଇବା ପରେ ନ୍ୟୁଜିଲାଣ୍ଡର ସମ୍ଭାବନା କ୍ଷୀଣ ହୋଇଛି। ପ୍ରଥମ ଦୁଇଟି ସ୍ଥାନ ପାଇଁ ୪ଟି ଦଳ ଭାରତ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରତିଯୋଗିତା ତୀବ୍ର ହେବାରେ ଲାଗିଛି। ତେଣୁ ଆଡିଲେଡ ପିଙ୍କ୍ ବଲ୍ ଟେଷ୍ଟର ଗୁରୁତ୍ୱ ବେଶ୍ ବଢ଼ିଯାଇଛି। ଭାରତକୁ ଏହି ଟେଷ୍ଟ ମ୍ୟାଚରେ ବିଜୟ ନିହାତି ଆବଶ୍ୟକ। ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ କେବେ ହେଲେ ଆଡିଲେଡ ଟେଷ୍ଟରେ ପରାସ୍ତ ହୋଇନାହିଁ। ଅନ୍ୟପକ୍ଷରେ କାନବେରାଠାରେ ଭାରତ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ମଧ୍ୟରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚରେ ଭାରତ ବିଜୟୀ ହୋଇ ମନୋବଳ ଦୃଢ଼ କରିଛି। ତେବେ ଅଷ୍ଟ୍ରେଲିଆ ମାଟିରେ ଭାରତର ପିଙ୍କ୍ ବଲ୍ ରେକର୍ଡ ଚିନ୍ତାଜନକ ରହିଛି। ୨୦୨୦-୨୧ ଟେଷ୍ଟ ସିରିଜରେ ଏକମାତ୍ର ପିଙ୍କ୍ ବଲ୍ ଟେଷ୍ଟ ଆଡିଲେଡରେ ଖେଳା ଯାଇଥିଲା। ଭାରତ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଭାରତର ପିଙ୍କ୍ ବଲ୍ ଟେଷ୍ଟରେ ଏହା ଏକମାତ୍ର ପରାଜୟ ରହିଥିଲା। ତେବେ ଏହି ଟେଷ୍ଟରେ ଭାରତୀୟ ଦଳ ୩୬ ରନ୍‌ରେ ଅଲ୍‌ଆଉଟ ହୋଇ ସର୍ବନିମ୍ନ ସ୍କୋରର ଅଲୋଡ଼ା ରେକର୍ଡ କରିଥିଲା। ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚକୁ ଆଇସିସି ବେଶ୍ ଗୁରୁତ୍ୱ ଦେଇଥିବା ବେଳେ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ ଖେଳି ୧୧ଟିରେ ବିଜୟୀ ହୋଇଛି। ଅନ୍ୟ ପକ୍ଷରେ ଭାରତ ୪ଟି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ୍ ଖେଳି ୩ଟିରେ ବିଜୟ ହାସଲ କରିଛି।

ଟେଷ୍ଟ କ୍ରିକେଟକୁ ଅଧିକ ଆକର୍ଷଣୀୟ ଓ ଲୋକପ୍ରିୟ କରାଇବା ସହିତ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଦିବାରାତ୍ର ଫର୍ମାଟ୍ ପ୍ରଚଳନ କରିଥିଲା ଆଇସିସି। ମାତ୍ର ଅଷ୍ଟ୍ରେଲିଆରେ ଫ୍ଲଡ୍ ଲାଇଟ ସମ୍ମୁଖରେ ଭାରତ ଏହାର ସର୍ବନିମ୍ନ ସ୍କୋରରେ ଅଲ୍ ଆଉଟ ହେବା ପରେ ଏହାକୁ ଘୋର ବିରୋଧ କରିଥିଲା। କାରଣ ସୂର୍ଯ୍ୟାସ୍ତ ସମୟରେ ଫ୍ଲଡ୍ ଲାଇଟରେ ପିଙ୍କ୍ ବଲ୍ ଖେଳିବା ପାଇଁ ଆଦୌ ଉପଯୋଗୀ ନୁହେଁ। ବଲ୍‌ର ରଙ୍ଗ ସହ ଆକାଶର ରଙ୍ଗ ମିଶିଯାଉଥିବାରୁ ଏବଂ ବଲ୍‌ର ଅତ୍ୟଧିକ ସୁଇଙ୍ଗ ଓ ବାଉନ୍ସ ଯୋଗୁ ବ୍ୟାଟର୍ସମାନେ ଅସୁବିଧାରେ ପଡୁଥିଲେ। ସୌରଭ ଗାଙ୍ଗୁଲି ୨୦୧୯ରେ ବିସିସିଆଇର ସଭାପତି ହେବା ପରେ ଭାରତ ତା'ର ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ବାଂଲାଦେଶ ବିପକ୍ଷରେ କୋଲକାତାର ଇଡେନ ଗାର୍ଡେନ ଠାରେ ଖେଳିଥିଲା। ଏପର୍ଯ୍ୟନ୍ତ ଭାରତ ୪ଟି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଖେଳି ୩ଟିରେ ବିଜୟ ଲାଭ କରିଛି। ବାଂଲାଦେଶ, ଇଂଲଣ୍ଡ ଓ ଶ୍ରୀଲଙ୍କା ବିପକ୍ଷରେ ଦଳ ବିଜୟୀ ହୋଇଛି। ଭାରତରେ ଖେଳାଯାଉଥିବା ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚଗୁଡିକରେ ମାତ୍ର ୨ଦିନ ମଧ୍ୟରେ ଫଳାଫଳ ମିଳୁଥିବାରୁ ଦର୍ଶକ ଓ ପ୍ରାୟୋଜକମାନେ କ୍ଷତିରେ ପଡୁଛନ୍ତି। ଫଳ ସ୍ୱରୂପ ଭାରତରେ ଏହାକୁ ଗ୍ରହଣ କରିଯାଇ ପାରୁନାହିଁ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ୨୦୧୫ରେ ଆରମ୍ଭ ହୋଇଥିଲା। ଏହି ଲୋ ସ୍କୋରିଂ ମ୍ୟାଚ ବେଶ୍ ରୋମାଞ୍ଚକର ହୋଇଥିଲା। ପ୍ରଥମ ଶ୍ରେଣୀ କ୍ରିକେଟ ଦୁଲିପ ଟ୍ରଫିରେ ଏହାକୁ ପରୀକ୍ଷାମୂଳକ ଭାବରେ ପ୍ରୟୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅଷ୍ଟ୍ରେଲିଆ ବ୍ୟାଟରମାନଙ୍କୁ ଛାଡିଦେଲେ ଅନ୍ୟ ଦେଶର ବ୍ୟାଟରମାନେ ଏହି ଫର୍ମାଟ୍‌ରେ ଭଲ ପ୍ରଦର୍ଶନ କରି ପାରିନାହାନ୍ତି। ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଏକମାତ୍ର ଭାରତୀୟ ଖେଳାଳି ଭାବେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରିଛନ୍ତି। ବିରାଟ ୪ ମ୍ୟାଚରୁ ସର୍ବାଧିକ ୨୭୭ ରନ୍ କରିଥିବା ବେଳେ ବର୍ତ୍ତମାନର ଅଧିନାୟକ ରୋହିତ ଶର୍ମା ୩ ମ୍ୟାଚରୁ ୧୭୩ ରନ୍ କରିଛନ୍ତି। ସେହିପରି ବୋଲିଂରେ ରବିଚନ୍ଦ୍ରନ ଅଶ୍ୱିନ ୪ଟି ମ୍ୟାଚରେ ସବୁଠାରୁ ଅଧିକ ସଫଳ ବୋଲର ରୂପେ ୧୮ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ୧୪ଟି ଉଇକେଟ ନେଇଛନ୍ତି। ବିଶ୍ୱର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ୍ ବୁମରା ୩ଟି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଖେଳି ମୋଟ ୧୦ ଉଇକେଟ ନେଇଥିବା ବେଳେ ୨୦୨୨ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ବେଙ୍ଗାଲୁରୁ ଠାରେ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। ୧୦ଟି ଟେଷ୍ଟ ଖେଳୁଥିବା ଦେଶ ଏହି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଖେଳୁଛନ୍ତି। ସଫଳ ଦଳ ଭାବରେ ଅଷ୍ଟ୍ରେଲିଆ ୧୨ ମ୍ୟାଚ୍‌ରୁ ୧୧ ବିଜୟ, ଇଂଲଣ୍ଡ ୭ ମ୍ୟାଚ୍‌ରୁ ୨ ବିଜୟ, ଭାରତ ଓ ନ୍ୟୁଜିଲାଣ୍ଡ ୩ଟି ଲେଖାଏ ବିଜୟ, ୱେଷ୍ଟଇଣ୍ଡିଜ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଗୋଟିଏ ଲେଖାଏ ବିଜୟ ହାସଲ କରିଛନ୍ତି। ସେହିପରି ବାଂଲାଦେଶ ଓ ଜିମ୍ବାୱେ ବିଜୟର ସ୍ୱାଦ ଚାଖିନାହାନ୍ତି। ଅଷ୍ଟ୍ରେଲିଆର ପେସ୍ ବୋଲର ମିଚେଲ ଷ୍ଟାର୍କ ମୋଟ ୧୨ଟି ମ୍ୟାଚ ଖେଳି ମୋଟ ୬୬ଟି ଉଇକେଟ ନେଇ ସବୁଠାରୁ ସଫଳ ବୋଲର ରହିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ୍ ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚରେ ୮ଟି ମ୍ୟାଚରୁ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ସହିତ ସବୁଠାରୁ ସଫଳ ବ୍ୟାଟର ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏପର୍ଯ୍ୟନ୍ତ ମୋଟ ୨୨ଟି ପିଙ୍କ ବଲ୍ ଟେଷ୍ଟ ମ୍ୟାଚ ଖେଳାଯାଇଛି ଓ ପ୍ରତ୍ୟେକ ମ୍ୟାଚରୁ ଫଳାଫଳ ମିଳିଛି। ମୋଟ ୫ଟି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚର ଫଳାଫଳ ପାଇଁ ୫ମ ଦିବସକୁ ଯାଇଥିବା ବେଳେ ୨ଦିନ ଖେଳ ଶେଷ ସୁଦ୍ଧା ୨ଟି ମ୍ୟାଚର ଫଳାଫଳ ମିଳିଛି। ଅଷ୍ଟ୍ରେଲିଆ ଏକମାତ୍ର ଦଳରୂପେ ୧୦ରୁ ଅଧିକ ମ୍ୟାଚ ଖେଳିଥିବା ବେଳେ ଅଧିକ ଶକ୍ତିଶାଳୀ ଓ ଅଭିଜ୍ଞ ରହିଛି। ଅନ୍ୟପକ୍ଷରେ ଅଭ୍ୟାସ ମ୍ୟାଚରେ ଶୁଭମନ ଗିଲ୍, ତିଲକ ବର୍ମା, ଯଶସ୍ୱୀ ଯଶ୍ୱାଲ ଅଷ୍ଟ୍ରେଲିଆ ପେସ୍ ବୋଲରମାନଙ୍କୁ ଭଲ ରୂପେ ଖେଳିବା ଭାରତ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି। ଏହି ଟେଷ୍ଟ ମ୍ୟାଚର ଫଳାଫଳ ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଡିଲେଡର ଗ୍ରାସ୍ ରହିଥିବା ପିଚରେ ବଲ୍ ବେଶ ବାଉନ୍ସ ଓ ସୁଇଙ୍ଗ କରିବା ସହିତ ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଦଳରେ ଥିବା ବେଳେ ଆହତ ଥିବା ଜୋଶ ହାଜେଲଉଡଙ୍କ ସ୍ଥାନରେ ସ୍କଟ୍ ବୋଲାଣ୍ଡ ଖେଳିବେ। ସ୍ପିନର ନାଥାନ ଲାୟନଙ୍କୁ ଖେଳିବା ପାଇଁ ଭାରତ ନେଟ୍ସରେ ଭଲ ପ୍ରାକ୍ଟିସ କରିଛି। ପିଙ୍କ୍ ବଲ୍ ପାଇଁ ସିରିଜ ମଧ୍ୟରେ ଏକ ଅଭ୍ୟାସମୂଳକ ମ୍ୟାଚ ଖେଳିବା ଭାରତ ପାଇଁ ସୁବିଧାଜନକ ହୋଇଛି। ପର୍ଥ ଓ ଆଡିଲେଡ ଟେଷ୍ଟ ମଧ୍ୟରେ ପ୍ରାୟ ୧୦ଦିନର ବ୍ୟବଧାନ ରହିଛି। ସାଧାରଣତଃ ଏତେ ଦିନର ବ୍ୟବଧାନ ମିଳି ନ ଥାଏ। ଅଷ୍ଟ୍ରେଲିଆ ଦୀର୍ଘ ୮ମାସ ପରେ ଟେଷ୍ଟ ଖେଳୁଥିବା ବେଳେ ତା'ର ସୁଯୋଗ ନେଇଛି ଭାରତ। ପ୍ରଥମ ଟେଷ୍ଟକୁ ଜିତି ମନସ୍ତାତ୍ତ୍ୱିକ ଅଗ୍ରଣୀ ହାସଲ କରିଛି। କୁକାବୁରା ବଲ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଯୁବ ଓ ଅଭିଜ୍ଞ ବ୍ୟାଟର ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ପ୍ରତି କ୍ୟାଲେଣ୍ଡର ବର୍ଷରେ ପିଙ୍କ୍ ବଲ୍ ଟେଷ୍ଟ ରହୁଥିବା ବେଳେ ଅନ୍ୟଦେଶମାନେ ଏହାକୁ ପରୀକ୍ଷା କରୁଛନ୍ତି। ପ୍ରଥମ ଥର ପାଇଁ ୫ଟିକିଆ ଟେଷ୍ଟ ସିରିଜ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳୁଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲରେ ଭାରତ ସ୍ଥାନ ପକ୍କା କରିବା ପାଇଁ ଏହି ଟେଷ୍ଟ ମ୍ୟାଚରେ ବିଜୟ ନିହାତି ଆବଶ୍ୟକ।

**ଅଷ୍ଟ୍ରେଲିଆ ମାଟିରେ ଭାରତର ପିଙ୍କ୍ ବଲ୍ ରେକର୍ଡ ଚିନ୍ତାଜନକ ରହିଛି । ଏକମାତ୍ର ପିଙ୍କ୍ ବଲ୍ ଟେଷ୍ଟ ଆଡିଲେଡରେ ଖେଳା ଯାଇଥିଲା । ଭାରତୀୟ ଦଳ ୩୬ ରନ୍‌ରେ ଅଲ୍‌ଆଉଟ ହୋଇ ସର୍ବନିମ୍ନ ସ୍କୋରର ଅଲୋଡ଼ା ରେକର୍ଡ କରିଥିଲା ।**



ଲୋକେଶ ରାହୁଲ



ରୋହିତ୍ ଶର୍ମା



ବିରାଟ କୋହଲି

# ତୃତୀୟ ପିଢ଼ିର ଆଥ୍‌ଲେଟ

**ପରିବାରରେ ସମସ୍ତେ କ୍ରୀଡ଼ାକୁ ଭଲ ପାଇଥାନ୍ତି । ଜେଜେବାପା ଭାରତୀୟ ସେନା ସହ ଜଡ଼ିତ ଥିବା ବେଳେ ଜଣେ ଆଥ୍‌ଲେଟ ଥିଲେ। ପିତା ଧରମବୀର ଜଣେ ରେସ୍‌ଲିଂ କୋଚ୍ ତେଣୁ ଖେଳ ଜାରି ରଖିବା ପାଇଁ ପରିବାରରୁ ଅକୁଣ୍ଠ ସମର୍ଥନ ମିଳିଥିଲା...**

**ସାକ୍ଷାତ୍: ସରୋଜ ଜେନା**

**ହ**ରିୟାଣାର ଝିଅ ନେହା ସିଲ୍ଲେ। ଭାରତ ପାଇଁ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଖେଳି ସାରିଥିବା ଏକ ଆଥଲେଟିକ୍ ପରିବାରରୁ ଆସିଛନ୍ତି। ଜେଜେବାପା ଆର୍ମିର ଆଥ୍‌ଲେଟ ରହିଥିବା ବେଳେ ପିତା ଜଣେ ରେସ୍‌ଲିଂ କୋଚ୍। ପ୍ରଥମରୁ ରେସ୍‌ଲର ହେବାକୁ ସ୍ୱପ୍ନ ଦେଖୁଥିବା ନେହା କିନ୍ତୁ ଆହତ ସମସ୍ୟା କାରଣରୁ ଫୁଟବଲକୁ ଚୟନ କରି ସଫଳତା ହାସଲ କରିଥିଲେ

**ପ୍ରଶ୍ନ:** ନିଜ ବିଷୟରେ କିଛି କୁହନ୍ତୁ ?

**ଉତ୍ତର:** ମୁଁ ନେହା ସିଲ୍ଲେ, ହରିୟାଣାରେ ମୋର ଜନ୍ମ। ବାପା ଧରମବୀର ଜଣେ ରେସ୍‌ଲିଂ କୋଚ୍ ଓ ମା' ସୁମିତ୍ରା ଗୃହିଣୀ।

**ପ୍ରଶ୍ନ:** ଫୁଟବଲ କେମିତି ବାଛିଲେ ?

**ଉତ୍ତର:** ଛୋଟ ବୟସରୁ ବାପାଙ୍କୁ ଦେଖି ରେସ୍‌ଲର ହେବାର ସ୍ୱପ୍ନ ଦେଖିଥିଲି। ତେବେ ଆହତ ସମସ୍ୟା କାରଣରୁ ରେସ୍‌ଲିଂ ଛାଡି ଫୁଟବଲ ଚୟନ କରିଥିଲି।

**ପ୍ରଶ୍ନ:** ପରିବାର ଲୋକେ କିଭଳି ସମର୍ଥନ କରିଥିଲେ ?

**ଉତ୍ତର:** ମୋ ପରିବାରରେ ସମସ୍ତେ କ୍ରୀଡ଼ାକୁ ଭଲ ପାଇଥାନ୍ତି। ଜେଜେବାପା ଭାରତୀୟ ସେନା ସହ ଜଡ଼ିତ ଥିବା ବେଳେ ଜଣେ ଆଥ୍‌ଲେଟ ଥିଲେ। ପିତା ଧରମବୀର ଜଣେ ରେସ୍‌ଲିଂ କୋଚ୍ ତେଣୁ ଖେଳ ଜାରି ରଖିବା ପାଇଁ ପରିବାରରୁ ଅକୁଣ୍ଠ ସମର୍ଥନ ମିଳିଥିଲା।

**ପ୍ରଶ୍ନ:** କେଉଁ ପୋଜିଶନରେ ଖେଳନ୍ତି ?

**ଉତ୍ତର:** ମିଡ୍‌ଫିଲ୍ଡର ଭାବରେ ଖେଳୁଥିବା ବେଳେ ଲେଫ୍ଟ ୱିଙ୍ଗରେ ଖେଳିଥାଏ।

**ପ୍ରଶ୍ନ:** ପ୍ରଥମେ କେବେ ଜାତୀୟ ଦଳରେ ସ୍ଥାନ ପାଇଲେ ?

ଉତ୍ତର: ୨୦୨୧ରେ ପ୍ରଥମେ ୧୭ ବର୍ଷରୁ କମ୍ ଜାତୀୟ ଦଳରେ ସ୍ଥାନ ପାଇଥିଲି। ଭାରତରେ ଅନୁଷ୍ଠିତ ହେଉଥିବାରୁ ବିଶ୍ୱକପ ଖେଳିବାର ଅନୁଭବ ମିଳିଥିଲା। ବ୍ରାଜିଲ, ମରକ୍କୋ ଓ ଆମେରିକା ଭଳି ଶକ୍ତିଶାଳୀ ଦଳ ସହ ଖେଳିବାର ସୁଯୋଗ ମଧ୍ୟ ମିଳିଥିଲା।

**ପ୍ରଶ୍ନ:** ଉକ୍ତ ଦଳର କେଉଁ ଖେଳାଳିଙ୍କ ସହ ଏବେବି ଖେଳୁଛନ୍ତି ?

**ଉତ୍ତର:** ଲିଣ୍ଡା କୋମ୍ ଓ କାଜୋଲଙ୍କ ସହିତ ଏବେ ବି ଖେଳିବା ଜାରି ରହିଛି।

**ପ୍ରଶ୍ନ:** କ୍ରୀଡ଼ା ଜୀବନର କିଛି ଉଲ୍ଲେଖନୀୟ ମୁହୂର୍ତ୍ତ ?

**ଉତ୍ତର:** ଉଜବେକିସ୍ତାନ ଓ ମ୍ୟାନମାର ବିପକ୍ଷ ମ୍ୟାଚ୍ ପାଇଁ ୨୦୨୩ରେ ଭାରତୀୟ ସିନିୟର ଦଳକୁ ଡାକରା ମିଳିବା ଏବଂ ୨୦୨୪ରେ ଶ୍ରେଷ୍ଠ ଏମର୍ଜିଂ ପ୍ଲେୟର ଆୱାର୍ଡ ମିଳିବା ମୋ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ରହିଥିଲା।

**ପ୍ରଶ୍ନ:** ଫୁଟବଲରେ କାହାକୁ ଆଦର୍ଶ ମନେକରନ୍ତି ?

**ଉତ୍ତର:** ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ମୋର ସଦାସର୍ବଦା ପ୍ରିୟ ଖେଳାଳି ରହିଛନ୍ତି। ତାଙ୍କର ଗେମ୍ ସେନ୍ସ ଅତ୍ୟନ୍ତ ଚମତ୍କାର। ସେହିପରି ଭାରତୀୟ ଖେଳାଳିଙ୍କ ମଧ୍ୟରେ ଜାତୀୟ ଦଳ ଗୋଲ୍‌କିପର ଶ୍ରେୟା ହୁଦା ହରିୟାଣାରୁ ଆସି ଜାତୀୟ ଦଳ ପାଇଁ ଖେଳିଥିବା ବେଳେ ସେ ସର୍ବଦା ମୋର ଆଦର୍ଶ। ଲେଫ୍ଟ ୱିଙ୍ଗରେ ଖେଳୁଥିବା ମନୀଷା କଲ୍ୟାଣଙ୍କୁ ମଧ୍ୟ ମୁଁ ବହୁତ ଅନୁସରଣ କରିଥାଏ।

**ପ୍ରଶ୍ନ:** କ୍ଲବ୍ କ୍ୟାରିୟର ସମ୍ପର୍କରେ ସଂକ୍ଷେପରେ କୁହନ୍ତୁ ?

**ଉତ୍ତର:** ୨୦୨୨-୨୩ରେ ମୁଁ ପ୍ରଥମେ ମହମ୍ମଡାନ ସ୍ପୋର୍ଟିଂ ପକ୍ଷରୁ ଖେଳିଥିଲି। ୨୦୨୩-୨୪ରେ ହନ୍ସ ପକ୍ଷରୁ ଖେଳିଥିବା ବେଳେ ୨୦୨୪ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଛି।

**ପ୍ରଶ୍ନ:** ଓଏଫ୍‌ସି ସହ ଯାତ୍ରା କିଭଳି ରହିଛି ?

**ଉତ୍ତର:** ଓଡ଼ିଶାରେ ଫୁଟବଲ ପାଇଁ ରହିଥିବା ଭିତ୍ତିଭୂମି ଓ କଲ୍‌ଚର ଅତ୍ୟନ୍ତ ଚମତ୍କାର। ଓଏଫ୍‌ସିର ମ୍ୟାନେଜମେଣ୍ଟ ବେଶ୍ ସହଯୋଗୀ। ଅଭ୍ୟାସ ପାଇଁ ଉପଯୁକ୍ତ ଗ୍ରାଉଣ୍ଡ ମିଳୁଥିବା ବେଳେ ଅନ୍ୟାନ୍ୟ ସବୁ ସୁବିଧା ମଧ୍ୟ ଉପଲବ୍ଧ।

**ପ୍ରଶ୍ନ:** ଏଏଫ୍‌ସି କପ୍‌ରେ ଦଳ କାହିଁକି ବିଫଳ ହେଲା ?

**ଉତ୍ତର:** ପ୍ରଥମ ଥର ଆମେ ଏଏଫ୍‌ସି କପ୍ ଖେଳି ଇତିହାସ ରଚିଥିଲୁ। ଭିଜା ସମସ୍ୟା କାରଣରୁ ଆମର ସମସ୍ତ ଖେଳାଳି ଉପଲବ୍ଧ ନ ଥିଲେ। ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଦଳର ପ୍ରଦର୍ଶନକୁ ପ୍ରଭାବିତ କରିଥିଲା। ଜାପାନର କ୍ଲବ୍ ବିପକ୍ଷରେ ଆମେ ଗୋଟିଏ ମ୍ୟାଚ୍‌ରେ ୧୭ ଗୋଲ ବରଣ କରିଥିଲୁ। ଏହାପରେ ଟିମ୍ ଭାବରେ ଆମେ ଏକତ୍ରିତ ହୋଇ ପୁନର୍ବାର ଜୋରଦାର ଅଭ୍ୟାସ କରିଥିଲୁ।

**ପ୍ରଶ୍ନ:** ଫୁଟବଲର ପରବର୍ତ୍ତୀ ପାୱାର ହାଉସ୍ କେଉଁ ରାଜ୍ୟ ହେବ ?

**ଉତ୍ତର:** ବର୍ତ୍ତମାନ ନର୍ଥ ଇଷ୍ଟ ରାଜ୍ୟଗୁଡିକ ସହିତ ଓଡ଼ିଶା ଓ ବେଙ୍ଗଲ ମହିଳା ଫୁଟବଲରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ହରିୟାଣାରେ ଯେଉଁଭଳି ଢଙ୍ଗରେ ଜୁନିୟର ସ୍ତରରୁ ଫୁଟବଲର ବିକାଶ ହେଉଛି ତାହା ଆଗାମୀ ଦିନରେ ଫୁଟବଲର ପରବର୍ତ୍ତୀ ପାୱାର ହାଉସ ହେବାର ସମ୍ଭାବନା ରହିଛି।

**ପ୍ରଶ୍ନ:** ଦୈନନ୍ଦିନ ରୁଟିନ୍ କିଭଳି ରହିଥାଏ ?

**ଉତ୍ତର:** ମ୍ୟାଚ୍ ଡେ ଓ ନନ୍ ମ୍ୟାଚ୍ ଡେ'ର ରୁଟିନ୍ ଭିନ୍ନ ରହିଥାଏ। ନନ୍ ମ୍ୟାଚ୍ ଡେ'ରେ ଫୁଟବଲ ସହିତ ଜିମ୍‌ରେ ଏକ୍ସରସାଇଜ୍ କରିଥାଉ। ମାତ୍ର ମ୍ୟାଚ୍ ଦିନଗୁଡ଼ିକରେ ରିକଭରି ଉପରେ ଅଧିକ ଫୋକସ ରହିଥାଏ।



## ଦୃଢ ଇଚ୍ଛାଶକ୍ତି

**ପା**କ୍‌କୁ ହରାଇ ଭାରତ
ଏସିଆ କପ୍ ହକି ଚାମ୍ପିୟନ
ଅରାଇଜିତଙ୍କ ଚାରି
ଗୋଲ୍ ପାଖେ
ସୁଫ୍ୟାଁ ଖାନ୍ ଗୋଲ୍ ଶୂନ୍ୟ
ମସ୍କଟ ରହିଲା ମନ
ଶତ୍ରୁକୁ ହରାଇ କଞ୍ଜ୍ୟୁକେଟିଭ୍
ଜୁନିୟର ଟିମ୍ ଧନ୍ୟ।

ଟେଷ୍ଟ କ୍ରିକେଟରେ
ବାର ଦ୍ୱିଶତକ
ଦୁଇ ତ୍ରିଶତକ ପିଟି
ଅଷ୍ଟ୍ରେଲୀୟ କ୍ରିକେଟର
ସାର୍ ଡନ୍
ବ୍ରାଡମ୍ୟାନ୍ ବିଗ୍ ପାର୍ଟି
ନିଲାମ ସରିଛି ଏଠି
ତାଙ୍କ ଆଇକନିକ୍
ବ୍ୟାଗି ଗ୍ରୀନ୍ କ୍ୟାପ୍
ମୂଲ୍ୟ ପ୍ରାୟ ତିନି କୋଟି।



ଆଇପିଏଲରେ
ସର୍ବକନିଷ୍ଠ ଖେଳାଳି
ତେର ବର୍ଷରେ କୋଟିପତି
ରାଜସ୍ଥାନ ରୟାଲ୍ସ କିଣିଅଛି
ବୈଭବଙ୍କୁ ରାତାରାତି
ଏକ୍ ପୋଜିସନ୍ ଜାତ
ଫରକ ପଡେନା ଦୃଢ ଇଚ୍ଛାଶକ୍ତି
ପରଫରମାନ୍ସ ଥିଲେ ସାଥୀ।

**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୨୪ Bhubaneswar, Friday, December 6/ 2024

# ‘ବି’ ବର୍ଗରେ ଅଭିରୂପ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୫ଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ‘ବି’ ବର୍ଗ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ଏହି ଇଭେଣ୍ଟରେ ୯.୫ ପଏଣ୍ଟ ପାଇ ଆସାମର ଅଭିରୂପ ସାଇକିଆ ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶାର ଜଗଦୀଶ ବାରିକ ଓ ବିହାରର ପୀୟୂଷ କୁମାର ୮ ପଏଣ୍ଟ ଲେଖାଏ ପାଇ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଫଳରେ ଏ ଦୁହିଁଙ୍କ ଟ୍ରଫି ସହ ଯଥାକ୍ରମେ ୭୫,୦୦୦ ଓ ୬୦,୦୦୦ ଟଙ୍କା ପ୍ରଦାନ କରାଯାଇଛି।

**କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ**

ପ୍ରତିଯୋଗିତାରେ ୫ ଦେଶର ୨୬୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ‘ବି’ ବର୍ଗ ପାଇଁ ଉଦ୍ଦିଷ୍ଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ ୬୧ଟି ଟ୍ରଫି ୧୩୭ ବିଜେତାଙ୍କୁ ପ୍ରଦାନ କରାଯାଇଥିଲା। କିସ୍‌ରୁ ମୋଟ ୪୮ ଖେଳାଳି ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ୧,୦୩,୩୦୦ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ)ର ଯୁଗ୍ମ ସମ୍ପାଦକ (କ୍ରୀଡ଼ା) ବଲଜିତ ସିଂ ଶେଖୋଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଓସିଏ ସଭାପତି ଜି.ସି. ମହାପାତ୍ର, ସର୍ବଭାରତୀୟ ଚେସ୍ ଫେଡେରେଶନର ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି, ମୁଖ୍ୟ ଆର୍ବିଟର ଭସନ୍ତ ବି.ଏଚ., ସହକାରୀ ଆର୍ବିଟର ଭବେଶ ମହାନ୍ତି, ଅନ୍ତର୍ଜାତୀୟ ମାଷ୍ଟର ରାକେଶ ଜେନା, ପ୍ରତିଷ୍ଠିତ କୋଚ୍ ସତ୍ୟ ରଞ୍ଜନ ପଟ୍ଟନାୟକ, ସ୍ୱୟଂଶୁ ସତ୍ୟକାମ, ଅଯୋଧ୍ୟା ନାରାୟଣ ଶତପଥୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଅନ୍ତର୍ଜାତୀୟ ମାଷ୍ଟର ଶେଖର ସାହୁ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ୩ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଶ୍ୱାରୋହୀଙ୍କୁ ବାସନ୍ଦ

**ଲାଉସାନେ, ୫।୧୨ (ପି.ଟି.)**

ଅଶ୍ୱାରୋହଣରେ ତିନିଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଚାର୍ଲୋଟ ଦୁଜାର୍ଦ୍ଦିନଙ୍କୁ ୧ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେ ଘୋଡ଼ାକୁ କୋରଡ଼ାରେ ନିର୍ଦ୍ଦୟ ଭାବେ ପ୍ରହାର କରିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ ତାଙ୍କୁ ଗତ ଜୁଲାଇରେ ପ୍ୟାରିସ ଗେମ୍ସରୁ ଓହରିଯିବାକୁ ପଡ଼ିଥିଲା। ଅଶ୍ୱାରୋହଣ କ୍ରୀଡ଼ାର ଅନ୍ତର୍ଜାତୀୟ ମହାସଂଘ ଜୁଲାଇ ୨୩ରେ ଦୁଜାର୍ଦ୍ଦିନଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରି ୪ ବର୍ଷ ତଳର ଏକ ଭିଡିଓକୁ ନେଇ ତଦନ୍ତ ଆରମ୍ଭ କରିଥିଲା।

# ହାଇବ୍ରିଡ୍ ମଡେଲ ଚୂଡ଼ାନ୍ତ

**ନୂଆଦିଲ୍ଲୀ, ୫।୧୨ (ପି.ଟି.)**

**ଚାମ୍ପିୟନ୍ସ ଟ୍ରଫି**

ଆସନ୍ତାବର୍ଷ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ହାଇବ୍ରିଡ୍ ମଡେଲରେ ଆୟୋଜନ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସିଦ୍ଧାନ୍ତରେ ଉପନୀତ ହୋଇଛି। ଏହି ବ୍ୟବସ୍ଥା ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିବ। ହାଇବ୍ରିଡ୍ ମଡେଲ ଅନୁସାରେ ଟୁର୍ନାମେଣ୍ଟରେ ଭାରତ ଏହାର ମ୍ୟାଚଗୁଡ଼ିକର ଦୁବାଇରେ ଖେଳିବ ବୋଲି ଆଇସିସି ସୂତ୍ରରୁ ଜଣାପଡ଼ିଛି। ଦୁବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ଏକ ଅଣଆନୁଷ୍ଠାନିକ ବୈଠକ ବସିଥିଲା। ଏଥିରେ ଆଇସିସିର ନୂତନ ମୁଖ୍ୟ ଜୟ ଶାହା ଏବଂ ପାକିସ୍ତାନ ସମେତ ନିର୍ଦ୍ଦେଶକ ମଣ୍ଡଳୀ ଉପସ୍ଥିତ ଥିଲେ। ୨୦୨୫ ଚାମ୍ପିୟନ୍ସ ଟ୍ରଫି ୟୁଏଇ ଓ ପାକିସ୍ତାନରେ ଆୟୋଜନ ପାଇଁ ସମସ୍ତ ପକ୍ଷ ସହମତି ପ୍ରକାଶ କରିଥିଲେ। ଭାରତ ଟୁର୍ନାମେଣ୍ଟରେ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଚାମ୍ପିୟନ୍ସ ଟ୍ରଫି ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ହେବ। ଗତ ସପ୍ତାହରେ ଅନୁଷ୍ଠିତ ଆଇସିସି ବୈଠକରେ ଟୁର୍ନାମେଣ୍ଟ ବର୍ଜନ କରିବା ଲାଗି ପାକିସ୍ତାନ ଦେଇଥିବା ଧମକରୁ ଓହରି ହାଇବ୍ରିଡ୍ ମଡେଲକୁ ଗ୍ରହଣ କରି ନେଇଥିଲା। ତେବେ ପାକିସ୍ତାନ ୨୦୩୧ ପର୍ଯ୍ୟନ୍ତ ତା’ ପାଇଁ ଅନୁରୂପ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲା। ତେବେ ଆଇସିସି ୨୦୨୭ ପର୍ଯ୍ୟନ୍ତ ଏହାର ସମସ୍ତ ଇଭେଣ୍ଟଗୁଡ଼ିକ ଲାଗି ଏକ ହାଇବ୍ରିଡ୍ ମଡେଲ ପାଇଁ ରାଜି ହୋଇଥିଲା। ଏହି ସମୟସୀମା ମଧ୍ୟରେ ଭାରତ ଚଳିତବର୍ଷ ଅକ୍ଟୋବରରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବାକୁ ଥିବା ବେଳେ ୨୦୨୬ରେ ଶ୍ରୀଲଙ୍କା ସହିତ ଭାରତ ଟି୨୦ ବିଶ୍ୱକପ୍‌ର ମିଳିତ ଭାବେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୬ରେ ପୁରୁଷ ଟି୨୦ ବିଶ୍ୱକପ୍ ସମୟରେ ପାକିସ୍ତାନ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବ। ଚାମ୍ପିୟନ୍ସ ଟ୍ରଫି ହାଇବ୍ରିଡ୍ ମଡେଲ ପାଇଁ ପାକିସ୍ତାନର କ୍ଷତିପୂରଣ ଦାବି ଏବେ ବିଚାରାଧୀନ ରହିଛି।

# ଓପନ କରିବେ ରାହୁଲ, ମିଡଲ ଅର୍ଡରରେ ରୋହିତ

**ଆଡିଲେଡ୍, ୫।୧୨ (ପି.ଟି.)**

ଶୁକ୍ରବାରଠାରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିବା/ରାତ୍ର ଅବା ପିଙ୍କ୍ ବଲ୍ କ୍ରିକେଟ ଟେଷ୍ଟ ଆଡିଲେଡ୍‌ରେ ଖେଳାଯିବ। ଏଥିରେ ଭାରତ ଏହାର ବ୍ୟାଟିଂ ଅର୍ଡରରେ ସାମାନ୍ୟ ପରିବର୍ତ୍ତନ କରିଛି। ଭ୍ରମଣକାରୀ ଦଳ ପକ୍ଷରୁ କେ.ଏଲ୍. ରାହୁଲ ବ୍ୟାଟିଂ ଓପନ କରିବେ। ୫ ବର୍ଷ ହେଲା ବ୍ୟାଟିଂ ଓପନ କରିଆସିଥିବା ଅଧିନାୟକ ରୋହିତ ଶର୍ମା ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିବେ। ଅପଟସ ଓଭାଲଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୯୫ ରନରେ ବିଜୟ ହାସଲ କରି ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ରାହୁଲ ପ୍ରଥମ ଟେଷ୍ଟର ଦୁଇ ଇନିଂସରେ ୨୬ ଓ ୭୭ ରନ ସଂଗ୍ରହ କରିଛନ୍ତି। ସେ ତାଙ୍କ ସାଥୀ ଓପନର ତଥା ଶତକ ହାସଲକାରୀ ଯଶସ୍ୱୀ ଜୟସ୍ୱାଲଙ୍କ ସହ ପ୍ରଥମ ଟେଷ୍ଟ ଦ୍ୱିତୀୟ ଇନିଂସରେ ୨୦୧ ରନ ଯୋଗ କରିଥିଲେ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରୋହିତ କହିଛନ୍ତି ରାହୁଲ ଇନିଂସ ଓପନ କରିବେ। ସେ ନିଜେ ମିଡଲ ଅର୍ଡରରେ କୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ପୁତ୍ର ଆହାନର ଜନ୍ମ ପାଇଁ ଛୁଟିରେ ଥିବାରୁ ରୋହିତ ପ୍ରଥମ ଟେଷ୍ଟ ଖେଳିପାରି ନ ଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ